# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ନଭେମ୍ବର ୯/୨୦୨୪ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 9/2024 Page 18 ₹ 7.00

୫୦ଶ ଭାଗ ୩୪୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 344 ମୂଲ୍ୟ ₹୭/-




**ସନ୍ଦୀପ ପଟ୍ଟନାୟକଙ୍କ ଶତକ**

ମୁମ୍ବାଇ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଓଡ଼ିଶାର ସନ୍ଦୀପ ପଟ୍ଟନାୟକ।

୧୬

୧୩

**ମା' ହେବେ ଆଥିୟା**

ବଲିଉଡ ଅଭିନେତ୍ରୀ ଆଥିୟା ସେଟ୍ଟୀ ଖୁବ୍‌ଶୀଘ୍ର ମା' ହେବାକୁ ଯାଉଛନ୍ତି। ସେ ତାଙ୍କ ପ୍ରେଗ୍ନାନ୍ସି ସମ୍ପର୍କରେ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଲେଖିଛନ୍ତି।



# ୧୦୦ କୋଟି ଶିଶୁ ହିଂସା ପ୍ରଭାବିତ

## ବିଶ୍ୱରେ ପ୍ରତି ୧୩ ମିନିଟ୍‌ରେ ଜଣେ ପିଲା ହତ୍ୟାର ଶିକାର: ଡବ୍ଲ୍ୟୁଏଚ୍‌ଓ

**ପ୍ରକାଶ ପାଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ରିପୋର୍ଟ ଅନୁଯାୟୀ ବିଶ୍ୱର ୧୦୦ କୋଟି ଶିଶୁ ହିଂସାର ପ୍ରଭାବିତ ହେଉଛନ୍ତି । ବର୍ଷକୁ ପ୍ରାୟ ୪୦ ହଜାର ପିଲାଙ୍କୁ ହତ୍ୟା କରାଯାଉଛି। ଏହା ନିଶ୍ଚିତ ଭାବେ ଗମ୍ଭୀର ଦିଗକୁ ସୂଚିତ କରୁଛି। କଠୋର ହିଂସା ନିବାରଣ ଆଇନ ପ୍ରଣୟନ ହେଲେ ଏହାକୁ ରୋକାଯାଇପାରିବ ବୋଲି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି।**

ନୂଆଦିଲ୍ଲୀ,୮।୧୧

ବିଶ୍ୱର ୧ ବିଲିୟନ୍ (୧୦୦ କୋଟି)ରୁ ଊର୍ଦ୍ଧ୍ୱ ଶିଶୁ ବିଭିନ୍ନ ପ୍ରକାର ହିଂସା ଦ୍ୱାରା ପ୍ରଭାବିତ। ପିଲାମାନେ ବିଶେଷକରି ଦୁର୍ବ୍ୟବହାର, ଠକେଇ, ଶାରୀରିକ ଓ ମାନସିକ ନିର୍ଯାତନା, ଯୌନ ହିଂସା ପୀଡ଼ିତ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ଏକ ସଦ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ଗୁରୁବାର ପ୍ରକାଶିତ ରିପୋର୍ଟ ଅନୁସାରେ ପ୍ରତି ୧୩ ମିନିଟ୍‌ରେ ଜଣେ ଶିଶୁ କିମ୍ବା କିଶୋର ହତ୍ୟାର ଶିକାର ହେଉଛନ୍ତି। ଏଭଳି ଭାବେ ବର୍ଷକୁ ପ୍ରାୟ ୪୦,୦୦୦ ପିଲାଙ୍କୁ ହତ୍ୟା କରାଯାଉଛି।



ହିଂସା ପ୍ରଭାବିତ ପିଲାଙ୍କ ମଧ୍ୟରୁ ମାତ୍ର ଅଧା ସେମାନଙ୍କ ସହ ବିତିଥିବା ଘଟଣା ସମ୍ପର୍କରେ ମୁହଁ ଖୋଲି ତିକ୍ତ ଅନୁଭୂତି ବଖାଣିପାରନ୍ତି। ମାତ୍ର ୧୦% ପିଲାଙ୍କୁ ସହାୟତା ମିଳିଥାଏ ବୋଲି ଏଥିରେ ଦର୍ଶାଯାଇଛି।

ଡବ୍ଲ୍ୟୁଏଚ୍‌ଓ ରିପୋର୍ଟରେ ଆହୁରି କୁହାଯାଇଛି ଯେ, ପ୍ରତି ୧୦ ଶିଶୁଙ୍କ ମଧ୍ୟରୁ ୯ ଜଣ ଏବେ ମଧ୍ୟ ଏଭଳି ଦେଶଗୁଡ଼ିକରେ ବସବାସ କରୁଛନ୍ତି, ଯେଉଁଠି ଶାରୀରିକ ଦଣ୍ଡ, ଯୌନ ଉତ୍ପୀଡ଼ନ ଭଳି ଶିଶୁ ବିରୋଧୀ ହିଂସାକୁ ଆଇନତଃ ନିଷିଦ୍ଧ କରାଯାଇ ନାହିଁ। ସମସ୍ତ ପିଲାଙ୍କ ମଧ୍ୟରୁ ଅର୍ଦ୍ଧାଧିକଙ୍କ ବୟସ ୨ରୁ ୧୭ ବର୍ଷ ହେବ। ଏହି ବୟସର ୧୦୦ କୋଟିରୁ ଅଧିକ ପିଲା ପ୍ରତିବର୍ଷ ବିଭିନ୍ନ ପ୍ରକାର ହିଂସାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁ ସେମାନଙ୍କଠାରେ ଉଦାସୀନତା, ଅବସାଦ, ଅସୁରକ୍ଷିତ ଯୌନକ୍ରିୟା ଭଳି ବିପଦପୂର୍ଣ୍ଣ ବ୍ୟବହାର, ଧୂମପାନ ଓ ଶିକ୍ଷାରେ ଅବନତି ଦେଖିବାକୁ ମିଳୁଛି।

ଶାରୀରିକ ଦଣ୍ଡ ଭଳି ହିଂସା ବଢ଼ିବାରେ ଲାଗିଥିବାରୁ ଏଥିରେ ରୋକ ଲଗାଇବା ପାଇଁ କଲମ୍ବିଆର ବୋଗୋଟାରେ ଗୁରୁବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ସରକାର ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ପ୍ରତି ୫ ପିଲାଙ୍କ ମଧ୍ୟରୁ ୩ ଜଣ ନିଜ ଘରେ ନିୟମିତ ଭାବେ ଶାରୀରିକ ହିଂସାର ଶିକାର ହେଉଥିବାରୁ ୯ ସରକାର ଏଭଳି ଦଣ୍ଡକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବେ ବୋଲି ସ୍ପଷ୍ଟ କରିଛନ୍ତି।

ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଟେଡ୍ରୋସ୍ ଅଧନୋମ୍ ଘେବ୍ରେୟେସସ୍ କହିଛନ୍ତି, ଏଭଳି ହିଂସା ନିବାରଣଯୋଗ୍ୟ। ଏହାସତ୍ତ୍ୱେ ବିଶ୍ୱରେ ଅନେକ ନିୟୁତ ଶିଶୁ ଏହାର ଶିକାର ହେବା ଦୁର୍ଭାଗ୍ୟଜନକ। ଆଜି ଦେଶଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଶପଥ ନେଇଛନ୍ତି। ହିଂସା ନିବାରଣ ଆଇନ ପ୍ରଣୟନ ହେଲେ ଏହାକୁ ରୋକାଯାଇପାରିବ। ପରିବାରଗୁଡ଼ିକୁ ଜୀବନ-ପରିବର୍ତ୍ତନକାରୀ ସହଯୋଗଠାରୁ ନେଇ ସ୍କୁଲଗୁଡ଼ିକୁ ସୁରକ୍ଷିତ କରିବା ଓ ଅନ୍‌ଲାଇନ୍ ଉତ୍ପୀଡ଼ନରୁ ପିଲାଙ୍କୁ ସୁରକ୍ଷା ଦେବା ପର୍ଯ୍ୟନ୍ତ ପଦକ୍ଷେପକୁ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ଘେବ୍ରେୟେସସ୍ ମତ ଦେଇଛନ୍ତି। ପ୍ରତି ୫ ପିଲାଙ୍କ ମଧ୍ୟରୁ ୩ ଜଣ ନିଜ ଘରେ ଶାରୀରିକ ☞ପୃଷ୍ଠା-୪

# ଏଠି ଆମେ ତୀର୍ଥଯାତ୍ରୀ

**ସୁପ୍ରିମକୋର୍ଟରୁ ବିଦାୟ ନେଲେ ସିଜେଆଇ ଚନ୍ଦ୍ରଚୂଡ଼**



ନୂଆଦିଲ୍ଲୀ,୮।୧୧

ଏଠି ଆମେ କେବଳ ଜଣେ ଜଣେ ତୀର୍ଥଯାତ୍ରୀ। ନିଜ କାର୍ଯ୍ୟ ସମାପନ କରି ଚାଲିଯାଇଥାଉ ବୋଲି ଶୁକ୍ରବାର ସୁପ୍ରିମକୋର୍ଟରୁ ବିଦାୟ ନେବା ଅବସରରେ କହିଛନ୍ତି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼। ୨୦୨୨ ନଭେମ୍ବର ୯ରେ ସିଜେଆଇ ଦାୟିତ୍ୱ ☞ପୃଷ୍ଠା-୪






# ଛାତ୍ରାବାସରୁ ୪ର୍ଥଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ରାୟଗଡ଼ା/କାଶୀପୁର/ଟିକିରି,୮।୧୧ (ଆଶିଷ ରଞ୍ଜନ ପଣ୍ଡା/ମୋହନ ନାଏକ/ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଛାତ୍ରାବାସରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତ ଛାତ୍ର ହେଲେ ଖଗେଶ୍ୱର ଝୋଡ଼ିଆ(୧୦)। ଖଗେଶ୍ୱର କାଶୀପୁର ବ୍ଲକ ଖୁରିଗାଁ ଗ୍ରାମର କୁନା ଝୋଡ଼ିଆଙ୍କ ପୁଅ। ଛାତ୍ରଙ୍କୁ ହତ୍ୟାକରି ଝୁଲାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହା ହତ୍ୟା ନା ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତ ପରେ ଜଣାପଡ଼ିବ ବୋଲି ରାୟଗଡ଼ା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି କହିଛନ୍ତି। ଏ ନେଇ ଚନ୍ଦ୍ରଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଦାସଙ୍କୁ ପଚାରିବାରୁ ଏହି ଘଟଣା ସମ୍ପର୍କରେ କୌଣସି ସୂଚନା ଦେବାକୁ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ଓ ପୋଲିସ ଉଭୟ ମନା କରିଥିବା ସେ କହିଛନ୍ତି। ତେବେ

### ହତ୍ୟା ନା ଆତ୍ମହତ୍ୟା କାରଣ ଅସ୍ପଷ୍ଟ

ଚତୁର୍ଥ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିବା ଘଟଣାକୁ ସାଧାରଣରେ ସହଜରେ ବିଶ୍ୱାସ କରାଯାଇପାରୁନାହିଁ।

ଖଗେଶ୍ୱର ଶୁକ୍ରବାର ସକାଳୁ ଜଣେ ସହପାଠୀ ସହ ବାହାରକୁ ଜଳଖିଆ ଖାଇବାକୁ ଯାଇଥିଲେ। ଏହାପରେ ହଷ୍ଟେଲକୁ ଫେରି ସେ ଆଉ କ୍ଲାସ୍‌କୁ ଯାଇ ନ ଥିଲେ। ସାଙ୍ଗମାନେ କ୍ଲାସ୍‌କୁ ଯିବା ପାଇଁ ଡାକିବାରୁ ଦାନ୍ତ ବଥା ହେଉଥିବା କହି ସ୍କୁଲକୁ ଯାଇ ନ ଥିଲେ। ଏହାର କିଛି ସମୟ ପରେ ମଧ୍ୟାହ୍ନଭୋଜନ ସମୟରେ ପିଲାମାନେ ହଷ୍ଟେଲକୁ ଆସିବା ପରେ ଖଗେଶ୍ୱରଙ୍କ ମୃତଦେହ ଖଟରେ ଲାଗିଥିବା ମଶାରି ଫ୍ରେମ୍‌ର ଲୁହା ଛଡ଼ରେ ଟାୱାଲରେ ଝୁଲୁଥିବା ଦେଖି ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସ୍କୁଲ କର୍ତ୍ତୃପକ୍ଷ ଘଟଣା ବିଷୟରେ ପୋଲିସ ଓ ପରିବାରବର୍ଗଙ୍କୁ ସୂଚନା ଦେଇଥିଲେ। ପରିବାରବର୍ଗ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ପୋଲିସ ପହଞ୍ଚିବା ବେଳକୁ ସ୍କୁଲ କର୍ତ୍ତୃପକ୍ଷ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ




## ସଂକ୍ଷେପରେ

### ମଣିପୁରରେ ହିଂସା: ଆଦିବାସୀ ମହିଳାଙ୍କୁ ହତ୍ୟା ପରେ ଜାଳିଦେଲେ

ଗୁଆହାଟୀ/ଇମ୍ଫାଲ,୮।୧୧

ହିଂସାପ୍ରବଣ ମଣିପୁରରେ ଗୁରୁବାର ରାତିରେ ସାନି ହିଂସାକାଣ୍ଡ ଘଟିଛି। ଉଗ୍ରପନ୍ଥୀମାନେ ଜଣେ ଆଦିବାସୀ ମହିଳାଙ୍କୁ ଗୁଳିକରି ହତ୍ୟା କରିବା ପରେ ଜାଳିଦେଇଛନ୍ତି। ଏଥିସହ ଉକ୍ତ ଅଞ୍ଚଳର କେତେକ ଘରେ ମଧ୍ୟ ସେମାନେ ନିଆଁ ଲଗାଇଦେଇଥିଲେ। ଜିରିବାମ୍ ଜିଲାର ଜୈରାଓ୍ୱନ୍ ଆଦିବାସୀ ଗ୍ରାମରେ ଏହି ଆକ୍ରମଣ ହୋଇଛି। କୁକି-ଜୋ ସଂଗଠନ ଇଣ୍ଡିଜେନିଅସ୍ ଟ୍ରାଇବାଲ ଲିଡର୍ସ ଫୋରମ୍ (ଆଇଟିଏଲ୍ଏଫ୍)ର ସୂଚନା ଅନୁଯାୟୀ ଜୋସାଙ୍ଗକିମ୍ ହମାର ନାମ୍ନୀ ୩୧ ବର୍ଷୀୟ ମହିଳାଙ୍କୁ ହତ୍ୟା କରାଯାଇ ଜାଳିଦିଆଯାଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ମହିଳାଙ୍କ ମୃତଦେହ ଶୁକ୍ରବାର ସକାଳେ ତାଙ୍କ ବାସଭବନରୁ ମିଳିଛି। ଆକ୍ରମଣକାରୀମାନେ କେତେକ କୁକୁରଙ୍କୁ ମାରିଦେବା ସହ ୭ଟି ମୋଟରସାଇକେଲ୍ ନେଇଯାଇଛନ୍ତି।

### ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

ଶ୍ରୀନଗର,୮।୧୧

ଜମ୍ମୁ-କଶ୍ମୀରର ବାରମୂଲ୍ଲା ଜିଲାରେ ଶୁକ୍ରବାର ସୁରକ୍ଷା ବଳ ସହ ଏନ୍‌କାଉଣ୍ଟର ବେଳେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି। ଗୋଇନ୍ଦା ତଥ୍ୟ ଆଧାରରେ ସୁରକ୍ଷା ବଳ ଗୁରୁବାର ରାତିରୁ ତଲାସି ଅଭିଯାନ ଚଳାଇଥିଲା। ଯବାନମାନେ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିଯିବା ସହ ସେଠାରୁ ସାଧାରଣ ଲୋକଙ୍କୁ ଖାଲି କରିଦେଇଥିଲେ। ପରେ ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ଗୁରୁବାର ଆତଙ୍କବାଦୀମାନେ କିସ୍ତୱାର ଅଞ୍ଚଳରେ ୨ ଜଣ ଗ୍ରାମ ସୁରକ୍ଷା ଗାର୍ଡ (ଭିଡିଜେ)ଙ୍କୁ ହତ୍ୟା କରିଥିବାବେଳେ ଶୁକ୍ରବାର ସେମାନଙ୍କ ମୃତଦେହ ମିଳିଛି। ଆତଙ୍କବାଦୀମାନେ ୨ ଭିଡିଜେଙ୍କୁ ଅପହରଣ କରିନେଇ ମୁଣ୍ଡକାଟ କରିଥିଲେ। ଏହା ବ୍ୟତୀତ ଗତ ରବିବାର ଏକ ବଜାର ଉପରେ ହୋଇଥିବା ଗ୍ରେନେଡ୍ ଆକ୍ରମଣ ଘଟଣାରେ ପୋଲିସ ଲଶ୍କର-ଇ-ତୋଇବା ସହ ଜଡ଼ିତ ୩ ଜଣ ଆତଙ୍କବାଦୀଙ୍କୁ ଗିରଫ କରିଥିବା ଶୁକ୍ରବାର କହିଛି।

# ଏଏମ୍‌ୟୁଙ୍କୁ ସଂଖ୍ୟାଲଘୁ ମାନ୍ୟତା: ନୂଆ ପୀଠ ନେବେ ନିଷ୍ପତ୍ତି

**୧୯୬୭ର ରାୟ ସୁପ୍ରିମକୋର୍ଟରେ ଖାରଜ**

ନୂଆଦିଲ୍ଲୀ,୮।୧୧(ପି.ଟି.)



ଆଲିଗଡ଼ ମୁସ୍‌ଲିମ ୟୁନିଭର୍ସିଟି (ଏଏମ୍‌ୟୁ)ର ସଂଖ୍ୟାଲଘୁ ମାନ୍ୟତାକୁ ନେଇ ରହିଥିବା ବିବାଦୀୟ ଆଇନଗତ ପ୍ରଶ୍ନ ଉପରେ ନୂଆ ଖଣ୍ଡପୀଠ ନିଷ୍ପତ୍ତି ନେବେ। ସୁପ୍ରିମକୋର୍ଟ ଏହାର ୧୯୬୭ର ରାୟକୁ ଶୁକ୍ରବାର ଖାରଜ କରିଦେଇଛନ୍ତି। କେନ୍ଦ୍ରୀୟ ଆଇନ ଦ୍ୱାରା ପ୍ରତିଷ୍ଠା ହୋଇଥିବା ବିଶ୍ୱବିଦ୍ୟାଳୟକୁ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ବିବେଚନା କରାଯାଇପାରିବ ନାହିଁ ବୋଲି ୧୯୬୭ରେ ସର୍ବୋଚ୍ଚ ଅଦାଲତ ରାୟ ଦେଇଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ୪:୩ ସଂଖ୍ୟାଗରିଷ୍ଠତାରେ ଉକ୍ତ ରାୟକୁ ଖାରଜ କରିଦେବା ଅବସରରେ କହିଛନ୍ତି, ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କିମ୍ବା ପରିଚାଳନାରେ ଧର୍ମୀୟ ଅଥବା ଭାଷାଗତ ସଂଖ୍ୟାଲଘୁମାନଙ୍କ ବିରୋଧରେ ପକ୍ଷପାତିତା କରୁଥିବା କୌଣସି ବ୍ୟବସ୍ଥାପକ କିମ୍ବା ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ସମ୍ବିଧାନର ଅନୁଚ୍ଛେଦ ୩୦(୧)ର ବହିର୍ଭୂତ। ସଂଖ୍ୟାଲଘୁମାନଙ୍କ ଅଧିକାର ସାବ୍ୟସ୍ତ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକର ପରିଚାଳନା ପାଇଁ ଅନୁଚ୍ଛେଦ ୩୦ ରହିଛି। ଅନୁଚ୍ଛେଦ ୩୦(୧) ଅନୁଯାୟୀ ଧର୍ମୀୟ କିମ୍ବା ଭାଷାଭିତ୍ତିକ ସମସ୍ତ ସଂଖ୍ୟାଲଘୁଙ୍କର ନିଜ ପସନ୍ଦରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ବା ଏହାର ପରିଚାଳନା ଅଧିକାର ରହିଛି। ତେବେ ୧୯୬୭ର ଅଜିଜ୍ ବାଶା ବନାମ କେନ୍ଦ୍ର ସରକାର ମାମଲାରେ ୫ ଜଣିଆ ସାମ୍ବିଧାନିକ ପୀଠ କହିଥିଲେ, ଏଏମ୍‌ୟୁ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଏହାକୁ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଭାବେ ବିବେଚନା କରାଯାଇପାରିବ ନାହିଁ। ଉକ୍ତ ରାୟକୁ ଖାରଜ କରାଗଲା ବୋଲି ସିଜେଆଇ ୧୧୮ ପୃଷ୍ଠାର ରାୟରେ କହିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରା ରହିଛନ୍ତି। ଧର୍ମୀୟ କିମ୍ବା ଭାଷାଭିତ୍ତିକ ସଂଖ୍ୟାଲଘୁମାନଙ୍କୁ ପ୍ରମାଣିତ କରିବାକୁ ହେବ ଯେ ସେମାନେ ଅନୁଚ୍ଛେଦ ୩୦(୧)ର ପ୍ରସ୍ତାବ ଅନୁଯାୟୀ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପାଇଁ ଉକ୍ତ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ସମ୍ବିଧାନ କାର୍ଯ୍ୟକାରୀ ହେବା ପୂର୍ବରୁ ପ୍ରତିଷ୍ଠା ହୋଇଥିବା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଅନୁଚ୍ଛେଦ ୩୦(୧)ର ଅଧିକାର ଗ୍ୟାରେଣ୍ଟି ଲାଗୁ ହେବ ବୋଲି ସିଜେଆଇ କହିଛନ୍ତି।

# ସୁସି ୱିଲ୍ସଙ୍କୁ ଚିଫ୍ ଅଫ୍ ଷ୍ଟାଫ୍ ମନୋନୀତ କଲେ ଟ୍ରମ୍ପ୍



ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ସୁସି ୱିଲ୍ସ।

ୱାଶିଂଟନ,୮।୧୧

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌ର ଚିଫ୍ ଅଫ୍ ଷ୍ଟାଫ୍ ଭାବେ ସୁସି ୱିଲ୍ସଙ୍କୁ ମନୋନୀତ କରିଛନ୍ତି। ଟ୍ରମ୍ପ୍‌ଙ୍କ ପ୍ରଚାରର ସଫଳ ପରିଚାଳନା କରିଥିଲେ ସୁସି। ସେ ଟ୍ରମ୍ପ୍‌ଙ୍କର ଘନିଷ୍ଠ ହୋଇଥିବାବେଳେ ଅତ୍ୟନ୍ତ ଶୃଙ୍ଖଳିତ ଏବଂ ଖୁବ୍ ଭଲ ଭାବେ ପ୍ରଚାର ପରିଚାଳନା କରିଥିଲେ। ବୁଧବାର ଟ୍ରମ୍ପ୍ ନିଜର ବିଜୟକୁ ସେଲିବ୍ରେଟ କରୁଥିବାବେଳେ ସୁସି ନିଜକୁ ଦୂରେଇ ରଖିବା ସହ ମାଇକରେ କିଛି କହିବାକୁ ମନା କରିଦେଇଥିଲେ। ସେ ବେଶ୍ ଦୃଢ଼ମନା, ସ୍ମାର୍ଟ ଏବଂ ଇନୋଭେଟିଭ୍ ହୋଇଥିବାବେଳେ ସମସ୍ତେ ତାଙ୍କୁ ପ୍ରଶଂସା ଓ ସମ୍ମାନ କରିଥାନ୍ତି। ଆମେରିକାକୁ ପୁଣିଥରେ ମହାନ୍ କରିବା ଦିଗରେ ସେ ଅକ୍ଲାନ୍ତ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି। ସେ ଆମେରିକା ଇତିହାସରେ ପ୍ରଥମ ମହିଳା ଚିଫ୍ ଅଫ୍ ଷ୍ଟାଫ୍ ହେବାକୁ ଯାଉଛନ୍ତି। ସେ ଆମ ଦେଶକୁ ଗର୍ବିତ କରିବେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି।

# ଆମଷ୍ଟରଡାମ୍‌ରେ ଇସ୍ରାଏଲ୍ ନାଗରିକଙ୍କୁ ଆକ୍ରମଣ

**ଉଦ୍ଧାରକାରୀ ଟିମ୍ ପଠାଇଲେ ନେତାନ୍ୟାହୁ**

ଆମଷ୍ଟରଡାମ୍,୮।୧୧

ଆମଷ୍ଟରଡାମ୍‌ରେ ଇସ୍ରାଏଲୀ ନାଗରିକଙ୍କୁ ଟାର୍ଗେଟ କରି ହିଂସାତ୍ମକ ଆକ୍ରମଣ ଘଟଣା ପରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ତୁରନ୍ତ ସେଠାକୁ ଦୁଇଟି ଉଦ୍ଧାରକାରୀ ବିମାନ ପଠାଇଛନ୍ତି। ଗୁରୁବାର ରାତିରେ ଆଜାକ୍ସ ଏବଂ ମକ୍କାବି ତେଲ୍ ଆଭିଭ୍ ମଧ୍ୟରେ ୟୁରୋପା ଲିଗ୍ ଫୁଟ୍‌ବଲ ମ୍ୟାଚ୍ ଚାଲିଥିବାବେଳେ ଇହୁଦୀ ବିରୋଧୀ ଦଙ୍ଗାକାରୀମାନେ ଇସ୍ରାଏଲ ସମର୍ଥକଙ୍କ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ୫ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ଆମଷ୍ଟରଡାମ୍ ପୋଲିସ ୬୨ ଜଣଙ୍କୁ ଗିରଫ କରିଛି। ପୋଲିସ ଏକାଧିକ ହିଂସା ଘଟଣାର ତଦନ୍ତ ଚଳାଇଛି। ଆକ୍ରମଣକୁ ନେଦରଲାଣ୍ଡସ୍ ଏବଂ ଇସ୍ରାଏଲ୍‌ର ନେତାମାନେ ନିନ୍ଦା କରିଛନ୍ତି। ଡଚ୍ ସହରରେ ଥିବା ଇସ୍ରାଏଲୀ ନାଗରିକମାନଙ୍କୁ ସେମାନଙ୍କ ହୋଟେଲ ରୁମ୍‌ରେ ରହିବା ପାଇଁ ଜାତୀୟ ସୁରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ମ୍ୟାଚ୍ ଦେଖିବାକୁ ଯାଇଥିବା ପ୍ରଶଂସକମାନଙ୍କୁ ଇହୁଦୀ ବିରୋଧୀମାନେ ଟାର୍ଗେଟ କରି ଅକଳ୍ପନୀୟ ନିଷ୍ଠୁରତାର ସହ ଆକ୍ରମଣ କରିଥିଲେ ବୋଲି ଇସ୍ରାଏଲ୍ ସୁରକ୍ଷା ମନ୍ତ୍ରୀ କହିଛନ୍ତି।

# ସେବି ମୁଖ୍ୟଙ୍କୁ ସ୍ୱଷ୍ଟୀକରଣ ମାଗିଲେ ଲୋକପାଳ

ନୂଆଦିଲ୍ଲୀ,୮।୧୧(ପି.ଟି.)

ସେବି ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍ ଅନିୟମିତତା ଏବଂ ବ୍ୟକ୍ତିଗତ ସ୍ୱାର୍ଥରେ ସମ୍ପୃକ୍ତ ଥିବା ନେଇ ଆମେରିକାର ରିସର୍ଚ୍ଚ ଫାର୍ମ ହିଣ୍ଡେନ୍‌ବର୍ଗର ରିପୋର୍ଟ ଆଧାରରେ ଜଣେ ଏମ୍‌ପି ଏବଂ ଅନ୍ୟ ଦୁଇଜଣ ଅଭିଯୋଗ ଦାଏର କରିଥିଲେ। ଏନେଇ ଲୋକପାଳ ଶୁକ୍ରବାର ସେବି ମୁଖ୍ୟଙ୍କୁ ସ୍ୱଷ୍ଟୀକରଣ ମାଗିଛନ୍ତି। ତେବେ ଏହା ଏକ ପ୍ରକ୍ରିୟାଗତ ନିର୍ଦ୍ଦେଶନାମା। ଉକ୍ତ ପ୍ରସଙ୍ଗ ଉପରେ ଆମର କୌଣସି ମତାମତ ନୁହେଁ ବୋଲି ଲୋକପାଳ ସ୍ପଷ୍ଟ କରିଛନ୍ତି। ପୁଞ୍ଜି ବଜାର ନିୟନ୍ତ୍ରକ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ଙ୍କୁ ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଜରିଆରେ ଜବାବ ଦାଖଲ ପାଇଁ କୁହାଯାଇଥିବା ଲୋକପାଳ ଅଧ୍ୟକ୍ଷ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲ୍‌କର କହିଛନ୍ତି। ମାଧବୀଙ୍କ ବିରୋଧରେ ୩ଟି ଅଭିଯୋଗ ହୋଇଥିବାବେଳେ ତାହା ଉପରେ ଅଲଗା ଅଲଗା ସ୍ୱଷ୍ଟୀକରଣ ଦେବାକୁ କୁହାଯାଇଛି। ନିର୍ଦ୍ଦେଶନାମାରେ ଜଷ୍ଟିସ୍ ଖାନ୍‌ୱିଲ୍‌କର ଏବଂ ଅନ୍ୟ ୫ ସଦସ୍ୟ ସ୍ୱାକ୍ଷର କରିଛନ୍ତି।

# ଦୋଷୀସାବ୍ୟସ୍ତ ପାଇଁ ଗଣମାଧ୍ୟମ ସ୍ୱାଧୀନତା ଲାଇସେନ୍ସ ନୁହେଁ

**ମିଡିଆ ଟ୍ରାଏଲ୍ ବିରୋଧରେ ପ୍ରେସ୍ ଲକ୍ଷ୍ମଣରେଖା ଟାଣିବା ଜରୁରୀ: ହାଇକୋର୍ଟ**

ଥିରୁଭାନନ୍ତପୁରମ୍,୮।୧୧

ସ୍ୱାଧୀନ ମତବ୍ୟକ୍ତ କରିବା ଅଧିକାର ଗଣମାଧ୍ୟମର ରହିଛି, କିନ୍ତୁ ଏହି ଅଧିକାର ଆଳରେ ଗଣମାଧ୍ୟମ ଅଦାଲତର ଭୂମିକା ନିଭାଇ ପାରିବ ନାହିଁ ବୋଲି କେରଳ ହାଇକୋର୍ଟ କହିଛନ୍ତି। କୋର୍ଟ ରାୟ ପୂର୍ବରୁ ଗଣମାଧ୍ୟମ କୌଣସି ବ୍ୟକ୍ତିଙ୍କୁ ଦୋଷୀସାବ୍ୟସ୍ତ କରିପାରିବ ନାହିଁ। ମିଡିଆ ଟ୍ରାଏଲ୍ ଯୋଗୁ ବ୍ୟକ୍ତିଙ୍କ ମର୍ଯ୍ୟାଦା, ପ୍ରିଭେସି ଏବଂ ଖ୍ୟାତି ଉଲ୍ଲଂଘନ ହେବାର ବିପଦ ରହିଥିବା ହାଇକୋର୍ଟ କହିଛନ୍ତି। କୌଣସି ବିଚାରାଧୀନ ଆପରାଧିକ ମାମଲାରେ ମତାମତ ଦେବାରୁ ଗଣମାଧ୍ୟମ ଦୂରେଇ ରହୁ। ମିଡିଆ ଟ୍ରାଏଲ୍ ବିରୋଧରେ ପ୍ରେସ୍ ଲକ୍ଷ୍ମଣରେଖା ଟାଣିବା ଜରୁରୀ ବୋଲି ଉଚ୍ଚ ଅଦାଲତ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ) ଅନୁଯାୟୀ ମତବ୍ୟକ୍ତ ବା ଅଭିବ୍ୟକ୍ତି ସ୍ୱାଧୀନତା ମୌଳିକ ଅଧିକାର। ତେବେ ଅଭିଯୁକ୍ତଙ୍କୁ ଦୋଷୀ କିମ୍ବା ନିର୍ଦ୍ଦୋଷ ଘୋଷଣା କରିବା ପାଇଁ ଏହି ସ୍ୱାଧୀନତା ଗଣମାଧ୍ୟମ ପାଇଁ ଏକ ଲାଇସେନ୍ସ ନୁହେଁ ବୋଲି ଜଷ୍ଟିସ୍ ଏ.କେ. ଜୟଶଙ୍କରନ୍ ନମ୍ବିଆରଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ପୀଠ କହିଛନ୍ତି। ରିପୋର୍ଟିଂରେ କଟକଣା ନ ରହିଲେ, ତାହା ମତାମତକୁ ପ୍ରଭାବିତ କରିବା ସହ ଅଦାଲତଙ୍କ ରାୟ ଉପରେ ସାଧାରଣରେ ଅବିଶ୍ୱାସ ସୃଷ୍ଟି କରିବ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି।

# ଭାରତ ବିଶ୍ୱ ମହାଶକ୍ତି ତାଲିକାରେ ରହିବାକୁ ହକ୍‌ଦାର: ପୁଟିନ୍

ମସ୍କୋ,୮।୧୧



ଭାରତର ଅର୍ଥନୀତି ଏବେ ଅନ୍ୟ ଦେଶଗୁଡ଼ିକଠାରୁ ଦ୍ରୁତ ବେଗରେ ଅଗ୍ରଗତି କରୁଛି। ତେଣୁ ଏହା ବିଶ୍ୱ ମହାଶକ୍ତି ତାଲିକାରେ ସ୍ଥାନ ପାଇବାକୁ ହକ୍‌ଦାର ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ କହିଛନ୍ତି। ସୋଚିଠାରେ ଭାଲ୍‌ଡାଇ ଡିସ୍‌କସନ କ୍ଲବ୍‌ର ଅଧିବେଶନକୁ ଉଦ୍‌ବୋଧନ ଦେଇ ପୁଟିନ୍ କହିଛନ୍ତି, ରୁଷିଆ ସବୁଦିଗରୁ ଭାରତ ସହ ସମ୍ପର୍କରେ ଉନ୍ନତି ଘଟାଇଛି। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ସର୍ବାଧିକ ବିଶ୍ୱାସ ରହିଥିବା ସେ କହିଛନ୍ତି। ପାଖାପାଖି ୧.୫ ବିଲିୟନ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତର ଅର୍ଥନୈତିକ ଅଭିବୃଦ୍ଧି ସର୍ବାଧିକ ହୋଇଥିବାବେଳେ ଏହାର ପୁରାତନ ସଂସ୍କୃତି ଏବଂ ଅଧିକ ଅଭିବୃଦ୍ଧିର ଭଲ ସମ୍ଭାବନା ରହିଛି। ଏହି ଦେଶ ସହ ରୁଷିଆର ସୁରକ୍ଷା ଏବଂ ପ୍ରତିରକ୍ଷା ସମ୍ପର୍କରେ ଉନ୍ନତି ଘଟିଛି। ଭାରତୀୟ ସଶସ୍ତ୍ର ବଳରେ ରୁଷିଆର ବହୁ ସାମରିକ ଉପକରଣ ଲାଗିଥିବା ପୁଟିନ୍ କହିଛନ୍ତି।



ତୁଷାର ଝଡ଼ ଯୋଗୁ ଏକ କାର୍ ଉପରେ ଜମିଥିବା ବରଫକୁ ଜଣେ ବ୍ୟକ୍ତି ସଫା କରୁଛନ୍ତି।

# ନ୍ୟୁ ମେକ୍ସିକୋ, କଲରାଡୋରେ ତୁଷାର ଝଡ଼

**୪୧ ହଜାର ଲୋକ ଅନ୍ଧାରରେ**

ଅଲ୍‌ବୁକୁଏର୍କ୍ୟୁ,୮।୧୧

ଆମେରିକାର ନ୍ୟୁ ମେକ୍ସିକୋ ଏବଂ କଲରାଡୋରେ ଗୁରୁବାର ବଡ଼ ଧରଣର ତୁଷାର ଝଡ଼ ଯୋଗୁ ୪୧ ହଜାର ଲୋକ ବିନା ବିଜୁଳିରେ ରହିଛନ୍ତି। ଝଡ଼ ଯୋଗୁ ତୁଷାରପାତ ହେବା ସହ ପ୍ରବଳ ବେଗରେ ପବନ ବହିଥିଲା। ଫଳରେ ସେଠାର ସ୍କୁଲ୍ ଏବଂ ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରିଦିଆଯାଇଛି। ବିଦ୍ୟୁତ୍ ସରବରାହ ସୁନିଶ୍ଚିତ କରିବା ପାଇଁ ବହୁସଂଖ୍ୟାରେ କର୍ମଚାରୀ ନିୟୋଜିତ ହୋଇଛନ୍ତି। ରାସ୍ତାଘାଟରୁ ବରଫ ସଫା କରିବା କାର୍ଯ୍ୟ ଜାରି ରହିଛି। ଲୋକମାନଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ତୁଷାର ଝଡ଼ ଯୋଗୁ ରାସ୍ତାରେ ଶତାଧିକ ଗାଡ଼ି ଫସିରହିଛି। ରାସ୍ତାଘାଟରେ ୪ ଇଞ୍ଚରୁ ଅଧିକ ଉଚ୍ଚାର ବରଫ ଜମି ରହିଥିବା ଲୋକେ କହିଛନ୍ତି।

# ପୁରୁଷ ଦରଜିଙ୍କୁ ମହିଳା ପୋଷାକ ସିଲେଇ ମନା

ଲକ୍ଷ୍ନୌ,୮।୧୧

**ୟୁପି ମହିଳା କମିଶନଙ୍କ ପ୍ରସ୍ତାବ**



ପୁରୁଷମାନେ ମହିଳାଙ୍କ ପୋଷାକ ତିଆରି କରିପାରିବେ ନାହିଁ। ଏପରି କି ପୋଷାକ ତିଆରି ପାଇଁ ମହିଳାଙ୍କ ମାପ ମଧ୍ୟ ନେଇପାରିବେ ନାହିଁ ବୋଲି ଉତ୍ତର ପ୍ରଦେଶ ରାଜ୍ୟ ମହିଳା କମିଶନ ପ୍ରସ୍ତାବ ଦେଇଛନ୍ତି। ମହିଳାମାନଙ୍କୁ 'ବ୍ୟାଡ୍ ଟଚ୍' (ମନ୍ଦ ଉଦ୍ଦେଶ୍ୟ ରଖି ସ୍ପର୍ଶ)ରୁ ରକ୍ଷା କରିବା ପାଇଁ ଏଭଳି ପ୍ରସ୍ତାବ ଦିଆଯାଇଥିବା କୁହାଯାଉଛି। ଅକ୍ଟୋବର ୨୮ରେ ଅନୁଷ୍ଠିତ ମହିଳା କମିଶନଙ୍କ ଏକ ବୈଠକରେ ଦିଆଯାଇଥିବା ପ୍ରସ୍ତାବ ଅନୁସାରେ ମହିଳାଙ୍କ ପୋଷାକ କେବଳ ମହିଳା ଦରଜି ସିଲେଇ କରିବେ। ସେହିପରି ପୁରୁଷମାନେ ମହିଳାଙ୍କ ଚୁଟି ମଧ୍ୟ କାଟିପାରିବେ ନାହିଁ। ଏହାକୁ ସୁନିଶ୍ଚିତ କରିବା ପାଇଁ ସେଲୁନ୍ ଓ ଟେଲର ଦୋକାନଗୁଡ଼ିକରେ ସିସିଟିଭି କ୍ୟାମେରା ସଂଲଗ୍ନକୁ ବାଧ୍ୟତାମୂଳକ କରାଯିବ ବୋଲି କମିଶନ ସଦସ୍ୟା ହିମାନୀ ଅଗ୍ରୱାଲ ପ୍ରସ୍ତାବ ଦେଇଛନ୍ତି। ମହିଳା କମିଶନ ଅଧ୍ୟକ୍ଷା ବବିତା ଚୌହାନ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି। ପୁରୁଷ ଦରଜି ଓ ବାରିକ ମନ୍ଦ ଉଦ୍ଦେଶ୍ୟ ରଖି ମହିଳାଙ୍କୁ ସ୍ପର୍ଶ କରୁଥିବାରୁ ଏପରି ପ୍ରସ୍ତାବ ଦିଆଯାଇଛି। କମିଶନ ଅଧ୍ୟକ୍ଷା ଏନେଇ ଖୁବ୍‌ଶୀଘ୍ର ଆଇନ ଆଣିବା ପାଇଁ ସରକାରଙ୍କୁ ଅନୁରୋଧ କରିବେ ବୋଲି ଜଣାପଡ଼ିଛି।

# 'ସାଟାନିକ୍ ଭର୍ସେସ୍' ଆମଦାନୀ ଉପରୁ କଟକଣା ହଟିଲା

ନୂଆଦିଲ୍ଲୀ,୮।୧୧

ପ୍ରସିଦ୍ଧ ଲେଖକ ସଲ୍‌ମାନ ରଶ୍‌ଡିଙ୍କ ବିବାଦୀୟ ପୁସ୍ତକ 'ଦି ସାଟାନିକ୍ ଭର୍ସେସ୍' ଉପରେ ୩ ଦଶନ୍ଧି ତଳେ ଭାରତ ପକ୍ଷରୁ ଲଗାଯାଇଥିବା କଟକଣାକୁ ଏକ କୋର୍ଟ ହଟାଇ ଦେଇଛନ୍ତି। ନିଷିଦ୍ଧାଦେଶ ଜାରି ସମ୍ପର୍କିତ ବିଜ୍ଞପ୍ତିର ମୂଳ ଦସ୍ତାବିଜ ହଜିଯାଇଥିବାରୁ ତାକୁ କୋର୍ଟରେ ଉପସ୍ଥାପନ କରାଯାଇ ପାରିନାହିଁ। ତେଣୁ କୋର୍ଟ ଏହାକୁ ହଟାଇ ଦେଇଥିବା ଜଣାପଡ଼ିଛି। ଭାରତରେ ଜନ୍ମିତ ବ୍ରିଟିଶ୍ ଔପନ୍ୟାସିକ ରଶ୍‌ଡିଙ୍କ 'ଦି ସାଟାନିକ୍ ଭର୍ସେସ୍'ରେ 'ଈଶ୍ୱର ନିନ୍ଦା' କରାଯାଇଥିବା ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଅଭିଯୋଗ ଅଣାଯିବା ପରେ ୧୯୮୮ରେ ଏହାକୁ ଭାରତ ସରକାର ନିଷିଦ୍ଧ ଘୋଷଣା କରିଥିଲେ। ଏହି ପୁସ୍ତକର ଆମଦାନୀ ଉପରେ କଟକଣାକୁ ଚ୍ୟାଲେଞ୍ଜ କରି ହୋଇଥିବା ଏକ ଆବେଦନର ଶୁଣାଣି ୨୦୧୯ରେ ଦିଲ୍ଲୀ ହାଇକୋର୍ଟ କରିଥିଲେ। ଆମଦାନୀ କଟକଣା ସମ୍ପର୍କିତ ଅର୍ଡର ମିଳୁ ନ ଥିବାରୁ ଏହାକୁ ଅଦାଲତରେ ଦାଖଲ କରାଯାଇପାରି ନ ଥିବା ବିଷୟ ଭାରତ ସରକାର ଗତ ୫ ତାରିଖରେ ଦିଲ୍ଲୀ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ପ୍ରକାଶ ଯେ, ଫତ୍‌ୱାର ପ୍ରାୟ ୩୩ ବର୍ଷ ପରେ ଅର୍ଥାତ୍ ୨୦୨୨ ଅଗଷ୍ଟରେ ନ୍ୟୁୟର୍କରେ ଏକ କାର୍ଯ୍ୟକ୍ରମ ବେଳେ ରଶ୍‌ଡିଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ ତାଙ୍କର ଏକ ଆଖି ନଷ୍ଟ ହୋଇଯାଇଥିବାବେଳେ ଗୋଟିଏ ହାତ ମଧ୍ୟ ଅଚଳ ହୋଇଯାଇଛି।




# କର୍ନାଟକ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ

**ସିବିଆଇକୁ ତଦନ୍ତ ଅନୁମତି ନ ଦେବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ**

ନୂଆଦିଲ୍ଲୀ,୮।୧୧(ପି.ଟି.)

କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ତଦନ୍ତ ପାଇଁ ସିବିଆଇଠାରୁ ରାଜ୍ୟ ସରକାର ଅନୁମତି ପ୍ରତ୍ୟାହାର କରିନେଇଥିଲେ। ସିବିଆଇ ଏହାକୁ ଚ୍ୟାଲେଞ୍ଜ କରିଥିବାବେଳେ ସୁପ୍ରିମକୋର୍ଟ ଏନେଇ କର୍ନାଟକ ସରକାର ଏବଂ ଶିବକୁମାରଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ଶିବକୁମାରଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୨୦୧୯ରେ ତତ୍କାଳୀନ ଭାଜପା ସରକାର ସିବିଆଇ ତଦନ୍ତ ଅନୁମତି ଦେଇଥିବାବେଳେ ବର୍ତ୍ତମାନର ସରକାର ଗତବର୍ଷ ନଭେମ୍ବର ୨୩ରେ ଉକ୍ତ ଅନୁମତି ଫେରାଇ ନେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗଡ଼ା ଖାଇଗଲେ ସୁରକ୍ଷା କର୍ମୀ

**ସିଆଇଡି ତଦନ୍ତରୁ ଜଣାପଡ଼ିଲା**

ଶିମ୍‌ଲା,୮।୧୧



ସୁଖୱିନ୍ଦର ସିଂ ସୁଖୁ



କଂଗ୍ରେସ ଶାସନାଧୀନ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖୱିନ୍ଦର ସିଂ ସୁଖୁଙ୍କ ସିଙ୍ଗଡ଼ା ତାଙ୍କ ସୁରକ୍ଷା କର୍ମୀମାନେ ଖାଇଦେଇଥିବା କ୍ରାଇମ୍ ଇନ୍‌ଭେଷ୍ଟିଗେଶନ୍ ଡିପାର୍ଟମେଣ୍ଟ (ସିଆଇଡି) ତଦନ୍ତରୁ ଜଣାପଡ଼ିବା ପରେ ଶୁକ୍ରବାର ଏହା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାର ସିଆଇଡି ତଦନ୍ତ କରାଯାଇଥିବା ନେଇ ଜଣାପଡ଼ିବା ପରେ ସୁଖୁ ସରକାରଙ୍କୁ ଭାଜପା ଟାର୍ଗେଟ କରିଛି। ଅନ୍ୟପକ୍ଷେ ସମୋସା ଉଭାନ ହୋଇଯିବା ନେଇ କୌଣସି ତଦନ୍ତ କରାଯାଇ ନ ଥିବା ସରକାର ଏବଂ ସିଆଇଡି ପକ୍ଷରୁ ସଫେଇ ଦିଆଯାଇଛି। ଅକ୍ଟୋବର ୨୧ରେ ଶିମ୍‌ଲାସ୍ଥିତ ହିମାଚଳ ପ୍ରଦେଶ ସିଆଇଡି ମୁଖ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ସୁଖୁ ଯାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଚା' ଜଳଖିଆ ପାଇଁ ଅଧିକାରୀମାନେ ଏକତ୍ରିତ ହେଲେ। ସେଠାରେ କେହି ଜଣେ କହିଲେ, ମୁଖ୍ୟମନ୍ତ୍ରୀଙ୍କ ପାଇଁ ଅଣାଯାଇଥିବା ସିଙ୍ଗଡ଼ା ପ୍ୟାକେଟ ହଜିଯାଇଛି। ବହୁ ଖୋଜାଖୋଜି ପରେ ମଧ୍ୟ ତାହା ନ ମିଳିବାରୁ ସିଆଇଡି ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଲା ଯେ, ମୁଖ୍ୟମନ୍ତ୍ରୀ ସେଠାରେ ପହଞ୍ଚିବା ପରେ ଇନ୍ସପେକ୍ଟର ପାହ୍ୟାର ଜଣେ ମହିଳା ଅଧିକାରୀ କେତୋଟି ଟିଫିନ୍ ପ୍ୟାକେଟ ପଠାଇଥିଲେ। ଜଣେ ଏସ୍ଆଇ ର୍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ସେଗୁଡ଼ିକୁ ଖୋଲାଯାଇଥିଲା। ଉପରିସ୍ଥ ଅଧିକାରୀମାନଙ୍କୁ ନ ପଚାରି ସିଙ୍ଗଡ଼ାଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା କର୍ମୀମାନଙ୍କୁ ଖାଇବାକୁ ଦିଆଯାଇଥିଲା। ତେବେ ଏଭଳି ଏକ ଘଟଣାକୁ ନେଇ ସିଆଇଡି ତଦନ୍ତ କରାଯିବା କେତେ ଯୁକ୍ତିଯୁକ୍ତ ବୋଲି ବିରୋଧୀ ଭାଜପା ପ୍ରଶ୍ନ ଉଠାଇଛି। କଂଗ୍ରେସ କେବଳ ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗଡ଼ା ପାଇଁ ଚିନ୍ତିତ, ରାଜ୍ୟର ବିକାଶ ଲାଗି ନୁହେଁ ବୋଲି ସିଆଇଡି ତଦନ୍ତରୁ ବୁଝାପଡୁଥିବା ଭାଜପା ମୁଖପାତ୍ର ରଣଧୀର ଶର୍ମା ସମାଲୋଚନା କରିଛନ୍ତି। ଏହି ବିଷୟ ହିମାଚଳ ପ୍ରଦେଶର ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ବିବାଦୀୟ ସ୍ଥିତି ଉପୁଜିବା ପରେ ସିଆଇଡି ମହାନିର୍ଦ୍ଦେଶକ ସଞ୍ଜୀବ ରଞ୍ଜନ ଓଝା କହିଛନ୍ତି, ଏହା ଉପରେ କୌଣସି ତଦନ୍ତ କରାଯାଇ ନାହିଁ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟ ଏପରି କୌଣସି ତଦନ୍ତ ନିର୍ଦ୍ଦେଶ ଦିଆଯାଇ ନ ଥିବା ସ୍ପଷ୍ଟ କରିଛି। ମୁଖ୍ୟମନ୍ତ୍ରୀ ସୁଖୁ କହିଛନ୍ତି, ଏହା ଏକ ସରକାର ବିରୋଧୀ କାର୍ଯ୍ୟ ଥିଲା। ଅଧିକାରୀମାନଙ୍କ ଅଭାବନୀୟ ବ୍ୟବହାରର ତଦନ୍ତ କରାଯାଇଥିଲା। କିନ୍ତୁ ଗଣମାଧ୍ୟମ ସମୋସାକୁ ନେଇ ନ୍ୟୁଜ୍ କରୁଛି। ଭାଜପା ଏହାକୁ ପ୍ରସଙ୍ଗ କରି ପିଲାଳିଆମୀ କରୁଛି।



ଭୁବନେଶ୍ୱର ଲୋକସେବା ଭବନଠାରେ ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥା ପୂର୍ବତନ ଏମ୍‌ପି ତଥାଗତ ସତପଥୀ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ଓଡ଼ିଆ ଯୁବତୀଙ୍କୁ ବିବାହ ପାଇଁ ଧର୍ମ ପରିବର୍ତ୍ତନର ଚାପ

## ଲଭ୍ ଜିହାଦ୍ ଅଭିଯୋଗ: କଶ୍ମୀରୀ ଯୁବକ ଅଟକ

ଭୁବନେଶ୍ୱର,୮।୧୧ (ସତ୍ୟଜିତ୍ ରାଉତ/ପି.ଟି.)

ଜଗତ୍‌ସିଂହପୁର ଜିଲା ରାହାମା ଅଞ୍ଚଳର ଜଣେ ହିନ୍ଦୁ ଯୁବତୀଙ୍କୁ ଲଭ୍ ଜିହାଦ୍‌ର ଜାଲରେ ଫସାଇ ଦେବାକୁ ଉଦ୍ୟମ କରି ଧରାପଡ଼ିଛନ୍ତି କଶ୍ମୀରର ଜନୈକ ମୁସଲମାନ ଯୁବକ। ସେ ହେଲେ ସମୀର ମନସୁର। ସମୀର ନିଜ ଧର୍ମ ଓ ସାଙ୍ଗିଆକୁ ଗୋପନ ରଖି ଯୁବତୀଙ୍କୁ ପ୍ରେମଜାଲରେ ଫଶାଇ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ ପାଇଁ ଧର୍ମ ପରିବର୍ତ୍ତନ କରିବାକୁ ଚାପ ପକାଇଥିଲେ। ଶାରୀରିକ ସମ୍ପର୍କର ଭିଡିଓକୁ ନେଇ ସମୀର ଯୁବତୀଙ୍କୁ ବ୍ଲାକମେଲ୍ କରିବା ସହ ତାଙ୍କୁ ସାଥିରେ ନେବାକୁ ଓଡ଼ିଶା ଆସୁଥିଲେ। ଭୁବନେଶ୍ୱର ସ୍ପେଶାଲ ସ୍କ୍ୱାଡ୍ ଶୁକ୍ରବାର ସମୀରଙ୍କୁ କଟକରୁ ଟ୍ରେନରେ କାବୁ କରି ଅଟକ ରଖିଛି। ସମୀର ନିଜକୁ ବିହାରର ହିନ୍ଦୁ ଏବଂ ସେ କଶ୍ମୀରରେ କାମ କରୁଛନ୍ତି ବୋଲି କହି ଯୁବତୀଙ୍କୁ ପ୍ରେମ ଫାନ୍ଦରେ ପକାଇଥିଲେ। ୨ ବର୍ଷ ପରେ ଗତ ମାର୍ଚ୍ଚରେ ସମୀର ମୁସଲମାନ ବୋଲି ଯୁବତୀଜଣକ ଜାଣିପାରି ତାଙ୍କ ସହ ସମ୍ପର୍କକୁ ବିରୋଧ କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ସମୀରଙ୍କ ଖେଳ। ବଳପୂର୍ବକ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ତାହାର ଭିଡିଓ କରିନେଇଥିଲେ। ଭିଡିଓ କ୍ଲିପ୍‌କୁ ନେଇ ସମୀର ଧର୍ମ ପରିବର୍ତ୍ତନ ଓ ବିବାହ ଚାପ ଦେବା ସହ ଯୁବତୀଙ୍କ ବାପାମା'ଙ୍କଠାରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରି ନେଇଛନ୍ତି। ବଦନାମ ଭୟରେ ଚୁପ୍ ରହିଥିବା ଯୁବତୀ ଜଣକ ସମୀରଙ୍କ ବ୍ଲାକ୍‌ମେଲ୍‌ରେ ଅତିଷ୍ଠ ହେବାରୁ ଶୁକ୍ରବାର ଭୁବନେଶ୍ୱର ମହିଳା ଥାନାରେ ଏତଲା ଦେଇଛନ୍ତି। ଘଟଣା ଜୁଲାଇ ୧ ପୂର୍ବରୁ ଘଟିଥିବାରୁ ପୋଲିସ ପୁରୁଣା ଆପରାଧିକ ଆଇନ ଅନୁଯାୟୀ ମାମଲା (ନଂ.୧୮୨/୨୦୨୪) ରୁଜୁ କରି ତଦନ୍ତ କରୁଛି। ଏଥିରେ ପୋଲିସ ଆଇପିସି ଦଫା ୩୭୬(୧), ୩୮୫, ୩୮୬, ୨୯୪, ୫୦୬ ସହ ଆଇଟି ଆକ୍ଟର ଦଫା ୬୬ (ଇ), ୬୭, ୬୭ (ଏ) ଲଗାଇଛି।

ମିଳିଥିବା ସୂଚନା ଅନୁଯାୟୀ, ୨୦୨୨ରେ ଫ୍ରି ଫାୟାର ଅନଲାଇନ୍ ଗେମ୍ ଜରିଆରେ ଯୁବତୀଙ୍କ ସହ ସମୀର ଯୋଗାଯୋଗରେ ଆସିଥିଲେ। ପରେ ଫୋନ୍ ନମ୍ବର ଦିଆନିଆ ହେବା ପରେ ଘଣ୍ଟା ଘଣ୍ଟା ଧରି କଥାବାର୍ତ୍ତା ହୋଇଥିଲେ। ଏହି ସମ୍ପର୍କ ପରେ ଆଗକୁ ବଢ଼ି ନିବିଡ଼ ହୋଇଥିଲା। ୨୦୨୪ ମାର୍ଚ୍ଚରେ ଯୁବତୀଙ୍କୁ ଦେଖା କରିବାକୁ ସମୀର ଓଡ଼ିଶା ଆସିଥିଲେ। ପରେ ଉଭୟ ପୁରୀ ଯାଇ ସମୟ ବିତାଇଥିଲେ। ଏହି ସମୟରେ ସମୀରଙ୍କ ପ୍ରକୃତ ପରିଚୟ ଜାଣିପାରି ତାଙ୍କୁ ବିରୋଧ କରିଥିଲେ। କିନ୍ତୁ ସମୀର କୌଶଳରେ ତାଙ୍କୁ ଏକ ହୋଟେଲ୍‌କୁ ନେଇ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ପାଟି କରିବାରୁ ସମୀର ତାଙ୍କୁ ମାଡ଼ ମାରିବା ସହ ଛୁରି ଦେଖାଇ ହତ୍ୟା ଧମକ ଦେଇଥିଲେ। ସମୀର ତାଙ୍କ ସହ ଅପ୍ରାକୃତିକ ଯୌନସମ୍ପର୍କ ରଖିବା ସହ ଲୁଚାଇ ଭିଡିଓ ସୁଟ୍ କରିଥିଲେ। ଧର୍ମ ପରିବର୍ତ୍ତନ କରି ତାଙ୍କୁ ବିବାହ ନ କଲେ ଏହି ଭିଡିଓକୁ ଭାଇରାଲ କରିଦେବାକୁ ସମୀର ଧମକ ଦେଇଥିଲେ। ପରେ ଯୁବତୀ ଜଣକ ହୋଟେଲରୁ ଖସିଆସି ପୁରୀରୁ ବସ୍ ଯୋଗେ ଘରକୁ ଫେରିଆସିଥିଲେ। ପରେ ଉକ୍ତ ଭିଡିଓକୁ ସମୀର ଇନ୍‌ଷ୍ଟାଗ୍ରାମରେ ଭାଇରାଲ୍ କରିଦେଇଥିଲେ। ଏତିକିରେ ସମୀର ଅଟକି ନ ଥିଲେ। ସେ ଉକ୍ତ ଭିଡିଓକୁ ପୀଡ଼ିତାଙ୍କ ବାପାଙ୍କ ପାଖକୁ ପଠାଇ ବ୍ଲାକମେଲ୍ କରିଥିଲେ। ଏନେଇ ଯୁବତୀ ଜଣକ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ଟିମ୍ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ପରୀକ୍ଷା କରାଇଛି। ଏହି ମାମଲାରେ ଅଧିକ ତଦନ୍ତ ଚାଲିଥିବା ଜୋନ ଏସିପି ଶୁଭନାରାୟଣ ମୁଦୁଲି କହିଛନ୍ତି।



ସମୀର ମନସୁର

# ସଶସ୍ତ୍ର ନାଗା ବିଚ୍ଛିନ୍ନତାବାଦୀଙ୍କ ଧମକ

# ହିଂସାତ୍ମକ ପ୍ରତିରୋଧ ଚାଲିବ

ପ୍ରାୟ ୩ ଦଶନ୍ଧିର ଅସ୍ତ୍ରବିରତି ବ୍ୟବଧାନ ପରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ନାଗାଲାଣ୍ଡରେ ସଶସ୍ତ୍ର ବିଚ୍ଛିନ୍ନତାବାଦୀ ପୁଣି ହିଂସାତ୍ମକ ପ୍ରତିରୋଧ ଚଳାଇବାକୁ ଯାଉଛନ୍ତି। ପୂର୍ବ ଚୁକ୍ତିନାମାରେ ଉଲ୍ଲେଖ କରାଯାଇଥିବା ପ୍ରତିଶ୍ରୁତିଗୁଡ଼ିକୁ ବର୍ତ୍ତମାନର କେନ୍ଦ୍ର ସରକାର ସମ୍ମାନ ଦେଉ ନ ଥିବାରୁ ସେମାନେ ପୁଣି ହିଂସାତ୍ମକ ଉପାୟରେ ଆନ୍ଦୋଳନ ଚଳାଇବାକୁ ଶୁକ୍ରବାର ଧମକ ଦେଇଛନ୍ତି।




ନୂଆଦିଲ୍ଲୀ,୮।୧୧

ଭାରତରେ ନାଗା ଉଗ୍ରବାଦ ସବୁଠୁ ପୁରୁଣା ବିଦ୍ରୋହ ମଧ୍ୟରେ ପରିଗଣିତ। ନାଗାଲିମ୍ ନାମରେ ଏକ ନୂଆ ଦେଶ ପ୍ରତିଷ୍ଠା ଦାବିରେ ନାଗା ଉଗ୍ରବାଦୀ ଏହି ଆନ୍ଦୋଳନ ଚଳାଇଆସୁଛନ୍ତି। ୧୯୪୭ରୁ ଚାଲିଥିବା ଏହି ସଂଘର୍ଷରେ ୨୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୧୯୯୭ରେ ଆଗଧାଡ଼ିର ବିଚ୍ଛିନ୍ନତାବାଦୀ ସଙ୍ଗଠନ ନ୍ୟାଶନାଲ ସୋସିଆଲିଷ୍ଟ କାଉନ୍‌ସିଲ୍ ଅଫ୍ ନାଗାଲାଣ୍ଡ (ଇସାକ୍-ମୁଇଭାହ) ଏବଂ ଭାରତୀୟ ସୁରକ୍ଷା ବଳ ମଧ୍ୟରେ ଅସ୍ତ୍ରବିରତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ୨୦୧୫ରେ ଏହି ସଙ୍ଗଠନ ନିଜ ଦାବି ପୂରଣ ପାଇଁ କେନ୍ଦ୍ର ସରକାରଙ୍କ ସହ ଚୁକ୍ତିବଦ୍ଧ ହୋଇଥିଲା। କିନ୍ତୁ ସେବେଠୁ ଆଲୋଚନା ଆଗେଇ ପାରିନାହିଁ। ତେଣୁ ପୁନର୍ବାର ହିଂସାତ୍ମକ ଉପାୟରେ ସଶସ୍ତ୍ର ବିଦ୍ରୋହ କରିବାକୁ ସଙ୍ଗଠନ ମୁଖ୍ୟ ଥୁଇଙ୍ଗାଲେଙ୍ଗ୍ ମୁଇଭାହ ଧମକ ଦେଇଛନ୍ତି। ମୁଇଭାହ ଶୁକ୍ରବାର ଏକ ବିବୃତିରେ କହିଛନ୍ତି, ୨୦୧୫ ଅଗଷ୍ଟ ୩ରେ ସମ୍ପାଦିତ ଚୁକ୍ତି ସ୍ୱାକ୍ଷର ପରେ ଭାରତ ସରକାର ଆମ ସହିତ ବିଶ୍ୱାସଘାତ କରିଆସିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଏହି ଚୁକ୍ତିକୁ ସମ୍ମାନ ଦେଇ ପ୍ରତିଶ୍ରୁତି ପୂରଣ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ଉକ୍ତ ଚୁକ୍ତିକୁ ମୁଇଭାହ ବିଚ୍ଛିନ୍ନତାବାଦୀଙ୍କ ପାଇଁ ଏକ ସ୍ୱତନ୍ତ୍ର ସାର୍ବଭୌମ ପତାକା ଓ ସମ୍ବିଧାନ ନିମନ୍ତେ ଆନୁଷ୍ଠାନିକ ଭାବେ ସ୍ୱୀକୃତିପ୍ରାପ୍ତ ଅଧିକାର ରୂପେ ଅଭିହିତ କରିଛନ୍ତି। ମୁଇଭାହ ଅଚଳାବସ୍ଥା ଦୂର ପାଇଁ 'ଏକ ତୃତୀୟ ପକ୍ଷର ହସ୍ତକ୍ଷେପ' ଆବଶ୍ୟକ ଥିବା କହିଛନ୍ତି। ଏଥିସହ ଏଭଳି ରାଜନୈତିକ ଉଦ୍ୟମକୁ ସରକାର ପ୍ରତ୍ୟାଖ୍ୟାନ କଲେ ପୁଣି ହିଂସାତ୍ମକ ପ୍ରତିରୋଧ ଆରମ୍ଭ କରାଯିବ। ନାଗାଲିମ୍ ପକ୍ଷରୁ ହିଂସାତ୍ମକ ସଂଘର୍ଷ ହେଲେ ଏହାର ପରିଣାମ ପାଇଁ ଭାରତ ଓ ଏହାର ନେତୃବୃନ୍ଦ ଦାୟୀ ରହିବେ ବୋଲି ଧମକ ଦେଇଛନ୍ତି। ଅନ୍ୟପକ୍ଷେ ମୁଇଭାହଙ୍କ ଏହି ମନ୍ତବ୍ୟକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୌଣସି ବିବୃତି ଦିଆଯାଇ ନାହିଁ।

### ଥୁଇଙ୍ଗାଲେଙ୍ଗ୍ ମୁଇଭାହ ଚାହାନ୍ତି ସ୍ୱତନ୍ତ୍ର 'ନାଗାଲିମ୍'

୧୯୩୪ ମାର୍ଚ୍ଚ ୩ରେ ଜନ୍ମିତ ନ୍ୟାଶନାଲ ସୋସିଆଲିଷ୍ଟ କାଉନ୍‌ସିଲ୍ ଅଫ୍ ନାଗାଲିମ୍ (ଆଇ-ଏମ୍) ସାଧାରଣ ସମ୍ପାଦକ ଥୁଇଙ୍ଗାଲେଙ୍ଗ୍ ମୁଇଭାହ ଜଣେ ନାଗା ବିଚ୍ଛିନ୍ନତାବାଦୀ ରାଜନେତା। ଭାରତରୁ ନାଗାଲାଣ୍ଡକୁ ପୃଥକ୍‌କରି ସ୍ୱତନ୍ତ୍ର 'ନାଗାଲିମ୍' ପ୍ରତିଷ୍ଠା କରିବାକୁ ସେ ଅନେକ ଦଶନ୍ଧି ଧରି ଆନ୍ଦୋଳନ ଚଳାଇଆସୁଛନ୍ତି। ମୁଇଭାହ ନାଗା ନ୍ୟାଶନାଲ କାଉନ୍‌ସିଲ୍ (ଏନ୍‌ସିସି) ସଶସ୍ତ୍ର ଗୋଷ୍ଠୀରେ ସାମିଲ ହୋଇଥିଲେ। ତେବେ ୧୯୭୫ରେ ଏନ୍‌ସିସି ନେତାମାନେ ଭାରତ ସରକାରଙ୍କ ସହ ଶିଲଂ ଚୁକ୍ତିନାମାରେ ସ୍ୱାକ୍ଷର କରିବା ପରେ ମୁଇଭାହ ସେମାନଙ୍କୁ ବିଶ୍ୱାସଘାତକ କହି ଉକ୍ତ ସଙ୍ଗଠନ ଛାଡ଼ିଦେଇଥିଲେ। ୧୯୮୦ରେ ସେ ନ୍ୟାଶନାଲ ସୋସିଆଲିଷ୍ଟ କାଉନ୍‌ସିଲ୍ ଅଫ୍ ନାଗାଲିମ୍ ପ୍ରତିଷ୍ଠା କରିଥିଲେ।



ଥୁଇଙ୍ଗାଲେଙ୍ଗ୍ ମୁଇଭାହ

# ୟୁଜି, ପିଜି, ବି.ଏଡ୍/ ଏମ୍.ଏଡ୍ ପାଠ୍ୟକ୍ରମର ବଳକା ସିଟ୍‌ରେ ହେବ ସ୍ପଟ୍ ଆଡ୍‌ମିଶନ

ଭୁବନେଶ୍ୱର,୮।୧୧ (ଅନୁରାଧା ମହାରଣା)

ଛାତ୍ରୀଛାତ୍ର, ଅଭିଭାବକ ତଥା ଶୈକ୍ଷିକ ସମାଜର ଆଗ୍ରହକ୍ରମେ ତଥା ଉଚ୍ଚଶିକ୍ଷା ବିଭାଗ ଅଧୀନ ଶିକ୍ଷାନୁଷ୍ଠାନଗୁଡ଼ିକରେ ଖାଲିଥିବା ୭୮,୦୬୦ ସିଟ୍‌ରେ ସ୍ପଟ୍ ଆଡ୍‌ମିଶନ ହେବ। ସ୍ନାତକ (ୟୁଜି), ସ୍ନାତକୋତ୍ତର (ପିଜି) ଏବଂ ଦୁଇ ବର୍ଷିଆ ବି.ଏଡ୍/ ଏମ୍.ଏଡ୍ ପାଠ୍ୟକ୍ରମ ନିମନ୍ତେ ସାମ୍ସ ପୋର୍ଟାଲ ମାଧ୍ୟମରେ ଏହି ଆଡ୍‌ମିଶନ କରାଯିବ। ଆସନ୍ତା ୧୧ରୁ ୧୫ ତାରିଖ ମଧ୍ୟରେ ନାମଲେଖା ପାଇଁ ଆବେଦନ କରାଯିବ। ୧୯ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ ଓ ୨୧ ତାରିଖରେ ନାମଲେଖା ଅନୁଷ୍ଠିତ ହେବ। ତେବେ ପିଜି, ବି.ଏଡ୍/ ଏମ୍.ଏଡ୍ ପାଠ୍ୟକ୍ରମ ନିମନ୍ତେ ପ୍ରବେଶିକା ପରୀକ୍ଷା ଦେଇ ର୍‍ୟାଙ୍କ୍ ପାଇଥିବା ଛାତ୍ରୀଛାତ୍ର ଆବେଦନ କରିପାରିବେ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି।

ସୂଚନାନୁସାରେ, ରାଜ୍ୟର ମୋଟ ୧୦୫୮ କଲେଜରେ ୟୁଜି ପାଠ୍ୟକ୍ରମରେ ୨,୭୪,୩୪୩ ସିଟ୍ ରହିଥିବାବେଳେ ୨,୦୩,୯୨୩ ସିଟ୍‌ରେ ନାମଲେଖା ହୋଇଛି ଓ ୭୦, ୪୨୦ ସିଟ୍ ଖାଲି ପଡ଼ିଛି। କଳା ବିଭାଗରେ ୨୭,୩୪୩ ସିଟ୍ ଖାଲି ରହିଥିବାବେଳେ ଫିଜିକାଲ୍ ସାଇନ୍ସରେ ୧୭,୨୬୧ ସିଟ୍, ବାୟୋଲୋଜିକାଲ ସାଇନ୍ସରେ ୬,୩୪୨ ସିଟ୍, ବାଣିଜ୍ୟରେ ୧୩,୯୫୨ ସିଟ୍, ସେଲ୍ଫ ଫାଇନାନ୍ସ ପାଠ୍ୟକ୍ରମରେ ୧,୯୩୬ ସିଟ୍ ଏବଂ ସଂସ୍କୃତରେ ୩,୫୮୨ ସିଟ୍‌ରେ ନାମଲେଖା ହୋଇନାହିଁ।

ସେହିପରି ପିଜି ପାଠ୍ୟକ୍ରମରେ ୧୧୬ଟି ଶିକ୍ଷାନୁଷ୍ଠାନରେ ୨୯୫୫୯ଟି ସିଟ୍ ରହିଥିବାବେଳେ ୨୧୯୭୫ଜଣ ପିଲା ନାମ ଲେଖାଇଛନ୍ତି ଏବଂ ୭,୫୮୪ ସିଟ୍ ଖାଲି ରହିଛି। ଦୁଇ ବର୍ଷିଆ ବିଏଡ୍/ ଏମ୍‌ଏଡ୍ /ବିଏଚ୍‌ଏଡ୍ ପାଠ୍ୟକ୍ରମ ଥିବା ୩୧ଟି ଶିକ୍ଷାନୁଷ୍ଠାନରେ ମୋଟ୍ ୨୭୫୦ଟି ସିଟ୍‌ରୁ ୨୬୯୪ ସିଟ୍ (ବି.ଏଡ୍ ୨୩୯୦, ଏମ୍.ଏଡ୍ ୧୨୫୧ ଏବଂ ବିଏଚ୍.ଏଡ୍ ୫୦ସିଟ୍)ରେ ନାମଲେଖା ହୋଇଛି ଏବଂ ୫୬ଟି ସିଟ୍ ଖାଲି ରହିଛି।

# ୫.୮୧% ପର୍ଯ୍ୟନ୍ତ ବଢ଼ିବ ମୁଦ୍ରାସ୍ଫୀତି



ଭାରତରେ ପନିପରିବା ଓ ଖାଇବା ତେଲ ଦର ବଢ଼ିବାରେ ଲାଗିଛି। ଏହାର ପ୍ରଭାବରେ ଗତ ଅକ୍ଟୋବରରେ ମୁଦ୍ରାସ୍ଫୀତି ୧୪ ମାସର ରେକର୍ଡ ଭାଙ୍ଗି ୫.୮୧ ପ୍ରତିଶତକୁ ଛୁଇଁଥିବା ରଏଟର୍ସ ପକ୍ଷରୁ ଆକଳନ କରାଯାଇଛି। ରଏଟର୍ସ ପୋଲ୍ ଅଫ୍ ଇକୋନୋମିକ୍ସ ଆଗକୁ ମୁଦ୍ରାସ୍ଫୀତି ଆହୁରି ବୃଦ୍ଧି ପାଇବ ବୋଲି ଅନୁମାନ କରିଛନ୍ତି, ଯାହାକି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଧାର୍ଯ୍ୟ ସହନଶୀଳ ସୀମା ୬ ପ୍ରତିଶତଠାରୁ ସାମାନ୍ୟ କମ୍। ଆମେରିକାରେ ଜାନୁଆରୀ ୨୦ରେ ରିପବ୍ଲିକାନ ନେତା ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଦାୟିତ୍ୱ ସମ୍ଭାଳିବା ପରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ କଷାଯିବାକୁ ଥିବା ଆମଦାନି ଶୁଳ୍କ ଏହି ସମସ୍ୟାକୁ ଆହୁରି ବହୁଗୁଣିତ କରିପାରେ ବୋଲି ଦେଶର ଅର୍ଥନୀତିଜ୍ଞମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

ବେଙ୍ଗାଲୁରୁ/ମୁମ୍ବାଇ,୮।୧୧

ଖାଦ୍ୟସାମଗ୍ରୀ ଦର ବୃଦ୍ଧିକୁ ମୁଦ୍ରାସ୍ଫୀତି ବଢ଼ିବାର ଅଧା କାରଣ ବୋଲି ଧରାଯାଏ। ଗତ ମାସରେ ଭାରତୀୟ ବଜାରଗୁଡ଼ିକରେ ପନିପରିବା ଓ ଅନ୍ୟ ଖାଦ୍ୟସାମଗ୍ରୀଗୁଡ଼ିର ଦରରେ ଅହେତୁକ ବୃଦ୍ଧି ଘଟିଥିଲା, ଯାହାକି ଏବେ ମଧ୍ୟ ବଳବତ୍ତର ରହିଛି। ପ୍ରତ୍ୟେକ ଭାରତୀୟଙ୍କ ରୋଷେଇ ଘରର ମୁଖ୍ୟ ଉପାଦାନ କୁହାଯାଉଥିବା ଟମାଟୋ ଉତ୍ପାଦନ ଲଗାଣ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଥିଲା। ଅକ୍ଟୋବରରେ ଏହାର ଦାମ୍ ୨ ଗୁଣା ବଢ଼ିଥିଲା। ସେପ୍ଟେମ୍ବର ମଧ୍ୟଭାଗରେ କେନ୍ଦ୍ର ସରକାର ଖାଇବା ତେଲ ଉପରେ ଆମଦାନି ଶୁଳ୍କ ୨୦ ପ୍ରତିଶତ ବଢ଼ାଇବା ପରେ ଏହାର ଦର ମଧ୍ୟ ଦ୍ରୁତ ଭାବେ ବଢ଼ି ଖାଉଟିଙ୍କ ବଜେଟକୁ ସଙ୍କୁଚିତ କରିଦେଇଥିଲା। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଜରିଆରେ ମାପ କରାଯାଉଥିବା ବାର୍ଷିକ ଖୁଚୁରା ମୁଦ୍ରାସ୍ଫୀତି ଅକ୍ଟୋବରରେ ଲଗାତର ଦ୍ୱିତୀୟ ମାସ ପାଇଁ ୫.୮୧ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଥିଲା। ୨୦୨୩ ଅଗଷ୍ଟ ପରେ ସିପିଆଇ ସର୍ବୋଚ୍ଚ ସୀମାକୁ ଛୁଇଁଥିବା ନଭେମ୍ବର ୪ରୁ ୮ ମଧ୍ୟରେ ରଏଟର୍ସର ୫୨ ଅର୍ଥନୀତିଜ୍ଞଙ୍କୁ ନେଇ କରାଯାଇଥିବା ପୋଲ୍‌ରୁ ସ୍ପଷ୍ଟ ହୋଇଛି। ସେପ୍ଟେମ୍ବରରେ ଏହା ୫.୪୯ ପ୍ରତିଶତ ରହିଥିଲା, ଯାହାକି ପୂର୍ବ ଆକଳନଠାରୁ ଅଧିକ। ନଭେମ୍ବର ୧୨ରେ ଜାରି ହେବାକୁ ଥିବା ନୂଆ ଡେଟା ସମ୍ପର୍କିତ ଆକଳନ ରିପୋର୍ଟରେ ସିପିଆଇ ୫ ପ୍ରତିଶତରୁ ୬.୩୦ ପ୍ରତିଶତ ରହିବା ଅନୁମାନ କରାଯାଉଛି। ତେବେ ଏକ-ତୃତୀୟାଂଶ ଅର୍ଥନୀତିଜ୍ଞ ୬ ପ୍ରତିଶତ କିମ୍ବା ତଦୂର୍ଦ୍ଧ୍ୱ ରହିବ ବୋଲି ମତ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଆର୍‌ବିଆଇ ସିପିଆଇକୁ ୨ ପ୍ରତିଶତକୁ ଖସାଇ ଆଣିବା ପାଇଁ ଲଗାତର ଅନେକ ମାସ ଧରି ମୁଦ୍ରାନୀତି ବୈଠକଗୁଡ଼ିକରେ ରେପୋ ରେଟ୍ ବଢ଼ାଇ ଚାଲିଥିଲା।

### ଟଙ୍କାର ସବୁଠୁ ଦୟନୀୟ ସ୍ଥିତି: ୮୪.୩୭

ଭାରତୀୟ ଟଙ୍କା ପାଇଁ ବର୍ତ୍ତମାନ ସବୁଠୁ ଖରାପ ସମୟ ଚାଲିଛି। ଶୁକ୍ରବାର ଏହି ମୁଦ୍ରାର ବିନିମୟ ମୂଲ୍ୟ ଡଲାର ତୁଳନାରେ ୮୪.୩୭ ରହିଛି, ଯାହାକି ଟଙ୍କା ଇତିହାସରେ ସବୁଠୁ ଦୁର୍ବଳ ପ୍ରଦର୍ଶନ। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ପୁଞ୍ଜି ବଜାରରୁ ମୁହଁ ଫେରାଉଥିବାବେଳେ ଘରୋଇ ଇକ୍ୟୁଟି ଟ୍ରେଣ୍ଡ୍‌ରେ ତତ୍ପରତା ଦେଖିବାକୁ ମିଳୁନାହିଁ। ଏଭଳି ସ୍ଥିତିରେ ଗୁରୁବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୪.୩୨ ଥିବାବେଳେ ଶୁକ୍ରବାର ଭାରତୀୟ ମୁଦ୍ରା ଆହୁରି ୫ ପଇସା ତଳକୁ ଖସିଯାଇଛି।





# ଓଡ଼ିଶାର ସବୁଜ ସ୍ୱର


ଆର୍ଯ୍ୟନ୍ ବ୍ରାହ୍ମିନ୍, ଆଥ୍‌ଲେଟ୍ (ହ୍ୟାଣ୍ଡବଲ)


କିରଣ ମନୀଷା ମହାନ୍ତି, ଚେସ୍ ଖେଳାଳି


ପ୍ରଗତି ଗୁରୁ, ଟେଲି ଅଭିନେତ୍ରୀ


ରୋଜାଲିନ୍ ପଟ୍ଟନାୟକ, ମଡେଲ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି


ବିଆଇଆଇଟିଏମ୍, ଭୁବନେଶ୍ୱର


ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, କଟକ


ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର


ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...



## ଘର, ଜମି ପାଇଁ ଶିକ୍ଷକଙ୍କୁ ମିଳିବ ଆର୍ଥିକ ସହାୟତା

ଭୁବନେଶ୍ୱର,୮।୧୧ (ଅନୁରାଧା ମହାରଣା)

ହାଇସ୍କୁଲ ଶିକ୍ଷକ ଓ କର୍ମଚାରୀଙ୍କୁ ଘର, ଜମି ପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇ ଦେବେ। ଘର ଭଡା ଖର୍ଚ୍ଚ(ଏଚ୍‌ଆର୍‌ଏ)ରେ ପାଉଥିବା ଟଙ୍କା ସହିତ ଏବାବଦକୁ ଅଗ୍ରୀମ ଟଙ୍କା ମିଳିବ। ଏନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଚିଠି ଲେଖାଯାଇଛି। ଯେଉଁ ଶିକ୍ଷକ କିମ୍ବା କର୍ମଚାରୀ ନୂଆ ଜମି କିଣିବା ପାଇଁ ଆବେଦନ କଲେ, ସମସ୍ତ ତଥ୍ୟ ନିର୍ଦ୍ଦେଶାଳୟରେ ଦାଖଲ କରିବାକୁ ପଡ଼ିବ। ଜମିର ମୂଲ୍ୟ ଓ ବିକ୍ରେତାଙ୍କ ଚୁକ୍ତିକୁ ମଧ୍ୟ ଆବେଦନକାରୀ ଦାଖଲ କରିବେ। ସେହିପରି ପୂର୍ବରୁ ଥିବା ଜମିରେ ଗୃହ ନିର୍ମାଣ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ କିମ୍ବା ବିଡିଏ ଓ ହାଉସିଂ ବୋର୍ଡର କାର୍ଯ୍ୟକାରୀ ଯନ୍ତ୍ରୀଙ୍କ ଦ୍ୱାରା ସମର୍ଥିତ ତଥ୍ୟ ଦାଖଲ କରିବେ। ଏଥିସହ ହାଉସ୍ ପ୍ଲାନ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ଅନ୍ୟପଟେ ନିର୍ମାଣ ସରିଥିବା ଗୃହ କ୍ରୟ ପାଇଁ ଅଗ୍ରୀମ ଅର୍ଥ ପାଇଁ ଆନୁସଙ୍ଗିକ କାଗଜପତ୍ରର ତଥ୍ୟ ଦାଖଲ କରିବାକୁ ହେବ। ବିଶେଷକରି ଆବଣ୍ଟନ ନେଇ ବିଡିଏ, ହାଉସିଂ ବୋର୍ଡ କିମ୍ବା ବିଲ୍ଡରଙ୍କ ପକ୍ଷରୁ ମିଳିଥିବା ଦସ୍ତାବିଜର ତଥ୍ୟ ଦେବାକୁ ହେବ। ୨ଟି କିସ୍ତିରେ ଏହି ଟଙ୍କା ପ୍ରଦାନ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

## ୫୫ ହସ୍ତଶିଳ୍ପକୁ ମିଳିଲା ବିଭାଗୀୟ ଅନୁମୋଦନ

ଭୁବନେଶ୍ୱର,୮।୧୧(ଅନିଲ ଦାସ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ୫୫ଟି ହସ୍ତଶିଳ୍ପକୁ ବିଭାଗୀୟ ଅନୁମୋଦନ ମିଳିଛି। ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଶୁକ୍ରବାର ଏହାକୁ ଅନୁମୋଦନ କରିଛନ୍ତି। ପୂର୍ବରୁ ୫୧ଟି ହସ୍ତଶିଳ୍ପକୁ ଅନୁମୋଦନ ମିଳିଥିଲା। ଏହି ତାଲିକାକୁ ସଂଶୋଧନ କରାଯାଇଛି। ଅନୁମୋଦିତ ହସ୍ତଶିଳ୍ପ ମଧ୍ୟରେ ରହିଛି ଚାନ୍ଦୁଆ, କାରୁକାର୍ଯ୍ୟପୂର୍ଣ୍ଣ ଚମଡ଼ା କାମ, କାରୁକାର୍ଯ୍ୟପୂର୍ଣ୍ଣ ସପ, କାରୁକାର୍ଯ୍ୟପୂର୍ଣ୍ଣ କାଠ କାମ, ବାଉଁଶ କାମ, ବୁଟିକ୍ ଛାପା କାମ, ଗୁଆ କାମ, କଂସା ଓ ପିତ୍ତଳ କାମ, ବେତ କାମ, ମାଟି କଣ୍ଢେଇ, କପଡ଼ା ଫୁଲ, କପଡ଼ା ତାଳିପକା କାମ, କପଡ଼ା କଣ୍ଢେଇ, ନଡ଼ିଆ ଖଡ଼େଇ କାମ, କତା ହସ୍ତଶିଳ୍ପ, ଢୋକ୍ରା କାମ, ସୂଚୀ କାମ, କାଇଁଚ କାମ, ଗୋପା କାମ, ଦରି ଓ ସତରଞ୍ଜି କାମ, ହସ୍ତ ନିର୍ମିତ ଅଳଙ୍କାର, ଶିଙ୍ଗ କାମ, ଜୟଖାଡ଼ି କାମ, ଝୋଟ ନିର୍ମିତ ହସ୍ତଶିଳ୍ପ, କିଆପତ୍ରରୁ ପ୍ରସ୍ତୁତ ହସ୍ତଶିଳ୍ପ, ଲାଖ କାମ, ପ୍ରାକୃତିକ ତନ୍ତୁ ନିର୍ମିତ ହସ୍ତଶିଳ୍ପ (ନାଳିଆ ଘାସ, ସିସଲ ଘାସ, ହେଂସୁଆତି), ଧାନରୁ ତିଆରି ହସ୍ତଶିଳ୍ପ, ଡଙ୍ଗରିଆ କନ୍ଧ ଚିତ୍ରକଳା, ଗଣ୍ଡ ଚିତ୍ରକଳା, ଜୁଆଙ୍ଗ ଚିତ୍ରକଳା, କୋହ୍ଲ ଚିତ୍ରକଳା, କୁଟିଆ କନ୍ଧ ଚିତ୍ରକଳା, ଲାଞ୍ଜିଆ ସଉରା ଚିତ୍ରକଳା, ଓରାଉଁ ଚିତ୍ରକଳା, ସାନ୍ତାଳ ଚିତ୍ରକଳା, ସଉରା ଚିତ୍ରକଳା, ତାଳପତ୍ର ତିଆରି ସାଜସଜ୍ଜା ଜିନିଷ, ତାଳପତ୍ର ଖୋଦେଇ, କାଗଜ ମୁଖା, ପଟ୍ଟଚିତ୍ର, ଗଛମୂଳରୁ ତିଆରି ହସ୍ତଶିଳ୍ପ, ସବାଇ ଘାସ କାମ, ଶଙ୍ଖ ଶାମୁକା କାମ, ରୁପା ତାରକସି କାମ, ସୋଲ କାମ, ପଥର ଖୋଦେଇ, ଛଣରୁ ତିଆରି ହସ୍ତଶିଳ୍ପ, ଟେରାକୋଟା ଏବଂ ମାଟିପାତ୍ର କାମ, ଯାତ୍ରା ପୋଷାକ, ଆଦିବାସୀ ଅଳଙ୍କାର, ଡୁମ୍ଭା କାମ, କାଠ ଖୋଦେଇ, ଚିତ୍ରିତ କାଠ କଣ୍ଢେଇ ଏବଂ ଲୌହ ଧାତୁ ନିର୍ମିତ ହସ୍ତଶିଳ୍ପ। ରାଜ୍ୟ ସରକାର ଏହି ଅନୁମୋଦିତ ହସ୍ତଶିଳ୍ପଗୁଡ଼ିକର ବିକାଶ ପାଇଁ ବିଶେଷ ଧ୍ୟାନଦେବା ସହ ଏଥିରେ କାର୍ଯ୍ୟରତ କାରିଗରମାନଙ୍କୁ ନିୟମାନୁଯାୟୀ ଆବଶ୍ୟକ ସହାୟତା ଯୋଗାଇ ଦେବେ। ବିଭାଗୀୟ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଏହି ଅନୁମୋଦନ ପାଇଁ ସୁପାରିସ କରିଥିବା ବେଳେ ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ ପ୍ରସ୍ତାବ ରଖିଥିଲେ।

**TPCODL**

**ଟିପି ସେଣ୍ଟ୍ରାଲ ଓଡ଼ିଶା**
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

**ନୋଟିସ୍ : ଟିପିସିଓଡିଏଲରେ ଆଇଟି ସିଷ୍ଟମ ଉନ୍ନତୀକରଣ**

କାର୍ଯ୍ୟଦକ୍ଷତା ଓ ସେବାର ଭରସାଯୋଗ୍ୟତା ବୃଦ୍ଧି ପାଇଁ ଜାରି ରହିଥିବା ଆମର ନିରନ୍ତର ଉଦ୍ୟମ କ୍ରମେ ଟିପିସିଓଡିଏଲ ଆସନ୍ତା ୧୦ ନଭେମ୍ବର ୨୦୨୪ ଠାରୁ ନିଜର ଆଇଟି ସିଷ୍ଟମର ଉନ୍ନତୀକରଣ କରିବ ।

ଏହି ଉନ୍ନତୀକରଣ ସମୟରେ ଆମର ବିଭିନ୍ନ ଉପଭୋକ୍ତା ସେବା ଯେପରିକି କଲ୍ ସେଣ୍ଟର, ଅନଲାଇନ ଦେୟସଂଗ୍ରହ, କାଉଣ୍ଟର ଦେୟସଂଗ୍ରହ, ନୂଆ ସଂଯୋଗ ଆବେଦନ, ୱେବସାଇଟ୍ ଓ ମିତ୍ର ଆପ୍ ଆଦିରେ ସାମୟିକ ଧୀମାବସ୍ଥା ବା ବିଳମ୍ବିତ ଉତ୍ତର ଦେଖାଯାଇପାରେ । ଏସବୁ ବ୍ୟାଘାତକୁ ଯଥାସମ୍ଭବ କମ କରିବାକୁ ଆମେ ଉଦ୍ୟମ କରୁଛୁ ଓ ୧୬ ନଭେମ୍ବର ୨୦୨୪ ସୁଦ୍ଧା ସଂପୂର୍ଣ୍ଣ ସେବା ପର୍ଯ୍ୟାୟକ୍ରମେ ସ୍ୱାଭାବିକ ହୋଇଯିବ ।

ଆମେ ଆପଣଙ୍କ ଧୈର୍ଯ୍ୟ ଏବଂ ସହଯୋଗ କାମନା କରୁଛୁ କାରଣ ଆମେ ଅଧିକ ଭରସାଯୋଗ୍ୟ ସେବା ଅନୁଭୂତି ପାଇଁ ଆମର ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରୁଛୁ।



ଭଗବତ୍ ପ୍ରେମର ଅବ୍ୟବହିତ ନିମ୍ନ ଦେଶରେ ରହିଛି ମଣିଷ ଭିତରେ ଭଗବାନଙ୍କୁ ଭଲ ପାଇବା। ଏଠାରେ ହିଁ ଲାଭ ହୁଏ ବହୁତ୍ୱର ଆନନ୍ଦ। ... ଭଗବତ ପ୍ରେମ ଓ ସର୍ବଭୂତରେ ଦୟାଭାବ ହେଲା ପୂର୍ଣ୍ଣଜ୍ଞାନର ପ୍ରଥମ ସୋପାନ। -ଶ୍ରୀଅରବିନ୍ଦ



# ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କ୍ୟାବିନେଟ୍ ସଚିବ ଟି.ଭି. ସୋମନାଥନ୍ ଡେମି-ଅଫିସିଆଲ(ଡିଓ) ଚିଠି ପଠାଇବାର ଅନେକ ଦଶନ୍ଧିର ପୁରୁଣା ଅଭ୍ୟାସକୁ ଉଜାଗର କରିଛନ୍ତି। ବାବୁ ସାମ୍ରାଜ୍ୟର ଆଭ୍ୟନ୍ତରୀଣ କାର୍ଯ୍ୟ ସହ ଜଡ଼ିତ ଥିବା ଭାରତୀୟମାନେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମନେକରନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ)କୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଅପଡେଟ ରଖିବାକୁ ସଚିବମାନଙ୍କ ପାଇଁ ୧୯୬୪ ମସିହାରେ ଏକ ସ୍ୱଚ୍ଛ, ମହତ୍ତ୍ୱପୂର୍ଣ୍ଣ ବ୍ୟବସ୍ଥା ରୂପେ ଏହା ଆରମ୍ଭ କରାଯାଇଥିଲା ଏବଂ ସମୟକ୍ରମେ ଅମଲାତାନ୍ତ୍ରିକ ପରମ୍ପରା ଭାବେ ରହିଆସିଛି। ବିଶେଷକରି ସଂକ୍ଷିପ୍ତ ଓ ବ୍ୟକ୍ତିଗତ ଟିପ୍ପଣୀର ଏହି ଚିଠିଗୁଡ଼ିକ ପ୍ରମୁଖ ବିଷୟଗୁଡ଼ିକୁ ସାମ୍ନାକୁ ଆଣିବା ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ଏବେ ସେଗୁଡ଼ିକ ଲମ୍ବା ଓ ଅନାବଶ୍ୟକ ସୂଚନା ସହ ବହୁତ ବଡ଼ ହୋଇଯାଇଛି। କୌଣସି ଦୂରଦୃଷ୍ଟି ନ ରହି ଚିଠିଗୁଡ଼ିକ କେବଳ ତଥ୍ୟର ସଂକଳନ ହୋଇଗଲା। ଫଳରେ ଯାହା ହାସଲ କରିବାକୁ ଚାହୁଁଥିଲେ ତାହାର ମହତ୍ତ୍ୱ ରହିଲା ନାହିଁ। ଏହାକୁ ଲକ୍ଷ୍ୟକରି ବଡ଼ ମାସିକ ରିପୋର୍ଟ ପ୍ରସ୍ତୁତ ନ କରିବାକୁ ସୋମନାଥନ୍ ତାଙ୍କ ସଦ୍ୟତମ ଚିଠିରେ କହିଛନ୍ତି। ଏହାସହ ଚିଠିର ଉଦ୍ଦେଶ୍ୟକୁ ଫେରିବାକୁ ସେ ସଚିବମାନଙ୍କୁ ଅନୁରୋଧ କରିଛନ୍ତି, ଯାହା ପ୍ରକୃତ ସଂକ୍ଷିପ୍ତ ତଥା ମହତ୍ତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ ପାଇଁ ଉଦ୍ଦିଷ୍ଟ। ରିପୋର୍ଟ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ପୃଷ୍ଠା ହେବ ଏବଂ ଏହା ନୀତିରେ ଥିବା ବାଧା, ଗୁରୁତ୍ୱପୂର୍ଣ୍ଣ ବିଚାରାଧୀନ ପ୍ରସ୍ତାବ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଧ୍ୟାନ ଦେଉଥିବ। କେବଳ ଲେଖା କମାଇବା ଉଦ୍ଦେଶ୍ୟ ନୁହେଁ ବରଂ ପ୍ରଭାବଶାଳୀ ଯୋଗାଯୋଗ ଏବଂ କାର୍ଯ୍ୟକ୍ଷମତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଦେଖିବାକୁ ଗଲେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ଅଧିକ ପ୍ରତିକ୍ରିୟାଶୀଳ ଏବଂ ପ୍ରଭାବଶାଳୀ ଅମଲାତନ୍ତ୍ର ପାଇଁ ଉଦ୍ଦିଷ୍ଟ।

### ନିଜସ୍ୱ କ୍ୟାଡର ଦାବି

ଗୋଆ ପାଇଁ ନିଜର ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍ଏସ୍ କ୍ୟାଡର ରହିବା ପାଇଁ ଗୋଆ ଫର୍ୱାର୍ଡ ପାର୍ଟି (ଜିଏଫ୍ପି) ଅଧ୍ୟକ୍ଷ ବିଜୟୀ ସର୍ଦ୍ଦେଶାଇ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି। ତାଙ୍କ ମତରେ ବାହାରର ଅଧିକାରୀମାନଙ୍କ ତୁଳନାରେ ସ୍ଥାନୀୟ ଅଧିକାରୀମାନେ ଗୋଆର ଆବଶ୍ୟକତା, ସଂସ୍କୃତି ଏବଂ ଆହ୍ୱାନଗୁଡ଼ିକୁ ଭଲ ଭାବେ ବୁଝିଥାଆନ୍ତି। ସେମାନେ ରାଜ୍ୟର ବିକାଶରେ ଅଧିକ ଜଡ଼ିତ ହେବା ସହ ଲୋକଙ୍କ ସଙ୍ଗେ ମିଳିମିଶି ଅଧିକ କାମ କରନ୍ତି। ସର୍ଦ୍ଦେଶାଇ ଗୋଆର ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କୁ ଦେଇଥିବା ଚିଠିରେ ତାଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ଆଲୋଚନା କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଯେତେବେଳେ ଅଧିକାରୀମାନେ ସ୍ୱଳ୍ପ ସମୟ ପାଇଁ ଆସନ୍ତି, ସେମାନେ ଉପରଠାଉରିଆ ଭାବେ କାମ କରନ୍ତି । ସେମାନେ ଲୋକଙ୍କଠାରୁ ଦୂରେଇ ରହନ୍ତି। ଏଭଳି ବିଚ୍ଛିନ୍ନତା ଯୋଗୁ ବିଶ୍ୱାସର ଅଭାବ ଦେଖାଦିଏ। କେତେଜଣ ଅଧିକାରୀ ମଧ୍ୟ ଅହଂକାରୀ କିମ୍ବା ଉଦାସୀନ ଏବଂ ଅନ୍ୟମାନେ ବିଶେଷକରି ପୋଷ୍ଟିଂ ବିଷୟରେ ଚିନ୍ତିତ ରହିଥାନ୍ତି ଏବଂ ଗୋଆକୁ ଲାଭ ଦେବା ଭଳି ଦୃଢ଼ ନିଷ୍ପତ୍ତି ନେବାରୁ ବିରତ ରହନ୍ତି । ସର୍ଦ୍ଦେଶାଇଙ୍କ ଚିଠି ଆମକୁ ମନେପକାଇଦେଇଛି ଯେ ଗୋଆ ପୂର୍ବରୁ ନିଜସ୍ୱ କ୍ୟାଡର ସୃଷ୍ଟି କରିବାକୁ ଚେଷ୍ଟା କରିଛି, କିନ୍ତୁ ଫଳପ୍ରଦ ହୋଇନାହିଁ। ପୂର୍ବାପେକ୍ଷା ବର୍ତ୍ତମାନ ସମ୍ଭବତଃ ଏହାକୁ ପୁନଃ ଉପସ୍ଥାପନ କରିବାର ଉପଯୁକ୍ତ ସମୟ। ଏକ ଉତ୍ସର୍ଗୀକୃତ ଗୋଆ କ୍ୟାଡର ଶାସନକୁ ଶୃଙ୍ଖଳିତ କରିବା ସହ ପ୍ରଶାସନ ଏବଂ ଜନସାଧାରଣଙ୍କ ମଧ୍ୟରେ ଅଧିକ ଶକ୍ତିଶାଳୀ ସମ୍ପର୍କ ସ୍ଥାପନ କରିପାରିବ ଏବଂ ନିଶ୍ଚିତ କରିପାରିବ ଯେ ଏହିପରି ଅଧିକାରୀମାନେ ରାଜ୍ୟ ତଥା ଏହାର ଲୋକଙ୍କ ପାଇଁ ପ୍ରକୃତରେ ଉତ୍ତରଦାୟୀ।

### ଅମଲାତାନ୍ତ୍ରିକ ତ୍ରୁଟି

ଅସାବଧାନତାରୁ ହେଉ କିମ୍ବା ଅଧିକ କାର୍ଯ୍ୟଭାର ଯୋଗୁ ଅନେକ ସମୟରେ ଅମଲାତାନ୍ତ୍ରିକ ତ୍ରୁଟିଗୁଡ଼ିକ ବାବୁମାନଙ୍କୁ କେବଳ ବ୍ୟକ୍ତିଗତଭାବେ ଲଜ୍ଜିତ କରେନାହିଁ, ବରଂ ସମଗ୍ର ବିଭାଗ ଏବଂ ସରକାରଙ୍କ ତ୍ରୁଟିକୁ ସାମ୍ନାକୁ ଆଣେ। ନିକଟରେ ହରିୟାଣାରେ ହୋଇଥିବା ତ୍ରୁଟି ଏହାର ଏକ ବଡ଼ ଉଦାହରଣ। ୩ ନଭେମ୍ବର ୨୦୨୪ର ଏକ ନିର୍ଦ୍ଦେଶକ୍ରମେ ଚରଖି ଦାଦ୍ରିର ଡେପୁଟି କମିଶନର ଭାବେ ୨ଜଣ ଆଇଏଏସ୍ ଅଧିକାରୀ ମୁନିଶ ଶର୍ମା ଏବଂ ଡ. ଜୟିନ୍ଦର ସିଂ ଛିଲ୍ଲାରଙ୍କୁ ନିଯୁକ୍ତ କରାଯାଇଥିଲା। କହିବାକୁ ଗଲେ ଗୋଟିଏ ଜିଲାରେ ୨ ଜଣ ମୁଖ୍ୟ। କେରଳ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ, ଯାହା ପୂର୍ବରୁ ଏହି ସ୍ତମ୍ଭରେ ରିପୋର୍ଟ କରାଯାଇଥିଲା। ସେହି ସମାନ ଦିନରେ ରାଜ୍ୟ ୨୦୦୫ ବ୍ୟାଚ୍ କେରଳ କ୍ୟାଡରର ଆଇଏଏସ୍ ଅଧିକାରୀ ପ୍ରଣବଜ୍ୟୋତି ନାଥଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ କେନ୍ଦ୍ର ନାଲ୍‌କୋର ମୁଖ୍ୟ ଭିଜିଲାନ୍ସ ଅଫିସର ଭାବରେ ନିଯୁକ୍ତ କରିଥିଲେ। ସେହିଭଳି ୨୦୦୭ ବ୍ୟାଚ୍ ପଞ୍ଜାବ କ୍ୟାଡର ଆଇଏଏସ୍ ଅଧିକାରୀ ଅନିନ୍ଦିତା ମିତ୍ର ପଞ୍ଜାବ କ୍ୟାଡରକୁ ଫେରିବା ପରେ ଚଣ୍ଡିଗଡ଼ ମ୍ୟୁନିସିପାଲ କମିଶନର ଭାବେ ତାଙ୍କ ୩ବର୍ଷର କାର୍ଯ୍ୟକାଳ ଶେଷ ପରେ ଆଉ ୩ ମାସ ବୃଦ୍ଧି କରାଯିବାକୁ ପିଏସି ସ୍ୱୀକୃତି ଦେଇଥିଲେ ମଧ୍ୟ ସେଥିରେ ବ୍ୟତିକ୍ରମ ହୋଇଥିଲା। ବିଗତ ୬ ମାସରୁ ଅଧିକ ସମୟ ମଧ୍ୟରେ ଏଭଳି ପ୍ରଶାସନିକ ତ୍ରୁଟିର ଲମ୍ବା ତାଲିକା ଦର୍ଶାଉଛି ଯେ, ଅସାବଧାନତା ଏହା ପଛର ଏକ କାରଣ । ଏବେ ହୁଏତ କାର୍ଯ୍ୟଭାର କମାଇବାକୁ ହେବ କିମ୍ବା ସର୍ବସାଧାରଣରେ ଘୋଷଣା କରିବା ପୂର୍ବରୁ ଅତି କମ୍‌ରେ ୨ଥର ଯାଞ୍ଚ କରିବାକୁ ପଡ଼ିବ। ମଣିଷ ମାତ୍ରକେ ଭୁଲ୍ ଅଛି, କିନ୍ତୁ ବିଶ୍ୱାସ ବଜାୟ ରଖିବାକୁ ହେଲେ ତାହାକୁ କମ୍ କରିବାକୁ ହେବ।

Email: dilipcherian@gmail.com

# ରତନ ଟାଟାଙ୍କ ବ୍ୟକ୍ତିତ୍ୱ ଅନେକ ପିଢ଼ି ପାଇଁ ପ୍ରେରଣା



ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

ରତନ ଟାଟା ଆମକୁ ଛାଡ଼ି ଚାଲିଯିବାର ଗୋଟିଏ ମାସ ବିତିଗଲାଣି। କୋଳାହଳପୂର୍ଣ୍ଣ ମହାନଗର ଓ ଛୋଟ ସହରଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ, ତାଙ୍କର ଅନୁପସ୍ଥିତି ସମାଜର ପ୍ରତ୍ୟେକ ସ୍ତରରେ ଅନୁଭୂତ ହେଉଛି। ବିଶିଷ୍ଟ ଶିଳ୍ପପତି, ଯୁବ ଉଦ୍ୟୋଗୀ ଏବଂ କଠିନ ପରିଶ୍ରମ କରୁଥିବା ପେସାଦାରମାନେ ତାଙ୍କ ବିୟୋଗରେ ଶୋକାଭିଭୂତ ହୋଇ ପରିବେଶକୁ ନେଇ ଯତ୍ନଶୀଳ ଏବଂ ଦାନ ପୁଣ୍ୟରେ ଆଗ୍ରହୀ ଥିବା ଲୋକମାନେ ମଧ୍ୟ ଅନୁରୂପ ଭାବେ ଦୁଃଖିତ। ତାଙ୍କର ଅନୁପସ୍ଥିତି କେବଳ ଦେଶରେ ନୁହେଁ ବରଂ ସାରା ବିଶ୍ୱରେ ଗଭୀର ଭାବେ ଅନୁଭୂତ ହେଉଛି।

ଯୁବପିଢ଼ିଙ୍କ ପାଇଁ ରତନ ନାନା ଏକ ପ୍ରେରଣା ଥିଲେ। ସ୍ୱପ୍ନକୁ ସାକାର କରିବା ସମ୍ଭବ ଏବଂ କରୁଣା ଓ ବିନମ୍ରତାର ସହ ସଫଳତା ହାସଲ କରାଯାଇପାରିବ, ଏହା ସେ ଶିଖାଇଥିଲେ। ଅନ୍ୟମାନଙ୍କ ପାଇଁ ସେ ଭାରତୀୟ ଉଦ୍ୟୋଗ ଜଗତର ଶ୍ରେଷ୍ଠ ପରମ୍ପରାକୁ ପ୍ରତିନିଧିତ୍ୱ କରୁଥିଲେ। ସଚ୍ଚୋଟତା, ଉତ୍କର୍ଷ ଏବଂ ସେବା ମୂଲ୍ୟବୋଧ ପ୍ରତି ତାଙ୍କର ଦୃଢ଼ ପ୍ରତିବଦ୍ଧତା ପାଇଁ ସେ ପରିଚିତ। ତାଙ୍କ ନେତୃତ୍ୱରେ, ଟାଟା ଗ୍ରୁପ ନୂଆ ଉଚ୍ଚତା ଛୁଇଁଥିଲା ଏବଂ ସାରା ବିଶ୍ୱରେ ସମ୍ମାନ, ସଚ୍ଚୋଟତା ଓ ବିଶ୍ୱସନୀୟତାର ପ୍ରତୀକ ପାଲଟିଥିଲା। ଏହା ସତ୍ତ୍ୱେ ସେ ବିନମ୍ରତା ଓ ଉଦାରତା ସହିତ ନିଜର ସଫଳତାକୁ ଅତି ହାଲୁକା ଭାବେ ନେଇଥିଲେ।

ଅନ୍ୟମାନଙ୍କ ସ୍ୱପ୍ନ ପ୍ରତି ରତନ ଟାଟାଙ୍କ ଅତୁଟ ସମର୍ଥନ ତାଙ୍କର ସବୁଠୁ ଶ୍ରେଷ୍ଠ ଗୁଣ ଥିଲା। ଗତ କିଛିବର୍ଷ ମଧ୍ୟରେ ସେ ଭାରତୀୟ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ମାର୍ଗଦର୍ଶନ କରିଥିଲେ ଏବଂ ଅନେକ ସମ୍ଭାବନାପୂର୍ଣ୍ଣ ଉପକ୍ରମରେ ନିବେଶ କରିଥିଲେ। ସେ ଯୁବ ଉଦ୍ୟୋଗୀଙ୍କ ଆଶା ଓ ଆକାଂକ୍ଷାକୁ ବୁଝିଥିଲେ ଏବଂ ଭାରତର ଭବିଷ୍ୟତକୁ ଆକାର ଦେବାରେ ସେମାନଙ୍କର କ୍ଷମତାକୁ ଜାଣିପାରିଥିଲେ। ସେମାନଙ୍କ ପ୍ରୟାସକୁ ସମର୍ଥନ କରି ସେ ସ୍ୱପ୍ନ ଦେଖୁଥିବା ନୂଆ ପିଢ଼ିକୁ ସାହସିକ ପଦକ୍ଷେପ ନେବା ଏବଂ ଚିରାଚରିତ ସୀମାଠାରୁ ଆଗକୁ ବଢ଼ିବା ପାଇଁ ସଶକ୍ତ କରିଥିଲେ। ତାଙ୍କର ସମର୍ଥନ ନବସୃଜନ ଓ ଉଦ୍ୟମିତାର ସଂସ୍କୃତି ଗଢ଼ିବାରେ ଏକ ଲମ୍ବା ରାସ୍ତା ନିର୍ଦ୍ଧାରଣ କରିସାରିଛି। ଆଗାମୀ ଦଶନ୍ଧିରେ ଭାରତ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ମୋର ବିଶ୍ୱାସ ରହିଛି।

ସେ କ୍ରମାଗତ ଭାବରେ ଉତ୍କର୍ଷତାକୁ ସମର୍ଥନ କରିଥିଲେ ଏବଂ ଭାରତୀୟ ଉଦ୍ୟୋଗଗୁଡ଼ିକୁ ବିଶ୍ୱସ୍ତରୀୟ ମାନଦଣ୍ଡରେ ସ୍ଥାପିତ କରିବାକୁ ଅନୁରୋଧ କରୁଥିଲେ। ମୁଁ ଆଶା କରୁଛି, ଏହି ଦୃଷ୍ଟିକୋଣ ଆମର ଭବିଷ୍ୟତର ନେତାମାନଙ୍କୁ ଭାରତକୁ ବିଶ୍ୱସ୍ତରୀୟ ଗୁଣବତ୍ତାର ସମକକ୍ଷ କରିବା ପାଇଁ ପ୍ରେରଣା ଯୋଗାଇବ।

କେବଳ ବୋର୍ଡ ରୁମ୍ କିମ୍ବା ସାଥୀ ମଣିଷଙ୍କୁ ସାହାଯ୍ୟ କରିବାରେ ତାଙ୍କର ମହାନତା ସୀମିତ ନ ଥିଲା। ତାଙ୍କର କରୁଣାଭାବ ସମସ୍ତ ଜୀବଜଗତଙ୍କ ପାଇଁ ବିସ୍ତାରିତ ହୋଇଥିଲା। ପ୍ରାଣୀମାନଙ୍କ ପ୍ରତି ତାଙ୍କର ଗଭୀର ଭଲପାଇବା ବିଷୟରେ ସମସ୍ତେ ଜାଣନ୍ତି ଏବଂ ପ୍ରାଣୀଙ୍କ କଲ୍ୟାଣ ଉପରେ କେନ୍ଦ୍ରିତ ପ୍ରତ୍ୟେକ ସମ୍ଭାବ୍ୟ ପ୍ରୟାସକୁ ସେ ସମର୍ଥନ କରିଥିଲେ । ସେ ପ୍ରାୟତଃ ତାଙ୍କ ପୋଷା କୁକୁରଙ୍କର ଫଟୋ ଶେୟାର କରନ୍ତି, ଯେଉଁମାନେ ଯେକୌଣସି ବ୍ୟବସାୟିକ ଉଦ୍ୟୋଗ ପରି ତାଙ୍କ ଜୀବନର ଏକ ଅଂଶ ଥିଲେ। ପ୍ରକୃତ ନେତୃତ୍ୱ କେବଳ କାହାର ସଫଳତା ଦ୍ୱାରା ନୁହେଁ, ବରଂ ସବୁଠାରୁ ଦୁର୍ବଳ ଲୋକଙ୍କ ପ୍ରତି ଧ୍ୟାନଦେବାର ଦକ୍ଷତା ଆଧାରରେ ମାପ କରାଯାଇଥାଏ, ତାଙ୍କ ଜୀବନ ଆମ ସମସ୍ତଙ୍କୁ ଏହି ଶିକ୍ଷା ଦେଇଥିଲା।

କୋଟି କୋଟି ଭାରତୀୟଙ୍କ ପାଇଁ ରତନ ଟାଟାଙ୍କ ଦେଶପ୍ରେମ ସଙ୍କଟ ସମୟରେ ଉଜ୍ଜ୍ୱଳ ହୋଇ ଉଠିଥିଲା। ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମୟରେ ସେ ତୁରନ୍ତ ମୁମ୍ବାଇର ତାଜ ହୋଟେଲ ଖୋଲିଥିଲେ। ଦେଶ ଆଗରେ ରହିଥିବା ଆହ୍ୱାନର ସେ ଦୃଢ଼ ଜବାବ ଦେଇଥିଲେ। ଭାରତ ଆତଙ୍କବାଦ ଆଗରେ ମୁଣ୍ଡ ନୁଆଁଇଲା ନାହିଁ, ନିଜର ଏକତା ଶକ୍ତି ପ୍ରଦର୍ଶନ କଲା।

ବ୍ୟକ୍ତିଗତ ଦୃଷ୍ଟିକୋଣରୁ କହିବାକୁ ଗଲେ, ବର୍ଷ ବର୍ଷ ଧରି ତାଙ୍କୁ ଅତି ନିକଟରୁ ଜାଣିବାର ସୌଭାଗ୍ୟ ମୁଁ ପାଇଥିଲି। ଆମେ ଗୁଜରାଟରେ ଘନିଷ୍ଠ ଭାବରେ କାମ କରିଥିଲୁ, ଯେଉଁଠାରେ ସେ ବ୍ୟାପକ ପୁଞ୍ଜିନିବେଶ କରିଥିଲେ ଏବଂ ଅନେକ ପ୍ରକଳ୍ପକୁ ନେଇ ସେ ବହୁତ ଉତ୍ସାହୀ ଥିଲେ। କିଛି ସପ୍ତାହ ତଳେ, ମୁଁ ସ୍ପେନ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜଙ୍କ ସହ ଭଦୋଦରାରେ ଥିଲି ଏବଂ ଆମେ ମିଳିତ ଭାବେ ଏକ ବିମାନ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଥିଲୁ । ଏହି ସ୍ଥାନରେ ହିଁ ପ୍ରଥମ ଥର ପାଇଁ ଭାରତରେ ସି-୨୯୫ ବିମାନ ନିର୍ମିତ ହେବ । ରତନ ଟାଟା ହିଁ ଏହା ଉପରେ କାମ ଆରମ୍ଭ କରିଥିଲେ । କହିବା ବାହୁଲ୍ୟ ଯେ ରତନ ଟାଟାଙ୍କ ଅନୁପସ୍ଥିତି ଏଠାରେ ଖୁବ୍ ଗଭୀର ଭାବେ ଅନୁଭୂତ ହୋଇଥିଲା।

ନିୟମିତ ଭାବେ ଚିଠି ଲେଖୁଥିବା ଜଣେ ବ୍ୟକ୍ତି ଭାବେ ମୁଁ ରତନ ଟାଟାଙ୍କୁ ସ୍ମରଣ କରୁଛି। କେବେ ଶାସନ ପ୍ରସଙ୍ଗରେ ହେଉ କିମ୍ବା ସରକାରୀ ସହାୟତାକୁ ପ୍ରଶଂସା କରି ହେଉ ଅଥବା ନିର୍ବାଚନ ବିଜୟ ପରେ ଅଭିନନ୍ଦନ ଜଣାଇବା ହେଉ, ସେ ମୋତେ ବିଭିନ୍ନ ପ୍ରସଙ୍ଗରେ ନିୟମିତ ଚିଠି ଲେଖୁଥିଲେ।

ମୁଁ କେନ୍ଦ୍ରକୁ ଆସିବା ପରେ ଆମର ଘନିଷ୍ଠ ସମ୍ପର୍କ ଜାରି ରହିଲା ଏବଂ ସେ ଆମ ରାଷ୍ଟ୍ର ନିର୍ମାଣ ପ୍ରୟାସରେ ଜଣେ ପ୍ରତିଶ୍ରୁତିବଦ୍ଧ ଅଂଶୀଦାର ଥିଲେ। ବିଶେଷ କରି, ସ୍ୱଚ୍ଛ ଭାରତ ମିଶନ ପାଇଁ ରତନଙ୍କ ସମର୍ଥନ ମୋ ହୃଦୟର ଅତି ନିକଟତର ଥିଲା।

ଭାରତର ପ୍ରଗତି ପାଇଁ ସ୍ୱଚ୍ଛତା, ପରିଚ୍ଛନ୍ନତା ଏବଂ ପରିମଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରି ସେ ଏହି ଜନ ଆନ୍ଦୋଳନର ଜଣେ ଦୃଢ଼ ସମର୍ଥକ ଥିଲେ। ଅକ୍ଟୋବର ଆରମ୍ଭରେ ସ୍ୱଚ୍ଛ ଭାରତ ମିଶନର ଦଶମ ବାର୍ଷିକୀ ଅବସରରେ ତାଙ୍କ ହୃଦୟସ୍ପର୍ଶୀ ଭିଡିଓ ବାର୍ତ୍ତା ମୋର ଆଜି ବି ମନେଅଛି। ଏଥିରେ ଶେଷଥର ପାଇଁ ସେ ସର୍ବସମ୍ମୁଖକୁ ଆସିଥିଲେ।

ଆଉ ଏକ ମହତ୍ କାର୍ଯ୍ୟ ତାଙ୍କ ହୃଦୟର ନିକଟତର ଥିଲା, ତାହା ହେଉଛି ସ୍ୱାସ୍ଥ୍ୟସେବା। ବିଶେଷକରି କର୍କଟବିରୋଧୀ ସଂଗ୍ରାମରେ ଯୋଗଦାନ ପାଇଁ ସେ ସବୁଦିନ ସ୍ମରଣୀୟ ହୋଇରହିବେ। ମୋର ମନେଅଛି, ଦୁଇବର୍ଷ ପୂର୍ବେ ଆସାମରେ ହୋଇଥିବା କାର୍ଯ୍ୟକ୍ରମ, ଯେଉଁଠାରେ ଆମେ ମିଳିତ ଭାବେ ରାଜ୍ୟର ଏକାଧିକ କର୍କଟ ଚିକିତ୍ସାଳୟକୁ ଉଦ୍‌ଘାଟନ କରିଥିଲୁ । ସେହି ସମୟରେ ସେ ତାଙ୍କ ବକ୍ତବ୍ୟରେ ସ୍ପଷ୍ଟ ଭାବେ କହିଥିଲେ, ସେ ତାଙ୍କର ଶେଷ ବର୍ଷଗୁଡ଼ିକୁ ସ୍ୱାସ୍ଥ୍ୟସେବା ପାଇଁ ଉତ୍ସର୍ଗ କରିବାକୁ ଚାହୁଁଛନ୍ତି। ସ୍ୱାସ୍ଥ୍ୟସେବା ଓ କର୍କଟ ଚିକିତ୍ସାକୁ ଶସ୍ତା ଓ ସୁଲଭ କରିବା ପାଇଁ ତାଙ୍କର ପ୍ରୟାସ ପଛରେ ମୂଳ ଉଦ୍ଦେଶ୍ୟ ଥିଲା- ରୋଗ ସହ ଲଢୁଥିବା ଲୋକଙ୍କ ପ୍ରତି ଗଭୀର ସହାନୁଭୂତି ପ୍ରଦର୍ଶନ କରିବା। ସବୁଠାରୁ ଅସୁରକ୍ଷିତ ଲୋକଙ୍କ ସହ ଛିଡ଼ା ହୋଇଥିବା ସମାଜ ହିଁ ପ୍ରକୃତରେ ନ୍ୟାୟପୂର୍ଣ୍ଣ ସମାଜ ବୋଲି ସେ ବିଶ୍ୱାସ କରୁଥିଲେ।

ଆଜି ଆମେ ଯେତେବେଳେ ତାଙ୍କୁ ସ୍ମରଣ କରୁଛୁ, ତାଙ୍କ ପରିକଳ୍ପିତ ସମାଜ କଥା ଆମ ମନକୁ ଆସୁଛି, ଯେଉଁଠି ବ୍ୟବସାୟକୁ କଲ୍ୟାଣର ଶକ୍ତି ରୂପେ ବିନିଯୋଗ କରିହେବ, ପ୍ରତ୍ୟେକ ବ୍ୟକ୍ତିର ସମ୍ଭାବନାକୁ ଗୁରୁତ୍ୱ ମିଳୁଥିବ ଏବଂ ସମସ୍ତଙ୍କ କଲ୍ୟାଣ ଓ ଖୁସିର ମାପଦଣ୍ଡ ଆଧାରରେ ପ୍ରଗତିକୁ ମାପିବା ସମ୍ଭବ ହୋଇପାରିବ। ତାଙ୍କ ସଂସ୍ପର୍ଶରେ ଆସିଥିବା ଅଗଣିତ ଲୋକଙ୍କ ଜୀବନରେ ଏବଂ ତାଙ୍କ ଦ୍ୱାରା ପ୍ରୋତ୍ସାହିତ ଅନେକ ସ୍ୱପ୍ନରେ ସେ ସବୁବେଳେ ଜୀବନ୍ତ ରହିବେ। ଭାରତକୁ ଅଧିକ ଉନ୍ନତ, ଦୟାପୂର୍ଣ୍ଣ ଏବଂ ଆଶାବାଦୀ ସ୍ଥାନରେ ପରିଣତ କରିଥିବାରୁ ଅନେକ ପିଢ଼ି ତାଙ୍କ ନିକଟରେ କୃତଜ୍ଞ ହୋଇ ରହିବେ।

# ପଦ ମର୍ଯ୍ୟାଦା



ଯଦୁମଣି ପାଣିଗ୍ରାହୀ

ଆଜିର ସମୟରେ ବିଭିନ୍ନ ପଦପଦବୀରେ ଆସୀନ ବ୍ୟକ୍ତିବିଶେଷ ସେହି ପଦର ମର୍ଯ୍ୟାଦା ରକ୍ଷା କରିବା ପ୍ରତି ଆଦୌ ସଚେତନ କିମ୍ବା ଯତ୍ନବାନ୍ ହେଉ ନ ଥିବା ଦେଖିବାକୁ ମିଳୁଛି। ଯାହାଫଳରେ ସେମାନେ ସାଧାରଣରେ ସମ୍ମାନ ହରାଇବା ସହିତ ସେମାନଙ୍କର ଅଜ୍ଞତା ଓ ଅପରିପକ୍ୱତାର ପରିଚୟ ଦେଉଛନ୍ତି। ପଦପଦବୀର ମର୍ଯ୍ୟାଦା ରକ୍ଷା କରିବାକୁ ହେଲେ ପ୍ରଥମେ ବ୍ୟକ୍ତି ଯେଉଁ ପଦବୀରେ ନିୟୋଜିତ ଅଛନ୍ତି, ସେଥିପ୍ରତି ସଚେତନ ଓ ସମର୍ପିତ ହେବାକୁ ପଡ଼ିବ। ସେହି ଅନୁସାରେ ସେମାନଙ୍କ ଭିତରେ ସେତିକି ଦାୟିତ୍ୱବୋଧ ଓ କର୍ତ୍ତବ୍ୟନିଷ୍ଠା ସଦାସର୍ବଦା ଜାଗ୍ରତ ହୋଇ ରହିବ। ଆଉ ସେଥିପାଇଁ ଆପଣାର ସ୍ୱଭାବ ଓ ଆଚରଣକୁ ସେତିକି ମାର୍ଜିତ, ଶୃଙ୍ଖଳିତ ଓ ରୁଚିସମ୍ପନ୍ନ କରିବାକୁ ପଡ଼ିବ। ପରିବାରର ମୁରବି କି ଗାଁର ମୁଖିଆ ପଦ ମୁଣ୍ଡାଇଥିବା ବ୍ୟକ୍ତି ଧୈର୍ଯ୍ୟବାନ୍, ସ୍ୱାଭିମାନୀ, ସହନଶୀଳ ତଥା ଆତ୍ମସଂଯମୀ ନ ହେଲେ ଆପଣାର ସମ୍ମାନ ଓ ଗୁରୁତ୍ୱ ହରାଇ ବସିଥାନ୍ତି। ତେଣୁ ସବୁ ବ୍ୟକ୍ତିଙ୍କ ଲାଗି ସବୁ ପଦ ପଦବୀ ଯୋଗ୍ୟ କି ଶୋଭନୀୟ ହୋଇ ନ ଥାଏ। ଭାଗ୍ୟ ବଳରେ ହେଉ ଅଥବା ଶିକ୍ଷାଦୀକ୍ଷା, ପରିଶ୍ରମ ଓ ଅଧ୍ୟବସାୟ ବଳରେ ହେଉ ଆଜିକାଲି ଯେଉଁମାନେ ସରକାରୀ ଚାକିରି ଖଣ୍ଡେ ପାଇଗଲେ, ସେମାନଙ୍କର ବ୍ୟବହାର, ଚାଲିଚଳନ ଓ କଥାବାର୍ତ୍ତା ସବୁକିଛି ବଦଳି ଯାଉଛି। ସେମାନେ ସେମାନଙ୍କର ପଦ ପଦବୀର ମର୍ଯ୍ୟାଦାକୁ ପାଦରେ ଦଳିମକଚି ନଷ୍ଟ କରି ଦେଇ ବିଭିନ୍ନ ଦୁର୍ନୀତି ଓ ବେନିୟମ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ପଦପଦବୀ ଓ କ୍ଷମତାର ଅପବ୍ୟବହାର କରି ଅର୍ଥ ଉପାର୍ଜନ କରୁଛନ୍ତି। ସେହିପରି ଯେଉଁମାନେ ଆଉ ଟିକେ ଅଧିକ ଉଚ୍ଚ ପଦପଦବୀରେ ଆସୀନ ହେଉଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ମଣିଷଙ୍କୁ ଆଉ ମଣିଷ ବୋଲି ବିବେଚନା କରୁ ନାହାନ୍ତି। ବିଡ଼ମ୍ବନା ହେଉଛି, ସାଧାରଣ ଲୋକଙ୍କ ସେବାରେ ଏମାନେ ନିୟୋଜିତ ଅଛନ୍ତି ଏବଂ ସେମାନଙ୍କ କର, ଖଜଣା ଅର୍ଥରେ ବେତନ ପାଉଛନ୍ତି । ଅଥଚ ଲୋକଙ୍କୁ ସେବା ଯୋଗାଇ ଦେବା ନାଁରେ ଏମାନେ ଶୋଷଣ, ପକ୍ଷପାତିତା ଓ ପ୍ରିୟାପ୍ରୀତିତୋଷଣ ନୀତିକୁ ଆପଣାଇ ଏମାନଙ୍କ ପଦପଦବୀର ମର୍ଯ୍ୟାଦା ହାନି ହେବା ଭଳି କାର୍ଯ୍ୟ କରୁଛନ୍ତି। ଏହାର ପରିଣାମ ସ୍ୱରୂପ ଏମାନଙ୍କୁ ଜେଲ, ଜରିମାନା ଦଣ୍ଡ ଭୋଗିବାକୁ ପଡୁଛି। ସାଧାରଣ ଶିକ୍ଷକଟିଏ ହୁଅନ୍ତୁ କି ବିଡିଓ, ତହସିଲଦାର, ଇଞ୍ଜିନିୟର, ଡାକ୍ତର ଓ ପୋଲିସ ବାବୁ ଆଦି ହୁଅନ୍ତୁ ଅଥବା ଜିଲାପାଳ, ଏସ୍‌ପିଙ୍କଠାରୁ ପୁଣି ସଚିବ ଓ ନିର୍ଦ୍ଦେଶକଙ୍କ ଭଳି ପଦପଦସ୍ଥ ପ୍ରଶାସନିକ ଅଧିକାରୀ ହୁଅନ୍ତୁ ସେମାନଙ୍କର ଏକ ସ୍ୱତନ୍ତ୍ର ସମ୍ମାନ ଓ ମର୍ଯ୍ୟାଦା ରହିଛି। ସେମାନଙ୍କଠାରୁ ଏ ସମାଜ ଓ ସାଧାରଣ ଲୋକେ ଅନେକ କିଛି ଆଶା ରଖିଥାନ୍ତି। ଏମାନଙ୍କ ଯୋଗ୍ୟତା, ଦକ୍ଷତା ଉପରେ ସମସ୍ତଙ୍କର ଆସ୍ଥା ଓ ବିଶ୍ୱାସ ରହିଥାଏ। ସେହିପରି ଏମାନଙ୍କ ସାଧୁତା, ସଚ୍ଚୋଟତା ଓ କର୍ତ୍ତବ୍ୟ ପରାୟଣତା ଉପରେ ଲୋକଙ୍କର ଭରସା ରହିଥାଏ। ଏପରିସ୍ଥଳେ ଏମାନେ ଯଦି ଏମାନଙ୍କର ପଦବୀର ମର୍ଯ୍ୟାଦାକୁ ଜଳାଞ୍ଜଳି ଦେଇ ଅସତ୍ ଓ ଅନ୍ୟାୟ ପଥରେ ପଥିକ ହୁଅନ୍ତି, ସାଧାରଣ ଲୋକଙ୍କ ସ୍ୱାର୍ଥ ଓ ସମସ୍ୟା ପ୍ରତି ଧ୍ୟାନ ନ ଦେଇ ସେମାନଙ୍କୁ ଶୋଷଣ କରିବାର ମସୁଧା କରନ୍ତି, ତେବେ ଏଥିଲାଗି ସେମାନଙ୍କୁ ସାମାଜିକ ସ୍ତରରେ କେବଳ ନିନ୍ଦା ଓ ଅପବାଦ ମୁଣ୍ଡାଇବାକୁ



ପଡ଼ିଥାଏ। ସାଧାରଣ ଲୋକେ ଏମାନଙ୍କ ଯୋଗ୍ୟତା ଓ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇବାକୁ ପଛାନ୍ତି ନାହିଁ।

ବର୍ତ୍ତମାନ ସମୟରେ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ଆଚରଣ ଓ କାର୍ଯ୍ୟକଳାପକୁ ନେଇ ସାଧାରଣରେ ବେଶ ଚର୍ଚ୍ଚା ଆଲୋଚନା ହେଉଛି। ସାଧାରଣ ଭୋଟରଙ୍କ ଆଶୀର୍ବାଦରେ ଏମାନେ ପଦପଦବୀର ଅଧିକାରୀ ହେବା ପରେ ଲୋକଙ୍କ ସ୍ୱାର୍ଥ ଓ ସମସ୍ୟାକୁ ଭୁଲି କେବଳ ଆପଣାର ସ୍ୱାର୍ଥ ସାଧନରେ ଲାଗି ପଡୁଛନ୍ତି। ବିଭିନ୍ନ ସମୟରେ ଏମାନଙ୍କ ନାଁରେ ଭିନ୍ନ ଭିନ୍ନ ଅଭିଯୋଗ ଆସୁଛି। କେତେବେଳେ ଏମାନଙ୍କ ନାଁରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ନାରୀ ନିର୍ଯାତନାର ଅଭିଯୋଗ ହେଉଛି ତ କେତେବେଳେ ହତ୍ୟାକାଣ୍ଡରେ ଲିପ୍ତ ରହିବା ଭଳି ଅଭିଯୋଗ ଆଗତ ହେଉଛି। କେବେ ଏମାନେ ସିଧାସଳଖ ଭାବେ ବିଭିନ୍ନ ଆପରାଧିକ କାର୍ଯ୍ୟରେ ଜଡ଼ିତ ରହୁଛନ୍ତି ତ ଆଉ କେବେ ଅପରାଧ ମାନ ଘଟାଇବାକୁ ସମର୍ଥକମାନଙ୍କୁ ପ୍ରରୋଚିତ କରୁଥିବାର ଅଭିଯୋଗ ହେଉଛି। ଆଜିକାଲି ବିଧାନସଭା ଓ ସଂସଦ ଅଧିବେଶନ ଚାଲିଥିବା ବେଳେ ବିଧାୟକ ଏବଂ ସାଂସଦଙ୍କ ଆଚରଣ ଓ କାର୍ଯ୍ୟକଳାପ ଦେଖିଲେ ସେମାନେ ସେହିସବୁ ପଦବୀ ନିମନ୍ତେ ସତରେ ଯୋଗ୍ୟ ନୁହେଁ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସର୍ବସାଧାରଣ ସ୍ଥାନରେ ଖରାପ ଭାଷା ବ୍ୟବହାର କରିବା, ଲୋକଙ୍କ ଉପରକୁ ହାତ ଉଠେଇ ସେମାନଙ୍କ ପଦ ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଛନ୍ତି। କୌଣସି ଗୋଟିଏ ପ୍ରସଙ୍ଗ ମିଳିଗଲା ପରେ ବିଭିନ୍ନ ରାଜନୈତିକ ଦଳରେ ସମ୍ମାନଜନକ ପଦପଦବୀରେ ଥିବା ନେତା ଓ ନିର୍ବାଚିତ ଜନପ୍ରତିନିଧିମାନେ ପରସ୍ପର ପ୍ରତି ଯେପରି ଆକ୍ଷେପ ଓ ପ୍ରତିଆକ୍ଷେପ କରୁଛନ୍ତି ଏବଂ ଏହାକୁ ବ୍ୟକ୍ତିଗତ ସ୍ତରକୁ ନେଇ ଯାଉଛନ୍ତି, ତାହା ପରିତାପର ବିଷୟ। ସାଧାରଣ ଲୋକେ ଏସବୁ ଶୁଣୁଛନ୍ତି, ଜାଣୁଛନ୍ତି ଓ ଭୁଲ୍‌ତ୍ରୁଟିର ତର୍ଜମା କରୁଛନ୍ତି ବୋଲି ଏମାନେ ବୁଝିପାରୁନାହାନ୍ତି। ବିଭିନ୍ନ ସମୟରେ ନେତା ଓ ଜନପ୍ରତିନିଧିମାନେ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ବିବୃତି ଦେବା ବେଳେ ଅଥବା ସଭାସମିତିରେ ଭାଷଣ ଦେବା ବେଳେ ଏମାନେ ଅନ୍ୟମାନଙ୍କର ମାନସମ୍ମାନ ହାନି ହେବା ଭଳି ତଥା ଅନ୍ୟମାନଙ୍କୁ କଷ୍ଟ ଦେବା ଭଳି ଏମିତି କିଛି କଥା କହୁଛନ୍ତି, ଯାହା ସେମାନଙ୍କ ପଦପଦବୀର ମର୍ଯ୍ୟାଦାକୁ ତଳେ ପକାଇଦେଉଛି। ଅନେକ ସମୟରେ ନେତା ଓ ଜନ ପ୍ରତିନିଧିମାନେ କୌଣସି ପ୍ରସଙ୍ଗ ସମ୍ପର୍କରେ ଭଲ ଭାବେ ଅବଗତ ନ ହୋଇ ଓ ଏହାର ସତ୍ୟାସତ୍ୟକୁ ହୃଦୟଙ୍ଗମ ନ କରି ଅତି ହାଲୁକା ବୟାନବାଜି କରିବା ଦ୍ୱାରା ପ୍ରସଙ୍ଗଟି ଅଧିକ ବିବାଦୀୟ ହୋଇପଡୁଛି। କେବଳ ସେତିକି ନୁହେଁ, ଜନ ପ୍ରତିନିଧିମାନେ ଜାଣିଶୁଣି ବିଭିନ୍ନ ପ୍ରସଙ୍ଗରେ ବିବାଦୀୟ ମତମନ୍ତବ୍ୟ ଦେଇ ଲୋକଙ୍କ ଭିତରେ ଉତ୍ତେଜନା ସୃଷ୍ଟି କରିବା ସହ ସାମ୍ପ୍ରଦାୟିକ ସଦ୍‌ଭାବନାକୁ ନଷ୍ଟ କରିଥା'ନ୍ତି। ଏଭଳି ଘଟଣାରେ କେତେକ ପରବର୍ତ୍ତୀ ସମୟରେ ସାଧାରଣରେ କ୍ଷମାପ୍ରାର୍ଥନା କରି ନିଜ ମନ୍ତବ୍ୟକୁ ପ୍ରତ୍ୟାହାର କରି ନେଉଥିବା ବେଳେ ଆଉ କେତେକଙ୍କ ଜିଦ୍‌ଖୋର ମନୋଭାବ ଘଟଣାକୁ କୋର୍ଟ କଚେରିଯାଏ ଟାଣି ନେଉଛି। ଇଏତ ଗଲା ନେତା ଓ ଜନ ପ୍ରତିନିଧିଙ୍କ କଥା। ବିଭିନ୍ନ ସାମ୍ବିଧାନିକ ପଦପଦବୀରେ ଥିବା ବ୍ୟକ୍ତିବିଶେଷ ସେମାନଙ୍କ ପଦପଦବୀର ମର୍ଯ୍ୟାଦା ସମ୍ପର୍କରେ ସଚେତନ ନ ହୋଇ ବିଭିନ୍ନ ସମୟରେ ବିବାଦୀୟ ତଥା ଉତ୍ତେଜନା ସୃଷ୍ଟି କଲାଭଳି ମତ, ମନ୍ତବ୍ୟ ମାନ ଦେଉଛନ୍ତି; ଯାହା ସେମାନଙ୍କୁ ସାଧାରଣରେ ନିନ୍ଦିତ ଓ ଅପମାନିତ କରୁଛି। ତେଣୁ ଯିଏ ଯେଉଁ ପଦପଦବୀରେ ଥାଆନ୍ତୁ ନା କାହିଁକି, ଏହାର ମର୍ଯ୍ୟାଦା ରକ୍ଷା ପ୍ରତି ସଚେତନ ରହିବା ଜରୁରୀ।

ଶଂଖୁଡା, ତିହିଡ଼ି, ଭଦ୍ରକ
ମୋ: ୯୯୩୭୫୬୫୫୨୭

## ଏଇ ଭାରତରେ

ପୂର୍ବ ହିମାଳୟର ଅରୁଣାଚଳ ପ୍ରଦେଶର ସାଙ୍ଗଟି ଗାଁକୁ ଏବେ ପ୍ରଦୂଷଣମୁକ୍ତ କରିପାରିଛନ୍ତି ଇତିଶା ସାରା। ସାଙ୍ଗଟି ନଦୀକୂଳରେ ଥିବାରୁ ଏହି ଗାଁର ନାମ ବି ସାଙ୍ଗଟି। ଏଠାରେ ମୋନପା ବର୍ଗର ଲୋକେ ରହନ୍ତି। ଇତିଶା 'ନର୍ଥଇଷ୍ଟ ୱେଷ୍ଟ କଲେକ୍ଟିଭ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ବର୍ଜ୍ୟ ପରିଚାଳନା କରୁଛନ୍ତି। ପଶ୍ଚିମ କାମେଙ୍ଗ ଜିଲାର ସାଙ୍ଗଟି ଗାଁରେ ବେକରେ କଳାରଙ୍ଗ ଥିବା ବଗ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ଲୋପ ପାଇଯାଉଥିଲା। କିନ୍ତୁ ସାଙ୍ଗଟିକୁ ବର୍ଜ୍ୟଶୂନ୍ୟ କରିବା ପରେ ଏହି ପ୍ରଜାତିର ବଗମାନଙ୍କ ବଂଶ ରକ୍ଷା ହୋଇପାରିଛି। ଇତିଶାଙ୍କ ଘର ଅସାମର ଗୁଆହାଟିରେ। ସେ ଅର୍ଥନୀତିରେ ଡିଗ୍ରୀ ହାସଲ କରିବା ସହ ସୋସିଆଲ ଡିଜାଇନ କୋର୍ସରେ ଶେଷ କରିଛନ୍ତି। ୨୦୧୮ରୁ ସାଙ୍ଗଟି ଗାଁରେ ରହି ସେ ଲୋକଙ୍କ ସହାୟତାରେ ବର୍ଜ୍ୟ ସଫେଇ କରିଆସୁଛନ୍ତି। ବୌଦ୍ଧ ଧର୍ମର କ୍ୟାଲେଣ୍ଡର ଅନୁଯାୟୀ ମୋନପାମାନେ ମାସକୁ ୪ଦିନ କିଛି କାମ କରନ୍ତି ନାହିଁ। ଏହାକୁ ସେମାନେ କର୍ମମୟ ଜୀବନରେ ଛୁଟି ବୋଲି ବିଚାର କରିଥାନ୍ତି। ଏପରି କି ସେମାନେ ଚାଷ ବି କରି ନ ଥାନ୍ତି। ଏହି ୪ ଦିନ ମଧ୍ୟରୁ ତିନିଦିନ ସେମାନେ ବର୍ଜ୍ୟ ପରିଚାଳନା ପାଇଁ ଦେଉଛନ୍ତି। ଏହା ବ୍ୟତୀତ ଜଣେ ମହିଳା ଓ ୪ ଜଣ ପୁରୁଷଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ସେମାନେ ପ୍ରତି ଘରୁ ବର୍ଜ୍ୟ ସଂଗ୍ରହ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୯ ନଭେମ୍ବର ୧୯୭୫

- ଗୋଦାବରୀ ନଦୀ ଜଳ ବଣ୍ଟନ ସଂକ୍ରାନ୍ତରେ ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି।
- ବିଚାରପତି ମାମୁଦ୍ ହୁସେନ ବାଂଲାଦେଶ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ରୂପେ ଶପଥ ଗ୍ରହଣ କରିଛନ୍ତି।
- ଆଙ୍ଗୋଲାର ତିନି ପ୍ରତିଦ୍ୱନ୍ଦ୍ୱୀ ମୁକ୍ତି ସଙ୍ଗଠନର ନେତୃବର୍ଗ ଦେଶର ଏକ ଐକ୍ୟବଦ୍ଧ ବା ମିଳିତ ସରକାର ଗଠନ କରିବା ନିମନ୍ତେ ସମ୍ପ୍ରତି ନୀତିଗତ ଭାବେ ଏକମତ ହୋଇଛନ୍ତି।

## ଚିରନ୍ତନୀ

ଚଇତ୍ର ମଧ୍ୟାହ୍ନ ବେଳ
ଢାଲେ ଖର ତାପ,
ଜୀବନର ଦୀନତାରେ
ବଢ଼େ ମୋର ପାପ।
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | 7 | 9 | | |
| | | | | | 1 | | | 5 |
| 2 | | | | 9 | | 4 | | |
| | | 9 | | | | | 4 | |
| | | | | | | | 2 | |
| | 1 | | 4 | | 5 | | | 7 |
| | | 5 | 7 | | | | | |
| | 9 | 2 | 1 | 8 | | | | 3 |
| | | 6 | | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 4 | 2 | 9 | 1 | 8 | 7 | 3 |
| 1 | 2 | 7 | 4 | 3 | 8 | 9 | 5 | 6 |
| 3 | 9 | 8 | 5 | 7 | 6 | 1 | 4 | 2 |
| 5 | 7 | 6 | 8 | 4 | 9 | 2 | 3 | 1 |
| 8 | 1 | 3 | 7 | 6 | 2 | 4 | 9 | 5 |
| 9 | 4 | 2 | 1 | 5 | 3 | 6 | 8 | 7 |
| 2 | 6 | 9 | 3 | 8 | 5 | 7 | 1 | 4 |
| 4 | 8 | 5 | 6 | 1 | 7 | 3 | 2 | 9 |
| 7 | 3 | 1 | 9 | 2 | 4 | 5 | 6 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କଳାବଜାର ପ୍ରତି ଦୃଷ୍ଟି ରହୁ

ମହାଶୟ,

ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଅହେତୁକ ମୂଲ୍ୟ ବୃଦ୍ଧି କରା ନ ଯାଉ। ଯେପରି ପନିପରିବା, ଖାଦ୍ୟ, ଡାଲି, ଚୂଡ଼ା, ଗୁଡ, ସୁଜି, ମଇଦା, ବେସନ, ତେଲ ତଥା ତେଲରୁ ପ୍ରସ୍ତୁତ ଖାଦ୍ୟ ଇତ୍ୟାଦି। ସେହିପରି ଯଥେଷ୍ଟ ଜିନିଷ ଥଲେ ମଧ୍ୟ ଅଭାବ ଦର୍ଶାଇଥାନ୍ତି। ଅସାଧୁବ୍ୟବସାୟୀମାନଙ୍କ ଅଧିକ ଲାଭଖୋର ମନୋବୃତ୍ତି ନ ହେଉ। ଖାଉଟୀମାନଙ୍କ ସ୍ୱାର୍ଥ ପ୍ରତି ଧ୍ୟାନ ଦିଆଯାଉ। ଯୋଗାଣ ବିଭାଗ ବାତ୍ୟା ଓ ବର୍ଷା ଯୋଗୁ ଗାଡ଼ି ନ ଆସିବାର କାରଣ ଦେଖାଇଥାନ୍ତି। ଲୋକଙ୍କୁ ଠକିବାର ଅପଚେଷ୍ଟା କରା ନ ଯାଉ। ଏମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

-ରମେଶ ଚନ୍ଦ୍ର ବେହେରା, ରାୟପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶା ପର୍ଯ୍ୟଟନରେ ପୁଞ୍ଜି ନିବେଶ ପାଇଁ ଲଣ୍ଡନରେ ପ୍ରବାସୀ ଭାରତୀୟଙ୍କୁ ଆମନ୍ତ୍ରଣ କଲେ ପ୍ରଭାତୀ

## ୱାର୍ଲ୍ଡ ଟ୍ରାଭେଲ ମାର୍କେଟ

ଭୁବନେଶ୍ୱର,୮।୧୧
(ବନ୍ଦନା ସେଠୀ)



ୱାର୍ଲ୍ଡ ଟ୍ରାଭେଲ ମାର୍କେଟରେ ଯୋଗଦେଇଥିବା ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅଧିକାରୀମାନେ।

ଲଣ୍ଡନଠାରେ ଚାଲିଥିବା ୱାର୍ଲ୍ଡ ଟ୍ରାଭେଲ ମାର୍କେଟର ଅନ୍ତିମ ଦିବସରେ 'ଟୁରିଜମ୍ ଓଡେଶୀ: ଷ୍ଟ୍ରେନ୍ଥେନିଂ ଟାଇସ୍ ୱିଥ୍ ଡାଇଆସ୍ପର ଆଣ୍ଡ ଇଣ୍ଡଷ୍ଟ୍ରି ଲିଡର୍ସ' କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇଥିଲେ। ଏହି ଅବସରରେ ସେ ବିଦେଶରେ ଓଡିଶାର ସମୃଦ୍ଧ କଳା, ସଂସ୍କୃତି ଏବଂ ଭାଷାକୁ ପ୍ରୋତ୍ସାହିତ କରିବା ସହ ଏହାର ପ୍ରଚାର ଏବଂ ପ୍ରସାରରେ ପ୍ରବାସୀ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଓଡ଼ିଶା ପର୍ଯ୍ୟଟନରେ ପୁଞ୍ଜି ନିବେଶ ପାଇଁ ବିଶେଷକରି ପ୍ରବାସୀ ଭାରତୀୟଙ୍କୁ ଆମନ୍ତ୍ରଣ କରିଥିଲେ। ସେ କହିଲେ, ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ସୁଯୋଗ ଓ ସମ୍ଭାବନାର ଅଭାବ ନାହିଁ। ଓଡ଼ିଶାର ପ୍ରତ୍ୟେକ ପର୍ଯ୍ୟଟନ କ୍ଷେତ୍ର ନିକଟରେ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାର ସାମର୍ଥ୍ୟ ରହିଛି। ପର୍ଯ୍ୟଟନ କ୍ଷେତ୍ରର ବିକାଶ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏକ ପ୍ରମୁଖ ସ୍ତମ୍ଭ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଅଧିବେଶନରେ ଓଡ଼ିଶା ସରକାରଙ୍କ ନିବେଶ ଅନୁକୂଳ ନୀତି ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଘରୋଇ ତଥା ଅନ୍ତର୍ଜାତୀୟ ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ସ୍ୱତନ୍ତ୍ର ଭାବରେ ପରିକଳ୍ପିତ ଆଇନ ଏବଂ ବ୍ୟବସ୍ଥା ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ପ୍ରବାସୀ ଭାରତୀୟ ଏବଂ ଶିଳ୍ପପତିଙ୍କ ପାଇଁ ପର୍ଯ୍ୟଟନର ବିକାଶ ତଥା ପ୍ରୋତ୍ସାହନରେ ଓଡିଶା ସହ ସହଯୋଗ କରିବାକୁ ଏକ ଖୋଲା ନିମନ୍ତ୍ରଣ ଭାବରେ କାର୍ଯ୍ୟ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଏଥିସହ ଓଡିଶା ପର୍ଯ୍ୟଟନର ବିକାଶ ଏବଂ ଓଡ଼ିଶାରେ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ପାଇଁ ପ୍ରତିଷ୍ଠିତ ବ୍ୟବସାୟିକ ସଂସ୍ଥା ଏବଂ ସମ୍ଭାବ୍ୟ ନିବେଶକଙ୍କ ସହିତ ଦୁଇଟି ସ୍ୱତନ୍ତ୍ର ରାଉଣ୍ଡ ଟେବୁଲ ଆଲୋଚନା କରଯାଇଥିଲା। ଏଥିରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସଚିବ ଅନୁପମ ଶାହାଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସ୍କୁଲ ସମୟରେ ବଜାରରୁ ଆଳୁ ବୋହିଲେ ଛାତ୍ର

## ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ଅନୁଗୋଳ,୮।୧୧(ଜ୍ୟୋତିରଞ୍ଜନ ସାହୁ)


ସାଇକେଲରେ ଆଳୁ ବସ୍ତା ଲଦି ୨ ଛାତ୍ର ବଜାରରୁ ସ୍କୁଲକୁ ଫେରୁଛନ୍ତି।

ସ୍କୁଲରେ ପାଠପଢ଼ା ଚାଲିଥିବା ବେଳେ ୨ ଜଣ ଛାତ୍ର ସାଇକେଲ ନେଇ ବଜାର ଯିବା ସହ ମଧ୍ୟାହ୍ନଭୋଜନ ପାଇଁ ବସ୍ତାରେ ଆଳୁ କିଣି ଆଣିବା ଅନୁଗୋଳ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଅନୁଗୋଳ ଉତ୍ତରପଡ଼ା ନୋଡାଲ ବିଦ୍ୟାଳୟରେ ଶୁକ୍ରବାର ଘଟିଥିବା ଏହି ଘଟଣାକୁ ନେଇ ଅଭିଭାବକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏପରି ଖବର ମିଳିବା ପରେ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ ତୁରନ୍ତ ଉକ୍ତ ସ୍କୁଲକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୧ଟା ୪୦ରେ ସ୍କୁଲ ଚାଲିଥିବା ବେଳେ ୨ ଛାତ୍ର ଏକ ସାଇକେଲ ନେଇ ସ୍କୁଲରୁ ଏକ କିଲୋମିଟର ଦୂର ବଜାରକୁ ଯାଇଥିଲେ। ଏକ ଦୋକାନରୁ ଆଳୁ ଓ ପିଆଜ କିଣି ସାଇକେଲରେ ଲଦି ସ୍କୁଲ ଅଭିମୁଖେ ଆସିଥିଲେ। ବାଟରେ ଆଉ କେତୋଟି ଦୋକାନରେ ରହି କିଛି ସାମଗ୍ରୀ ମଧ କିଣିଥିଲେ। କିଛି ସମୟ ପରେ ଦୁଇ ଛାତ୍ର ବିଦ୍ୟାଳୟରେ ପହଞ୍ଚି ଆଳୁ ଓ ପିଆଜ ବସ୍ତାକୁ ରୋଷେଇ ଘରେ ରଖିଥିଲେ। କିଣାଯାଇଥିବା ଆଳୁ ଓ ପିଆଜ ମଧାହ୍ନ ଭୋଜନରେ ଲଗାଯାଇଥିଲା। ପାଠପଢ଼ା ଚାଲିଥିବା ସମୟରେ କିପରି ୨ ଛାତ୍ରଙ୍କୁ ବଜାରକୁ ପଠାଯାଇ ଆଳୁ, ପିଆଜ କିଣି ଅଣାଗଲା ତାହାକୁ ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ଦାବି କରିଛନ୍ତି। ଏ ନେଇ ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ପଟ୍ଟନାୟକ କହିଛନ୍ତି, ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର କୌଣସି କାର୍ଯ୍ୟରେ ଲଗାଯିବା କଥା ନୁହେଁ। ଘଟଣା ଦୃଷ୍ଟିକୁ ଆସିବା ପରେ ତୁରନ୍ତ ବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ତେବେ ଯୋଗାଯୋଗ ସମ୍ଭବ ନ ହେବାରୁ ଘଟଣା ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।

# ବସ୍ ଓଲଟି ଡ୍ରାଇଭର ମୃତ: ୨ ଗୁରୁତର

## ମଦ୍ୟପାନ କରି ବସ୍ ଚାଳନା ମହଙ୍ଗା ପଡ଼ିଲା

## ଦ୍ରୁତଗତିରେ ଆସି ରାସ୍ତାରେ ଓଲଟିପଡ଼ିଲା

ନୟାଗଡ଼/ନୂଆଗାଁ,୮।୧୧
(ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)



ନୟାଗଡ଼ ଜିଲା ନୂଆଗାଁ ଥାନା ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ସୋରଡ଼ା ଲୁଣିସର ମଧ୍ୟବର୍ତ୍ତୀ ବୁଲାଣିରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଏକ ବସ୍ ଓଲଟି ପଡ଼ିଥିଲା। ମଦ୍ୟପାନ କରି ଗାଡ଼ିଚାଳନା କରିବା ଯୋଗୁ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଡ୍ରାଇଭର କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଖଜୁରିପଡ଼ାର ବୀରେନ୍ଦ୍ର ସାହାଣୀ(୩୫)ଙ୍କର ମୃତ୍ୟୁ ହୋଇଛି। ସେହିପରି ବସ୍‌ରେ ଯାଉଥିବା ପ୍ରାୟ ୪୦ ଯାତ୍ରୀଙ୍କ ମଧ୍ୟରୁ ୨୫ ଜଣ ଆହତ ହୋଇଥିବାବେଳେ ରାଇକିଆ ଗାଁର ସୁଶୀଳା ନାୟକ(୩୫) ଓ ବିଜୁଳି ବେହେରା(୩୦) ଗୁରୁତର ହୋଇଛନ୍ତି। ଆହତଦ୍ୱୟଙ୍କୁ ଦଶପଲ୍ଲାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

କନ୍ଧମାଳର ରାଇକିଆରୁ ରାମଦୂତ ନାମକ ଘରୋଇ ଯାତ୍ରୀବାହୀ ବସ୍(ନଂ.ଓଡି ୦୨ ୱାଇ ୮୧୯୯) ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ବସ୍‌ଟି ସୋରଡ଼ା ଲୁଣିସର ମଧ୍ୟବର୍ତ୍ତୀ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ବସ୍ ଭିତରେ ଚାପିହୋଇ ରହିଥିବା ଡ୍ରାଇଭରଙ୍କୁ ନୂଆଗାଁ ଦମକଳ କେନ୍ଦ୍ର କର୍ମଚାରୀ କିଛି ଅଂଶ କାଟି ଉଦ୍ଧାର କରିଥିଲେ। ପରେ ଡ୍ରାଇଭର ସମେତ ଆହତ ହେଲ୍‌ପର ଖଜୁରିପଡ଼ାର ସିଲୁ ସାହାଣୀ, ଆଡେଣୀର ବିଶ୍ୱମ୍ଭର ରଣା, ଲାଇନ୍‌ପଡ଼ାର ସୁଲୋଚନା ବେହେରା, ତୁଳସୀ ପ୍ରଧାନ, ମିନି ନାୟକ ପ୍ରମୁଖ ପ୍ରାୟ ୨୫ ଜଣଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ପାଖ ସ୍ୱାସ୍ଥ୍ୟକେନ୍ଦ୍ରେରେ ଭର୍ତ୍ତି କରାଯାଇଥିଲା। ଡ୍ରାଇଭରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ କେତେଜଣ ଯାତ୍ରୀଙ୍କ ସୂଚନା ଅନୁସାରେ, ଡ୍ରାଇଭର ଏକ ଗାଁ ପାଖରେ ଗାଡ଼ି ଅଟକାଇ ମଦ୍ୟପାନ କରିଥିଲେ। ହେଲେ ଯାତ୍ରୀମାନେ ଭାବିଥିଲେ ମୃଦୁ ପାନୀୟ ପିଉଛନ୍ତି। କିନ୍ତୁ କିଛିବାଟ ପରେ ବସ୍‌ର ଗତି ଦ୍ରୁତ ହେବାରୁ ହେଲ୍‌ପର ଆସ୍ତେ ଆସ୍ତେ ଗାଡ଼ି ଚଳାଇବାକୁ ପରାମର୍ଶ ଦେଇଥିଲେ। ହେଲେ ଡ୍ରାଇଭର ହେଲ୍‌ପରଙ୍କ କଥା ଶୁଣି ନ ଥିଲେ। ଏପରିକି ବସ୍‌ର ଗତି ହ୍ରାସ କରିବାକୁ ମଧ କେତେଜଣ ଯାତ୍ରୀଙ୍କ ପରାମର୍ଶ ମଧ ଡ୍ରାଇଭର ଶୁଣି ନ ଥିଲେ। ଶେଷରେ ଦ୍ରୁତଗତି ଦୁର୍ଘଟଣାର ରୂପ ନେଇଥିଲା। ଏ ନେଇ ନୂଆଗାଁ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ବସ୍ ଦୁର୍ଘଟଣାର କାରଣ ଅନୁଧ୍ୟାନ କରାଯାଉଛି। ସେହିପରି ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ରାଇଭର ବୀରେନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ନେଇ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ ପରିଡ଼ାଙ୍କୁ ପଚାରିବାରେ ବସ୍‌ର ଇନ୍ସୁରାନ୍ସ, ଫିଟ୍‌ନେସ୍ ସବୁକିଛି ଠିକ୍‌ଠାକ୍ ଅଛି। ଟ୍ୟାକ୍ସ ଅକ୍ଟୋବର ୩୧ ସୁଦ୍ଧା ପଇଠ ହୋଇଛି। ଡ୍ରାଇଭର ମୃତ ହୋଇଥିବାରୁ ତାଙ୍କ ଲାଇସେନ୍ସ ଅଛି ନା ନାହିଁ ତାହା ଜଣାପଡ଼ିନି ବୋଲି ସେ କହିଛନ୍ତି।

# କଶ୍ମୀରର ଆଂଶିକ ସ୍ୱାୟତ୍ତତା ଫେରାଇବାକୁ ମୋଦି ଅମଙ୍ଗ

## ବିଶ୍ୱର କୌଣସି ଶକ୍ତି ଅନୁଚ୍ଛେଦ ୩୭୦କୁ ପୁନଃ ଅବସ୍ଥାପିତ କରିପାରିବ ନାହିଁ

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ୨୦୧୯ ଅଗଷ୍ଟ ୫ରେ ଭାରତ ସରକାର ଉଚ୍ଛେଦ କରିଥିଲେ। ଏଥିସହ ଜମ୍ମୁ-କଶ୍ମୀର ରାଜ୍ୟ ମାନ୍ୟତା ହରାଇ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଥିଲା। ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ନେତୃତ୍ୱାଧୀନ ସରକାର କଶ୍ମୀରର ଆଂଶିକ ସ୍ୱାୟତ୍ତତା ଫେରସ୍ତ ଦାବିରେ ବିଧାନସଭାରେ ଏକ ସଂକଳ୍ପନାମା ପାରିତ କରାଇଛନ୍ତି। ଯଥାଶୀଘ୍ର ସମ୍ଭବ ୩୭୦ ଫେରାଇ ଆଣି କଶ୍ମୀରକୁ ପୂର୍ବଭଳି ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦିଆଯାଉ ବୋଲି ବିଧାନସଭାରେ ସଦସ୍ୟମାନେ ଦାବି କରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସ୍ୱାୟତ୍ତତା ଫେରସ୍ତ ପ୍ରସ୍ତାବକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।


ନରେନ୍ଦ୍ର ମୋଦି

ନାସିକ/ନୂଆଦିଲ୍ଲୀ,୮।୧୧

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପରେ କେନ୍ଦ୍ରଶାସିତ ଅଞ୍ଚଳକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ ଦାବି ଜୋର ଧରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍‌କୁ ଟାର୍ଗେଟ କରିଛନ୍ତି। ଇଣ୍ଡିଆ ବ୍ଲକ୍ ଜମ୍ମୁ-କଶ୍ମୀରକୁ ସମ୍ବିଧାନ ପରିସର ବାହାରେ ରଖିବା ପାଇଁ ଚାହୁଁଥିବା ସେ କହିଛନ୍ତି। କେବଳ ଏତିକି ନୁହେଁ, ପୃଥିବୀରେ ଏଭଳି କୌଣସି ଶକ୍ତି ନାହିଁ, ଯିଏ ଅନୁଚ୍ଛେଦ ୩୭୦କୁ ପୁନଃ ଅବସ୍ଥାପିତ କରିପାରିବ ବୋଲି ମୋଦି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ନଭେମ୍ବର ୨୦ରେ ହେବାକୁ ଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ନାସିକରେ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଇଣ୍ଡିଆ ବ୍ଲକ୍ ନେତାମାନେ ଦଳିତ ଓ ଆଦିବାସୀଙ୍କୁ ଉସୁକାଇବା ପାଇଁ ସାଦା ବହି ଦେଖାଇ ତାକୁ ସମ୍ବିଧାନର ଆଖ୍ୟା ଦେଉଛନ୍ତି। କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ପାକିସ୍ତାନୀ କାର୍ଯ୍ୟସୂଚୀକୁ ପ୍ରୋତ୍ସାହିତ କରିବା ସହ ବିଚ୍ଛିନ୍ନତାବାଦୀଙ୍କ କଥା କହୁଛନ୍ତି। ତାଙ୍କ ଉପରେ ଲୋକଙ୍କ ଆଶୀର୍ବାଦ ଥିବାରୁ ବିରୋଧୀଙ୍କ ଏଭଳି ଏଜେଣ୍ଡା ସଫଳ ହେବ ନାହିଁ। କେବଳ ଆମ୍ବେଦ୍‌କରଙ୍କ ସମ୍ବିଧାନକୁ ଜମ୍ମୁ-କଶ୍ମୀର ମାନି ଚଳିବ। ଜମ୍ମୁ-କଶ୍ମୀର ବିଧାନସଭାରେ ଭାଜପା ବିଧାୟକମାନେ ସଂକଳ୍ପନାମାକୁ ବିରୋଧ କରି ବିକ୍ଷୋଭ କରୁଥିବାବେଳେ ଗୃହରୁ ସେମାନଙ୍କୁ ଧକ୍କା ମାରି ବାହାର କରିଦିଆଯାଇଥିଲା। କଂଗ୍ରେସ ଜାତି ତଥା ସମୁଦାୟଗୁଡ଼ିକୁ ବିଭାଜିତ କରି ବିପଜ୍ଜନକ ଖେଳ ଖେଳୁଛି। ଯଦି ତଫସିଲଭୁକ୍ତ ଜନଜାତି (ଏସ୍‌ଟି), ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଏକତ୍ରିତ ହୁଅନ୍ତି, ତେବେ କଂଗ୍ରେସର ରାଜନୀତି ଶେଷ ହୋଇଯିବ। କଂଗ୍ରେସ ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କ ଏକତାକୁ ଦୁର୍ବଳ କରିବା ସହ ଏହି ସମୁଦାୟଗୁଡ଼ିକୁ ପରସ୍ପର ବିରୋଧରେ ଲଢ଼ାଉଛି। ବର୍ତ୍ତମାନ ଗାନ୍ଧୀ-ନେହେରୁ ପରିବାରର ଚତୁର୍ଥ ପିଢ଼ିର ଯୁବରାଜ (ରାହୁଲ ଗାନ୍ଧୀ) ଜାତି ବିଭାଜନ ପାଇଁ କାର୍ଯ୍ୟ କରୁଛନ୍ତି।

# ବାଲିଯାତ୍ରା: ଫୁଟ୍‌ପାଥ୍‌ରେ ବସିପାରିବେ ନାହିଁ ଉଠାଦୋକାନୀ

## ନିଷେଧାଦେଶ ଜାରି କଲେ ଜିଲାପାଳ

କଟକ, ୮।୧୧ (କାର୍ତ୍ତିକ ସାହୁ)

ବାଲିଯାତ୍ରା ସମୟରେ ଫୁଟ୍‌ପାଥରେ ଉଠାଦୋକାନୀ ବସି ବ୍ୟବସାୟ କରିପାରିବେ ନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏନେଇ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ନିଷେଧାଦେଶ ଜାରି କରିଛନ୍ତି। ଜୋବ୍ରାରୁ ଚହଟା, ଉପର ଏବଂ ତଳ ବାଲିଯାତ୍ରା ପଡିଆ ଓ ଏହାର ଆଖପାଖ ରାସ୍ତାପାର୍ଶ୍ୱରେ ଉଠା ଦୋକାନୀଙ୍କୁ ବ୍ୟବସାୟ କରିବା ନିମନ୍ତେ ମନା କରାଯାଇଛି। ଏହି ନିର୍ଦ୍ଦେଶ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସେହିପରି ଉଠାଦୋକାନୀଙ୍କ ବ୍ୟବସାୟ ପାଇଁ ତଳପଡିଆରେ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରାଯାଇଛି। ସେମାନେ ଆବଶ୍ୟକ ୟୁଜର ଫି' ଦେଇ ନିର୍ଦ୍ଧାରିତ ସ୍ଥାନରେ ବ୍ୟବସାୟ କରିପାରିବେ। ଏହି ନିୟମ ଖିଲାପ କଲେ ସମ୍ପୃକ୍ତ ବ୍ୟକ୍ତି ଆଇନ ଅନୁଯାୟୀ ଦଣ୍ଡିତ ହେବେ। ତଳ ବାଲିଯାତ୍ରା ପଡିଆରେ ଉଠା ଦୋକାନୀଙ୍କୁ ସ୍ଥାନ ଦେବା ପାଇଁ କଟକ ସଦର ଉପଜିଲାପାଳଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ଏଥିସହ ଗାଡି ଚଳାଚଳ ଏବଂ ଚଲାପଥକୁ ଅବରୋଧମୁକ୍ତ କରିବା ପାଇଁ ଆରଆଇ, ସହକାରୀ ଆରଆଇ ଏବଂ ଅମିନମାନଙ୍କୁ ନେଇ ଦୁଇଟି କମିଟି ଗଠନ କରାଯାଇଛି। ଉକ୍ତ କମିଟି ପୋଲିସ ଓ କଟକ ମହାନଗର ନିଗମ କର୍ମଚାରୀଙ୍କ ସହାୟତାରେ ଫୁଟ୍‌ପାଥ, ରାସ୍ତାପାର୍ଶ୍ୱ ଉଠାଦୋକାନୀଙ୍କୁ ଉଠାଇ ରାସ୍ତାକୁ ଅବରୋଧ ମୁକ୍ତ କରିବ।

**DISTRICT EDUCATION OFFICE, SUNDARGARH**
Email: deosundergarh30@gmail.com/ Ph.No. 06622-291077

**CORRIGENDUM TO TENDER NO. 15848. DTD. 15.10.2024**

FOR SELECTION OF TRAVEL AGENCY FOR PROVIDING BUS SERVICES TO DIFFERENT OAVs & COLLEGES OF SUNDARGARH DISTRICT UNDER DIST. MINERAL FOUNDATION, SUNDARGARH.

| Page No. | Clause No. | Read as |
|---|---|---|
| Major Events). Sl.No. 5 | Last Date for submission of Bid: 13.11.2024 by 12.00 PM | Last Date for submission of Bid: 13.11.2024 by 12.00 PM (Noon) |
| Tech:2 Sl.No.9 | The Bidder must attach a turnover and net worth certificate duly signed by the Chartered Accountant for the last three financial years, i.e. F.Y. 2020-21, 2021-22, 2022-23. The minimum average annual turnover of the bidder should be at least INR 30 Crores and should have cumulative positive net worth at least INR 60 Crores for the last three (3) years (FY 2020-21, FY 2021-22, FY 2022-23). | The Bidder must attach a turnover and net worth certificate duly signed by the Chartered Accountant for the last three financial years, i.e. F.Y. 2020-21, 2021-22, 2022-23. The minimum average annual turnover of the bidder should be at least INR 30 Crores and should have average positive net worth at least INR 20 Crores for the last three (3) years (FY 2020-21, FY 2021-22, FY 2022-23). |
| | NA | The committee shall have the right to ask for supporting documents from participating Agencies in the bid. |

The other terms & Conditions of the RFP remain unchanged.
Sd./- District Education Officer, Sundargarh

ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ
ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର
Department of School Education & Literacy
Ministry of Education, Government of India
ରାଷ୍ଟ୍ରୀୟ ଇ-ପୁସ୍ତକାଳୟ
Rashtriya e Pustakalaya

**ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନକାରୀ ବିଜ୍ଞପ୍ତି**

**ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ସଚିବାଳୟ, ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ, ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ପାଇଁ ଇ-ପୁସ୍ତକଗୁଡ଼ିକର ଚୟନ ଏବଂ ସଂଗ୍ରହଣ ଲାଗି ପ୍ରକାଶକମାନଙ୍କର ମନୋନୟନ ନିମନ୍ତେ ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ କରୁଛି ।** ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ଶିଶୁ ଓ କିଶୋରମାନଙ୍କ ପାଇଁ ଅଣ-ଶିକ୍ଷାଗତ ପୁସ୍ତକ ଉପଲବ୍ଧ କରାଇବା ଲାଗି ଉଦ୍ଦିଷ୍ଟ ଏକ ଆପ୍ ଓ ୱେବ୍ ଆଧାରିତ ଡିଜିଟାଲ ଲାଇବ୍ରେରୀ ଅଟେ ।
ନିମ୍ନଲିଖିତ ଭାଷାର ଇ-ପୁସ୍ତକଗୁଡ଼ିକୁ ସଂଗ୍ରହଣ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି:- ଅସମୀୟ, ବଙ୍ଗଳା, ବୋଡ଼ୋ, ଡୋଗ୍ରି, ଗୁଜୁରାଟି, ହିନ୍ଦୀ, କନ୍ନଡ଼, କଶ୍ମୀରୀ, କୋଙ୍କଣୀ, ମାଲାୟାଲମ୍, ମଣିପୁରୀ, ମରାଠୀ, ମୈଥିଳି, ନେପାଳୀ, ଓଡ଼ିଆ, ପଞ୍ଜାବୀ, ସଂସ୍କୃତ, ସାନ୍ତାଳି, ସିନ୍ଧି, ତାମିଲ, ତେଲୁଗୁ, ଉର୍ଦ୍ଦୁ ଏବଂ ଇଂରାଜୀ ।
**ଆବେଦନ ଫର୍ମ ଏବଂ ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଆଗ୍ରହୀ ପ୍ରକାଶକମାନେ ନିମ୍ନଲିଖିତ ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି:**
**https://eprocure.gov.in/eprocure/app କିମ୍ବା https://www.nbtindia.gov.in/**

| | |
|---|---|
| ଦାଖଲର ପଦ୍ଧତି: | https://eprocure.gov.in/eprocure/app ମାଧ୍ୟମରେ ଅନ୍‌ଲାଇନ୍‌ରେ |
| ଦାଖଲର ଆରମ୍ଭ ତାରିଖ: | ତା୦୬।୧୧।୨୦୨୪ରିଖ |
| ଦାଖଲର ଶେଷ ତାରିଖ: | ତା୨୫।୧୧।୨୦୨୪ରିଖ ୧୭.୦୦ ଘଟିକା |

ପ୍ରକାଶକମାନଙ୍କ ତାଲିକାଭୁକ୍ତୀକରଣ କରିବା ତଥା ଇ-ପୁସ୍ତକ ସଂଗ୍ରହଣ କରିବା ସମ୍ବନ୍ଧରେ ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ସଚିବାଳୟର କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଓ ବାଧ୍ୟତାମୂଳକ ହେବ ।
ସ୍କାନ୍ କରି ଡାଉନ୍‌ଲୋଡ୍ କରନ୍ତୁ
କୌଣସି ପ୍ରଶ୍ନ ପାଇଁ, ପ୍ରକାଶକମାନେ rashtriyaepustakalaya@gmail.comକୁ ଲେଖିପାରନ୍ତି
କାର୍ଯ୍ୟାନ୍ୱୟନ ଏଜେନ୍ସି
ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ
ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର
NATIONAL BOOK TRUST, INDIA
Ministry of Education, Government of India
CBC-21103/12/0032/2425

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ, ସା.: କାଶୀପୁର, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେଶୀ ଆକ୍ଟ) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୯(୧) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ତା.୨୫.୧୧.୨୦୨୪ରିଖ ଏବଂ ତା.୦୯.୧୨.୨୦୨୪ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୦୫.୦୦ ଘଟିକା ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।**

**ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା ୧୩(୧୨) ସହିତ ନିୟମ ୮ ଓ ୯ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନ ଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କଥିତ ରୁଲ୍ ୮ର ସବ୍-ରୁଲ୍ ୫ ଏବଂ ୬ ଅନୁଯାୟୀ **ତା୨୫.୧୧.୨୦୨୪ରିଖ ଏବଂ ତା.୦୯.୧୨.୨୦୨୪ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୦୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ବିକ୍ରୟ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣ ଓ ଋଣଗ୍ରହୀତା, ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟ, ୨୦୦୨ ର ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ବ୍ୟାଙ୍କର ଋଣ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିକୁ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ।

**ଇ-ନିଲାମ ତାରିଖ ଓ ସମୟ: କ୍ର.ନଂ.: ୧ ଏବଂ ୨ ପାଇଁ ୨୫.୧୧.୨୦୨୪** ପୂର୍ବାହ୍ନ ୧୧.୦୦ ଘ. ଠାରୁ ଅପରାହ୍ନ ୫.୦୦ ଘ. ପ୍ରତ୍ୟେକଙ୍କ ପାଇଁ ୧୦ମି. ଅସୀମିତ ବର୍ଦ୍ଧିତ ସମୟ ସହିତ
**ଇ-ନିଲାମ ତାରିଖ ଓ ସମୟ: କ୍ର.ନଂ.: ୩ ଏବଂ ୪ ପାଇଁ ୦୯.୧୨.୨୦୨୪** ପୂର୍ବାହ୍ନ ୧୧.୦୦ ଘ. ଠାରୁ ଅପରାହ୍ନ ୫.୦୦ ଘ. ପ୍ରତ୍ୟେକଙ୍କ ପାଇଁ ୧୦ମି. ଅସୀମିତ ବର୍ଦ୍ଧିତ ସମୟ ସହିତ

ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: **କ୍ର. ନଂ.: ୧ ଏବଂ ୨ ପାଇଁ ୨୦.୧୧.୨୦୨୪ ରୁ ୨୫.୧୧.୨୦୨୪** ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା
ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: **କ୍ର. ନଂ.: ୩ ଏବଂ ୪ ପାଇଁ ୦୪.୧୨.୨୦୨୪ ରୁ ୦୯.୧୨.୨୦୨୪** ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା

ସମ୍ପତ୍ତି ତନଖି କରିବାର ସମୟ- **କ୍ର. ନଂ.: ୧ ଏବଂ ୨ ପାଇଁ ୧୮.୧୧.୨୦୨୪ ରୁ ୨୨.୧୧.୨୦୨୪** ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
ସମ୍ପତ୍ତି ତନଖି କରିବାର ସମୟ- **କ୍ର. ନଂ.: ୩ ଏବଂ ୪ ପାଇଁ ୦୨.୧୨.୨୦୨୪ ରୁ ୦୭.୧୨.୨୦୨୪** ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
**ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ମୁଖ୍ୟ କିମ୍ବା ରିକଭରୀ ଡିପାର୍ଟମେଣ୍ଟ, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର**
**(ଶ୍ରୀ ଶୁଭ ଶଙ୍କର ସାହୁ, ମୋ.: ୭୦୦୮୦୫୫୫୧୮ ଏବଂ ଶ୍ରୀ ଲକ୍ଷ୍ମୀ ନାରାୟଣ ପ୍ରସାଦ, ମୋ.: ୯୧୦୧୫୦୮୦୧୯) ସହ ଯୋଗାଯୋଗ କରନ୍ତୁ**

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ବନ୍ଧକଦାତାଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ଦଖଲ ପ୍ରକାର |
|---|---|---|---|
| ୧. | **ଡୁବୁରି ଶାଖା /** **ଋଣଗ୍ରହୀତା: ଶ୍ରୀ ମହେଶ୍ୱର ଜେନା,** ସା: ବାରଗଡିଆ, ଥାନା: କଳିଙ୍ଗନଗର, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୨୬ / **ମୋଟ ବକେୟା ରାଶି: ତା.୧୧.୦୬.୨୦୨୪ ରିଖ ସୁଦ୍ଧା ଟ.୯,୯୨,୨୭୪.୨୮ +** ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ମହେଶ୍ୱର ଜେନାଙ୍କ** ନାମରେ ଥିବା ଜମି ଓ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧/୪୫, ପ୍ଲଟ୍ ନଂ.: ୪୯୫, କ୍ଷେତ୍ର: ଏକର ୦.୧୮ ଡିସିମିଲି, କିସମ: ଘରବାରୀ, ମୌଜା: ବାରଗଡିଆ, ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏସଆରଓ: ସୁକିନ୍ଦା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା (ପିଚ୍‌ରୋଡ଼ି), ଦକ୍ଷିଣ: ଜଳଧର ଦେଓ, ପୂର୍ବ: ବିପିନ ବିହାରି ଦେଓ, ପଶ୍ଚିମ: ଜଳଧର ଦେଓ | ଟ.୩୨,୧୨,୧୦୦/- / ଟ.୩,୨୧,୨୧୦/- / ସାଙ୍କେତିକ |
| ୨. | **ଡୁବୁରି ଶାଖା /** **ଋଣଗ୍ରହୀତା: ଶ୍ରୀ ଶ୍ରୀକାନ୍ତ ସେଠୀ,** ପିତା: ଶ୍ରୀ କୁଳମଣି ସେଠୀ, ସା.: ଆମ୍ଭୋର, ପୋ.:ଜଳସୁଆଁ ପାଟଣା, ଭାୟା: କୁଶଳେଶ୍ୱର, ଜିଲ୍ଲା: ଯାଜପୁର-୭୫୫୦୨୫ / **ଗ୍ୟାରେଣ୍ଟିଦାତା: ଶ୍ରୀ ରତ୍ନାକର ମହାରଣା,** ପିତା: ଶ୍ରୀ ଚୈତନ୍ୟ ମହାରଣା, ସା.: ଟୋଲକାନୀ, ପୋ.:ଚିଟୀରି, ଭାୟା: ଜେ.କେ. ରୋଡ୍, ଜିଲ୍ଲା: ଯାଜପୁର-୭୫୫୦୨୫ / **ମୋଟ ବକେୟାରାଶି: ତା.୨୦.୦୯.୨୦୧୬ରିଖ ସୁଦ୍ଧା ଟ.୩,୨୪,୩୫୮/- +** ପରବର୍ତ୍ତୀ ସୁଧ,ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ଶ୍ରୀ ଶ୍ରୀକାନ୍ତ ସେଠୀଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୭୭/୨୨, ପ୍ଲଟ୍ ନଂ.:୬୭୦, କ୍ଷେତ୍ର: ଏକର ୦.୦୫ ଡିସିମିଲି, କିସମ: ଘରବାରୀ,ମୌଜା: ଆମ୍ଭୋର, ଥାନା: ଟମକା, ଏସ୍‌ଆର୍‌ଓ: ସୁକିନ୍ଦା,ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱ ରେଉତ୍ତର: କୀର୍ତ୍ତନ ମହାପାତ୍ର, ଦକ୍ଷିଣ: ପାଣ୍ଡୁ ସେଠୀ, ପୂର୍ବ: କୀର୍ତ୍ତନମହାପାତ୍ର, ପଶ୍ଚିମ: ପାଣ୍ଡୁ ସେଠୀ | ଟ.୭,୫୬,୯୦୦/- / ଟ. ୭୫,୬୯୦/- / ସାଙ୍କେତିକ |
| ୩. | **ଘସିପୁରା ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ଅମର ଟ୍ରାକ୍ଟର, ସ୍ୱତ୍ୱାଧିକାରୀ: ଶ୍ରୀମତୀ ପ୍ରଭାତି କାନୁନ୍‌ଗୋ,** ସ୍ୱାମୀ: ରାଧାମାଧବ କାନୁନ୍‌ଗୋ, ସା: ଜଅଁରା, ପୋ.: ଘସିପୁରା, ଜିଲ୍ଲା: କେନ୍ଦୁଝର - ୭୫୮୦୧୫ (ଓଡ଼ିଶା) / **ମୋଟ ବକେୟା ରାଶି: ତା.୧୭.୦୮.୨୦୨୧ରିଖ ସୁଦ୍ଧା ଟ.୨୫,୨୩,୫୦୭.୯୯ +** ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ପ୍ରଭାତି କାନୁନ୍‌ଗୋ,** ସ୍ୱାମୀ: ରାଧାମାଧବ କାନୁନ୍‌ଗୋଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୮୫/୩୫୨, ପ୍ଲଟ୍ ନଂ.: ୧୬୬/୮୦୭, କ୍ଷେତ୍ର: ଏକର ୦.୦୫୮ ଡିସିମିଲି, କିସମ: ଘରବାରୀ, ମୌଜା: ଜଅଁରା, ପୋ.: ଘସିପୁରା, ତହସିଲ: ଘସିପୁରା, ଥାନା: ଘସିପୁରା, ଜିଲ୍ଲା: କେନ୍ଦୁଝର, ଏହାର ଚାରିପାର୍ଶ୍ୱରେ ଉତ୍ତର: ବନମାଳୀ ଦାସ, ଦକ୍ଷିଣ: ପ୍ରଣତି କାନୁନ୍‌ଗୋ, ପୂର୍ବ: ରବି ମହାନ୍ତି, ପଶ୍ଚିମ: ଉତ୍କଳ ଏସ୍‌ନାୟକ ଏବଂ ଘରୋଇ ରାସ୍ତା | ଟ. ୩୨,୦୦,୮୫୦/- / ଟ. ୩,୨୦,୦୮୫/- / ସାଙ୍କେତିକ |
| ୪. | **ଚମ୍ପୁଆ ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ପ୍ରେମ ଚାନ୍ଦ ପୋଦ୍ଦାର,** ପିତା: ରାମଚନ୍ଦ୍ର ପୋଦ୍ଦାର, ସା/ପୋ: ଚମ୍ପୁଆ, ଥାନା: ଚମ୍ପୁଆ, ଜିଲ୍ଲା: କେନ୍ଦୁଝର-୭୫୮୦୪୧ / **ମୋଟ ବକେୟା ରାଶି: ତା.୧୨.୧୦.୨୦୨୩ ରିଖ ସୁଦ୍ଧା ଟ.୩୨,୫୨,୬୮୭.୦୧ +** ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ପ୍ରେମ ଚାନ୍ଦ ପୋଦ୍ଦାରଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୫୦/୭୦୧, ପ୍ଲଟ୍ ନଂ.: ୭୧୬/୨୫୭୬/୨୯୮୧, କ୍ଷେତ୍ର: ଏକର ୦.୨୦ ଡିସିମିଲି, କିସମ: ଘରବାରୀ, ମୌଜା: ଚମ୍ପୁଆ ୟୁନିଟ ନଂ.: ୪, ତହସିଲ: ଚମ୍ପୁଆ ନଂ.୦୩, ଜିଲ୍ଲା: କେନ୍ଦୁଝର, ଏହାର ଚାରିପାର୍ଶ୍ୱରେ ଉତ୍ତର: ମହମ୍ମଦ ଇମ୍ରାନ୍, ଦକ୍ଷିଣ: ମହମ୍ମଦ ମୁସ୍ତାଫା, ପୂର୍ବ: ସରକାରୀ ପ୍ଲଟ୍, ପଶ୍ଚିମ: ମହମ୍ମଦ ଇଶରାହା | ଟ. ୫୭,୩୭,୯୫୦/- / ଟ. ୫,୭୩,୭୯୫/- / ସାଙ୍କେତିକ |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**
ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: **https://ebkray.in** ରେ ଉପଲବ୍ଧ ଏବଂ ପ୍ରକାଶିତ। ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବାପ୍ରଦାନକାରୀ **(https://ebkray.in)** ଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ସହ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ।
ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା(ମାନ)ଙ୍କୁ ୧୫ ଦିନିଆ ଇ-ନିଲାମ ବିକ୍ରୟ ନୋଟିସ୍
ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏହା ଏକ **୧୫ ଦିନିଆ ନୋଟିସ୍** କି ସେମାନେ ସେମାନଙ୍କର ଉପରଦର୍ଶିତ ଋଣ ଆକାଉଣ୍ଟକୁ ଫଏସଲା କରନ୍ତୁ ଅନ୍ୟଥା ସେମାନଙ୍କର ସମ୍ପତ୍ତି ଉପରଦର୍ଶିତ ତାରିଖରେ ବିକ୍ରୟ କରାଯାଇ ବ୍ୟାଙ୍କ ଦେୟ ଆଦାୟ କରାଯିବ ।
**ସ୍ଥାନ : କେନ୍ଦୁଝର, ତାରିଖ : ୦୮.୧୧.୨୦୨୪** **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ**

**ଚଳିତବର୍ଷ ହେବନି ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ**

ପୁରୀ,(ଅଜିତ୍ କୁମାର ମହାନ୍ତି): ପବିତ୍ର ପଞ୍ଚକରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ହେବ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ପଞ୍ଚକ ପାଞ୍ଚଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହୋଇଥାଏ। ତେବେ ଚଳିତ ବର୍ଷ ଚତୁର୍ଦ୍ଦଶୀ ତିଥି କ୍ଷୟ ଯୋଗୁ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ହେବନାହିଁ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି। ସେହିପରି ଏସ୍‌ପି ବିନିତ କୁମାର ଅଗ୍ରୱାଲ କହିଛନ୍ତି, ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଉଛି। ୩୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ।

## ପୃଥକ୍ ଦୁର୍ଘଟଣାରେ ୨ ଗୁରୁତର

ବାରଙ୍ଗ,୮।୧୧(ଲିଙ୍ଗରାଜ ରାଉତ)– ବାରଙ୍ଗ ଥାନା ଅଞ୍ଚଳରେ ଶୁକ୍ରବାର ପୃଥକ ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଫଳରେ ସ୍ଥାନୀୟ ଲୋକେ ଗୁରୁତରଙ୍କୁ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ପ୍ରକାଶ ଯେ, ଶୁକ୍ରବାର ରାତିରେ ବଙ୍ଗାଳୀସାହି ନିକଟରେ ଏକ ଟ୍ରକ୍ ଯାନ୍ତ୍ରିକ ତ୍ରୁଟିଯୋଗୁଁ ରାସ୍ତା କଡ଼ରେ ଛିଡ଼ା ହୋଇଥିଲା। ଏହି ସମୟରେ ନନ୍ଦନକାନନ ପଟୁ ବାରଙ୍ଗ ଅଭିମୁଖେ ଆସୁଥିବା ଏକ କାର୍ ପଛରୁ ଧକ୍କା ଦେଇଥିଲା। ଏଥିରେ କାରର ସମ୍ମୁଖଭାଗ ଭାଙ୍ଗି ଯାଇଥିବା ବେଳେ ଚାଳକ ଜଣକ ଗୁରୁତର ହୋଇଥିଲେ।
ସେହିପରି ଗୋଡ଼ିସାହି ନିକଟ କେନାଲବନ୍ଧ ରାସ୍ତାରେ ବାରଙ୍ଗପଟୁ ବାଙ୍କୀ ଅଭିମୁଖେ ଯାଉଥିବା ବାଇକ୍‌କୁ ବିପରୀତ ଦିଗରୁ ଆସୁଥିବା କାର୍ ଧକ୍କା ଦେଇଥିଲା। ଏଥିରେ ବାଇକ୍ ଚାଳକଙ୍କ ଗୋଡ଼ରେ କାର୍‌ଟି ଚଢ଼ି ଯାଇଥିଲା। ଫଳରେ ଚାଳକ ଜଣକ ଗୁରୁତର ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଚିକିତ୍ସା ପାଇଁ ପଠାଇଥିଲା। ଏହି ଘଟଣାରେ କାହାର ପରିଚୟ ମିଳିପାରି ନାହିଁ। ସେପଟେ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

# ମଧ୍ୟାହ୍ନଭୋଜନରେ ଖାଦ୍ୟ ନିରାପତ୍ତା, ସ୍ୱଚ୍ଛତାକୁ ଗୁରୁତ୍ୱ

## ପ୍ରଶିକ୍ଷଣ ନେଲେ ୧୬୦ ଜିଲା ଅଧିକାରୀ

ଭୁବନେଶ୍ୱର,୮।୧୧ (ଅନୁରାଧା ମହାରଣା)



ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ରାଜ୍ୟ ମୁଖ୍ୟ ହିମାଂଶୁ ବଳ, ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟମାନଙ୍କ ସହ ପ୍ରଶିକ୍ଷଣ ନେଇଥିବା ଅଧିକାରୀ।

ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନଭୋଜନରେ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ପାଇଁ ପ୍ରଶିକ୍ଷଣ ନେଲେ ୧୬୦ ଜିଲା ଅଧିକାରୀ। ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ, ବିଶ୍ୱ ଖାଦ୍ୟ ସଂଗଠନ ଏବଂ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୃଷି ଭବନ ସମ୍ମିଳନୀ କକ୍ଷରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଜ୍ୟ ସଂଯୋଜକ ଅଧିକାରୀ ରଘୁରାମ ଆର୍ ଆୟାର ସ୍ୱାଗତ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଜିଲା ଅଧିକାରୀଙ୍କ କାର୍ଯ୍ୟକାରିତା ଶୈଳୀ ବୃଦ୍ଧି ଓ ବିଭିନ୍ନ ସଚେତନତା ବିଷୟରେ ଆଲୋକପାତ କରିଥିଲେ। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ରାଜ୍ୟ ମୁଖ୍ୟ ହିମାଂଶୁ ବଳ ମଧ୍ୟାହ୍ନଭୋଜନର ପ୍ରସ୍ତୁତି ସମୟରେ ସ୍ୱଚ୍ଛତା, ପ୍ରଣାଳୀ, ଆବର୍ଜନା ପରିଚାଳନା ଏବଂ ପୋଷଣ ଉଦ୍ୟାନ ଉନ୍ନତୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ସଂଗ୍ରାମ କେଶରୀ ମହାପାତ୍ର ଏହି କାର୍ଯ୍ୟକ୍ରମ ଦ୍ୱାରା ସରକାରଙ୍କ ପୁଷ୍ଟିହୀନତାର ମୁକାବିଲା ଏବଂ ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମସ୍ତ ଜିଲାର ବିଇଓ, ଏବିଇଓ, ସିଆର୍‌ସିସି ଏବଂ ପ୍ରଧାନ ଶିକ୍ଷକମାନେ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ରୋଷେଇ ପ୍ରଣାଳୀ, ନିରାପଦ ଭୋଜନ ପ୍ରସ୍ତୁତି, ଗୁଣବତ୍ତା, ଉନ୍ନତମାନର ସାମଗ୍ରୀ, ଆବର୍ଜନା ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପୁଷ୍ଟି ଉଦ୍ୟାନ ଉପଯୋଗିତା, ପରିମଳ, ଆହାର ବିବିଧତା, ରକ୍ତହୀନତା ହ୍ରାସ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଶିକ୍ଷଣ ନେଇଥିବା ଏହି ଅଧିକାରୀମାନେ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ଅଧୀନରେ ପାଚିକା ତଥା ସହାୟିକାଙ୍କୁ ବ୍ଲକସ୍ତରରେ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଦେବେ। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ବିଦ୍ୟାଳୟ ପରିଦର୍ଶନ ସମୟର ନିଜର ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିବା ସହ ଉପଶାସନ ସଚିବ ରଞ୍ଜିତା ମେରି ନାୟକ ଧନ୍ୟବାଦ ଦେଇଥିଲେ।

## ଏଟିଏମ୍ କାର୍ଡ ଛଡ଼ାଇନେଇ ପ୍ରିନ୍ସିପାଲଙ୍କ ଆକାଉଣ୍ଟରୁ ୪୨ ହଜାର ଉଠାଇନେଲେ

ଭୁବନେଶ୍ୱର, ୮।୧୧(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀର ବିଭିନ୍ନ ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯାଉଥିଲେ ସତର୍କ ରୁହନ୍ତୁ। ନ ହେଲେ ଆପଣଙ୍କ ଏଟିଏମ୍ କାର୍ଡକୁ ଚତୁରତାର ସହ ବଦଳାଇ ବା ଛଡ଼ାଇନେଇ ଦୁର୍ବୃତ୍ତମାନେ ଆକାଉଣ୍ଟରୁ ଟଙ୍କା ନେଇଯିବେ। ଏଭଳି ଏକାଧିକ ଗ୍ୟାଙ୍ଗ୍ ଏବେ ଭୁବନେଶ୍ୱରରେ ସକ୍ରିୟ ରହିଥିବାବେଳେ ବିଭିନ୍ନ ବ୍ୟାଙ୍କର ଏଟିଏମ୍ ତଥା ଆଖପାଖରେ ଚକ୍କର କାଟି ଟଙ୍କା ଲୁଟୁଥିବା ଏକାଧିକ ଅଭିଯୋଗ ଥାନାରେ ହୋଇଛି। ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଠକିନେଇଥିବା ୨ ଅଭିଯୁକ୍ତଙ୍କୁ ଖଣ୍ଡଗିରି ପୋଲିସ ଗୁରୁବାର ଗିରଫ କରିଥିବାବେଳେ ଶୁକ୍ରବାର ଆଉ ଏକ ଘଟଣା ପଦାକୁ ଆସିଛି। ଲିଙ୍ଗରାଜ ଥାନା ଅଞ୍ଚଳରେ ୨ଜଣ ଦୁର୍ବୃତ୍ତ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ପ୍ରିନ୍ସିପାଲଙ୍କ ହାତରୁ ଏଟିଏମ୍ କାର୍ଡ ଛଡ଼ାଇନେଇ ତାଙ୍କ ଆକାଉଣ୍ଟରୁ ୪୨ ହଜାରରୁ ଅଧିକ ଟଙ୍କା ଉଠାଇ ନେଇଛନ୍ତି। ଏନେଇ ପ୍ରିନ୍ସିପାଲ ଜଣକ ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିପାରିନାହିଁ।
ଅଭିଯୋଗ ଅନୁସାରେ, ପ୍ରିନ୍ସିପାଲ ଜଣକ ବିବେକାନନ୍ଦ ରୋଡ୍‌ରେ ଥିବା ହନୁମାନ ମନ୍ଦିର ପାଖ ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯାଇଥିଲେ। ପିନ୍ ମାରି ଟଙ୍କା ଉଠାଇବା ବେଳେ ସାଇଡ୍‌ରେ ଥିବା ଜଣେ ବ୍ୟକ୍ତି ତାଙ୍କ ଏଟିଏମ୍ କାର୍ଡକୁ ଛଡ଼ାଇ ନେଇ ରାସ୍ତାରେ ବାଇକ୍‌ରେ ଅପେକ୍ଷା କରିଥିବା ଜଣେ ସହଯୋଗୀ ସହ ଫେରାର ହୋଇଯାଇଥିଲେ। କିଛି ସମୟ ପରେ ତାଙ୍କ ଆକାଉଣ୍ଟରୁ ୪୨ ହଜାର ଟଙ୍କା ଉଠାଯାଇଥିବା ନେଇ ତାଙ୍କ ମୋବାଇଲକୁ ମେସେଜ୍ ଆସିଥିଲା। ଏହାପରେ ସେ ଘଟଣା ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଥିଲେ।

## ଦକ୍ଷତା, ସ୍ୱଚ୍ଛତା ଭିତ୍ତିରେ ନିଯୁକ୍ତ ହେବେ ଅଧ୍ୟକ୍ଷ

ଭୁବନେଶ୍ୱର,୮।୧୧(ଅନୁରାଧା ମହାରଣା)

ଉଚ୍ଚଶିକ୍ଷା ବିଭାଗ ଅଧୀନ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ନିଯୁକ୍ତି ପାଇଁ ନିୟମାବଳୀ ପ୍ରସ୍ତୁତ ହୋଇଛି। ଏକାଧିକ ମାମଲାର ଶୁଣାଣି କରି ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଆଧାରରେ ସ୍ୱଚ୍ଛତା, ପ୍ରଶାସନିକ କ୍ଷେତ୍ରରେ ଦକ୍ଷତା ଓ ଯୋଗ୍ୟ ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯିବ। ବରିଷ୍ଠତା ଭିତ୍ତିରେ ୪୮୮ ବର୍ଗ ମହାବିଦ୍ୟାଳୟର ଅଧ୍ୟକ୍ଷ ନିଯୁକ୍ତ ହେବେ। କମନ କାଡର ଅଫ ରିଡର୍ସ ଗ୍ରେଡର ଶିକ୍ଷକମାନେ ହିଁ କେବଳ ଅଧ୍ୟକ୍ଷ ହୋଇପାରିବେ। ରିଡର ନ ଥିଲେ ବରିଷ୍ଠ ଅଧ୍ୟାପକଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯିବ। ଯଦି ବରିଷ୍ଠ ରିଡର ଅଧ୍ୟକ୍ଷ ହେବାକୁ ମନା କରନ୍ତି ତେବେ ସେ ଆଫିଡେଭିଟ ଦାଖଲ କରିବା ଅନିବାର୍ଯ୍ୟ। ଜଣେ ଅଧ୍ୟକ୍ଷଙ୍କ ୩ ବର୍ଷ ପାଇଁ ଦାୟିତ୍ୱ ରହିଛି। ଆବଶ୍ୟକ ପଡ଼ିଲେ କାର୍ଯ୍ୟକାଳ ଅତିରିକ୍ତ ୨ ବର୍ଷ ବୃଦ୍ଧି କରାଯାଇପାରେ। ୬୨୨ ବର୍ଗ କଲେଜରେ ମଧ୍ୟ ବରିଷ୍ଠତାକୁ ପ୍ରାଥମିକତା ଦିଆଯିବ ବୋଲି ବିଭାଗ ପକ୍ଷରୁ ଶୁକ୍ରବାର ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା କଳିଙ୍ଗ ପୁସ୍ତକ ମେଳାରେ ପୁସ୍ତକପ୍ରେମୀମାନେ ଷ୍ଟଲ୍‌ରେ କିଣାକିଣି କରୁଛନ୍ତି। (ଫଟୋ– ବିକାଶ ନାୟକ)

## ଅପରାଧ ରୋକିବାକୁ କନ୍‌ଭଏ ପାଟ୍ରୋଲିଂ ବ୍ୟବସ୍ଥା ଆରମ୍ଭ

ଭୁବନେଶ୍ୱର, ୮।୧୧(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ବଢ଼ି ଚାଲିଥିବା ଅପରାଧକୁ ହ୍ରାସ କରିବା ପାଇଁ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଓ ଡିସିପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସେଫ୍ ସିଟି ଡ୍ରାଇଭ୍‌ରେ କନ୍‌ଭଏ ପାଟ୍ରୋଲିଂ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହି ନୂଆ ବ୍ୟବସ୍ଥାରେ ୪ ପାଟ୍ରୋଲିଂ ଗାଡ଼ିରେ ମହିଳା ଓ ପୁରୁଷ ପୋଲିସ ଅଫିସରମାନେ ଏକାବେଳେ ବିଭିନ୍ନ ଥାନା ଅଞ୍ଚଳକୁ ଅଞ୍ଚଳ ସାଇରନ ବଜାଇ ବୁଲିବା ସହ ଅପରାଧୀଙ୍କ ଉପରେ ନଜର ରଖିବେ। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବାବେଳେ ଲୋକାଲ ଅଫିସରମାନଙ୍କ ନେତୃତ୍ୱରେ ଏହି ଟିମ୍‌ର ସଦସ୍ୟ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ରାତି ସାଢେ ୧୧ଟାରୁ ଭୋର୍ ସାଢେ ୪ଟା ପର୍ଯ୍ୟନ୍ତ ପାଟ୍ରୋଲିଂ କରାଯାଇଥିଲା। ଏହି ସମୟରେ ଦାଗୀ ତଥା ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଚିହ୍ନଟକରି ଥାନାକୁ ଆଣି ପଚରାଉଚରା କରାଯାଇଥିଲା। ଏହି ଧରପଗଡ଼ ଅଭିଯାନରେ ପୋଲିସ କର୍ମଚାରୀମାନେ ବଡି କ୍ୟାମେରା, ମ୍ୟାନ୍‌ପ୍ୟାକ ହ୍ୟାଣ୍ଡସେଟ୍, ରେଡିୟମ ଜ୍ୟାକେଟ ଏବଂ ଲାଇଟ୍ ବଟନ୍ ବ୍ୟବହାର କରିଥିଲେ।

## ସମ୍ ହସ୍ପିଟାଲ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର,୮।୧୧(ଅନୁରାଧା ମହାରଣା)



ଗଞ୍ଜାମ ସୀତାପଲ୍ଲୀସ୍ଥିତ ଆଇଏମ୍‌ଏସ୍ ଆଣ୍ଡ୍ ସମ୍ ହସପିଟାଲ–୩ ପକ୍ଷରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭରୋଷା ସହଯୋଗରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭାରତୀ ବିଦ୍ୟାପୀଠରେ ଆୟୋଜିତ ଏହି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ଆଖପାଖ ଅଞ୍ଚଳର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ହସ୍ପିଟାଲର ମେଡିସିନ୍, ଏଣ୍ଡୋକ୍ରାଇନୋଲୋଜି, ଅର୍ଥୋପେଡିକ୍ସ, ଅବ୍‌ଷ୍ଟେଟ୍ରିକ୍ସ ଆଣ୍ଡ୍ ଗାଏନାକୋଲୋଜି, ପେଡିଆଟ୍ରିକ୍ସ, ସାଇକିଆଟ୍ରିକ, ଅପ୍‌ଥାଲମୋଲୋ ଓ ଡିସେଣ୍ଟ୍ରି ଆଦି ବିଭାଗର ବିଶେଷଜ୍ଞମାନେ ଯୋଗଦେଇ ସ୍ୱାସ୍ଥ୍ୟଗତ ପରାମର୍ଶ ଦେଇଥିଲେ। ଉତ୍ତମମାନର ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ସମ୍ ହସ୍ପିଟାଲ ପ୍ରତିଶ୍ରୁତିବଦ୍ଧ ବୋଲି ଶିବିରକୁ ଉଦ୍‌ଘାଟନ କରିବା ଅବସରରେ ଏହାର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ କହିଥିଲେ। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଅଧିବେଶନରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ବିଶେଷଜ୍ଞମାନେ ଆଲୋଚନା କରିଥିଲେ। ଉତ୍ତମ ଜୀବନଶୈଳୀ ମଣିଷକୁ ସୁସ୍ଥ ରଖେ ବୋଲି ସେମାନେ ମତ ପ୍ରକାଶ କରିଥିଲେ।

## ଟ୍ରାକ୍ଟର ପଛକୁ ଧକ୍କାଦେଇ କାର୍ ଦୁର୍ଘଟଣାଗ୍ରସ୍ତ

ତ୍ରିଶୂଳିଆ,୮।୧୧ (ତୁଷାରକାନ୍ତ ବେହେରା)

ବାରଙ୍ଗ ନନ୍ଦନକାନନ ମୁଖ୍ୟ ରାସ୍ତା ବଛିପୁର ଛକ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏକ କାର୍ ଦ୍ରୁତବେଗରେ ଆସି ଭାରସାମ୍ୟ ହରାଇ ଟ୍ରାକ୍ଟର ପଛକୁ ଧକ୍କା ଦେଇଥିଲା। ଫଳରେ କାର୍‌ର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିବା ବେଳେ କାର୍‌ରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି।

## ଖବରକାଗଜ ବିତରକଙ୍କ ହୃଦ୍‌ଘାତରେ ମୃତ୍ୟୁ



ଭୁବନେଶ୍ୱର, ୮।୧୧(ବନ୍ଦନା ସେଠୀ)

ନାଲ୍‌କୋ ଛକ ନ୍ୟୁଜ୍‌ପେପର ହକର ସଂଘ ସଦସ୍ୟ କୃଷ୍ଣଚନ୍ଦ୍ର ସାହୁ ଓରଫ୍ ଲାଲ୍‌ଟୁଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ତାଙ୍କୁ ୪୦ ବର୍ଷ ବୟସ ହୋଇଥିଲା। ଶୁକ୍ରବାର ନାଲ୍‌କୋ କାଉଣ୍ଟରରେ ସଂଘର ସାଧାରଣ ସମ୍ପାଦକ ଅରୁଣ କୁମାର ଦେଙ୍କ ଆବାହକତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଏଥିରେ ନାଲ୍‌କୋ କାଉଣ୍ଟରର ସମସ୍ତ ସଦସ୍ୟ ଉପସ୍ଥିତ ରହି ସ୍ୱର୍ଗତ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ଏଥିସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସ୍ୱଇଚ୍ଛାରେ ସାହାଯ୍ୟ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା।

## ଆଇନଗତ ପୋଷ୍ୟ ଗ୍ରହଣ ହିଁ ଶିଶୁକୁ ପ୍ରକୃତ ପରିବାର ଯୋଗାଇଦେଇଥାଏ

ଭୁବନେଶ୍ୱର, ୮।୧୧ (ବନ୍ଦନା ସେଠୀ)

ଆଇନଗତ ପୋଷ୍ୟ ଗ୍ରହଣ ହିଁ ପ୍ରତ୍ୟେକ ଶିଶୁକୁ ପ୍ରକୃତ ପରିବାର ଯୋଗାଇଦେବାର ପ୍ରକୃଷ୍ଟ ଉପାୟ। ଶିଶୁ ସୁରକ୍ଷା ବ୍ୟବସ୍ଥାର ପ୍ରତ୍ୟେକ ହିତାଧିକାରୀଙ୍କ ସକ୍ରିୟ ସହଭାଗିତା ଦ୍ୱାରା ଏହାକୁ ନିଶ୍ଚିତ କରାଯାଇପାରିବ ବୋଲି ରାଜ୍ୟସ୍ତରୀୟ ପୋଷ୍ୟ ଗ୍ରହଣ ନିୟମାବଳୀ ୨୦୨୨ ତାଲିମ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। କେନ୍ଦ୍ରୀୟ ପୋଷ୍ୟ ଗ୍ରହଣ ସମ୍ବଳ କର୍ତ୍ତୃପକ୍ଷ ନୂଆଦିଲ୍ଲୀଙ୍କ ସହଯୋଗରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ ରାଜ୍ୟ ପୋଷ୍ୟ ଗ୍ରହଣ ସଂଯୋଜନା ସଂସ୍ଥା ଏବଂ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ଅତିରିକ୍ତ ଜିଲାପାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ, ରାଜ୍ୟରେ ଥିବା ୩୩ଟି ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ପ୍ରଦାନ ସଂସ୍ଥାର ପରିଚାଳକମାନେ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ଅତିରିକ୍ତ ନିର୍ଦ୍ଦେଶକ ସସ୍ମିତ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ପୋଷ୍ୟ ଗ୍ରହଣ ଓ ପ୍ରଦାନର ପ୍ରକ୍ରିୟାକୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ପରିବାରଟିଏ ପାଇବା ପ୍ରତ୍ୟେକ ଶିଶୁର ଅଧିକାର। ଏଥିପାଇଁ ସମସ୍ତେ ଉଦ୍ଦିଷ୍ଟ ସମୟକୁ ପାଳନ କରିବା ଉଚିତ। ଶିଶୁ ସୁରକ୍ଷା ସମିତି ନିର୍ଦ୍ଦେଶକ ମନୀଷା ବାନାର୍ଜୀ ପୋଷ୍ୟ ଗ୍ରହଣ ସମ୍ପର୍କରେ ଅଧିକରୁ ଅଧିକ ଆଲୋଚନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ରୀୟ ପୋଷ୍ୟ ଗ୍ରହଣ ସମ୍ବଳ କର୍ତ୍ତୃପକ୍ଷ ନୂଆଦିଲ୍ଲୀର ସମ୍ବଳକର୍ମୀ ଅନ୍ୱେଷା ମିଶ୍ର ଏବଂ ଶିବମ ତ୍ୟାଗୀ 'ଡେଭଲପର କେୟାରିଂସ୍' ପୋଷ୍ୟ ଗ୍ରହଣ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁ ସୁରକ୍ଷା ସମିତିର କାର୍ଯ୍ୟକ୍ରମ ପ୍ରବନ୍ଧକ ପ୍ରୀତିକାନ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରାଜ୍ୟ ପୋଷ୍ୟ ଗ୍ରହଣ ସଂସ୍ଥାର କାର୍ଯ୍ୟକ୍ରମ ପ୍ରବନ୍ଧକ ସୁଜାତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କୁ ଆକ୍ରମଣ: ୨ ଭାଇ ସମେତ ୩ ଗିରଫ

ଭୁବନେଶ୍ୱର,୮।୧୧(ସୂର୍ଯ୍ୟକାନ୍ତ ବେହେରା)

ବଡ଼ଗଡ଼ ଥାନା ଅନ୍ତର୍ଗତ ମଇଁଷାଖାଲ ଅଞ୍ଚଳରେ ଦଶହରା ଭସାଣି ବୁଲି ଘରକୁ ଫେରୁଥିବାବେଳେ ଜଣେ ଯୁବକଙ୍କୁ ଖଣ୍ଡାରେ ଗୋଡ଼ାଇ ଆକ୍ରମଣ ଘଟଣାରେ ବଡ଼ଗଡ଼ ପୋଲିସ ଦୁଇଭାଇଙ୍କ ସମେତ ୩ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କନ୍ଧମାଳର ପ୍ରତ୍ୟୁଷ କହଁର ଓ ତାଙ୍କ ଭାଇ ଅଙ୍କିତ କହଁର ଏବଂ ଅନ୍ୟ ଜଣେ ହେଲେ ଭୁବନେଶ୍ୱର ବିଜେବି ନଗର ଅଞ୍ଚଳର ଗଣେଶ ବେହେରା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଚଳାଇଛି।

## ଗୀତା ଦାଶଙ୍କୁ 'ଶାନ୍ତିଲତା ସଙ୍ଗୀତ ସମ୍ମାନ'

ଭୁବନେଶ୍ୱର, ୮।୧୧ (ବନ୍ଦନା ସେଠୀ)

'ସବୁ ବନ୍ଧନ ମୋ ଖୋଲିଦେଇ ପ୍ରଭୁ'..., 'ହେ ଚକାନୟନ'..., 'କଳାମାଣିକରେ ମୋର'..., 'ଭଜି ଭଜି ତୋ ନାମ'..., 'ଶ୍ୟାମ ପ୍ରେମ ବଡ଼ ଥଣ୍ଡା'..., 'ମନକୁ କରିଛି ଗୋପପୁର'... ଭଳି ହୃଦୟସ୍ପର୍ଶୀ ଭଜନରେ ଗୁଞ୍ଜରିତ ହୋଇ ଉଠିଥିଲା ପରିବେଶ। ଅବସରଥିଲା ନାଲ୍‌କୋ–ଶାନ୍ତିଲତା ବାରିକ ଛୋଟରାୟ କଲ୍‌ଚରାଲ ଟ୍ରଷ୍ଟ ଦ୍ୱାରା ପ୍ରାୟୋଜିତ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ 'ହେ ଚକାନୟନ'। ସୂଚନା ଭବନଠାରେ ଅନୁଷ୍ଠିତ ଏହି ଭକ୍ତିଭରା କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀମାନେ ଶାନ୍ତିଲତା ଗାଇଥିବା ଭକ୍ତି ସଙ୍ଗୀତକୁ ଅତି ସୁନ୍ଦରତାର ସହ ପରିବେଷଣ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଗୀତା ଦାଶଙ୍କୁ 'ଶାନ୍ତିଲତା ସଙ୍ଗୀତ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ଜ୍ୟୋତିର୍ମୟୀ ନାୟକଙ୍କୁ 'ଶାନ୍ତିଲତା ସଙ୍ଗୀତ ପ୍ରତିଯୋଗିତା ୨୦୨୪'ରେ ଶ୍ରେଷ୍ଠ ସ୍ଥାନ ଅଲଙ୍କୃତ କରିଥିବାରୁ ସମ୍ମାନିତ କରାଯାଇଥିଲା। ସେହିପରି ଭକ୍ତି ସଙ୍ଗୀତ ରଚନାରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ରାମଚନ୍ଦ୍ର ପ୍ରଧାନ ଓ ମଞ୍ଚ ସାଜସଜ୍ଜାରେ ଅନନ୍ୟ ପ୍ରଦର୍ଶନ ପାଇଁ ଚିନ୍ତାମଣି ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବତନ ବିଧାୟକ ସୁର ରାଉତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ, ନାଲ୍‌କୋର ପୂର୍ବତନ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଯୋଗଦେଇଥିଲେ। ବରିଷ୍ଠ ସ୍ତମ୍ଭକାର ପ୍ରଦୋଶ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।



ଅତିଥିମାନେ କଣ୍ଠଶିଳ୍ପୀ ଗୀତା ଦାଶଙ୍କୁ ସମ୍ମାନ ପ୍ରଦାନ କରୁଛନ୍ତି।

## ଗୁରୁ ଦୁର୍ଗାଚରଣ, ଗୀତା ମାହାଲିକଙ୍କୁ 'ଅଦ୍ୱୈତ ଜୀବନବ୍ୟାପୀ ସମ୍ମାନ'

ଭୁବନେଶ୍ୱର, ୮।୧୧ (ବନ୍ଦନା ସେଠୀ)



ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ସୁଶ୍ରୀ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ଦର୍ପଣ ନୃତ୍ୟାନୁଷ୍ଠାନର ପ୍ରଥମ 'ଅଦ୍ୱୈତ ନୃତ୍ୟ ଉତ୍ସବ' ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ପ୍ରଥମ ଭାଗରେ ଦର୍ପଣ ଅନୁଷ୍ଠାନର କୁନିକୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ବଲପୁରୀ ଓ ପଲ୍ଲୀନୃତ୍ୟ ସହିତ ଓଡ଼ିଶୀ ନୃତ୍ୟରେ କସ୍ତୁରୀ ତିଲକମ୍ ପରିବେଷିତ ହୋଇଥିଲା। ପରେ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ସେ ରାଧାକୃଷ୍ଣଙ୍କ ଉପରେ ଆଧାରିତ ଅଭିନୟ 'ମାମିୟମ ଛନ୍ଦିତ' ପରିବେଷଣ କରିଥିଲେ। ତାଙ୍କପରେ କୌଶିକ ଲଲାଟିକା ପଟ୍ଟନାୟକଙ୍କ ଦ୍ୱାରା ପଲ୍ଲବୀ ଏବଂ ନୀଳାଦ୍ରି ମହାନ୍ତି, ଗାୟତ୍ରୀ ରଣବୀର, ମନୋଜ କୁମାର ପ୍ରଧାନ ଓ ଜଗତ୍‌ଜିତ ଦାସଙ୍କ ଦ୍ୱାରା ଏକକ ନୃତ୍ୟ ଏବଂ ଭାରତୀ ନୃତ୍ୟ ମନ୍ଦିରର କଳାକାରଙ୍କ ଦ୍ୱାରା ଦ୍ୱୈତ ନୃତ୍ୟ ପରିବେଷିତ ହୋଇଥିଲା। ଶେଷରେ ପ୍ରଜ୍ଞା ନୃତ୍ୟାୟନର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଦଳଗତ ନୃତ୍ୟ 'ନବଦୁର୍ଗା' ପରିବେଷଣ କରାଯାଇଥିଲା। ଏହି ଅବସରରେ ପଦ୍ମଶ୍ରୀ ଗୁରୁ ଗୀତା ମାହାଲିକ ଓ ଗୁରୁ ଦୁର୍ଗା ଚରଣ ରଣବୀରଙ୍କୁ 'ଅଦ୍ୱୈତ ଜୀବନବ୍ୟାପୀ ସାଧନା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ଯୁବ ନୃତ୍ୟଶିଳ୍ପୀ କୌଶିକୀ ଲଲାଟିକା ପଟ୍ଟନାୟକ, ନିଳାଦ୍ରୀ ମହାନ୍ତି, ଜଗ୍‌ଜିତ୍ ଦାସ, ଗାୟତ୍ରୀ ରଣବୀର ଓ ମନୋଜ ପ୍ରଧାନଙ୍କୁ 'ଅଦ୍ୱୈତ ଯୁବ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇ ଥିଲା। ଅତିଥି ଭାବେ ମାନବାଧିକାର ଆୟୁକ୍ତ ଓ ଯୁଗ୍ମ ସଚିବ ବିଶ୍ୱଜିତ ବର୍ମନ, ଓଡିଶା ରାଜ୍ୟ ଅଧିବକ୍ତା ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହନିର୍ଦ୍ଦେଶକ ଟି.ବି.ଟି. ଅନ୍‌ସାରୀ ପ୍ରମୁଖ ଉପସ୍ଥିତ ଥିଲେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବାଲି ବୋଝେଇ ହାଇୱା ଧକ୍କାରେ ଯାତ୍ରୀ ବିଶ୍ରାମାଗାର ଭାଙ୍ଗିଲା



ଟାଙ୍ଗୀ, ୮।୧୧ (ରଘୁନାଥ ସାହୁ)

ରାଇପଡ଼ା ଛକରେ ଥିବା ଯାତ୍ରୀ ବିଶ୍ରାମାଗାରକୁ ଏକ ବାଲି ବୋଝେଇ ହାଇୱା ଧକ୍କାଦେଇ ଓଲଟି ପଡ଼ିଥିଲା। ଫଳରେ ଯାତ୍ରୀ ବିଶ୍ରାମାଗାରଟି ଭାଙ୍ଗିରୁଜି ଯାଇଛି। ପ୍ରକାଶ ଯେ, ମହାନଦୀରୁ ବାଲି ବୋଝେଇକରି ହାଇୱାଟି ରଣପୁର ଦେଇ ବାଲୁଗାଁ ଅଭିମୁଖେ ଯାଉଥିବା ବେଳେ ପୋଲିସ ଚେକିଂରୁ ବର୍ତ୍ତିବା ପାଇଁ ଦ୍ରୁତଗତିରେ ଯିବାବେଳେ ରାଇପଡ଼ା ଛକରେ ଥିବା ଯାତ୍ରୀ ବିଶ୍ରାମାଗାରକୁ ଧକ୍କାଦେଇ ଓଲଟି ପଡ଼ିଥିଲା। ଖବରପାଇ ଚାନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ନକଲି ଜର୍ଦ୍ଦା ଜବତ, ୨ ଗିରଫ

ଖୋର୍ଦ୍ଧା, ୮।୧୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ଚାଲିଛି ନକଲି ଗୋପାଳ ଜର୍ଦ୍ଦା କାରବାର। କମ୍ପାନୀ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ସ୍ଥାନୀୟ ସମବାୟ ବ୍ୟାଙ୍କ ଛକ ଏବଂ ପୂର୍ତ୍ତ ବିଭାଗ ବଙ୍ଗଳା ନିକଟ ଦୁଇଟି ଦୋକାନରେ ଚଢ଼ାଉ କରି ନକଲି ଜର୍ଦ୍ଦା ଓ ଗୁଣ୍ଡି ଜବତ କରିଛି। ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମୁକୁନ୍ଦପ୍ରସାଦର ଏମ୍‌ଡି ସିଦ୍ଦିକ୍ ଏବଂ ମଲ୍ଲିପୁରର ପ୍ରଭାତ କୁମାର ସେଠୀ। ଏମାନଙ୍କଠାରୁ ୨୦ ଡବା ନକଲି ଜର୍ଦ୍ଦା ଏବଂ ୨୭ ପ୍ୟାକେଟ ନକଲି ଗୁଣ୍ଡି ଜବତ ହୋଇଛି। ଅଭିଯୋଗ ଅନୁସାରେ, ଖୋର୍ଦ୍ଧାରେ କେତେକ ଦୋକାନରେ ନକଲି ଗୋପାଳ ଜର୍ଦ୍ଦା ଏବଂ ଗୁଣ୍ଡି ବ୍ୟବହାର କରାଯାଉଥିବା କମ୍ପାନୀ କର୍ମକର୍ତ୍ତା ଜାଣିବାକୁ ପାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଗିରଫଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସଞ୍ଜୟ ନାୟକ ସୂଚନା ଦେଇଛନ୍ତି।

### ମନ୍ଦାକିନୀ ନଦୀରୁ ଯୁବକଙ୍କ ଗଳିତ ମୃତଦେହ ଜବତ

ନିରାକାରପୁର, ୮।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଅଧୀନ ରାମେଶ୍ୱର ଛକ ନିକଟ ମନ୍ଦାକିନୀ ନଦୀରୁ ଶୁକ୍ରବାର ପୋଲିସ ଟାଙ୍ଗୀ ଅଗ୍ନିଶମ ବିଭାଗ ସହାୟତାରେ ଜଣେ ଅଜଣା ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି। ମୃତ ଯୁବକଙ୍କ ଆନୁମାନିକ ବୟସ ୪୦ ବର୍ଷ ହେବ। ୪ରୁ ୫ ଦିନ ପାଣିରେ ପଡ଼ିରହିବାରୁ ମୃତଦେହଟି ପଚି ଦୁର୍ଗନ୍ଧ ହେଉଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୩/୨୪)ରୁଜୁ ହୋଇଛି। ଖୋର୍ଦ୍ଧା ମେଡିକାଲରେ ବ୍ୟବଚ୍ଛେଦ ପରେ ମୃତଦେହ ଚିହ୍ନଟ ଉଦ୍ଦେଶ୍ୟରେ ଫ୍ରିଜରରେ ରଖାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରିଣୀ ପ୍ରଜ୍ଞା ରଥୁମରା କର ସୂଚନା ଦେଇଛନ୍ତି।

# ନଳବଣ ନିଷିଦ୍ଧାଞ୍ଚଳରେ ମାଛ ଧରି ୧୬ ମତ୍ସ୍ୟଜୀବୀ ଗିରଫ

## ୩ ଡଙ୍ଗା, ଜାଲ ଜବତ

ବାଲୁଗାଁ, ୮।୧୧ (ସଂଗ୍ରାମ ପାଇକରାୟ)

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନ ତଥା ପକ୍ଷୀ ଅଭୟାରଣ୍ୟ ନଳବଣ ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶ କରି ବେଆଇନଭାବେ ମାଛ ଧରୁଥିବା ବେଳେ ୧୬ ମତ୍ସ୍ୟଜୀବୀଙ୍କୁ ଶୁକ୍ରବାର ବିଭାଗ ପକ୍ଷରୁ ଗିରଫ କରାଯାଇଛି। ସେମାନେ ହେଲେ ସ୍ଥାନୀୟ ଚନ୍ଦ୍ରପୁଟ ଗ୍ରାମର ମୋଚିରାମ ଜାଲି(୬୫), ବ୍ରଜକିଶୋର ଜାଲି(୬୦), ବାବୁଲା କେଉ(୪୫), କାଳୁ ଜାଲି(୩୮), ଦୁର୍ଯ୍ୟୋଧନ ବେହେରା(୫୨), ଭ୍ରମରବର ଜାଲି(୫୫), ବାବୁଲା ଜାଲି(୪୩), ରଞ୍ଜନ କେଉ(୨୬), ଦେବବ୍ରତ ବେହେରା(୨୯), କହ୍ନେଇ ଦାସ(୪୫), ଦାଶରଥି ବେହେରା(୫୨), ପ୍ରକାଶ କୁମାର ଜାଲି(୪୦), ଗୋଲଖ ଜାଲି(୪୫), ମିଥୁନ ଜାଲି(୩୦), ଶଙ୍କର ବେହେରା(୫୫) ଏବଂ ରୂପକ ଜାଲି(୩୪)। ଏମାନଙ୍କ ନିକଟରୁ ୩ଟି ଇଞ୍ଜିନଚାଳିତ ଡଙ୍ଗା, ୭୫ପଟ ଡୁବି ଜାଲ, ୪୭ଟି ମାଛଧରା ଜାଲ ସମେତ ଅନ୍ୟାନ୍ୟ ସାମଗ୍ରୀ ଏବଂ ୩ଟି ମୋବାଇଲ ଫୋନ୍ ଜବତ ହୋଇଛି। ୧୯୭୨ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ବାଲୁଗାଁ ରେଞ୍ଜ୍ ପକ୍ଷରୁ ପୃଥକ୍ ଭାବେ ୩ଟି(ନଂ. ୩୬, ୩୭, ୩୮/୨୪) ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ତଥା ସେମାନଙ୍କ ବିଚରଣରେ ବାଧା ନ ଉପୁଜିବା ପାଇଁ ପକ୍ଷୀ ଅଭୟାରଣ୍ୟ ନଳବଣଠାରୁ ଚିଲିକା ଜଳରାଶିରେ ପ୍ରାୟ ୫ଶହ ମିଟର ଦୂରତାରେ ସିମେଣ୍ଟ ଖୁଣ୍ଟ ପୋତାଯାଇ ଚତୁଃପାର୍ଶ୍ୱ ଅଞ୍ଚଳକୁ ବିଭାଗ ପକ୍ଷରୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ଏପରିକି ଚିଲିକା ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକଙ୍କୁ ନଳବଣ ନିଷିଦ୍ଧାଞ୍ଚଳକୁ ପ୍ରବେଶ ଅନୁମତି ଦିଆଯାଉନାହିଁ। ଏଥିସହ ଚିଲିକାରେ ମାଛଧରି ପରିବାର ପ୍ରତିପୋଷଣ କରୁଥିବା ମତ୍ସ୍ୟଜୀବୀଙ୍କୁ ମଧ୍ୟ ପ୍ରବେଶ ନିଷେଧ ରହିଛି। ତେବେ ପକ୍ଷୀସମୂହ ମଳତ୍ୟାଗ କରୁଥବା ଉକ୍ତ ନିଷିଦ୍ଧାଞ୍ଚଳ ଜଳରାଶିରେ ପ୍ରଚୁର ମାଛ ଓ କଙ୍କଡ଼ା ରହୁଥିବାରୁ ମତ୍ସ୍ୟଜୀବୀମାନେ ବେଆଇନଭାବେ ପ୍ରବେଶ କରି ମାଛ ଧରିବାକୁ ପଛାଉନାହାନ୍ତି। ଏପରିକି ମାଛଧରି ଗିରଫ ହେବା ଘଟଣା ପୂର୍ବରୁ ବହୁ ନଜିର ରହିଛି। ତେବେ ଚିଲିକାରେ ବର୍ତ୍ତମାନ ମାଛ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ନଳବଣ ନିଷିଦ୍ଧାଞ୍ଚଳରେ ପ୍ରଚୁର ମାଛ ରହୁଥିବାରୁ ମତ୍ସ୍ୟଜୀବୀମାନେ ପରିବାର ପ୍ରତିପୋଷଣ ପାଇଁ ନିୟମ ନ ମାନି ମାଛ ଧରୁଥିବା ଦେଖାଯାଉଛି। ଏପରିସ୍ଥଳେ ଶୁକ୍ରବାର ସକାଳ ୯ଟାରେ ଉପରୋକ୍ତ ମତ୍ସ୍ୟଜୀବୀମାନେ ୩ଟି ଡଙ୍ଗାରେ ଯାଇ ନଳବଣ ନିଷିଦ୍ଧାଞ୍ଚଳରେ ମାଛ ଧରୁଥିବା ଖବରପାଇ ଡିଏଫ୍‌ଓ ଅମ୍ଲାନ୍ ନାୟକଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ରେଞ୍ଜର ରଶ୍ମିତା ଜେନା ସଦଳବଳ ଚଢ଼ାଉ କରି ଉପରୋକ୍ତ ମତ୍ସ୍ୟଜୀବୀମାନଙ୍କୁ ଗିରଫ କରିଥିଲେ।

# ଉଚ୍ଚ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଟାଙ୍ଗୀ, ୮।୧୧ (ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ତିନିଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ନିମନ୍ତେ ଏହି ପ୍ରଶିକ୍ଷଣ ଶିବିର ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ସଞ୍ଜୁକ୍ତା ବେହେରା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳନା ହୋଇଥିଲା। ସମ୍ବଳ ଶିକ୍ଷକ ଅମିତ ଚକ୍ରବର୍ତ୍ତୀ, ନୀଳାଦ୍ରି ସିଂ, ବିଜୟ କୁମାର ସେଠୀ, ସମରେଶ ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ବୈଠକରେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ନିରାପତ୍ତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ରତ୍ନାକର ବେହେରା ଧନ୍ୟବାଦ ଦେଇଥିଲେ। ଶିବିରରେ ଏହି ବ୍ଲକ ଅନ୍ତର୍ଗତ ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦେଇଥିଲେ।

# ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ନାବିକଙ୍କ ପ୍ରଶିକ୍ଷଣ



ବାଲୁଗାଁ, ୮।୧୧ (ସଂଗ୍ରାମ ପାଇକରାୟ)

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆର୍ଦ୍ରଭୂମି ଚିଲିକାର ପରିବେଶ ସ୍ୱଚ୍ଛତା, ପର୍ଯ୍ୟଟକଙ୍କ ସୁରକ୍ଷା ଏବଂ କାର୍ଯ୍ୟରତ ପର୍ଯ୍ୟଟନ ନାବିକଙ୍କ ଜୀବନଜୀବିକା କ୍ଷେତ୍ରରେ ଉନ୍ନତି ନିମିତ୍ତ ଏକ ପ୍ରଶିକ୍ଷଣ ସମାରୋହ ଶୁକ୍ରବାର ସ୍ଥାନୀୟ ସିଡିଏ ଆର୍ଦ୍ରଭୂମି ଗବେଷଣା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସିଡିଏ ସହକାରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମ୍ଲାନ୍ ନାୟକ ଉଦ୍‌ଘାଟନ କରିଥିବା ବେଳେ ବୈଜ୍ଞାନିକ ଡା. ପ୍ରଦୀପ ରଞ୍ଜନ ମୁଦୁଲି, ବଡ଼କୂଳ ପାନ୍ଥନିବାସ ମୁଖ୍ୟ ପରିଚାଳକ ସବ୍ୟସାଚୀ କର, ଡା. ସୁଶାନ୍ତ କୁମାର ସାସ୍ମଲ ପ୍ରମୁଖ ଯୋଗଦେଇ ଚିଲିକାରେ ପର୍ଯ୍ୟଟକଙ୍କୁ ସେବା ଯୋଗାଇଆସୁଥିବା ନାବିକଙ୍କୁ ବିଭିନ୍ନ ସଚେତନମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ଏଥିସହିତ ଡା. ଅଦ୍ୟାଶା ଦାସ, ରେଞ୍ଜର ରଶ୍ମିତା ଜେନା, ମନୋରଞ୍ଜନ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଶେଷକରି ଆର୍ଦ୍ରଭୂମି ଚିଲିକା ଏବଂ ଏହାର ଚତୁଃପାର୍ଶ୍ୱ ପରିବେଶର ସ୍ୱଚ୍ଛତା ଓ ସୁରକ୍ଷା ସହ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଉତ୍ତମ ବ୍ୟବହାର, ଦୁର୍ଘଟଣା ସମୟରେ ସୁରକ୍ଷା ଦିଗରେ ପ୍ରାଧାନ୍ୟ ଉପରେ ଉପସ୍ଥିତ ନାବିକଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ୟୁକୋ ଟୁରିଜମ୍ ମାଧ୍ୟମରେ ପର୍ଯ୍ୟଟନ ନାବିକଙ୍କ ଜୀବନଜୀବିକା କ୍ଷେତ୍ରରେ କିପରି ଉନ୍ନତି ହୋଇପାରିବ ସେ ଦିଗରେ ମଧ୍ୟ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରସଙ୍ଗରେ କହିଥିଲେ। ଏହି ଅବସରରେ ଚିଲିକାରେ ଯାତ୍ରୀ ପରିବହନ କ୍ଷେତ୍ରରେ ଚୟନ ହୋଇଥିବା ବିଭିନ୍ନ ଡଙ୍ଗା ମାଲିକ ସଂଘର ୪୦ରୁ ଊର୍ଦ୍ଧ୍ୱ ନାବିକଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ ପର୍ଯ୍ୟାୟକ୍ରମେ ଜାରି ରହିବ। ସିଡିଏ କର୍ମଚାରୀଙ୍କ ସମେତ ଅନ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ନୀଳାଚଳ ସତ୍‌ସଙ୍ଗ ଭକ୍ତ ସମ୍ମିଳନୀ

ବେଗୁନିଆ, ୮।୧୧ (ସନ୍ଧ୍ୟାରାଣୀ ମିଶ୍ର)

ନୀଳାଚଳ ସତ୍‌ସଙ୍ଗ ଭକ୍ତ ସମ୍ମିଳନୀରେ ସ୍ୱର୍ଗତ ଅନନ୍ତ ଚରଣ ପ୍ରହରାଜଙ୍କ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟିକାତାଲ ଆଶ୍ରମର ସ୍ୱାମୀ ଭାଗବତାନନ୍ଦ ପୁରୀଙ୍କ ଅଧ୍ୟକ୍ଷତାରେ ଏବଂ ବେଗୁନିଆ ନୀଳାଚଳ ସତ୍‌ସଙ୍ଗ ସଭାପତି ରାମଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରାୟ ୨୫ଟି ସତ୍‌ସଙ୍ଗର ଦୁଇଶହରୁ ଊର୍ଦ୍ଧ୍ୱ ଭକ୍ତଙ୍କ ଉପସ୍ଥିତିରେ ସ୍ମୃତିଚାରଣ କରାଯାଇଥିଲା। ବେଗୁନିଆ ବିଦ୍ୟୁତ୍ ଉପଖଣ୍ଡର ସହକାରୀ ଯନ୍ତ୍ରୀ ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ ଏବଂ ବୀରକିଶୋର ପଣ୍ଡାଙ୍କ ସମେତ ଅନ୍ୟମାନେ ସ୍ମୃତିଚାରଣ କରିଥିଲେ। ଅନ୍ତର୍ଯ୍ୟାମୀ ସାହୁ ଭଜନ ପରିବେଷଣ କରିଥିଲେ। ଦିଲୀପ କୁମାର ସାହୁ ଓ ସୁବାସ ଚନ୍ଦ୍ର ମହାପାତ୍ର ସଭା ପରିଚାଳନା କରିଥିଲେ। ବିଭିନ୍ନ ସତ୍‌ସଙ୍ଗରୁ ଆସିଥିବା ମୁଖ୍ୟ ବ୍ୟକ୍ତିମାନଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଶେଷରେ ବିଜୟ କୁମାର ପ୍ରହରାଜ ଧନ୍ୟବାଦ ଦେଇଥିଲେ।

# ଭାଜପାର ଖୋର୍ଦ୍ଧା ଜିଲା ସଙ୍ଗଠନ ପର୍ବ, କର୍ମଶାଳା





କାର୍ଯ୍ୟକ୍ରମରେ ଭାଜପା ନେତା ଏବଂ କର୍ମୀମାନେ।

ଖୋର୍ଦ୍ଧା, ୮।୧୧ (ପ୍ରଭାତ ପାଣିଗ୍ରାହୀ)

## ସକ୍ରିୟ ସଭ୍ୟ ସଂଗ୍ରହ, ଲୋକଙ୍କ ନିକଟତର ହୁଅ

ଭାରତୀୟ ଜନତା ପାର୍ଟି(ଭାଜପା) ଖୋର୍ଦ୍ଧା ଜିଲା ସଙ୍ଗଠନ ପର୍ବ ଏବଂ କର୍ମଶାଳା ସ୍ଥାନୀୟ ଟାଉନ ହଲ୍‌ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ରାଜ୍ୟ ଉପନିର୍ବାଚନ ଅଧିକାରୀ ସୁକେଶୀ ଓରାମ, ଭାଜପା ଖୋର୍ଦ୍ଧା ଜିଲା ନିର୍ବାଚନ ଅଧିକାରୀ ତଥା ନିମାପଡ଼ାର ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାଶ, ରାଜ୍ୟ ସଙ୍ଗଠକ ଗୋଲଖ ବିହାରୀ ମହାପାତ୍ର, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବରିଷ୍ଠ ନେତା ସୁଦୀପ୍ତ ରାୟ, ଭାଜପା ନେତା ଲୁଲୁ ବଡ଼ଜେନା, ପ୍ରକାଶ ରଣବିଜୁଳି, ପୂର୍ବତନ ବିଧାୟକ ଅରବିନ୍ଦ ଢାଲି ପ୍ରମୁଖ ଯୋଗଦେଇଥିଲେ। ଜିଲାରେ ଦଳକୁ କିଭଳି ମଜଭୁତ କରାଯିବ, ଦଳରେ ସକ୍ରିୟ ସଭ୍ୟ ଗ୍ରହଣ ଏବଂ ଯେଉଁମାନେ ଭାଜପାରେ ସାମିଲ ହେବାକୁ ଚାହୁଁଛନ୍ତି ସେମାନଙ୍କୁ ସମ୍ମାନର ସହ ଦଳକୁ ସ୍ୱାଗତ କରାଯିବା ନେଇ ଆଲୋଚନା ହୋଇଥିଲା। ଏଥିରେ ଜିଲାର ୫୦୦ରୁ ଊର୍ଦ୍ଧ୍ୱ ସକ୍ରିୟ କର୍ମୀ ଯୋଗଦେଇଥିଲେ।

# ସରିଲା ଗିରିଗୋବର୍ଦ୍ଧନ ପୂଜା ଉତ୍ସବ



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବୋଲଗଡ଼, ୮।୧୧ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳି ଗ୍ରାମଠାରେ ଚାଲିଥିବା ଗିରି ଗୋବର୍ଦ୍ଧନ ପୂଜା ଉତ୍ସବ ଗତ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ରାଧାଦାମୋଦର ମନ୍ଦିର ପରିସରସ୍ଥିତ ଗିରି ଗୋବର୍ଦ୍ଧନ ପ୍ରାଙ୍ଗଣ ଯାତ୍ରାସ୍ଥଳରେ ବିରାଜମାନ ଗ୍ରାମର ଶ୍ରୀଭାଗବତ ଦେବ, ଶ୍ରୀଦଧିବାମନ ଦେବ, ଶ୍ରୀରାଧା ଦାମୋଦର ଏବଂ ଶ୍ରୀଚୈତନ୍ୟ ଦେବ ମଧ୍ୟରାତ୍ରିରେ ଚଉଦୋଳ ବିମାନରେ ସଂସ୍ଥାନକୁ ପ୍ରତ୍ୟାବର୍ତ୍ତନ ଅବସରରେ ସାହିର ପ୍ରତ୍ୟେକଙ୍କ ଦୁଆରେ ଭୋଗ ଖାଇଥିଲେ। ସନ୍ଧ୍ୟାରେ ରାଧାମାଧବ ସଂସ୍କୃତ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ପରେ ବିଳମ୍ବିତ ରାତ୍ରିରେ ଦୁର୍ଗାଶ୍ରୀ ଗଣନାଟ୍ୟ ଦ୍ୱାରା ସାମାଜିକ ନାଟକ 'ଜଗନ୍ନାଥ ମୋ ଶେଷ ଭରସା' ପରିବେଷିତ ହୋଇଥିଲା। ଏହି ଅବସରରେ କମିଟି ସଭାପତି ବିଜୟ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଏକ ସଭା ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ଅନାଦି ସାହୁ, ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ, ବ୍ୟଙ୍ଗ କବି ବ୍ରଜ ସୁବୁଦ୍ଧି, ରାଧାମାଧବ ସଂସ୍କୃତ କଲେଜ ଅଧ୍ୟକ୍ଷ ବଟକୃଷ୍ଣ ସାହୁ, ଭୁବନେଶ୍ୱର ଏସିଆନ ବୈଷୟିକ କଲେଜ ଅଧ୍ୟକ୍ଷ ନରେନ୍ଦ୍ର କୁମାର ନାୟକ, ଡେପୁଟି ଜେନେରାଲ ମ୍ୟାନେଜର ଶକ୍ତି ବିଭାଗ ଟୁନିଲତା ନାୟକ, ଯୁବନେତା ଅକ୍ଷୟ ରାଉତରାୟ, ସମବାୟ ସମ୍ପାଦିକା ସୁମିତ୍ରା ଲେଙ୍କା, ଖବରଦାତା ଦୀପକ ପାହାଡ଼ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନଙ୍କୁ ଉତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅତିଥିମାନେ ଯାତ୍ରାମଞ୍ଚ ପରିଚାଳକ ଅଧ୍ୟାପକ ତ୍ରିଲୋଚନ ସାହୁ, ମଞ୍ଚ ସହଯୋଗୀ ରାକେଶ ନାୟକଙ୍କ ସହ ଅନ୍ୟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### 'ଶ୍ରୀଜଗନ୍ନାଥ ଦର୍ଶନ' ଶୀର୍ଷକ ଆଧ୍ୟାତ୍ମିକ ପ୍ରବଚନ

ବାଣପୁର, ୮।୧୧ (ଦିଲୀପ କୁମାର ସ୍ୱାଇଁ)

ଚିଲିକା ବ୍ଲକ ଅଧୀନ ଛୋଟରାୟପୁର ଶାସନର ଶ୍ରୀଗୋପୀନାଥ ଦେବଙ୍କ ପୀଠରେ 'ଶ୍ରୀଜଗନ୍ନାଥ ଦର୍ଶନ' ଶୀର୍ଷକ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ମୀରା ୱାର୍ଲ୍ଡ' ଆନୁକୂଲ୍ୟରେ ଆୟୋଜିତ ଏହି ୨ୟ ବାର୍ଷିକ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମରେ ସଭାପତି ଦେବୀ ପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବେଣୁଧର ସାହୁ ସଂଯୋଜନା କରିଥିଲେ। ବକ୍ତାଭାବେ ପ୍ରବଚକ ମନୋଜ ପ୍ରଧାନ ଯୋଗଦେଇ ପ୍ରବଚନ ଦେଇଥିଲେ। ଅତିଥିଭାବେ ବାବାଜୀ ପଦ୍ମପାଦ ଦାସ, କାଙ୍କଣ ଶିଖରୀ ପୀଠର ସମ୍ପାଦକ ପ୍ରଦୋଷ ଦାସଙ୍କୁ ଆୟୋଜକ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ମୀରା ୱାର୍ଲ୍ଡ ପକ୍ଷରୁ ସୁଶାନ୍ତ ରେଡ୍ଡୀ, ସୁବ୍ରତ ପାଣିଗ୍ରାହୀ, ସୁଦର୍ଶନ ସାହୁ, ଦିଲୀପ ବେହେରା, ଶୌଜେନ୍ଦୁ ଶେଖର ଦାସ, ସନ୍ତୋଷ ସାହୁ, ରାକେଶ ସାହୁ, ସନ୍ତୋଷ ଦାସ, ଶ୍ରୀତମ ବାରିକ୍, ରାକେଶ ଦାସ, ପ୍ରଦୀପ ବେହେରା, ବେବିନା ଘଡାଇ, କମଳନାଥ ସାହୁ, ରାଜା ମହାରଣା, ଦିନେଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ।

# ମରାମତି ହେଲା ରାସ୍ତା



କଳାପଥର, ୮।୧୧ (ଗଙ୍ଗାଧର ସାହୁ)

## ଧରିତ୍ରୀ ପ୍ରଭାବ

ଧଳାପଥର ଛକରୁ ବାଙ୍କୀ ଯାଇଥିବା ଆର୍‌ଡି ରାସ୍ତାଟି କିଛିଦିନ ପୂର୍ବେ ନିର୍ମାଣ ହୋଇଥିଲେ ମଧ୍ୟ ନିମ୍ନମାନର କାମ ଯୋଗୁ ରାସ୍ତାର ବହୁ ସ୍ଥାନରେ ପିଚୁ ଉଠିଯିବା ସହ କେତେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିଲା। ଏନେଇ ରାସ୍ତା ନିର୍ମାଣର ଅଳ୍ପଦିନରେ ଉଠିଲା ପିଚୁ ଶୀର୍ଷକ ଖବର ଗତ ୭ ତାରିଖରେ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଏହା ପରେ ବାଙ୍କୀ ଆର୍‌ଡି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଧଳାପଥର ବାଙ୍କୀ ରାସ୍ତାର ପ୍ରବେଶ ପଥରେ ହୋଇଥିବା ଖାଲ ମରାମତି କରାଯାଇଛି। ଏନେଇ ସ୍ଥାନୀୟ ଲୋକେ ବାଙ୍କୀ ଆର୍‌ଡି ବିଭାଗ ସହ ଧରିତ୍ରୀକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଖୋର୍ଦ୍ଧା ଜିଲା ଇଣ୍ଟ୍ରା କ୍ଲବ କ୍ରିକେଟ

# ଇଗଲ କ୍ରିକେଟ କ୍ଲବ ବିଜୟୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

ଖୋର୍ଦ୍ଧା, ୮।୧୧ (ପ୍ରଭାତ ପାଣିଗ୍ରାହୀ)

## ଜ୍ୟୋତିରଞ୍ଜନ ବେହେରାଙ୍କ ଶତକ

ଖୋର୍ଦ୍ଧା ବିଜେବି ହାଇସ୍କୁଲ ପଡ଼ିଆରେ କ୍ରିକେଟ ଆସୋସିଏଶନ ଅଫ୍ ଖୋର୍ଦ୍ଧା ଆନୁକୂଲ୍ୟରେ ଅନୁଷ୍ଠିତ ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ୍ ଟୁର୍ନାମେଣ୍ଟର ପଞ୍ଚମ ଦିବସରେ ଇଗଲ କ୍ରିକେଟ କ୍ଲବ ବିଜୟୀ ହୋଇଛି। ଶୁକ୍ରବାର ଜଟଣୀ କ୍ରିକେଟ ଏକାଡେମୀ ଏବଂ ଇଗଲ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଜଟଣୀ କ୍ରିକେଟ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ୩୭.୧ ଓଭରରେ ୧୦ ଉଇକେଟ ବିନିମୟରେ ୧୫୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତ୍ୟଚନ୍ଦ୍ର ଲେଙ୍କା ୪୧, ସାକିର ଅଲ୍ଲୀ ୨୨ ଏବଂ ସନ୍ଦୀପ ପାଇକରାୟ ୨୧ ରନ୍ କରିଥିଲେ। ଇଗଲ କ୍ରିକେଟ କ୍ଲବ ପକ୍ଷରୁ ଶୁଭମ୍ ନାୟକ ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ସତ୍ୟ ପାଢ଼ୀ ଓ ଶୁଭାଶିଷ ସାହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଇଗଲ କ୍ରିକେଟ କ୍ଲବ ୨୨.୧ ଓଭରରେ ୧ ଉଇକେଟ ହରାଇ ୧୫୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜ୍ୟୋତିରଞ୍ଜନ ବେହେରା ୧୦୦ ଏବଂ ଅଶୋକ ପ୍ରଧାନ ୫୦ ରନ୍ କରି ଅପରାଜିତ ରହିଥିଲେ। ପ୍ରୀତିରଞ୍ଜନ ବିଜୟସିଂ ଓ ଚନ୍ଦ୍ରମୋହନ ବରାଳ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସୁଶୀଲ କୁମାର ସୁନ୍ଦରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମ୍ୟାଚ୍ ରେଫରି ଭାବେ ସୌମେନ୍ଦ୍ର ମହାନ୍ତି ଏବଂ ସଂଯୋଜକ ଭାବେ ଚଣ୍ଡୀପ୍ରସାଦ ଆଚାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ। ଶନିବାର ଯୁବରାଜ ସିଂ କ୍ରିକେଟ ଏକାଡେମୀ ପାଇଁ ଖେଳାଳି ଚୟନ ହେବ ବୋଲି ଓସିଏର କୋଷାଧ୍ୟକ୍ଷ ବିକାଶ ପ୍ରଧାନ ସୂଚନା ଦେଇଛନ୍ତି।

### ଶିକ୍ଷାବିତ୍ ଯମେଶ୍ୱରଙ୍କ ସ୍ମୃତିଚାରଣ

ବେଗୁନିଆ, ୮।୧୧ (ସନ୍ଧ୍ୟାରାଣୀ ମିଶ୍ର)

ଲୋକିପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ଯମେଶ୍ୱର କହଲସିଂହଙ୍କ ପ୍ରଥମ ବାର୍ଷିକ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କବି ବଳରାମ ରଣସିଂହଙ୍କ ଅଧ୍ୟକ୍ଷତା ଏବଂ କବି ନିଶିକାନ୍ତ କହଲସିଂହ ଓ ଶିକ୍ଷକ ଯମେଶ୍ୱର ମଙ୍ଗରାଜଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗ୍ରନ୍ଥକାର ଡ. ବିଜୟ ଦାସ ମୁଖ୍ୟବକ୍ତା, ରାଜକିଶୋର ପାଣିଗ୍ରାହୀ, ସତ୍ୟବାଦୀ ବଳିୟାରସିଂହ, ଗଣେଶ୍ୱର ସ୍ୱାଇଁ, ସୁରେଶ ଛୋଟରାୟ, ରାମ ଶଙ୍କର, ହରିବନ୍ଧୁ ମଙ୍ଗରାଜ, ଜ୍ଞାନରଞ୍ଜନ ଦାଶ, ଲଛମନ ପରିଡ଼ା, ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇତିଶ୍ରୀ ସାହୁ, ସେବତୀ ପରିଡ଼ା, ବିଭୁ ହୋତା, ବଂଶୀଧର ପଣ୍ଡା, ଲକ୍ଷ୍ମୀକାନ୍ତ ପଣ୍ଡା, ସନ୍ତୋଷ ମହାପାତ୍ର ଉପସ୍ଥିତ ଥିଲେ। ତ୍ରିଲୋଚନ ଦାସଙ୍କ ସମ୍ପାଦନାରେ 'ଯମେଶ୍ୱର ନାମ ନୁହେଁ, ଏକ ପ୍ରବନ୍ଧ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ରତିକାନ୍ତ କହଲସିଂହ ଧନ୍ୟବାଦ ଦେଇଥିଲେ।

# ଉଦ୍ଧବ ଦାସ ପର୍ଯ୍ୟଟନ ପୀଠ ଅବହେଳିତ



ନିରାକାରପୁର, ୮।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକର ମରାଳମାଳିନୀ ନୀଳାମ୍ବୁ ଚିଲିକାର ତଟଦେଶରେ ଅବସ୍ଥିତ ଭୁଷଣ୍ଡପୁରର ଉଦ୍ଧବ ଦାସ ପର୍ଯ୍ୟଟନ ପୀଠ ଅବହେଳିତ ଅବସ୍ଥାରେ ରହିଛି। ଏହାର ବିକାଶ ପାଇଁ ଅଞ୍ଚଳବାସୀ ସ୍ଥାନୀୟ ପ୍ରଶାସନ ଏବଂ ପର୍ଯ୍ୟଟନ ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

ବହୁବର୍ଷ ପୂର୍ବରୁ ଚିଲିକା ଉପକୂଳରେ ଏକ ପାହାଡ଼ ଉପରେ ଉଦ୍ଧବଦାସ ପୀଠ ନିର୍ମିତ ହୋଇଥିଲା। ଏହି ପାହାଡ଼ ଉପରୁ ଚିଲିକାର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ କରି ହୋଇଥାଏ। ତେଣୁ ବହୁ ପର୍ଯ୍ୟଟକ ବିଭିନ୍ନ ସମୟରେ ଏହି ପୀଠକୁ ପରିଦର୍ଶନରେ ଆସିଥାନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ଧବ ଦାସ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଇଛି। ହେଲେ କେତେଜଣ ଲୋକ ଏହି ପାହାଡ଼ର ଚତୁଃପାର୍ଶ୍ୱକୁ ନିଜ ଦଖଲକୁ ନେଇ ବିଭିନ୍ନ ପ୍ରକାର ବ୍ୟକ୍ତିଗତ କାମ କରୁଛନ୍ତି। ଏଠାରେ ମଇଁଷିମାନଙ୍କ ଗୁହାଳ ନିର୍ମିତ ହୋଇଥିବା ଯୋଗୁ ପରିବେଶ ପ୍ରଦୂଷିତ ହେଉଥିବା ଦେଖିବାକୁ ମିଳୁଛି। ପର୍ଯ୍ୟଟନ ଋତୁରେ ବହୁସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆସିବାର ସମ୍ଭାବନା ଥିଲାବେଳେ ପୂର୍ତ୍ତି ଗନ୍ଧମୟ ପରିବେଶ ସେମାନଙ୍କୁ ନିରାଶ କରିବାର ସମ୍ଭାବନା ରହିଛି। ଏହି ପୀଠର ଚତୁଃପାର୍ଶ୍ୱରେ ବେଆଇନ ନିର୍ମାଣ କାର୍ଯ୍ୟକୁ ଉଚ୍ଛେଦ କରିବା ପାଇଁ ଅଞ୍ଚଳର ପରିବେଶବିତ୍, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ଦାବି କରିଛନ୍ତି। ଟାଙ୍ଗୀ ତହସିଲଦାର ଓ ବିଡିଓ ତୁରନ୍ତ ହସ୍ତକ୍ଷେପ କରି ଏହାର ଉଚ୍ଛେଦ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାମାଜିକ କର୍ମୀ ସଂଗ୍ରାମ ପଟ୍ଟନାୟକ ଓ ଜିଲାପରିଷଦ ସଭ୍ୟା ଅନସୂୟା ବେହେରାଙ୍କ ପ୍ରତିନିଧି ଧୀରେନ୍ଦ୍ର ବେହେରା ଅନୁରୋଧ କରିଛନ୍ତି।

# ନୂଆ ଭାରତର ବିନ୍ଧାଣି ସାଜିବେ ଛାତ୍ରୀଛାତ୍ର

ପୁରୀ,୮।୧୧(ଅଜିତ୍ କୁମାର ମହାନ୍ତି)

### ଭୋଳାନାଥ ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦର ରୌପ୍ୟ ଜୟନ୍ତୀ

ଭୋଳାନାଥ ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦର ରୌପ୍ୟ ଜୟନ୍ତୀ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ପୂଜାରୀ ଉଦ୍‌ବୋଧନ ଦେଇ କହିଥିଲେ, ଛାତ୍ରୀଛାତ୍ରମାନେ ନୂଆ ଭାରତର ବିନ୍ଧାଣି ସାଜିବେ। ଆତ୍ମନିର୍ଭର ଓ ବିକଶିତ ଭାରତ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଗୁରୁ ଦାୟିତ୍ୱ ବହନ କରନ୍ତୁ। ପାଠ ଓ କୁଶଳତା ସହ ଭଲ ମଣିଷ ତିଆରି କରନ୍ତୁ। ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ କ୍ୟାରିୟର ସହ ସମାଜର ହିତ ପାଇଁ ଛାତ୍ରୀଛାତ୍ରମାନେ ଭାଗୀଦାରି ହେବାକୁ ପରାମର୍ଶ ଦେଇଥିଲେ। ସଂସଦର ସଭାପତି ଡାକ୍ତର ତ୍ରିଲୋଚନ ବରାଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଭୋଳାନାଥ ବିଦ୍ୟାପୀଠ ୭ ଏକର ଜମିରେ ରହିଥିବାବେଳେ ଏହାର ପଟ୍ଟା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ହସ୍ତଗତ ହୋଇନଥିବାରୁ ଏନେଇ ସଭାପତି ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିଛିଦିନ ମଧ୍ୟରେ ଜିଲାପାଳଙ୍କ ସହ ଆଲୋଚନା ଭିତ୍ତିରେ ଏହାର ସମାଧାନ କରିବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସଭା କାର୍ଯ୍ୟ ପ୍ରାରମ୍ଭରେ ସାଧାରଣ ସମ୍ପାଦକ ସୂର୍ଯ୍ୟମଣି ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅଭ୍ୟର୍ଥନା କମିଟି ଚେୟାରମ୍ୟାନ ତଥା ଉପଦେଷ୍ଟା ସୁରେନ୍ଦ୍ରନାଥ ଦାଶ ବିଦ୍ୟାଳୟର ଅବଦାନ ଏବଂ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ମରଣିକା 'ଆଡ଼ପ ମଣ୍ଡପ' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସ୍ମରଣିକା କମିଟି ଅଧ୍ୟକ୍ଷ ବୁଦ୍ଧଦେବ ମହାପାତ୍ର ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର ଜେନା ବକ୍ତବ୍ୟ ରଖିଥିଲେ। ପ୍ରାକ୍ତନ ଶିକ୍ଷକ ପୀତାମ୍ବର ଆଚାର୍ଯ୍ୟ, ରାଜକିଶୋର ସାହୁ, ରାଜକିଶୋର ପ୍ରଧାନ, କୃଷ୍ଣଚନ୍ଦ୍ର ମିଶ୍ର, ପୂର୍ଣ୍ଣଶ୍ରୀ ମିଶ୍ର, ଶ୍ୟାମାପ୍ରସାଦ ଚନ୍ଦୁକା, ବିଭୂତି ଭୂଷଣ ଛୋଟରାୟ, ଦିଲୀପ କୁମାର ବଳ, ଯୁଗଳ କିଶୋର ସିହ୍ନା, ହରିହର ପାଢ଼ୀ, ଜଗନ୍ନାଥ ପାଢୀ, ପୁଷ୍ପାମଞ୍ଜରୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଉପସଭାପତି ରାଜେନ୍ଦ୍ର ନାରାୟଣ ହରିଚନ୍ଦନ, କୋଷାଧ୍ୟକ୍ଷ ସଂଗ୍ରାମ କେଶରୀ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ଗୋଛିକାର, କାର୍ଯ୍ୟକାରୀ ସମ୍ପାଦକ ବିଶ୍ୱନାଥ ଦାଶ, ବିକ୍ରମ କୁମାର ସାହୁ, ଜୟକୃଷ୍ଣ ମହାପାତ୍ର, ପ୍ରମୋଦ କୁମାର ଜେନା, ସଦାଶିବ ନାୟକ, କୈଳାସ ଜେନା, ଦିଲୀପ କୁମାର ବଳ, ହରିହର ପାଢ଼ୀ, ଯୁଗଳ କିଶୋର ସିହ୍ନା, ସରୋଜ କୁମାର ମହାନ୍ତି, ଅକ୍ଷୟ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ରାଜସ୍ୱ ମନ୍ତ୍ରୀ ଏବଂ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।


ଭୋଳାନାଥ ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦର ରୌପ୍ୟ ଜୟନ୍ତୀ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୧୧।୨୦୨୪

| | |
|---|---|
| ୯,୬୬,୪୮୦ ଟଙ୍କା | |
| ସୁନା | ୧.୭୮୦ ଗ୍ରାମ୍ |
| ରୁପା | ୬୬.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ଜବତ ବାଣ ନିଷ୍କ୍ରିୟ ବେଳେ ବିସ୍ଫୋରଣ



ଅସ୍ତରଙ୍ଗ,(ପ୍ରଦୀପ୍ତ କୁମାର ଦୀକ୍ଷିତ)୮।୧୧

ଜବତ ବେଆଇନ ବାଣଗୁଡ଼ିକୁ ନିଷ୍କ୍ରିୟ କରିବା ବେଳେ ନିର୍ମାଣାଧୀନ ଅସ୍ତରଙ୍ଗ ନୂତନ ଥାନା ପଛପଟେ ପ୍ରଚଣ୍ଡ ବିସ୍ଫୋରଣ ହୋଇଛି। ବିସ୍ଫୋରଣ ଶବ୍ଦ ଶୁଣି ଅସ୍ତରଙ୍ଗ ବଜାରରେ ଥିବା ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଶୁକ୍ରବାର ମଧ୍ୟାହ୍ନ ସମୟରେ ଏହି ଘଟଣା ଘଟିଛି। ତେବେ କୌଣସି ବିଶେଷ କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଅକ୍ଟୋବର ୨୮ରେ ଅସ୍ତରଙ୍ଗ ଥାନା ଅଧୀନ ବେଗୁନିଆବସ୍ତ ଗାଁରେ ବେଆଇନ ବାଣ ତିଆରି ହେଉଥିବା ଖବର ପାଇ ପୋଲିସ ସେଠାରେ ଚଢାଉ କରିଥିଲା। ସେଠାରୁ ବାଣ, ବାରୁଦ ଇତ୍ୟାଦି ଜବତ କରାଯିବା ସହ ଜଣେ ବାଣ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିଲା। ଶୁକ୍ରବାର ପୁରୀ ବମ୍ବସ୍କାଡ୍, ଅସ୍ତରଙ୍ଗ ଅଗ୍ନିଶମବାହିନୀ ଓ ପୋଲିସ ମିଳିତ ଭାବେ ସେହି ବାଣଗୁଡ଼ିକୁ ନିଷ୍କ୍ରିୟ କରୁଥିବାବେଳେ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା।

### ଉତ୍କଳମଣି ଗୋପବନ୍ଧୁଙ୍କ ନାତୁଣୀ ବୋହୂ ଲୀଳାବତୀଙ୍କ ପରଲୋକ

ପୁରୀ,୮।୧୧(ଅଜିତ୍ କୁମାର ମହାନ୍ତି)

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କନ୍ୟା କୀର୍ତ୍ତିମୟୀଙ୍କ ବଡ଼ବୋହୁ ତଥା ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଦାର୍ଶନିକ ସତ୍ୟବାଦୀ ମିଶ୍ରଙ୍କ ସହଧର୍ମିଣୀ ଲୀଳାବତୀ ମିଶ୍ରଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶବାଧାରରେ ଭାଇ ଡ. ବଦ୍ରି ମିଶ୍ର, ଦେବଦତ୍ତ ମିଶ୍ର, ସୁବ୍ରତ ମିଶ୍ର, ରାଜରାଜେଶ୍ୱର ମିଶ୍ର, ଲିଙ୍ଗରାଜ ମହାପାତ୍ର, ବିଜୟ ନନ୍ଦ, ରେଖା ମିଶ୍ର, ଜୟଶ୍ରୀ ମହାପାତ୍ର, ସୌମେନ୍ଦ୍ର ମିଶ୍ର, ଲେଖା ମିଶ୍ର ପ୍ରମୁଖ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁଅ ସଞ୍ଜୟ ମିଶ୍ର ମୁଖାଗ୍ନି ଦେଇଥିଲେ।

### ପଞ୍ଚାୟତ ମହିଳା ମହାସଂଘ ପୁନଃ ଗଠନ ଦାବି

ପିପିଲି,୮।୧୧(ପ୍ରଭାତ କୁମାର ମହାପାତ୍ର)

ପିପିଲି ନୂଆଶାସନ ପଞ୍ଚାୟତ ମହିଳା ମହାସଂଘର କାର୍ଯ୍ୟକର୍ତ୍ତାଙ୍କୁ ରାଜନୈତିକ ବାଦବିବାଦ ଦେଖିବାକୁ ମିଳିଛି। ୬ତାରିଖ ଦିନ ମହାସଂଘର ୨୨ଜଣ ଇସି ମେମ୍ବର ସେମାନଙ୍କ ୧୦ ମାସର ଦରମା ବ୍ୟାଙ୍କ ଆକାଉଣ୍ଟରେ ହୋଲ୍ଡ ହୋଇଥିବା ନେଇ ସିଡିପିଓଙ୍କୁ ଘେରିଥିବା ବେଳେ ଶୁକ୍ରବାର ଅନ୍ୟଏକ ଗୋଷ୍ଠୀ ୫୦ରୁ ଊର୍ଦ୍ଧ୍ୱ ମହିଳା ସଦସ୍ୟା ଉକ୍ତ ଇସି ମେମ୍ବରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୂର୍ବରୁ ମହାସଂଘରେ ରହି ପଞ୍ଚାୟତରେ କାର୍ଯ୍ୟ କରୁଥିବା ମହିଳା ମହାସଂଘର ସଭାନେତ୍ରୀ, ସମ୍ପାଦିକା ଓ ଇସି ମେମ୍ବରମାନେ ମନଇଚ୍ଛା କାର୍ଯ୍ୟ କରୁଥିବା, ଜିପିଏଲ୍‌ଏଫ୍ ଓ ସିଏଫ୍‌ଏଲ୍ ବୈଠକ ସମ୍ପର୍କରେ ଏସ୍‌ଏଚ୍‌ଜି ମହିଳାଙ୍କୁ କୌଣସି ଅବଗତ ନ କରାଇବା, ପଞ୍ଚାୟତସ୍ତରୀୟ ଅର୍ଥ ବେଆଇନ ଭାବେ କାରବାର କରୁଥିବା ଅଭିଯୋଗ କରି ନିୟମ ଅନୁସାରେ ମହାସଂଘ ପୁନଃ ଗଠନ କରିବାକୁ ୫୦ରୁ ଊର୍ଦ୍ଧ୍ୱ ମହିଳା ପିପିଲି ବିଡିଓ ସରୋଜ କୁମାର ରାଉତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ମହିଳାଙ୍କ ଦାବିପତ୍ରକୁ ବିଡିଓ ଗ୍ରହଣ କରି ନିରପେକ୍ଷ ତଦନ୍ତ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# 'ଗୋମାତାଙ୍କ ସୁରକ୍ଷା ପାଇଁ ସରକାର ଚେଷ୍ଟିତ'

ପୁରୀ,୮।୧୧(ଅଜିତ୍ କୁମାର ମହାନ୍ତି)

### ଗୋବିନ୍ଦ ଗୋଧାମ ଗୋଶାଳାର ନୂତନ ଗୃହ ଉଦ୍‌ଘାଟିତ

ପୁରୀ ଗୋବିନ୍ଦ ଗୋଧାମ ଗୋଶାଳା ପରିସରରେ ଓଡ଼ିଶା ଖଣି ନିଗମ ଦ୍ୱାରା ନିର୍ମିତ ନୂତନ ଗୃହର ଉଦ୍‌ଘାଟନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନୂତନ ଗୃହକୁ ଉଦ୍‌ଘାଟନ କରିଛନ୍ତି। ଗୋଶାଳା ପ୍ରତିଷ୍ଠାତା ସମ୍ପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, ମୁଖପାତ୍ର ବିଷ୍ଣୁଦତ୍ତ ଦାସ, ଓଡ଼ିଶା ଖଣି ନିଗମର ଜନସମ୍ପର୍କ ଅଧିକାରୀ ସନ୍ଦୀପ ସେଠୀ, ନେବଳଦାସ ମଠର ମହନ୍ତ ଡ. ରାମଚରଣ ଦାସଜୀ ମହାରାଜ, ଖୋର୍ଦ୍ଧା ହରିପୁର ରାଧାକାନ୍ତ ମଠର ମହନ୍ତ ସଦାନନ୍ଦ ଦାସଜୀ ମହାରାଜ ଏବଂ ପୁରୀ ଜିଲା ପ୍ରାଣୀସମ୍ପଦ ଅଧିକାରୀ ଡ. ଶରତ ଚନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହିଅବସରରେ ମନ୍ତ୍ରୀ ମଲ୍ଲିକ କହିଥିଲେ, ଓଡ଼ିଶାରେ ଗୋମାତାଙ୍କ ସୁରକ୍ଷା ପାଇଁ ମୋହନ ସରକାର ସର୍ବଦା ଚେଷ୍ଟିତ। ଉତ୍ସବସ୍ଥଳରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ପଣ୍ଡିତ ବିଷ୍ଣୁଚରଣ ପଣ୍ଡା କହିଥିଲେ ଯେ, ପୁରୀ-ସାତପଡ଼ା, ପୁରୀ-କୋଣାର୍କ ଓ ପୁରୀ-ଭୁବନେଶ୍ୱର ରାଷ୍ଟ୍ରୀୟ ରାଜମାର୍ଗର ରାସ୍ତା ଅବରୋଧ କରି ଆଶ୍ରୟ ନେଉଥିବା ଗୋମାତାମାନଙ୍କୁ ଗୋବିନ୍ଦ ଗୋଧାମ ଗୋଶାଳାର ବିଭିନ୍ନ ଶାଖା ଜରିଆରେ ଆଶ୍ରିତ କରାଯିବ। ଏଥିପାଇଁ ବିଭାଗର ସହଯୋଗ ଆବଶ୍ୟକ। ଫଳରେ ଦେଶ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ସୁବିଧାରେ ଯାତାୟାତ କରିପାରିବେ। ସେହିଭଳି ଓଡ଼ିଶାର ସମସ୍ତ ଜିଲାରେ ଗୋବିନ୍ଦ ଗୋଧାମ ଗୋଶାଳା ପକ୍ଷରୁ ଗୋଶାଳା ଖୋଲାଯାଇ ୧୦ହଜାରରୁ ଊର୍ଦ୍ଧ୍ୱ ଗୋମାତାଙ୍କ ରହଣି ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ଉତ୍ସବରେ ଗୋବିନ୍ଦ ଗୋଧାମ ଗୋଶାଳାର ମହାରାଷ୍ଟ୍ର ଶାଖା ସଦସ୍ୟବୃନ୍ଦ ଓ ରାଜସ୍ଥାନର ଭକ୍ତମଣ୍ଡଳୀ ଉପସ୍ଥିତ ଥିଲେ।


ଗୋବିନ୍ଦ ଗୋଧାମ ଗୋଶାଳାର ନୂତନ ଗୃହକୁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରୁଛନ୍ତି ।

# ରାଜ୍ୟସ୍ତରୀୟ ଓଡ଼ିଆ ପାଠଚକ୍ର

ପୁରୀ,୮।୧୧(ଅଜିତ୍ କୁମାର ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଏବଂ ଓଡ଼ିଆ ଗବେଷଣା ପରିଷଦ କଟକର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଏକ ରାଜ୍ୟସ୍ତରୀୟ ଓଡ଼ିଆ ପାଠଚକ୍ର ଶ୍ରୀମନ୍ଦିର ଭାଷା ଚର୍ଚ୍ଚା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମିହିର ପ୍ରସାଦ ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ଶ୍ରୀମନ୍ଦିର ଓ ଏହାର ଭାଷିକ ପରମ୍ପରା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିଛି। ଓଡ଼ିଆ ଗବେଷଣା ପରିଷଦର ଉପସଭାପତି ସାହିତ୍ୟିକ ଅସିତ୍ ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହିତ ଶ୍ରୀମନ୍ଦିର ଭାଷା ଓ ଏହାର ସାମାଜିକ ବ୍ୟବହାରିକତା ସମ୍ପର୍କରେ ଆଲୋକପାତ କରିଥିଲେ। ପରିଷଦର ସମ୍ପାଦକ ପ୍ରଫେସର ଗୌରାଙ୍ଗ ଚରଣ ଦାଶ ଏହି ପାଠଚକ୍ରରେ ଶତାଧିକ ଛାତ୍ରୀଛାତ୍ରଙ୍କ ଯୋଗଦାନକୁ ପ୍ରଶଂସା କରିଥିଲେ। ପାଠଚକ୍ରର ବିଶାରଦ ଭାବେ ଗବେଷକ ସିଦ୍ଧେଶ୍ୱର ମହାପାତ୍ର ଓ ପ୍ରଫେସର ହରପ୍ରସାଦ ମିଶ୍ର ଯୋଗଦେଇଥିଲେ। ପ୍ରଫେସର ମିଶ୍ର ଦେଉଳିଆ ଭାଷା ଓ ଶବ୍ଦ ସମ୍ପର୍କରେ ସୂଚନା ଦେଇ ଏହାର ତାତ୍ତ୍ୱିକ ଅନୁଶୀଳନ କରିଥିଲେ। ଶ୍ରୀମନ୍ଦିରରେ ପ୍ରଚଳିତ ଶବ୍ଦର ସାଂସ୍କୃତିକ ବୈଚିତ୍ର୍ୟ ସମ୍ପର୍କରେ ମହାପାତ୍ର ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ଦିଲିପ କୁମାର ସ୍ୱାଇଁ ଅତିଥି ପରିଚୟ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପରିଷଦର ସଭ୍ୟ ଗାଳ୍ପିକ ଗୋବିନ୍ଦ ଭୂୟାଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓଡ଼ିଆ ଗବେଷଣା ପରିଷଦ ଦ୍ୱାରା ପ୍ରକାଶିକ ପୁସ୍ତକଗୁଡିକର ପ୍ରଦର୍ଶନୀ ହେବା ସହିତ ଛାତ୍ରୀଛାତ୍ରଙ୍କୁ ରିହାତି ମୂଲ୍ୟରେ ପ୍ରଦାନ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ନ୍ୟାୟ ଦାବିକଲେ ମୃତକଙ୍କ ପରିବାର

ପୁରୀ,୮।୧୧(ଅଜିତ୍ କୁମାର ମହାନ୍ତି)

### ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗୁରୁବାର ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ପୁରୀ ଆସିଥିବାବେଳେ ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣାର ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଗତ ମେ ୨୯ରେ ଭଉଁରୀ ଯାତ୍ରା ଦିନ ନରେନ୍ଦ୍ର ପୁଷ୍କରିଣୀ ପରିସରରେ ବାଣ ବିସ୍ଫୋରଣ ଘଟି ୧୮ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାର ଲୋକେ ନ୍ୟାୟ ଦାବି କରି ଗତ କିଛିଦିନ ହେବ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ମୁଖ୍ୟମନ୍ତ୍ରୀ ପୁରୀ ଆସୁଥିବା ଖବର ପାଇ ସେମାନେ ତାଙ୍କୁ ଭେଟି ଅଭିଯୋଗ ଜଣାଇବେ ବୋଲି ଜିଦ୍ ଧରିଥିଲେ। ନଚେତ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଥିଲେ। ପ୍ରଶାସନ ପକ୍ଷରୁ ସେମାନଙ୍କୁ ବୁଝାଶୁଝା କରାଯାଇଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ପ୍ରଶାସନ ପକ୍ଷରୁ ପୀଡିତ ପରିବାର ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ନିମନ୍ତେ ଶ୍ରୀମନ୍ଦିର ନିକଟରେ ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ପରିବାର ଲୋକଙ୍କୁ ଭେଟି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ସମ୍ପୃକ୍ତ ପରିବାର ଲୋକେ କହିଛନ୍ତି, ପ୍ରଶାସନର ଅବହେଳା କାରଣରୁ ଅକାଳରେ ୧୮ଟି ଜୀବନ ଚାଲିଗଲା। ଆଜକୁ ୬ମାସ ବିତିଯାଇଥିଲେ ମଧ୍ୟ ନ୍ୟାୟ ମିଳିଲା ନାହିଁ। ସରକାର ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେଇ ଚୁପ୍ ବସିଛନ୍ତି। ମାତ୍ର ଦୋଷୀଙ୍କୁ ଗିରଫ କରାଯାଇନାହିଁ। ତେଣୁ ସେମାନେ ବାଧ୍ୟହୋଇ ଗତ ୮ଦିନ ହେବ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗ ଜଣାଇବାରୁ ସେ ଅପେକ୍ଷା କରିବାକୁ କହୁଛନ୍ତି। ତେବେ ଆଉ କେତେଦିନ ଅପେକ୍ଷା କରିବୁ। ନ୍ୟାୟ ନ ମିଳିଲା ପର୍ଯ୍ୟନ୍ତ ଧାରଣାରେ ବସିରହିବୁ ବୋଲି ସେମାନେ କହିଛନ୍ତି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା, ଆହତଙ୍କୁ ୫ ଲକ୍ଷ ସହାୟତା ରାଶି ଦେବା ସହ ପୁରୀ ମେଡିକାଲରେ ବର୍ନ ୟୁନିଟ୍ ଖୋଲାଯିବାକୁ ସେମାନେ ଦାବି କରିଛନ୍ତି।

# ଡିସେମ୍ବର ୧୦ରୁ ଅନ୍ତର୍ଜାତୀୟ ମହୋଦଧି ଦିବସ




ଭୁବନେଶ୍ୱର, ୮।୧୧(ବନ୍ଦନା ସେଠୀ)

ଡିସେମ୍ବର ୧୦ରୁ ୩ଦିନ ଧରି ପୁରୀ ବେଳାଭୂମିରେ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ମହୋଦଧି ଦିବସ ଆୟୋଜିତ ହେବାକୁ ଯାଉଛି। ଏଥିରେ ଦେଶବିଦେଶର ପ୍ରାୟ ୬୦୦ରୁ ଅଧିକ ପ୍ରତିଯୋଗୀ ଯୋଗଦେବେ। ସେମାନଙ୍କ ମଧ୍ୟରେ ଜାତୀୟ ଆଥ୍‌ଲେଟ୍ ଓ ୧୦ ଦେଶରୁ ୩୫ ଅନ୍ତର୍ଜାତୀୟ ପ୍ରତିନିଧି ଯୋଗଦେବେ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହା ଭାରତର ଉପକୂଳ ପର୍ଯ୍ୟଟନ ଏବଂ ପରିବେଶ ସଚେତନତା ପଦକ୍ଷେପ ପାଇଁ ଏକ ଅଗ୍ରଗାମୀ ପଦକ୍ଷେପ ହେବ। ଭାରତୀୟ କାୟାକିଂ ଆଣ୍ଡ୍ କାନୋଇଙ୍ଗ୍ ଆସୋସିଏଶନ, ରାଷ୍ଟ୍ରୀୟ ଲାଇଫ୍‌ଗାର୍ଡ ସଂଗଠନ (ଭାରତ), ପୁରୀ ବିଚ୍ ଲାଇଫ୍‌ଗାର୍ଡ ମହାସଂଘ, ଅନ୍ତର୍ଜାତୀୟ ସର୍ଫ ଲାଇଫ୍ ସେଭିଙ୍ଗ ଆସୋସିଏଶନ (ଆମେରିକା) ଏବଂ ଶ୍ରୀଲଙ୍କା ଜୀବନ ସଞ୍ଚୟ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୁରୀ ବେଳାଭୂମିରେ ମହୋଦଧି ଇଭେଣ୍ଟଗୁଡ଼ିକର କ୍ରମାଗତ ଚତୁର୍ଥ ବର୍ଷ ଧରି ଅନୁଷ୍ଠିତ ହେଉଛି। ଏଥିରେ ଜୀବନ ରକ୍ଷାକାରୀ କ୍ରୀଡ଼ା, ସାଂସ୍କୃତିକ ପ୍ରଦର୍ଶନୀ ଏବଂ ସାମୁଦ୍ରିକ ସଂରକ୍ଷଣ ପ୍ରଦର୍ଶନୀ ଉପରେ ୩ଦିନ ଧରି କାର୍ଯ୍ୟକ୍ରମ ଚାଲିବ। ଏହାର ମୁଖ୍ୟ ଆକର୍ଷଣ ମଧ୍ୟରେ ପ୍ରଥମ ଇଣ୍ଡୋ-ଶ୍ରୀଲଙ୍କା ଜୀବନ ରକ୍ଷାକାରୀ କ୍ରୀଡ଼ା ଚାମ୍ପିୟନଶିପ୍ ରହିଛି। ଏହି ଚାମ୍ପିୟନଶିପ୍ କେବଳ ଜୀବନ ରକ୍ଷାକାରୀ କ୍ରୀଡ଼ାକୁ ପ୍ରୋତ୍ସାହିତ କରେ ନାହିଁ ବରଂ ଭାରତର ପୂର୍ବ ଉପକୂଳରେ କ୍ରୀଡ଼ା ପର୍ଯ୍ୟଟନର ବିକାଶ ପାଇଁ ମଧ୍ୟ ଲକ୍ଷ୍ୟ ରଖିଛି। ଏହା ସାମୁଦ୍ରିକ ଜୀବନ ସଂରକ୍ଷଣ ପ୍ରଦର୍ଶନୀକୁ ମଧ୍ୟ ଅନ୍ତର୍ଭୁକ୍ତ ହେବ, ଯାହା ସମୁଦ୍ର ସଂରକ୍ଷଣର ଗୁରୁତ୍ୱକୁ ସୂଚାଇବା ପାଇଁ ଶିକ୍ଷାଗତ ପ୍ରଦର୍ଶନ ଏବଂ କର୍ମଶାଳା ପ୍ରଦାନ କରିଥାଏ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀରେ ନାଲ୍‌କୋର ପୂର୍ବତନ ସିଏମ୍‌ଡି ତପନ କୁମାର ଚାନ୍ଦ, ସର୍ବଭାରତୀୟ ଲାଇଫ ସେଭିଙ୍ଗ ସ୍ପୋର୍ଟ୍ସର ସଭାପତି ପ୍ରଦୀପ ନାଇଡୁ, ଆଇନଜୀବୀ କୁଳମଣି ବିଶ୍ୱାଳ, ଅନୁଷ୍ଠାନ ଦି ବେଲ୍‌ର ସଭାପତି ଓ କାର୍ଯ୍ୟକ୍ରମ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ମା' ମଙ୍ଗଳାଙ୍କ ଗୋଟିଏ ଦାନ ହୁଣ୍ଡିରୁ ମିଳିଲା ୨୧ଲକ୍ଷ ଟଙ୍କା

କାକଟପୁର,୮।୧୧(ଶୁଭଦର୍ଶନ ମିଶ୍ର)

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା ମନ୍ଦିରରେ ଥିବା ଶ୍ରଦ୍ଧାଳୁଙ୍କ ୨ଟି ଦାନ ହୁଣ୍ଡି ମଧ୍ୟରୁ ଗୋଟିଏ ହୁଣ୍ଡି ଖୋଲାଯାଇଛି। ସେଥିରୁ ୨୧ ଲକ୍ଷ ଟଙ୍କା ଦାନ ମିଳିଥିବା ଜଣାପଡ଼ିଛି। ୬ ମାସ ତଳେ ଖୋଲିଥିଲା ମା' ମଙ୍ଗଳାଙ୍କ ଦାନ ହୁଣ୍ଡି, ପୁନର୍ବାର ଚଳିତବର୍ଷ ପାଇଁ ଦ୍ୱିତୀୟ ଥର ଶୁକ୍ରବାର ଖୋଲାଯାଇଛି। କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, କାକଟପୁର ଥାନାଧିକାରୀ ବିଜୟ କେତନ ବେହେରା, ସେବକ ସମିତି ସଭାପତି ମନୋରଞ୍ଜନ ପଣ୍ଡା, ସମ୍ପାଦକ ପବିତ୍ର ଦୀକ୍ଷିତ, ମା'ମଙ୍ଗଳା ଟ୍ରଷ୍ଟ କର୍ମଚାରୀ, ବ୍ୟାଙ୍କ କର୍ମଚାରୀଙ୍କ ଉପସ୍ଥିତିରେ ଗଣତି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା। ମା' ମଙ୍ଗଳାଙ୍କ ଗୋଟିଏ ହୁଣ୍ଡିରୁ ୨୧ଲକ୍ଷ ୨ହଜାର ୩୬୮ ଟଙ୍କା ମିଳିଛି ବୋଲି ସୂଚନା ମିଳିଛି। ପୋଲିସ ପ୍ରଶାସନ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଗଣତି ହୋଇଥିଲା।



ହୁଣ୍ଡିର ଟଙ୍କା ଗଣତି କରାଯାଉଛି ।

# ପ୍ରତିଭା ଲୋକଲୋଚନକୁ ଆଣେ ବିଜ୍ଞାନମେଳା

ପୁରୀ,୮।୧୧,(ଅଜିତ୍ କୁମାର ମହାନ୍ତି)

ଲୋକନାଥରୋଡସ୍ଥିତ ସାରସ୍ୱତ ବିଦ୍ୟା ନିକେତନ ଓ ସାରସ୍ୱତ ସେକେଣ୍ଡାରୀ ସ୍କୁଲରେ ଶୁକ୍ରବାର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସ୍ୱାମୀ ସଦାନନ୍ଦ ସରସ୍ୱତୀ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ଦ୍ୱୟ କହିଥିଲେ ଯେ, ବିଜ୍ଞାନମେଳା ହେଉଛି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ଏକ ମାଧ୍ୟମ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର, ସହପ୍ରଧାନ ଶିକ୍ଷକ ମିଳନ କୁମାର ବିଶୋୟୀ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ଏହି ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୦୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିବାକର ଦଳେଇମୁଖ୍ୟ ଅତିଥି ଓ ନିଗମାନନ୍ଦ ଆଶ୍ରମ ଅଧ୍ୟକ୍ଷ ସ୍ୱାମୀ ସଦାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷୟିତ୍ରୀ କଳ୍ପନା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ବୀରକିଶୋର ମହାପାତ୍ର ଓ ସୂର୍ଯ୍ୟନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।



# ରମାଦେବୀଙ୍କ ପରି ତ୍ୟାଗୀ ମଣିଷ ମିଳିବା କଷ୍ଟକର

### ୧୨୫ତମ ଜନ୍ମ ବାର୍ଷିକୀ ପାଳିତ

ପୁରୀ,୮।୧୧(ଅଜିତ୍ କୁମାର ମହାନ୍ତି)

ବିଶିଷ୍ଟ ସମାଜସେବିକା ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ ସ୍ଥାନୀୟ ଶ୍ରୀସଦାଶିବ ପରିସରରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ଉତ୍କଳ ସର୍ବୋଦୟ ମଣ୍ଡଳର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସର୍ବୋଦୟ ମଣ୍ଡଳର ସଭାପତି ବରିଷ୍ଠ ଅଧିବକ୍ତା ଉମାବଲ୍ଲଭ ମହାପାତ୍ର ସଭାପତିତ୍ୱ କରିଥିଲେ। ସେ ଶ୍ରଦ୍ଧାଞ୍ଜଳି ଜଣାଇ କହିଥିଲେ, ମହିୟସୀ ମା' ରମାଦେବୀଙ୍କ ପରି ତ୍ୟାଗୀ ମଣିଷ ମିଳିବା କଷ୍ଟକର। ସେ ଦେଶସେବା ଓ ସମାଜ ସଂସ୍କାର କାମରେ ନିଜକୁ ଆଜୀବନ ନିୟୋଜିତ କରିଥିଲେ। ସେହିପରି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରମାଦେବୀଙ୍କ ସମାଜସେବା ଓ ନାରୀ ସମାଜ ପ୍ରତି ତାଙ୍କର ବଳିଷ୍ଠ ନେତୃତ୍ୱ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ମଳୟ ତ୍ରିପାଠୀ ଏବଂ ମୁଖ୍ୟ ବକ୍ତା ଭାବେ ବରୀ ରମାଦେବୀ ଗୋପବନ୍ଧୁ ଚୌଧୁରୀ ଆଶ୍ରମର ମାର୍ଗଦର୍ଶକ କୁଞ୍ଜବିହାରୀ ଦାଶ ମଞ୍ଚାସୀନ ଥିଲେ। ଅନ୍ୟତମ ବକ୍ତା କସ୍ତୁରବା ଗାନ୍ଧୀ ସ୍ମାରକ ନିଧିର କର୍ମୀ କବିତାରାଣୀ ପରିଡ଼ା ନିଶା ଛାଡ଼ି ଦେଶ ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ସେହିପରି ସର୍ବୋଦୟ ଲୋକ ସେବକ ସେବା ସମିତିର ସଭାପତି ରମାକାନ୍ତ ନାଥ ରମାଦେବୀଙ୍କ ଜୀବନୀ ଓ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସର୍ବଧର୍ମ ପ୍ରାର୍ଥନା ଗାନ କରାଯାଇଥିଲା। ରୁଚି ମିତ୍ରା, ଜଗଦେବ ମହାପାତ୍ର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଜ୍ୟୋତ୍ସ୍ନା ନାୟକ, ବିଦ୍ୟୁତଲତା ଆଚାର୍ଯ୍ୟ, ଛାୟାକାନ୍ତ ନାୟକ, ଇନ୍ଦୁମତି ସାହୁ, ମାଳତି ପାତ୍ର, ସୁକାନ୍ତ କୁମାର ମହାନ୍ତି, ସ୍ନେହାଂଶୁ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଶାନ୍ତ କୁମାର ରାଜ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ସଂକ୍ଷେପରେ

### ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଘରୁ ଚୋରି

କଟକ ସଦର,୮।୧୧(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ଅବସରପ୍ରାପ୍ତ ସେନା ଅଧିକାରୀ ବିକ୍ରମ ବିଷୋୟୀଙ୍କ ଘରୁ ସୁନାଅଳଙ୍କାର ଓ ଟଙ୍କା ଚୋରି ହୋଇଛି। ଏନେଇ ବିକ୍ରମ ଶୁକ୍ରବାର ଥାନାରେ ଏତଲା ଦେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ଗୁରୁବାର ସନ୍ଧ୍ୟାରେ ଘରେ କେହି ନ ଥିବାବେଳେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଭିତରେ ପଶିବା ସହ ଚୋରି କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୨୯୩/୨୪) ରୁଜୁ ହୋଇଛି।

### ୧୫ରେ ବୋଇତ ବନ୍ଦାଣ ଉତ୍ସବ

କଟକ,୮।୧୧ (କାର୍ତ୍ତିକ ସାହୁ)

କଟକ ମହାନଗର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଚଳିତବର୍ଷ ବୋଇତ ବନ୍ଦାଣ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ଉତ୍ତମ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ସରୋଜ କୁମାର ସାହୁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ୧୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମାରେ ମହାନଦୀର ଗଡ଼ଗଡ଼ିଆ ଘାଟରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଗଠିତ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଭାବେ ଆଡ୍‌ଭୋକେଟ ପ୍ରମୋଦ କୁମାର ସାହୁଙ୍କୁ ମନୋନୀତ କରାଯାଇଛି। ତାଙ୍କୁ ସହଯୋଗ କରିବା ପାଇଁ ଏକ ୨୧ ଜଣିଆ କୋର କମିଟି ଗଠନ ହୋଇଛି। ଏଥର ଅନୁଷ୍ଠାନର ମୁଖପତ୍ର ସୌଦାଗର ଆଡ୍‌ଭୋକେଟ ପ୍ରଶାନ୍ତ କୁମାର ସାହୁଙ୍କ ସମ୍ପାଦନାରେ ପ୍ରକାଶ ପାଇବ। ସେହିପରି ସାଧବ ସମ୍ମାନ, ସୁଚରିତା ସମ୍ମାନ ଓ ଦାମୋଦର ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ସେଦିନ ସୁସଜ୍ଜିତ ବୋଇତରେ ୭ ଜଣ ସାଧବଙ୍କୁ ୭ ଜଣ ସାଧବାଣୀ ପାରମ୍ପରିକ ଓଡ଼ିଆଣୀ ବେଶରେ ବନ୍ଦାପନା କରିବେ। ଏଥିପାଇଁ ହେବାକୁ ଥିବା ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଜନ ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଦ୍ୟୁଲତା ସାହୁ, ସୁପ୍ରଭା ସାହୁ, ଅଭିମନ୍ୟୁ ସାହୁ, ହରେକୃଷ୍ଣ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ଯଦୁନନ୍ଦନ ସାହୁ, ଧୀରେନ୍ଦ୍ର ସାହୁ, ସଂଗ୍ରାମ ସାହୁ, ନାରାୟଣ ସାହୁ, ସନ୍ତୋଷ ସାହୁପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ‘ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷକର’

କଟକ,୮।୧୧(ଶିଲ୍ପା ପ୍ରିୟଦର୍ଶିନୀ)


ବୈଠକରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ସମେତ ଅନ୍ୟମାନେ।

**କଟକ ଜିଲାର ପ୍ରମୁଖ ପ୍ରକଳ୍ପର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ**

କଟକ ଜିଲାର ପ୍ରମୁଖ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏଥିସହ ବର୍ଷାଜଳ ନିଷ୍କାସନ, ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା, ପାର୍କିଂ, ସମ୍ପ୍ରସାରିତ ନୂତନ କାର୍ଯ୍ୟର ସ୍ଥିତି ଓ ଆନୁଷଙ୍ଗିକ ଜିନିଷପତ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। କଟକ ଚଣ୍ଡୀ ମନ୍ଦିରର ସମସ୍ତ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯିବା ସହ ଯଥାଶୀଘ୍ର ପୁରୁଣା ଦୋକାନ ଭଙ୍ଗାଯାଇ ନୂତନ ଗୃହ ଆବଣ୍ଟନ ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଯୋବ୍ରାଠାରୁ ବିରିବାଟି ପର୍ଯ୍ୟନ୍ତ ତାଳଦଣ୍ଡା କେନାଲ ଉଭୟ ପାର୍ଶ୍ୱ ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରାଯାଇଥିବାବେଳେ ଏହାର ଅର୍ଦ୍ଧାଧିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ନେଇ ବୈଠକରେ ମତପ୍ରକାଶ ପାଇଥିଲା। ଖୁବ୍‌ଶୀଘ୍ର ଲିଙ୍କ୍ ହୋଇଥିବା ଡ୍ରେନ୍‌କୁ କାଟି ବକ୍ସଡ୍ରେନ ସହ ସଂଯୋଗ କରାଯିବା କାର୍ଯ୍ୟ କଟକ ମହାନଗର ନିଗମ ତ୍ୱରାନ୍ୱିତ କରିବାକୁ ଜିଲାପାଳ କହିଥିଲେ। କଣ୍ଟାପଡା ବ୍ଲକ ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାରର ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏସ୍‌ଭି ନିର୍‌ତାର ପରିସରରେ ଅତି କମ୍‌ରେ ୫୦୦ ରୋଗୀ ଅପେକ୍ଷା କରିବା ଭଳି ବିଶ୍ରାମସ୍ଥଳ ନିର୍ମାଣ କରିବା ପାଇଁ ପୂର୍ବ ପ୍ରସ୍ତାବ କାର୍ଯ୍ୟକାରୀ କରିବା ଓ ନିର୍‌ତାର ପରିସରରେ ଥିବା ରାସ୍ତାର ଉନ୍ନତୀକରଣ ଉପରେ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ହାଡୁଆ ଜଳସେଚନ ପ୍ରକଳ୍ପ ଅଧୀନରେ ଥିବା ଗ୍ରାମଗୁଡିକ ମଧ୍ୟରୁ ଅନ୍ୟତ୍ର ଥଇଥାନ ହେବାକୁ ଇଚ୍ଛୁକ ଥିବା ବ୍ୟକ୍ତିଙ୍କୁ ତୁରନ୍ତ ଥଇଥାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଓଟିଏମ୍ ପରିସର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ମୋଟାମୋଟି ଭାବେ ନିର୍ଦ୍ଧାରିତ ସମୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ, କଟକ ସଦର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ, ମେଡିକାଲ କୁଳସଚିବ ଡ. ଅବିନାଶ ରାଉତଙ୍କ ସମେତ ଇଡ୍‌କୋ, ଜଳସମ୍ପଦ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ୨ ମହିଳାଙ୍କୁ ଭେଟିଲେ ମେୟର

କଟକ, ୮।୧୧(ଶିଲ୍ପା ପ୍ରିୟଦର୍ଶିନୀ)

**ଆମ୍ବଟାକୁଆ ଜାଉ ଖାଇ ଗୁରୁତର ହେବା ଘଟଣା**

■ ଆସନ୍ତା ସପ୍ତାହରେ ଡିସ୍‌ଚାର୍ଜ ହେବେ

ଆମ୍ବଟାକୁଆ ଜାଉ ଖାଇବା ପରେ ଗୁରୁତର ହୋଇ ଏସ୍‌ସିବି ମେଡିକାଲ ଭେଷଜ ଆଇସିୟୁରେ ୨ ମହିଳା ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ପଞ୍ଚାୟତ ଅନ୍ତର୍ଗତ ମାଣ୍ଡିପଙ୍କା ଗ୍ରାମର ଟୁନି ମାଝୀ ଓ ଜିତା ମାଝୀ। ସେମାନଙ୍କ ମଧ୍ୟରୁ ଟୁନିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସମ୍ପୂର୍ଣ୍ଣ ସୁଧାର ଆସିଥିବାବେଳେ ଜିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପୂର୍ବପରି ସ୍ଥିର ରହିଛି। ଆସନ୍ତା ସପ୍ତାହରେ ସେମାନଙ୍କୁ ଏସ୍‌ସିବିରୁ ଡିସ୍‌ଚାର୍ଜ କରାଯିବ ବୋଲି ଭେଷଜ ବିଭାଗ ପ୍ରଫେସର ଡା. ଜୟନ୍ତ ପଣ୍ଡା କହିଛନ୍ତି। ଅପରପକ୍ଷରେ ଏସ୍‌ସିବି ମେଡିକାଲରେ ଶୁକ୍ରବାର ସିଏମ୍‌ସି ମେୟର ସୁବାସ ସିଂ ପହଞ୍ଚି ଦୁଇ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଚିକିତ୍ସିତ ରୋଗୀ ଓ ସେମାନଙ୍କ ପରିବାର ଲୋକଙ୍କୁ ସିଏମ୍‌ସି ପକ୍ଷରୁ ସମସ୍ତ ସହାୟତା ଏବଂ ସହଯୋଗ ଯୋଗାଇ ଦିଆଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝୀ, କଟକସ୍ଥିତ ବିବେକାନନ୍ଦ ଯୁବ ସଙ୍ଗଠନର ସମ୍ପାଦକ ବିନୋଦ କୁମାର ପଣ୍ଡା, ସାମାଜିକ କର୍ମୀ ଦେବେନ୍ଦ୍ର କାହାଳି ଉପସ୍ଥିତ ଥିଲେ।


ସିଏମ୍‌ସି ମେୟର ସୁବାସ ସିଂ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ମହିଳାଙ୍କୁ ଭେଟୁଛନ୍ତି।


କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ କଲେଜରେ ଅନୁଷ୍ଠିତ ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଶିବିରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

### ପୃଥକ୍ ଦୁର୍ଘଟଣାରେ ୨ ଗୁରୁତର

ବାରଙ୍ଗ,୮।୧୧(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଞ୍ଚଳରେ ଶୁକ୍ରବାର ପୃଥକ ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ମେଡିକାଲ୍‌ରେ ଭର୍ତ୍ତି କରିଛନ୍ତି। ଶୁକ୍ରବାର ରାତିରେ ବଙ୍ଗାଳୀସାହି ନିକଟରେ ଏକ ଟ୍ରକ୍ ଯାନ୍ତ୍ରିକ ତ୍ରୁଟି ଯୋଗୁ ରାସ୍ତା କଡ଼ରେ ଛିଡ଼ା ହୋଇଥିଲା। ଏହି ସମୟରେ ନନ୍ଦନକାନନ ପଟୁ ବାରଙ୍ଗ ଅଭିମୁଖେ ଆସୁଥିବା ଏକ କାର୍ ପଛରୁ ଧକ୍କା ଦେଇଥିଲା। ଏଥିରେ କାରର ସମ୍ମୁଖଭାଗ ଭାଙ୍ଗି ଯାଇଥିବା ବେଳେ ଚାଳକ ଜଣକ ଗୁରୁତର ହୋଇଥିଲେ।

ସେହିପରି ଗୋଡ଼ିସାହି ନିକଟ କେନାଲବନ୍ଧ ରାସ୍ତାରେ ବାରଙ୍ଗପଟୁ ବାଙ୍କୀ ଅଭିମୁଖେ ଯାଉଥିବା ବାଇକ୍‌କୁ ବିପରୀତ ଦିଗରୁ ଆସୁଥିବା କାର୍ ଧକ୍କା ଦେଇଥିଲା। ଏଥିରେ ବାଇକ୍ ଚାଳକଙ୍କ ଗୋଡ଼ରେ କାର୍‌ଟି ଚଢ଼ି ଯାଇଥିଲା। ଫଳରେ ଚାଳକ ଜଣକ ଗୁରୁତର ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଚିକିତ୍ସା ପାଇଁ ପଠାଇଥିଲା। ଏହି ଘଟଣାରେ କାହାର ପରିଚୟ ମିଳିପାରି ନାହିଁ। ସେପଟେ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

# ଶିବିରରେ ୪୦୦ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କଟକ,୮।୧୧(ଶିଲ୍ପା ପ୍ରିୟଦର୍ଶିନୀ)

ଗୋପାଷ୍ଟମୀ ଅବସରରେ ନୟାବଜାରସ୍ଥିତ ଗୋପାଳକୃଷ୍ଣ ଗୋଶାଳା ପରିସରରେ ଏସ୍‌ସିବି ମେଡିକାଲ ଡାକ୍ତରଙ୍କ ପକ୍ଷରୁ ଶୁକ୍ରବାର ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ସିବି ଭେଷଜ ବିଭାଗ ପ୍ରଫେସର ଡା. ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡା. ପ୍ରତିଭା କାନୁନ୍‌ଗୋ, ଡା. ଅରୁଣ ଆଚାର୍ଯ୍ୟ, ଡା. ସୁଧାଂଶୁ ସେଠୀ, ଡା. ସଞ୍ଜୟ ରାମ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ମିଶନ ରୋଡ୍‌ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ଶୁକ୍ରବାର ଆୟୋଜିତ ପ୍ରଦର୍ଶନୀ ‘ପିନାକେଲ ୨୦୨୪’ରେ ଯୋଗଦେଇଥିବା ଛାତ୍ରୀଛାତ୍ର।

**ଜୋନ୍‌ସ୍ତରୀୟ କଳା ଉତ୍ସବ**

# ‘ଶିଶୁ ଦେଶର ଭବିଷ୍ୟତ’

କଟକ,୮।୧୧ (କାର୍ତ୍ତିକ ସାହୁ)

ଜୋନ୍‌ସ୍ତରୀୟ କଳା ଉତ୍ସବ ଖାନ୍‌ନଗର ହାଇସ୍କୁଲଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଡକ୍ଟର ସନ୍ତୋଷ କୁମାର ରାଉତ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ପ୍ରତିଯୋଗିତା ମାଧ୍ୟମରେ ଲୋକଲୋଚନକୁ ଆସିପାରିବ। ପ୍ରତ୍ୟେକ ଛାତ୍ରୀଛାତ୍ର ପାଠ ପଢ଼ିବା ସହିତ ଗୀତ, ନାଚ, ଚିତ୍ରାଙ୍କନ, ଅଭିନୟ ଆଦିରେ ରୁଚି ରଖିବା ଆବଶ୍ୟକ। ବିଦ୍ୟାଳୟସ୍ତରରୁ ସେମାନଙ୍କୁ ଉତ୍ସାହିତ କରାଯିବା ଦରକାର। ସେହିପରି ସମ୍ମାନିତ ଅତିଥି ଜିଲା ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷା ସଂଯୋଜିକା ଡ. ଶୁଚିସ୍ମିତା ମହାନ୍ତି କହିଛନ୍ତି, ଶିଶୁମାନେ ଦେଶର ଭବିଷ୍ୟତ। ସେମାନଙ୍କୁ ଗଢ଼ି ତୋଳିବା ଆମ ସଭିଙ୍କର ଦାୟିତ୍ୱ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ ଭଲ ପାଠ ପଢି ଆଗକୁ ଯିବାପାଇଁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଖାନ୍‌ନଗର ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରମଥ ନାଥ ଦେ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ କଳା ଉତ୍ସବରେ ଅଂଶଗ୍ରହଣ କରିବେ। କଟକ, କେନ୍ଦ୍ରାପଡ଼ା, ଅନୁଗୋଳ, ଢେଙ୍କାନାଳ ଏବଂ ଜଗତସିଂହପୁର ଜିଲାରୁ ଜିଲାସ୍ତରୀୟ ପ୍ରତିଯୋଗିତାରୁ ଉନ୍ନୀତ ହୋଇଥିବା ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଜୋନ୍‌ସ୍ତରୀୟ କଳା ଉତ୍ସବରେ କଳା ପ୍ରଦର୍ଶନ କରିଥିଲେ। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ପରିମଳ ଅବ୍ୟବସ୍ଥାକୁ ନେଇ ବିଧାୟିକା ଅସନ୍ତୁଷ୍ଟ

କଟକ,୮।୧୧(ଶିଲ୍ପା ପ୍ରିୟଦର୍ଶିନୀ)

**ବାରବାଟୀ-କଟକ ନିର୍ବାଚନମଣ୍ଡଳୀର ଉନ୍ନୟନ ବୈଠକ**

ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଆହ୍ୱାନକ୍ରମେ ଶୁକ୍ରବାର ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ଉନ୍ନୟନ ବୈଠକ କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଅଧ୍ୟକ୍ଷତା କରିଥିଲେ। ସିଡିଏସ୍ଥିତ ବିଜୁ ପଟ୍ଟନାୟକ ପାର୍କ ଖୋଲିବା, ଦରଘା ବଜାରସ୍ଥିତ ନେତାଜୀ ସ୍ମାରକୀ ପୀଠ ଖୋଲିବା, ଆମ ପୋଖରୀ ଯୋଜନାରେ ସହରର ପୋଖରୀ ନବୀକରଣ, ବିଡାନାସୀ ମୁଖ୍ୟ ଡ୍ରେନ୍ କାର୍ଯ୍ୟ ଆରମ୍ଭ, ଭେଣ୍ଡିଂଜୋନ୍, ଗଡଖାଇ ଓ ରିଂରୋଡର ସୌନ୍ଦର୍ଯ୍ୟକରଣ, ପେଟାନାଳ କାର୍ଯ୍ୟ, ସହରର ୫ଟି ମୁଖ୍ୟ ଡ୍ରେନ୍‌ର ସ୍ଥିତି, ସହରରେ ୨ ହଜାର ଲୋକଙ୍କ ପାଇଁ ଏକ ଅଡିଟୋରିୟମ ନିର୍ମାଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ବକ୍ସ ଡ୍ରେନ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ଚଣ୍ଡୀ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, କଦମରସୁଲ, ବାପିଷ୍ଟ ଚର୍ଚ୍ଚ ସୌନ୍ଦର୍ଯ୍ୟକରଣ, ଶିଶୁଭବନ ନୂତନ କୋଠା କାର୍ଯ୍ୟକାରୀ କରିବା, ଜିଲା ମୁଖ୍ୟଚିକିତ୍ସାଳୟ (ସିଟି ହସ୍ପିଟାଲ) କାର୍ଯ୍ୟ ସମେତ ବାରବାଟୀ-କଟକ ନିର୍ବାଚନମଣ୍ଡଳୀର ଅନ୍ୟାନ୍ୟ ସମସ୍ୟା ଏବଂ ଆଗାମୀ ଦିନରେ କେଉଁ ସବୁ ନୂତନ ପ୍ରକଳ୍ପର କାର୍ଯ୍ୟ ପାଇଁ ସ୍ଥିର କରାଯାଇଛି ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ହେଲେ ସହରର ପରିମଳ ଅବ୍ୟବସ୍ଥାକୁ ନେଇ ବିଧାୟିକା ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, କର୍ପୋରେଟର ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ସୁବାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, କେଦାର ପୃଷ୍ଟି, ଦିଲ୍ଲୀପ କୁମାର ମହାନ୍ତି, ବିକି ଚକ୍ରବର୍ତ୍ତୀ, ଗୁଲ୍‌ଜାର ଅହମ୍ମଦ, ସୟଦ ରମ୍‌ଜାନ୍ ଅଲ୍ଲୀ, ସତ୍ୟଶ୍ରୀ ବେହେରାଙ୍କ ସମେତ ନିର୍ବାଚନମଣ୍ଡଳୀର ସମସ୍ତ ବିଭାଗର ଅଧିକାରୀ ଯୋଗଦେଇଥିଲେ। ପ୍ଲାନିଂ ଡେପୁଟି ଡାଇରେକ୍ଟର ବିଶ୍ୱରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

# ବାଲୁକା କଳାରେ ସ୍ଥାନ ପାଇବ ବାଲିଯାତ୍ରା ଐତିହ୍ୟ

କଟକ,୮।୧୧(ଶିଲ୍ପା ପ୍ରିୟଦର୍ଶିନୀ)

**୮ ଦିନରେ ତିଆରି ହେବ ୮ ବାଲୁକା କଳା**

ଆସନ୍ତା ୧୫ ତାରିଖରେ କଟକ ବାଲିଯାତ୍ରା। ଏଥିପାଇଁ ବାଲିଯାତ୍ରା ପଡିଆରେ ଜୋର୍‌ସୋର୍‌ରେ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି। ଚଳିତବର୍ଷ ପ୍ରଥମଥର ବାଲିଯାତ୍ରାର ୮ ଦିନରେ ୮ଟି ବାଲୁକା କଳା ପ୍ରଦର୍ଶନ କରାଯିବ। ବାଲିଯାତ୍ରା ସହିତ ଜଡ଼ିତ ଐତିହ୍ୟ ଓ ପରମ୍ପରାକୁ ପ୍ରତିଦିନ ଏଥିରେ ସ୍ଥାନିତ କରାଯିବ ବୋଲି ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି କଟକ-ଇନ୍-କଟକ ମୁଖଶାଳାରେ ଦୁର୍ଗଦ୍ୱାର ତିଆରି କରାଯାଉଛି। ଦିଲ୍ଲୀରୁ ଆସିଥିବା କାରିଗର ଏହାକୁ ତିଆରି କରୁଛନ୍ତି। ଏଥର କଟକ-ଇନ୍-କଟକ ପରିସରରେ ବାଲିଯାତ୍ରାର ପ୍ରତ୍ୟହ ସନ୍ଧ୍ୟାରେ ପୁରୁଣା ଓଡ଼ିଆ ସିନେମା ପ୍ରଦର୍ଶନ କରାଯିବ। ଗ୍ୟାଲେରିରେ ବସି ଲୋକମାନେ ଏହାକୁ ଉପଭୋଗ କରିବେ। ଏଥିସହ ସିନେମା ଗୀତ ବାଜିବା ବ୍ୟବସ୍ଥା କରାଯାଉଛି। ଦର୍ଶକ ଯଦି ଗୀତ ଗାଇବା ପାଇଁ ଇଚ୍ଛାପ୍ରକାଶ କରିବେ ତେବେ ତାଙ୍କୁ ସୁଯୋଗ ମିଳିବ। ଅପରପକ୍ଷରେ ବାଲିଯାତ୍ରା ପଡିଆରେ ବିଭିନ୍ନ ପ୍ରକାର ଦୋଳି ପ୍ରସ୍ତୁତିରେ ବ୍ୟବସାୟୀ ଲାଗିପଡିଛନ୍ତି। ବିଶେଷକରି ବାଲିଯାତ୍ରାରେ ମୋବାଇଲ ନେଟ୍‌ୱର୍କ ସମସ୍ୟା ଦେଖାଦେଇଥାଏ। ଏହାକୁ ଦୃଷ୍ଟିରେ ରଖି ଟେଲିକମ କମ୍ପାନୀ ପକ୍ଷରୁ ପଦକ୍ଷେପ ନିଆଯିବା ସହ ୫ରୁ ଅଧିକ ମୋଭେବୁଲ ଟାୱାର ସ୍ଥାପନ କରାଯାଉଛି। ଫଳରେ ଗହଳିରେ ମଧ୍ୟ ମୋବାଇଲ ନେଟ୍‌ୱର୍କ ସମସ୍ୟା ଉପୁଜିବ ନାହିଁ।


ବାଲିଯାତ୍ରା ତଳପଡିଆରେ ଷ୍ଟଲ ନିର୍ମାଣ ପାଇଁ ବାଉଁଶ ପୋତାଯାଉଛି।

## ବାଲିଯାତ୍ରା ପ୍ରସ୍ତୁତି


ବାଲିଯାତ୍ରା ତଳପଡିଆରେ ଦୋଳି ପ୍ରସ୍ତୁତି ଚାଲିଛି।


ତଳପଡିଆରେ ସାଂସ୍କୃତିକ ମଞ୍ଚ ପ୍ରସ୍ତୁତି ଚାଲିଛି।

## ସଂକ୍ଷେପରେ

### ବଂଶୀଧର ମାଝୀ ସିଜିୟୁର ନୂଆ କୁଳପତି



ଭୁବନେଶ୍ୱର,୮।୧୧(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ(ସିଜିୟୁ)ର ନୂତନ କୁଳପତି ଭାବେ ପ୍ରଫେସର ବଂଶୀଧର ମାଝୀ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଫେସର ମାଝୀ ଆର୍‌ଇସି ରାଉରକେଲା (ବର୍ତ୍ତମାନ ଏନ୍‌ଆଇଟି)ରୁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ୍ ଇଞ୍ଜିନିୟରିଂରେ ପିଏଚ୍‌ଡି କରିଛନ୍ତି। ସେ ଏହାପୂର୍ବରୁ ଏନ୍‌ଆଇଟି ରାଉରକେଲାର କମ୍ପ୍ୟୁଟର ସାଇନ୍ସ ଆଣ୍ଡ୍ ଇଞ୍ଜିନିୟରିଂ ବିଭାଗରେ ଜଣେ ପ୍ରଫେସର ଭାବରେ କାର୍ଯ୍ୟରତ ଥିଲେ। ଏଥିସହ ସେ ଭିଏସ୍‌ଏସ୍‌ୟୁଟି ବୁର୍ଲାର କୁଳପତି ଏବଂ ଚେନ୍ନାଇର ଆଇଆଇଟିଡିଏମ୍ କାଞ୍ଚିପୁରମ୍‌ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ଶିକ୍ଷାଦାନ, ଅନୁସନ୍ଧାନ ଓ ପ୍ରଶାସନରେ ୩୩ ବର୍ଷରୁ ଅଧିକ ଏବଂ ଶିଳ୍ପ କ୍ଷେତ୍ରରେ ୩ ବର୍ଷର ଅଭିଜ୍ଞତା ରହିଛି। ବିଶ୍ୱବିଦ୍ୟାଳୟ ସଭାପତି ସଞ୍ଜୀବ କୁମାର ରାଉତ, ଆଡ୍‌ଭାଇଜର ପ୍ରଫେସର ଗଣପତି ପଣ୍ଡା, ପ୍ରଫେସର ସୁନୀଲ କୁମାର ଷଡ଼ଙ୍ଗୀ ପ୍ରମୁଖ ପ୍ରଫେସର ମାଝୀଙ୍କୁ ସ୍ୱାଗତ କରିଛନ୍ତି।

### ବୃଦ୍ଧ ନିଖୋଜ, ଥାନାରେ ଅଭିଯୋଗ

ବାରଙ୍ଗ/ତ୍ରିଶୂଳିଆ,୮।୧୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବେଲଗଛିଆ ପଞ୍ଚାୟତ ଅନ୍ତର୍ଗତ ନୟାପାଟଣା ଗ୍ରାମର ଜଣେ ବୃଦ୍ଧ ଗୁରୁବାରଠାରୁ ନିଖୋଜ ଥିବା ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ନିଖୋଜ ବୃଦ୍ଧ ଜଣକ ହେଲେ ସୁରେନ୍ଦ୍ର ଭଞ୍ଜ(୬୮)। ବୃଦ୍ଧଙ୍କର ମାନସିକ ସ୍ଥିତି ସ୍ଥିର ନ ଥିବାବେଳେ ଗୁରୁବାର ସକାଳ ୯ଟାରୁ ଘରୁ କେଉଁଆଡ଼େ ଚାଲି ଯାଇଛନ୍ତି। ସାଙ୍ଗରେ ଏକ ସାଇକେଲ ଧରି ଯାଇଥିବାବେଳେ ଘରୁ ଗଲାବେଳକୁ ସେ ଲୁଙ୍ଗି ପିନ୍ଧିଥିବା ବେଳେ ବେକରେ ଗାମୁଛା ପିନ୍ଧିଥିବା ପରିବାର ପକ୍ଷରୁ ଥାନାରେ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ନନ୍ଦନକାନନରେ ନୀଳଗାଈ ଶାବକ ଜନ୍ମ

ତ୍ରିଶୂଳିଆ,୮।୧୧ (ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୫ନଂ. ଖୁଆଡ଼ରେ ରହୁଥିବା ଏକ ମାଈ ନୀଳଗାଈ ଶୁକ୍ରବାର ଗୋଟିଏ ଶାବକ ଜନ୍ମ ଦେଇଛି। ଏହି ଶାବକଟି ଜନ୍ମ ହେବା ପରେ ସେମାନଙ୍କ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି ବୋଲି ନନ୍ଦନକାନନ ଜନ୍ତୁ କ୍ୟୁରେଟର ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି। ଉଭୟ ମା’ ଓ ଶାବକ ସୁସ୍ଥ ଥିବାବେଳେ ଶାବକଟିର ଲିଙ୍ଗ ଚିହ୍ନଟ ହୋଇନାହିଁ। ସାଧାରଣତଃ ଏମାନଙ୍କ ଦେହର ରଙ୍ଗ ପାଉଁଶିଆ ନୀଳବର୍ଣ୍ଣ।

## ମଦ୍ୟପାନ ବିଶୃଙ୍ଖଳା

# ୪ ମୋ ବସ୍ ଡ୍ରାଇଭର, କଣ୍ଡକ୍ଟର ନିଲମ୍ବିତ

ଭୁବନେଶ୍ୱର, ୮।୧୧ (ବନ୍ଦନା ସେଠୀ)

ମୋ ବସ୍ ଡ୍ରାଇଭରଙ୍କ ମନମୁଖି କାର୍ଯ୍ୟ ତଥା ବେପରୁଆ ଗାଡ଼ି ଚାଳନାକୁ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏପରି କି ମୋ ବସ୍ ଧକ୍କାରେ କେତେଜଣଙ୍କ ଜୀବନ ଯାଇଛି। ଗତ କିଛିଦିନ ତଳେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ମୋ ବସ୍‌ଟି ଜଣେ ଯୁବତୀଙ୍କୁ ଧକ୍କା ଦେଇ ତାଙ୍କ ହାତ ଉପରେ ଚଢ଼ିଯାଇଥିଲା। ଏପରି ଘଟଣାକୁ ନେଇ ମୋ ବସ୍ କାଠଗଡାକୁ ଯିବା ପରେ ଏହାକୁ ପରିଚାଳନା କରୁଥିବା କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) କର୍ତ୍ତୃପକ୍ଷଙ୍କ ଚେତା ପଶିଛି। ମୋ ବସ୍ ଚଳାଚଳ ସୁରକ୍ଷା ନିୟମଗୁଡିକର କଡାକଡି ଯାଞ୍ଚ ଆରମ୍ଭ ହୋଇଥିବାବେଳେ ଉଲ୍ଲଂଘନକାରୀ ୨ ଡ୍ରାଇଭର ଓ ୨ କଣ୍ଡକ୍ଟରଙ୍କୁ ଶୁକ୍ରବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। କ୍ରୁଟ୍‌ର କାର୍ଯ୍ୟନିର୍ବାହୀ ଟିମ୍ ହଠାତ୍ କାର୍ଯ୍ୟରତ ମୋ ବସ୍ କର୍ମଚାରୀଙ୍କ ମଦ୍ୟପାନ ଯାଞ୍ଚ କରିଥିଲା।



କ୍ରୁଟ୍‌ର ମହାପ୍ରବନ୍ଧକ ଏନ୍. ଥିରୁମାଲା ନାୟକ ମୋ ବସ୍‌ରେ ଯାତ୍ରା କରି ଜଣେ କଣ୍ଡକ୍ଟରଙ୍କ ସହ କଥା ହେଉଛନ୍ତି।

### ଯାତ୍ରୀଙ୍କ ମତାମତ ନେଲେ କ୍ରୁଟ୍ ମହାପ୍ରବନ୍ଧକ

ଏହି ସମୟରେ ଜଣେ ଡ୍ରାଇଭର ଓ ଜଣେ କଣ୍ଡକ୍ଟର ମଦ୍ୟପାନ କରିଥିବା ଜଣାପଡିଥିଲା। ସେହିପରି ଅନ୍ୟଜଣେ ଡ୍ରାଇଭର ଏବଂ କଣ୍ଡକ୍ଟର ଡ୍ୟୁଟି ସମୟରେ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ସେମାନଙ୍କୁ ମଧ୍ୟ ୨ମାସ ପାଇଁ ନିଲମ୍ବନ କରାଯାଇଥିବା କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ କୌଣସି ଡ୍ରାଇଭର ଗାଡ଼ି ଚାଳନା ସମୟରେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଜଣାପଡିଲେ ତୁରନ୍ତ ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସକୁ ୬ ମାସ ପର୍ଯ୍ୟନ୍ତ ରଦ୍ଦ କରାଯିବ। ଚାକିରିରୁ ବାହାରି ଅନ୍ୟ କୌଣସି ସ୍ଥାନରେ ଗାଡ଼ି ଚାଳନା କରିବାକୁ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଅନୁମତି ଦିଆଯିବ ନାହିଁ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି। ଏପରି ଘଟଣାର ଯେପରି ପୁନରାବୃତ୍ତି ନ ହେବ ସେଥିପାଇଁ କଠୋର ସୁରକ୍ଷା ବ୍ୟବସ୍ଥା ଜାରି କରାଯାଇଛି। ନିୟମିତ ମଦ୍ୟପାନ ପରୀକ୍ଷଣ, ସ୍ୱତନ୍ତ୍ର ଡ୍ରାଇଭର ତାଲିମ ପ୍ରୋଗ୍ରାମ, ଯାତ୍ରୀ ଓ ସହକର୍ମୀଙ୍କ ପ୍ରତି ଆଚରଣ ଓ ବ୍ୟବହାରଗତ ତାଲିମ ଏବଂ କାର୍ଯ୍ୟସ୍ଥଳରେ ସ୍ୱତନ୍ତ୍ର ଭାବେ ମନିଟରିଂ ହେବ ବୋଲି ସୂଚନା ଦିଆଯାଇଛି।

ଅପରପକ୍ଷେ ଶୁକ୍ରବାର କ୍ରୁଟ୍‌ର ମହାପ୍ରବନ୍ଧକ ଏନ୍. ଥିରୁମାଲା ନାୟକ ମୋ ବସ୍‌ର ବିଭିନ୍ନ ରୁଟ୍‌ରେ ଯାତ୍ରା କରି ଗାଡ଼ିର କ୍ୟାପ୍‌ଟେନ୍ ଓ ଗାଇଡ୍ (ଡ୍ରାଇଭର ଓ କଣ୍ଟକ୍ଟର)ଙ୍କ ସହ କଥା ହୋଇଥିଲେ। ଯାତ୍ରା ସମୟରେ ଯାତ୍ରୀଙ୍କ ସୁରକ୍ଷା ପରଖିବା ସହିତ ମୋ ବସ୍ ସେବା ଉପରେ ବିଭିନ୍ନ ଯାତ୍ରୀମାନଙ୍କଠାରୁ ମତାମତ ଗ୍ରହଣ କରିଥିଲେ।



ମୟୂରଭଞ୍ଜ ଛଉକୁ ନେଇ ଛାଉଣୀ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଜାତୀୟ ମହୋତ୍ସବ ‘ନାଟକୀ’ର ଶୁକ୍ରବାର ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ମାନସ ଦାଶଙ୍କୁ ‘ଗ୍ଲୋବାଲ ଏକ୍ସଲେନ୍ସ ବୁକ୍ ଅଫ୍ ରେକର୍ଡ୍ସ ସମ୍ମାନ’

ଭୁବନେଶ୍ୱର, ୮।୧୧(ବନ୍ଦନା ସେଠୀ)

ଗ୍ଲୋବାଲ ହ୍ୟୁମାନ୍ ରାଇଟ୍ସ ଟ୍ରଷ୍ଟ (ଜିଏଚ୍‌ଆର୍‌ଟି) ଇଣ୍ଡିଆ ପକ୍ଷରୁ ହାଇଦ୍ରାବାଦସ୍ଥିତ ତେଲଙ୍ଗାନା ସାରସ୍ୱତ ପରିଷଦରେ ଆନ୍ତର୍ଜାତିକ ଶାନ୍ତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶ ବିଦେଶରୁ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, କଳାକାର, ସ୍ୱାସ୍ଥ୍ୟ ବିଶେଷଜ୍ଞ, ସାମାଜିକ କର୍ମୀ ତଥା କୂଟନୀତିଜ୍ଞମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲା ନିମାପଡ଼ା ବ୍ଲକ ଅଧୀନ ବାମନାଳ ଗ୍ରାମର ବାସିନ୍ଦା ବୈଜ୍ଞାନିକ ତଥା ସଙ୍ଗୀତ ନିର୍ଦ୍ଦେଶକ ଡ. ମାନସ କୁମାର ଦାଶଙ୍କୁ ଜିଏଚ୍‌ଆର୍‌ଟିର ଓଡ଼ିଶା ରାଜ୍ୟ ସଭାପତି ଭାବେ ‘ଗ୍ଲୋବାଲ ଏକ୍ସଲେନ୍ସ ବୁକ୍ ଅଫ୍ ରେକର୍ଡ୍ସ’ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦେଶର ୫୦ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଓଡ଼ିଆ ଅସ୍ମିତା ପାଇଁ କବି ପଞ୍ଚାନନ ନାୟକ ଓ ସମ୍ବିଧାନରେ ପଛୁଆବର୍ଗର ଶିକ୍ଷା ଅଧିକାର ପାଇଁ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ମହାନ୍ତିଙ୍କୁ ସମ୍ମାନ୍‌ଜନକ ଡକ୍ଟରେଟ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଶ୍ରୀଲଙ୍କା ଯୁଥ୍ ପାର୍ଲାମେଣ୍ଟର ଡେପୁଟି ମିନିଷ୍ଟର ବୈଦେଶିକ ବିଭାଗ ଅହମ୍ମଦ ସାଦିକ୍, ସମ୍ମାନିତ ଅତିଥି ଭାବେ ଭାରତ ସରକାରଙ୍କ ଟେଲିକମ୍ ମନ୍ତ୍ରଣାଳୟ ସଦସ୍ୟ ଡ. ସଙ୍କେତ ଖରପୁଡେ ଓ ଆନ୍ତର୍ଜାତିକ କୂଟନୀତିଜ୍ଞ ସଭାପତି ଏମ୍. ମୁଫତି ମୁନନେ, ଜିଏଚ୍‌ଆର୍‌ଟିର ଚେୟାରମ୍ୟାନ୍ ଡ. ରେହେମାନ ପ୍ରମୁଖ ଉପସ୍ଥିତ ଥିଲେ।




ଅନ୍ତର୍ଜାତୀୟ ଶାନ୍ତି ସମ୍ମିଳନୀରେ ସଙ୍ଗୀତ ନିର୍ଦ୍ଦେଶକ ଡ. ମାନସ କୁମାର ଦାଶଙ୍କୁ ସମ୍ମାନିତ କରାଯାଉଛି।

## ପଞ୍ଚୁକ ପାଇଁ ଧବଳେଶ୍ୱର ପୀଠରେ ଟ୍ରାଫିକ୍ କଟକଣା

କଟକ,୮।୧୧ (କାର୍ତ୍ତିକ ସାହୁ)

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ଶୈବ ପୀଠରେ ପଞ୍ଚୁକ ଓ ବଡ଼ଓଷା ପାଳନ କରାଯିବ। ଆସନ୍ତା ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଧବଳେଶ୍ୱର ପୀଠରେ ପ୍ରବଳ ଜନ ସମାଗମ ହେବ। ଏହି ସମୟରେ ବିଭିନ୍ନ ଜିଲାରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ମନ୍ଦିରରେ ପୂଜାର୍ଚ୍ଚନା କରିବା ପାଇଁ ଏକତ୍ରିତ ହେବେ। ମହାନଦୀ ଉପରେ ଥିବା ମଧୁସୂଦନ ବ୍ରିଜ ନିର୍ମାଣ ଫଳରେ ଭକ୍ତମାନେ ବହୁ ସଂଖ୍ୟାରେ ବସ୍, କାର୍, ଦୁଇଚକିଆ ଯାନରେ ଧବଳେଶ୍ୱର ପୀଠକୁ ପ୍ରତ୍ୟହ ଆସୁଛନ୍ତି। ପଞ୍ଚୁକ ଓ ବଡ଼ଓଷାରେ ଆଶାତୀତ ଭିଡ଼କୁ ଦୃଷ୍ଟିରେ ରଖି ଭାରିଯାନ ଚଳାଚଳ ଉପରେ ଜିଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। କଟକରୁ ମଧୁସୂଦନ ସେତୁ ଦେଇ ଆଠଗଡ଼ ଯାଉଥିବା ଭାରିଯାନଗୁଡ଼ିକ ନୂଆପାଟଣା ଛକଠାରୁ ୫୫ ନମ୍ବର ଜାତୀୟ ରାଜପଥ ଦେଇ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆଠଗଡ଼ରୁ ଧବଳେଶ୍ୱର ରାସ୍ତା ଦେଇ କଟକ ଆସୁଥିବା ଭାରିଯାନ କଖଡ଼ି ଛକ ଏବଂ ନିଧିପୁର ଛକଠାରୁ ୫୫ ନମ୍ବର ଜାତୀୟ ରାଜପଥ ଦେଇ ଗତିପଥ ପରିବର୍ତ୍ତନ କରିଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ପୋଷ୍ଟ ଅଫିସ୍‌ରେ ଲିଙ୍କ୍ ଫେଲ୍, କାରବାର ପ୍ରଭାବିତ

ଭୁବନେଶ୍ୱର, ୮।୧୧(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ପ୍ରଧାନ ଡାକଘର ଅଫିସ୍ ସମେତ ରାଜ୍ୟର ସବୁ ମୁଖ୍ୟ ପୋଷ୍ଟ ଅଫିସ୍‌ରେ ଇଣ୍ଟରନେଟ୍ ଲିଙ୍କ୍ ଫେଲ୍ ଯୋଗୁ କାରବାର ପ୍ରଭାବିତ ହୋଇଛି। ୩ ଦିନ ହେଲାଣି ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରଧାନ ଡାକଘର ଅଫିସ୍‌ରେ ଲିଙ୍କ୍ ଫେଲ୍ ହୋଇଥିବା ନେଇ ସାଇନ୍‌ବୋର୍ଡରେ ଲେଖାହୋଇଛି। ଟଙ୍କା ଜମା ଓ ଉଠାଣ ପାଇଁ ଆସୁଥିବା ଲୋକେ ଧାଡ଼ିରେ ଘଣ୍ଟା ଘଣ୍ଟା ଅପେକ୍ଷାକରି ହନ୍ତସନ୍ତ ହେବାପରେ ନିରାଶ ହୋଇ ଘରକୁ ଫେରିଯାଉଥିବା ଦେଖିବାକୁ ମିଳିଛି। ମାତ୍ର କେଉଁ କାରଣରୁ ଲିଙ୍କ୍ ସମସ୍ୟା ହୋଇଛି ଓ କେବେସୁଦ୍ଧା ସ୍ଥିତି ସ୍ୱାଭାବିକ ହେବ ସେନେଇ କେହି ସ୍ପଷ୍ଟ ସୂଚନା ଦେଇପାରୁନାହାନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରାକେଶ



@ ସୁଧାଂଶୁ



@ ଶୁଭମ୍



@ ଅଜୟ



@ ବୁଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




ମିଶନ ଶକ୍ତି ବନ୍ଦ ଦାବିରେ ଓଡ଼ିଶା ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମହାସଂଘ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ– ମନୋରଞ୍ଜନ ମିଶ୍ର)

## ଏନ୍‌ଇଇଟି ଆଶାୟୀ ଛାତ୍ରୀଙ୍କ ଆତ୍ମହତ୍ୟା

# ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ

ଭୁବନେଶ୍ୱର,୮।୧୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ପଟିଆସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଡାକ୍ତରୀ ପଢ଼ିବାକୁ କୋଚିଂ ନେଉଥିବା ଛାତ୍ରୀ କଲ୍ୟାଣୀ ସାହୁଙ୍କ ଆତ୍ମହତ୍ୟା ଘଟଣା ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ପହଞ୍ଚିଛି। ମାନବାଧିକାରୀ କର୍ମୀ ଜୟନ୍ତ କୁମାର ଦାଶ ଏନେଇ ଶୁକ୍ରବାର ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ ଦାଖଲ କରିଛନ୍ତି। କମିଶନଙ୍କ ପକ୍ଷରୁ ଅଭିଯୋଗକୁ ଗ୍ରହଣ କରାଯାଇ ଡେଏରୀ ନଂ. ୧୮୪୭୫/ଆଇଏନ୍/୨୦୨୪ ରୁଜୁ କରାଯାଇଛି। ପାଠ ଚାପରୁ ଛାତ୍ରୀ ଜଣକ ଏଭଳି ଚରମ ନିଷ୍ପତ୍ତି ନେଇଥିବା ବେଳେ ଏହି ଘଟଣାରେ କୋଚିଂ ସେଣ୍ଟର ଓ ହଷ୍ଟେଲ କର୍ତ୍ତୃପକ୍ଷଙ୍କ କ’ଣ ଭୂମିକା ରହିଛି ସେନେଇ ତଦନ୍ତ କରିବାକୁ ଜୟନ୍ତ ଦାବି କରିଛନ୍ତି। ସେହିଭଳି ଛାତ୍ରୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ସହ ଏହି ଘଟଣାରେ ଅନ୍ୟାନ୍ୟ ଦିଗକୁ ନେଇ ତଦନ୍ତ କରିବାକୁ ଜୟନ୍ତ ପିଟିଶନ୍‌ରେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ, କଲ୍ୟାଣୀ ଏନ୍‌ଇଇଟି କୋଚିଂ ସହ ଆଉ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଯୁକ୍ତ୨ ବିଜ୍ଞାନ ପଢୁଥିଲେ। ଏଥିସହ ପଟିଆସ୍ଥିତ ଏକ ଘରୋଇ ହଷ୍ଟେଲରେ ରହୁଥିଲେ। ଗୁରୁବାର କଲ୍ୟାଣୀଙ୍କର ଫିଜିକ୍ସ ପରୀକ୍ଷା ଥିଲା। ତେବେ ଫିଜିକ୍ସ ହେଉନି, କଷ୍ଟ ଲାଗୁଛି ବୋଲି ସେ ପରିବାର ଲୋକଙ୍କୁ କହିଥିଲେ। ଗୁରୁବାର ସକାଳୁ କଲ୍ୟାଣୀ ମା’ଙ୍କ ଫୋନ୍ ରିସିଭ୍ କରି ନ ଥିଲେ। ହଷ୍ଟେଲ ରୁମ୍‌ର ଫ୍ୟାନ୍‌ରେ ଓଢ଼ଣିରେ ଝୁଲି କଲ୍ୟାଣୀ ଆତ୍ମହତ୍ୟା କରିଥିବା ପରିବାର ଲୋକଙ୍କୁ ହଷ୍ଟେଲ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ।

### ବିଶ୍ୱବିଦ୍ୟାଳୟ ଛାତ୍ରାବାସରୁ ଛାତ୍ରଙ୍କ ମୃତଦେହ ଜବତ

ଜଟଣୀ, ୮।୧୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟ ଛାତ୍ରାବାସରୁ ଶୁକ୍ରବାର ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ଛତିଶଗଡ଼ର ୟାନ୍‌ସୁଲ କୈବର୍ତ୍ତ। ସେ ଡିପ୍ଲୋମା ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ତେବେ ମୃତ୍ୟୁର କାରଣ ଜଣାପଡି ନାହିଁ। ୟାନ୍‌ସୁଲଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ନ୍ୟାୟ ଦାବିରେ ଶତାଧିକ ବିଦ୍ୟାର୍ଥୀ ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଖବରପାଇ ଜଟଣୀ ଥାନା ପୋଲିସ ପହଞ୍ଚି ବିଦ୍ୟାର୍ଥୀମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିବା ସହ ଧାରଣା ହଟିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୯/୨୪) ରୁଜୁ ହୋଇଥିବା ବେଳେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ଘଟଣା ସମ୍ପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ପରିଚୟ ଜାତୀୟ ସାହିତ୍ୟ ଉତ୍ସବ ଆରମ୍ଭ



ଭୁବନେଶ୍ୱର, ୮।୧୧ (ବନ୍ଦନା ସେଠୀ)

ପ୍ରୟାସ ପକ୍ଷରୁ ବୁଦ୍ଧମନ୍ଦିର ପରିସରରେ ୩ଦିନିଆ ଜାତୀୟ ପରିଚୟ ସାହିତ୍ୟ ମହୋତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ଉତ୍ସବକୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଡ. ରୋଜାଲିନ ପାଟଶାଣୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦକ୍ଷିଣ କୋରିଆ ଓ ଭିଏତ୍‌ନାମ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, କବି ରାଜେନ୍ଦ୍ର କିଶୋର ପଣ୍ଡା, ଡ. ଫନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ 'ପରିଚୟ' ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ହେବା ସହ ବିଭିନ୍ନ ପୁସ୍ତକର ପାଠକାର୍ପଣ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଆ ସମେତ ୨୩ଟି ଭାଷାର କବି, ଲେଖକ, ଗାଳ୍ପିକ, ଅନୁବାଦକ ଓ ସମାଲୋଚକମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

# ମାତୃଭାଷାର ଉତ୍କର୍ଷ ସାଧନ ହେଲେ ଜାତିର ଅସ୍ମିତା ପ୍ରତିଷ୍ଠା ହୁଏ

**ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ**

ଭୁବନେଶ୍ୱର, ୮।୧୧ (ବନ୍ଦନା ସେଠୀ)

ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ କେନ୍ଦ୍ରଠାରେ ୫ଦିନ ଧରି ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ ହୋଇଛି। ଉଦ୍‌ଯାପନ ଅବସରରେ ଔପନ୍ୟାସିକା ଜ୍ଞାନପୀଠ ବିଜୟିନୀ ପଦ୍ମଭୂଷଣ ପ୍ରତିଭା ରାୟ ପ୍ରଶିକ୍ଷିତ ଗବେଷକମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ, ମାତୃଭାଷା ହେଉଛି ଜାତିର ଶ୍ରେଷ୍ଠ ପରିଚୟ। ଏହାର ଉତ୍କର୍ଷ ସାଧିତ ହେଲେ ଜାତିର ଅସ୍ମିତା ପ୍ରତିଷ୍ଠିତ ହୁଏ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କୁ ଗବେଷଣାର ନୂତନ ଦିଗନ୍ତ ଉନ୍ମୋଚନ କରିବା ଦିଗରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଯୋଗଦେଇ ଓଡ଼ିଆ ଭାଷା ମାଧ୍ୟମରେ ଜଗତୀକରଣର ପ୍ରୟାସ ସମ୍ଭବ ହୋଇପାରିବ ବୋଲି ସେ ଆଶା ରଖିଥିଲେ। ପ୍ରାଚୀନ ଓଡ଼ିଆ ଭାଷାର ଅନ୍ୟତମ ସମ୍ପଦ ତାଳପତ୍ର ପୋଥି ସମ୍ପାଦନା ସମ୍ପର୍କରେ ଉତ୍କଳ ବିଶ୍ୱବିଦ୍ୟାଳୟ ସହିତ ଉତ୍କର୍ଷ କେନ୍ଦ୍ରର ସହଯୋଗ କାମନା କରିଥିଲେ। ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉପସ୍ଥିତ ଥିବାବେଳେ ଉତ୍କର୍ଷ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ବିଭିନ୍ନ ଗବେଷଣା ପ୍ରକଳ୍ପ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ଗବେଷକଙ୍କୁ ଭାରତୀୟ ଭାଷା କେନ୍ଦ୍ର ଓ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କେନ୍ଦ୍ରର ସହଯୋଗୀ ଗବେଷିକା ଡ. ଜ୍ୟୋତିପ୍ରଭା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଔପନ୍ୟାସିକା ପଦ୍ମଭୂଷଣ ପ୍ରତିଭା ରାୟଙ୍କ ସହ ଅନ୍ୟ ଅତିଥିମାନେ।

# ଦକ୍ଷତା ବିକାଶ ସଂସ୍ଥା ପରିଦର୍ଶନ କଲେ ଶିଳ୍ପମନ୍ତ୍ରୀ

ଭୁବନେଶ୍ୱର,୮।୧୧ (ଅନୁରାଧା ମହାରଣା)

ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶୁକ୍ରବାର ଭୁବନେଶ୍ୱର ତରାବୋଇ ସ୍ଥିତ ଦକ୍ଷତା ବିକାଶ ସଂସ୍ଥା ପରିଦର୍ଶନ କରିଛନ୍ତି। ଏ ଅବସରରେ ଅନୁଷ୍ଠାନର ବିଭିନ୍ନ ଭିତ୍ତିଭୂମି ଅନୁଧ୍ୟାନ କରିବାସହ ଅନୁଷ୍ଠାନର ମଧୁସୂଦନ ସମ୍ମିଳନୀ କକ୍ଷରେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିଭାଗୀୟ ଅଧିକାରୀମାନଙ୍କ ଠାରୁ ସଂସ୍ଥା କାର୍ଯ୍ୟକ୍ରମ ସମ୍ବନ୍ଧରେ ପଚାରି ବୁଝିଥିଲେ। ବିଭିନ୍ନ ଯୋଜନା ମାଧ୍ୟମରେ ବେକାର ଯୁବତୀଯୁବକମାନଙ୍କୁ ନିଯୁକ୍ତି ଭିତ୍ତିକ ତାଲିମ ପ୍ରଦାନ କରି କୁଶଳୀ କରାଇ ସେମାନଙ୍କୁ ସ୍ୱାଭିମାନ ସହ ବଞ୍ଚିବାରେ ଦକ୍ଷତା ବିକାଶ ସଂସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମନ୍ତ୍ରୀ ଆଶା ପୋଷଣ କରିଥିଲେ । ଏହି ଅବସରରେ ଦକ୍ଷତା ବିକାଶ ସଂସ୍ଥା ଏବଂ ଦକ୍ଷତା ବିକାଶ ଓ ନିଯୁକ୍ତି ନିର୍ଦ୍ଦେଶାଳୟ ମଧ୍ୟରେ ଏକ ବର୍ଷ ପାଇଁ ନୂଆ ଓଡିଶା ଅଧୀନ ଓଡିଶାର ବେକାର ଯୁବତୀଯୁବକମାନଙ୍କୁ ନୂତନ ଉନ୍ନତ ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ ନେଇ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି।



ଚୁକ୍ତିପତ୍ର ସ୍ୱାକ୍ଷର ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଅନ୍ୟମାନେ।

# ଭୁବନପୁର ଗ୍ରାମରେ ଲାଗିଲା ଟ୍ରାନ୍ସଫର୍ମର

ବାରଙ୍ଗ,୮।୧୧ (ଲିଙ୍ଗରାଜ ରାଉତ)

ଭୁବନପୁର ଗ୍ରାମରେ ଲାଗିଲା ୨୫୦ କେଭିର ଟ୍ରାନ୍ସଫର୍ମର। ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ଭୋଲଟେଜ ସମସ୍ୟା ଦୂର କରିବା ପାଇଁ ଗ୍ରାମ୍ୟ କମିଟି ସଭାପତି ରଞ୍ଜନ କୁମାର ଭଞ୍ଜଙ୍କ ନେତୃତ୍ୱରେ ଗ୍ରାମବାସୀ ବିଦ୍ୟୁତ ବିଭାଗଠାରୁ ଆରମ୍ଭ କରି ଲୋକ ପ୍ରତିନିଧିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବାରମ୍ବାର ଅବଗତ କରାଇଥିଲେ। ଦୀର୍ଘ ୧୩ମାସର ବ୍ୟବଧାନ ପରେ ଶୁକ୍ରବାର ବିଦ୍ୟୁତ୍ ବିଭାଗ ପକ୍ଷରୁ ଗାଁମୁଣ୍ଡରେ ଥିବା ପୁରୁଣା ଟ୍ରାନ୍ସଫର୍ମର ପରିବର୍ତ୍ତନ କରାଯାଇ ନୂଆ ୨୫୦କେଭି ଟ୍ରାନ୍ସଫର୍ମର ଲାଗିଥିବା ଜଣାପଡ଼ିଛି। ଟ୍ରାନ୍ସଫର୍ମର ଲାଗିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ବାତାବରଣ ଖେଳିଯାଇଛି।

# କର୍ମଚାରୀ କଲ୍ୟାଣ ପରିଷଦର ସାଧାରଣ ପରିଷଦ ବୈଠକ




ଭୁବନେଶ୍ୱର,୮।୧୧

ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ (ସଚିବାଳୟ ଶାଖା)ର ୩୧ତମ ସାଧାରଣ ପରିଷଦ ବୈଠକ ଭୁବନେଶ୍ୱରର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ନୂତନ ଭାବେ ସଚିବାଳୟରେ ଯୋଗଦେଇଥିବା ୨୦୧୪ବ୍ୟାଚ୍‌ର ଏଏସ୍‌ଓମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପରିଷଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲାବେଳେ ଜାତି ଓ ଜନଜାତି ବିଭାଗର ଅଣସଂରକ୍ଷିତ ପଦବୀରେ ବରିଷ୍ଠ ସଂରକ୍ଷିତ ବର୍ଗକୁ ପଦୋନ୍ନତି ଭଳି ବାବଦକୁ ନେଇ ରାଜ୍ୟରେ ଚାଲିଥିବା ତର୍କ ବିତର୍କ ଉପରେ ବିସ୍ତୃତ ଆଲୋଚନା ମଧ୍ୟ ହୋଇଥିଲା। ପରିଶେଷରେ ପରିଷଦର ସଭାପତି ଅନନ୍ତ କିଶୋର ମାଝୀ, ଉପସଭାପତି ଅମ୍ରିତ ଲାଲ ମ୍ରିଦା, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ସାଧାରଣ ସମ୍ପାଦକ ମିର୍ଜା ମୁର୍ମୁ, ମଙ୍ଗଳ ପ୍ରସାଦ ସୋରେନ, ସଙ୍ଗଠନ ସମ୍ପାଦକ ବିଜୟନୀ ହେମ୍ବ୍ରମ, ଗିରିଧାରୀ ଶବର, ଅର୍ଥ ସମ୍ପାଦକ ବିଶ୍ୱମ୍ଭର ସେଠୀ, ସାଂସ୍କୃତିକ ସମ୍ପାଦକ ସଂଗ୍ରାମ କେଶରୀ ପଲେଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଭାରତୀୟ କ୍ଷେତ ମଜଦୁର ୟୁନିୟନର ରାଜ୍ୟ ପରିଷଦ ବୈଠକ

**ନଭେମ୍ବର ୨୪ରୁ ୩୦ ରାଜ୍ୟବ୍ୟାପୀ 'ଦାବି ସପ୍ତାହ' ଆନ୍ଦୋଳନ**

ଭୁବନେଶ୍ୱର, ୮।୧୧ (ବନ୍ଦନା ସେଠୀ)

ଭାରତୀୟ କ୍ଷେତ ମଜଦୂର ୟୁନିୟନର ରାଜ୍ୟ ପରିଷଦ ବୈଠକ ଶୁକ୍ରବାର ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିକଶିତ ଓଡ଼ିଶାର ଦ୍ୱାହି ଦେଇ ଡବଲ ଇଞ୍ଜିନ ଭାଜପା ସରକାର ଓଡ଼ିଶାର ଦାରିଦ୍ର୍ୟ, ବେରୋଜଗାରୀ ଓ ଅନାହାର ମୃତ୍ୟୁ ଘଟଣାରେ ମୂକ ଦର୍ଶକ ସାଜିଥିବାରୁ ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ନଭେମ୍ବର ୨୪ରୁ ୩୦ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବ୍ଲକ୍‌ସ୍ତରୀୟ 'ଦାବି ସପ୍ତାହ' ଆନ୍ଦୋଳନ କରିବାକୁ ବିକେଏମ୍‌ୟୁ ରାଜ୍ୟ କମିଟି ଆହ୍ୱାନ ଦେଇଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବାର୍ଷିକ ୨୦୦ଦିନ କାମ, ଦୈନିକ ୮ଘଣ୍ଟାର ମଜୁରୀ ୧ହଜାର ଟଙ୍କାକୁ ବୃଦ୍ଧି, ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦର ବୃଦ୍ଧି ବନ୍ଦ କରିବା, ଭୂମିହୀନ କ୍ଷେତ ମଜଦୁରଙ୍କୁ ଘରଡିହ ପଟ୍ଟା ପ୍ରଦାନ, ବାର୍ଦ୍ଧକ୍ୟ ଭତ୍ତା ମାସିକ ୫ହଜାର ଟଙ୍କାକୁ ବୃଦ୍ଧି ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯିବ। ରାଜ୍ୟ ସଭାପତି ସୁବାସ ଚନ୍ଦ୍ର ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମ୍ପାଦକ ସୁର ଜେନା, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ବିକେଏମ୍‌ୟୁ ରାଜ୍ୟ ସହସମ୍ପାଦକ ଶଙ୍କର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ମଦର୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ଅଙ୍କୁରମ୍'



ଭୁବନେଶ୍ୱର,୮।୧୧ (ଅନୁରାଧା ମହାରଣା)

ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ମଦର୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ଅଙ୍କୁରମ୍' ଶୁକ୍ରବାର ଉତ୍କଳ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସିବିଏସ୍‌ଇର ସେଣ୍ଟର ଅଫ୍ ଏକ୍ସିଲେନ୍ସ ଯୁଗ୍ମ ସଚିବ ଡ. କେ. ଶ୍ରୀନିବାସନ ଯୋଗଦେଇ କହିଲେ, ସ୍କୁଲର ଚାରି କାନ୍ଥ ବାହାରେ ଛାତ୍ରୀଛାତ୍ରଙ୍କ ସୃଜନଶୀଳତାକୁ ନୂଆ ରୂପ ଦେବା ପାଇଁ 'ଅଙ୍କୁରମ୍' ଏକ ମାଧ୍ୟମ। ପ୍ରିନ୍ସିପାଲ ପୋଲି ପଟ୍ଟନାୟକ ସ୍କୁଲର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଭାଇସ୍ ପ୍ରିନ୍ସିପାଲ ଆଶା ଟିଆର୍, ନିର୍ଦ୍ଦେଶକ ଶ୍ରୀଜିତ ପଟ୍ଟନାୟକ, ପରିଚାଳନା ନିର୍ଦ୍ଦେଶକ ମିନତି ସାବତ, ଏକାଡେମିକ୍ ସୁପରଭାଇଜର ଅମ୍ରିତା ଚୌଧୁରୀ ଓ ଏକପର୍ଣ୍ଣା ଚାଟାର୍ଜୀ, ପ୍ରଧାନାଚାର୍ଯ୍ୟା ସନ୍ତୋଷୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ଓ ଅର୍କେଷ୍ଟ୍ରା ମାଧ୍ୟମରେ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ସ୍କୁଲର ସ୍ମରଣୀୟ କାର୍ଯ୍ୟକ୍ରମ ଓ ସଫଳତାକୁ ନେଇ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏଥିସହ ସ୍କୁଲର ବାର୍ଷିକ ପତ୍ରିକା 'ପ୍ରକୃତି'ର ଉନ୍ମୋଚନ କରାଯାଇଥିଲା। ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ସ୍କୁଲ୍ ଅଫ୍ ସଷ୍ଟେନେବିଲିଟିର ଡିନ୍ ଡ. ସୁତପା ପତି, ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି, ସ୍କୁଲର ପୂର୍ବତନ ଭାଇସ୍ ପ୍ରିନ୍ସିପାଲ ଦୁର୍ଗା ନାୟକ, ଅନି ଦାସ, ଏମ୍‌ପିଏସ୍ ଖଣ୍ଡଗିରିର ପୂର୍ବତନ ଭାଇସ୍ ପ୍ରିନ୍ସିପାଲ ଅନିତା ଆଚାର୍ଯ୍ୟ, ଏମ୍‌ପିଏସ୍ ପାହାଳର ପ୍ରିନ୍ସିପାଲ ଚିତ୍ରା ଅଜୟ, ଏମ୍‌ପିଏସ୍ ଖଣ୍ଡଗିରିର ପ୍ରିନ୍ସିପାଲ ସୁପ୍ରିତ ରାଜପାଲ, ଏମ୍‌ପିଏସ୍ ପୁରୀର ପ୍ରିନ୍ସିପାଲ ସଗୁଫ୍ତା ପର୍‌ବିନ, ଏମ୍‌ପିଏସ୍ ପୁରୀର ପ୍ରି ପ୍ରାଇମେରୀ ହେଡ୍ ମମତା ମିଶ୍ର, ଏମ୍‌ପିଏସ୍ କଟକର କୋଅର୍ଡିନେଟର ରାଜଦୀପ କୌର ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ଲିଟେରାରି ସେକ୍ରେଟାରୀ ଅପରାଜିତା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଉଦ୍‌ଯାପିତ ହେଲା ନାରାୟଣ ନାଟ୍ୟ ମହୋତ୍ସବ

ଭୁବନେଶ୍ୱର, ୮।୧୧ (ବନ୍ଦନା ସେଠୀ)

ସୃଜନୀ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା 'ନାରାୟଣ ନାଟ୍ୟ ମହୋତ୍ସବ' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ନାଟ୍ୟକାର, କଳାକାର, କବି ତଥା ସ୍ରଷ୍ଟା ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ଏହି ମହୋତ୍ସବରେ ଓଡ଼ିଶାର ଅଗ୍ରଣୀ ୪ଟି ନାଟ୍ୟ ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ଶେଷ ସନ୍ଧ୍ୟାରେ ନାଟକ 'ଏକ ନାୟକର ମୃତ୍ୟୁ' ପ୍ରଦର୍ଶିତ ହୋଇଥିଲା। ନାଟକଟିକୁ ନାରାୟଣ ଚନ୍ଦ୍ର ରାୟ ମହାପାତ୍ର ରଚନା କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଦିପ୍ତି ରଞ୍ଜନ ଦାସ। 'ମା ଲକ୍ଷ୍ମୀ ନାଟ୍ୟ ସଂସ୍ଥା'ର କଳାକାରମାନେ ଏହାକୁ ପରିବେଷଣ କରିଥିଲେ। ଆଜିର ସମାଜ କେବଳ ମିଥ୍ୟା, ଦୁର୍ନୀତି, ଭ୍ରଷ୍ଟାଚାର ଆଉ ବ୍ୟଭିଚାରରେ ପରିପୂର୍ଣ୍ଣ। ବିଦ୍ୱେଷ ଭାବ, ସ୍ୱେଚ୍ଛାଚାରିତା ଆଉ ସ୍ୱାର୍ଥପରତା କ୍ରମେ ମାନବିକତାକୁ ଧ୍ୱଂସ କରିଦେଉଛି। ଦୁର୍ବଳ ଉପରେ ସବଳର ଅତ୍ୟାଚାର, ସତ୍ୟ ଉପରେ ମିଥ୍ୟାର ପ୍ରଭାବ ବିଶିଷ୍ଟ କରୁଛି ସମଗ୍ର ମାନବ ସମାଜକୁ। ରକ୍ଷକ ଭକ୍ଷକ ସାଜୁଛି। ତ୍ରାହି ତ୍ରାହି ଡାକୁଛନ୍ତି ଶାନ୍ତ ଆମୟିକ ଜନସାଧାରଣ। ଏହିଭଳି ଏକ ସାମାଜିକ ପ୍ରସଙ୍ଗକୁ ନେଇ ନାଟକର କାହାଣୀ ଗତିଶୀଳ ହୋଇଛି।

ଅତିଥି ଭାବେ ପୂର୍ବତନ ସଂସ୍କୃତି ମନ୍ତ୍ରୀ ଭୂପିନ୍ଦର ସିଂ, ନାଟ୍ୟ ନିର୍ଦ୍ଦେଶକ ପ୍ରିତିରଞ୍ଜନ ମିଶ୍ର, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ ପ୍ରମୁଖ ଯୋଗଦେଇ, ନାଟ୍ୟ ଜଗତ ପାଇଁ ସ୍ୱର୍ଗତ ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ଅବଦାନ ଉପରେ ଆଲୋକପାତ କରିବା ସହିତ ସମସ୍ତ ନାଟକ ଗୁଡ଼ିକର ସୁନ୍ଦର ପରିବେଷଣକୁ ପ୍ରଶଂସା କରିଥିଲେ। ସୃଜନୀର ସଭାପତି ଶରତ ରାଉତଙ୍କ ସଭାପତିତ୍ୱରେ ସମ୍ପାଦକ ଚିତ୍ତରଞ୍ଜନ ରାୟ ମହାପାତ୍ର, ଉପସଭାପତି ପ୍ରସନ୍ନ ରଥ ପ୍ରମୁଖଙ୍କ ଦ୍ୱାରା ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା।


ନାଟକ 'ଏକ ନାୟକର ମୃତ୍ୟୁ'ର ଏକ ଦୃଶ୍ୟ।


# TAHASIL OFFICE, KOTPAD
## DIST - KORAPUT
### LAND ACQUISITION OFFICER AND COMPETENT AUTHORITY (NH-63, BY-PASS), KOTPAD, DIST - KORAPUT

**PUBLIC NOTICE**

भारत का राजपत्र
The Gazette of India

ଅସାଧାରଣ
EXTRAORDINARY

ଭାଗ II–ଖଣ୍ଡ ୩ ଉପ ବିଭାଗ (II)
PART II- SECTION 3-SUB-SECTION(II)

ପ୍ରାଧିକର୍ତାଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

ନୂଆଦିଲ୍ଲୀ, ବୁଧବାର, ସେପ୍ଟେମ୍ବର ୧୮, ୨୦୨୪ / ଭାଦ୍ରବ 27, 1946
NEW DELHI, WEDNESDAY, SEPTEMBER 18, 2024 / BHADRAB 27, 1946

## MINISTRY OF ROAD TRANSPORT AND HIGHWAYS

**NOTIFICATION**

New Delhi, the 18th September, 2024

S.O. 3973(E).—In exercise of powers conferred by sub-section(1) of section 3A of the National Highways Act,1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening/two lane with paved shoulder/four laning etc.,), maintenance, management and operation ofNH63 in the stretch of land from Km. 6.6 to Km. 21 (Kotpad bye pass) on National Highway No-63 in the district of KORAPUT in the state of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section(1) of section 3C of the said Act.

Every such objection shall be made to the Competent Authority, namely, Tahasildar , Kotpadin writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

Sd/- Land Acquisition Officer and Competent Authority (NH-63), Kotpad, Dist - Koraput

**SCHEDULE**

Brief Description of the land to be acquired with or without structures falling NH63 in the stretch of land from Km. 6.6 to Km. 21 (Kotpad byepass ) in the district of KORAPUT in the state of ODISHA

State: ODISHA District: KORAPUT

| Sl. No. | Survey/Plot Number | Typeof Land | Nature of Land | Area (in Local Unit) | Area (in Hectares) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Taluk: Kotpad | | | | | |
| Village: Dhamanahandi | | | | | |
| 1 | 1553 | Private | paddy-2 | 0.222(Hectare) | 0.222 |
| 2 | 1554 | Private | paddy-2 | 0.173(Hectare) | 0.173 |
| 3 | 1556 | Private | paddy-2 | 0.227(Hectare) | 0.227 |
| 4 | 1556/1842 | Private | paddy-2 | 0.16(Hectare) | 0.16 |
| 5 | 1557 | Private | Dangar-1 | 0.21(Hectare) | 0.21 |
| 6 | 1559 | Private | paddy-2 | 0.002(Hectare) | 0.002 |
| 7 | 1563 | Private | Paddy-2 | 0.091(Hectare) | 0.091 |
| 8 | 1564 | Private | paddy-2 | 0.11(Hectare) | 0.11 |
| 9 | 1564/1824 | Private | Paddy-2 | 0.079(Hectare) | 0.079 |
| 10 | 1564/1927 | Private | Paddy-2 | 0.168(Hectare) | 0.168 |
| 11 | 1565 | Private | Paddy-2 | 0.483(Hectare) | 0.483 |
| 12 | 1566 | Private | paddy-2 | 0.014(Hectare) | 0.014 |
| Village: Sorigam | | | | | |
| 13 | 225/350 | Private | paddy-1 | 0.056(Hectare) | 0.056 |
| 14 | 225/351 | Private | paddy-1 | 0.388(Hectare) | 0.388 |
| Village: Hardoli | | | | | |
| 15 | 355 | Private | paddy-1 | 0.241(Hectare) | 0.241 |
| 16 | 359 | Private | Paddy-1 | 0.104(Hectare) | 0.104 |
| | | | Total | | 2.728 |

[F.No.RO/BBSR/11017/By-passes/100/2018/3A]
ABHAYJAIN, Director

**ବ୍ରାଉନ୍‌ସୁଗାର ଜବତ: ଜଣେ ଗିରଫ**

**ସାଲେପୁର,(ଅରବିନ୍ଦ ଭୂୟାଁ):** ସାଲେପୁର ଥାନା ଅନ୍ତର୍ଗତ ଶିଶୁଆ ବ୍ୟାରେଜ ଛକ ନିକଟରେ ପୋଲିସ ଚଢ଼ାଉ କରି ୬ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୬୦ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ଏହି ଅଭିଯୋଗରେ ଥାନା ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଗ୍ରାମର ପ୍ରଦୀପ୍ତ କୁମାର ପାତ୍ରଙ୍କୁ ପୋଲିସ ଗିରଫ କରିଛି। ଦିନ ପ୍ରାୟ ୧ଟା ସମୟରେ ପ୍ରଦୀପ୍ତ ଏକ ମୋଟରସାଇକେଲ ଯୋଗେ ଶିଶୁଆ ବ୍ୟାରେଜ ଛକ ଦେଇ ଯାଉଥିବାବେଳେ କୌଣସି ସୂତ୍ରରୁ ଖବରପାଇ ପୋଲିସ ଚଢ଼ାଉ କରି ପ୍ରଦୀପ୍ତଙ୍କୁ କାବୁ କରି ତାଙ୍କଠାରୁ ବ୍ରାଉନ୍‌ସୁଗାର ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୪୩୮/୨୪)ରୁଜୁ ହୋଇଛି।

# ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ

ନିଶ୍ଚିନ୍ତକୋଇଲି,୮।୧୧
(ଅଶୋକ କୁମାର ମହାପାତ୍ର)

ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନ ତରଫରୁ ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଏନେଇ ଦୀର୍ଘ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଉଚ୍ଛେଦ ପରେ ଲକ୍ଷାଧିକ ଟଙ୍କା ସରକାରୀ ଅନୁଦାନରେ ନିର୍ମିତ ଗୃହ ମାଟିରେ ମିଶିଯାଇଛି।

ନିଶ୍ଚିନ୍ତକୋଇଲି ତହସିଲ ଅଧୀନ ଜମରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ କମଳପୁରରେ ରହିଛି। ଉକ୍ତ ଗ୍ରାମରେ ଥିବା ପଞ୍ଚାୟତ ପୋଖରୀ ପାଖରେ କିଛି ଗୋଚର ଜମି ରହିଛି। ଏହି ଗୋଚର ଜମିରେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ଗଣେଶ ଗୃହ ନିର୍ମାଣ କରାଯାଇଥିଲା। ଏହି ଗୃହରେ ସ୍ଥାନୀୟ ଲୋକେ ପୂଜାର୍ଚ୍ଚନା କରିଆସୁଥିଲେ। ସେହିପରି ଏହି ଜମିରେ ସରକାରୀ ଅନୁଦାନରେ ଏକ ଶ୍ମଶାନ ଗୃହ ମଧ୍ୟ ନିର୍ମାଣ କରାଯାଇଥିଲା। ଏହି ଶ୍ମଶାନରେ ଲୋକେ ଶବଦାହ କରିଆସୁଥିଲେ। ଏପରିକି ସ୍ଥାନୀୟ ଦଳିତସାହିର କେତେକ ଗରିବ ଶ୍ରେଣୀର ଲୋକ ଦୀର୍ଘବର୍ଷ ଧରି ଏହି ଗୋଚର ଜମିରେ ସ୍ଥାୟୀ ଗୃହ ନିର୍ମାଣ କରି ବସବାସ କରିଆସୁଥିଲେ। ତେବେ ଏଠାରୁ ଜବରଦଖଲ ଉଚ୍ଛେଦ ନେଇ ଜନୈକ ବ୍ୟକ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଡବ୍ଲ୍ୟୁପି(ସି) (ନଂ.୬୫୮୯/୨୦୨୩)ରେ ମାମଲା ହୋଇଥିଲା।

ବେଆଇନ ଭାବେ ଏହାକୁ ନିର୍ମାଣ କରାଯାଇଥିବା ଦର୍ଶାଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ଗୃହଗୁଡ଼ିକୁ ଉଚ୍ଛେଦ କରିବା ନିମନ୍ତେ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବାରେ ତହସିଲ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରିବାରୁ ପୁନର୍ବାର ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଅବମାନନା କେସ୍ ପଞ୍ଜୀକରଣ (ନଂ.୨୫୮୭/୨୦୨୪)ରେ ଜବରଦଖଲ ଉଚ୍ଛେଦ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ନିଶ୍ଚିନ୍ତକୋଇଲି ତହସିଲର ଅତିରିକ୍ତ ତହସିଲଦାର ଅଭୟ କୁମାର ପ୍ରତିହାରୀ ପୋଲିସ ଫୋର୍ସ ସହ ଶୁକ୍ରବାର ଜବରଦଖଲ ସ୍ଥଳରେ ପହଞ୍ଚି ପ୍ରଶାସନ ତରଫରୁ ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ପ୍ରୟାସ କରିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଏହାକୁ ପ୍ରତିରୋଧ କରିଥିଲେ। ଏନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ପୋଲିସ ପ୍ରଶାସନ ନିମନ୍ତେ ଏହା ମୁଣ୍ଡବ୍ୟଥାର କାରଣ ସାଜିଥିଲା। ଅବଶେଷରେ ପ୍ରଶାସନ ତରଫରୁ ସ୍ଥାନୀୟ ଗ୍ରାମର ରୋଗାକ୍ରାନ୍ତ ନୀର ମଳିକ, ମଙ୍ଗ ମଳିକ, ଗଙ୍ଗାଧର ମଳିକ, ରଙ୍ଗାଧର ମଳିକ, ରଘୁନାଥ ମଳିକ, ଜଵବନ୍ଧୁ ମଳିକ, ଦାଶରଥି ମଳିକ, ଘନଶ୍ୟାମ ଜେନା, ଦେବେନ୍ଦ୍ର ବେହୁରା, ଲକ୍ଷ୍ମଣ ଜେନାଙ୍କ ଘରକୁ ଜେସିବି ସାହାଯ୍ୟରେ ଭାଙ୍ଗିଦିଆଯାଇଛି। ଏପରିକି ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଗୃହକୁ ମଧ୍ୟ ଭାଙ୍ଗିଦିଆଯାଇଛି। ଜବରଦଖଲ ଉଚ୍ଛେଦ ବେଳେ ନେମାଳ ଥାନା ଆଇଆଇସି ସୁଶୀଲ କୁମାର ନାୟକ, ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ମେଶିନ ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଉଛି।

## ଦକ୍ଷତା ବୃଦ୍ଧି କରି ସ୍ୱରୋଜଗାରକ୍ଷମ ହେବାକୁ ଆହ୍ୱାନ



ବାଙ୍କୀ,୮।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଭାରତ ସରକାରଙ୍କ ଦକ୍ଷତା ଓ ଉଦ୍ୟମତା ମନ୍ତ୍ରାଳୟ ଅଧୀନ କଟକ ଜନଶିକ୍ଷଣ ସଙ୍ଗଠନ ତରଫରୁ ନିର୍ଦ୍ଦେଶିକା ଅନୀମା ଦାସଙ୍କ ତତ୍ତ୍ୱାବଧାନରେ ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଖମାରଙ୍ଗ ଗ୍ରାମରେ ବିଦ୍ୟୁତ୍ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରଶିକ୍ଷଣ ନେଉଥିବା ଛାତ୍ରୀଛାତ୍ରମାନଙ୍କୁ ରୋଜଗାରକ୍ଷମ କରିବା ସମ୍ବନ୍ଧରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ପରୀକ୍ଷା କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ପ୍ରଶିକ୍ଷଣ ନେଉଥିବା ଛାତ୍ରୀଛାତ୍ରମାନେ ଦକ୍ଷତା ବୃଦ୍ଧି କରି ସ୍ୱରୋଜଗାରକ୍ଷମ ହୋଇପାରିଲେ ସେମାନଙ୍କ ଆର୍ଥିକ ଅବସ୍ଥା ସଚଳ ହୋଇପାରିବ ବୋଲି କହିଥିଲେ। କଟକ ଜନଶିକ୍ଷଣ ସଙ୍ଗଠନ କାର୍ଯ୍ୟକ୍ରମ ଅଧିକାରୀ ସସ୍ମିତ ମହାନ୍ତି, ପ୍ରଶିକ୍ଷିକା ଚିନ୍ମୟୀ ଜେନା, ଖବରଦାତା କାହ୍ନୁଚରଣ ବେହେରା ଓ ଜନଶିକ୍ଷଣ ସଙ୍ଗଠନର ସହାୟକ ବିଦ୍ୟାଧର ଗୋଛାୟତ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ଉପରେ ଆଲୋଚନା କରିବା ସହ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ପ୍ରଶିକ୍ଷକ ଲଲାଟେନ୍ଦୁ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମଙ୍ଗୁଳି ବେହେରାଙ୍କ ସମ୍ପତ୍ତିକୁ ନେଇ ତହସିଲଦାରଙ୍କ ବିବାଦୀୟ ରିପୋର୍ଟ

କଟକ ସଦର,୮।୧୧(ସୁଶାନ୍ତ କୁମାର ଜେନା)

କିଶନ ନଗର ତହସିଲ ଅନ୍ତର୍ଗତ ହୁଲିପୁର ଗ୍ରାମର ନିଃସନ୍ତାନ ବ୍ୟକ୍ତି ମଙ୍ଗୁଳି ବେହେରାଙ୍କ ୨ ବର୍ଷ ତଳେ ମୃତ୍ୟୁ ଘଟିଛି। ତାଙ୍କର ୪ ଡିସିମିଲ ଘରବାରି ଜମି ସହ ବଖରାଏ ପକ୍କାଘରକୁ ନେଇ ବିବାଦ ଦେଖାଦେଇଛି। ଉକ୍ତ ଘରବାରି ସରକାର କବ୍‌ଜାକୁ ନେଇ ଗ୍ରାମର ଭାଗବତ ଟୁଙ୍ଗୀରେ ପରିଣତ କରିବା ପାଇଁ କିଶନ ନଗର ତହସିଲଦାରଙ୍କ ବିବାଦୀୟ ରିପୋର୍ଟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। କାରଣ ଶେଷ ସମୟରେ ମଙ୍ଗୁଳିଙ୍କ ସେବା କରିଥିବା ପଡ଼ୋଶୀ ଚନ୍ଦ୍ରମଣି ଭୋଇଙ୍କୁ ଏ ବିଷୟରେ କୌଣସି ପଚରାଉଚରା କରାଯାଇ ନାହିଁ ବୋଲି ଜଣାପଡ଼ିଛି। ଏହାଛଡା ପରିତ୍ୟକ୍ତ ଗୃହଟି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି ବୋଲି ହେଉଥିବା ଅପପ୍ରଚାରକୁ ଚନ୍ଦ୍ରମଣିଙ୍କ ପତ୍ନୀ ରିତା ଭୋଇ ଖଣ୍ଡନ କରିଛନ୍ତି। ୨ ବର୍ଷ ତଳେ ତାଙ୍କର ମୃତ୍ୟୁ ଘଟିବାରୁ କରୋନା ଭୟରେ କେହି କାନ୍ଧ ଦେବାକୁ ଭୟ କରିଥିଲେ। ଶେଷରେ ଉତ୍କଳ ବିକାଶ ପରିଷଦର ତତ୍କାଳୀନ ସଭାପତି ତଥା ବର୍ତ୍ତମାନର କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ନିଜର ସ୍ୱେଚ୍ଛାସେବୀଙ୍କ ସହାୟତାରେ ମୃତଦେହ ସତ୍କାର କରିଥିଲେ। ବିବାଦ ସମ୍ପର୍କରେ ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାସ କହିଛନ୍ତି, ତାଙ୍କ ଅମଳରେ ରିପୋର୍ଟ ଦିଆଯାଇ ନାହିଁ। ଏହି ପ୍ରକ୍ରିୟା ସମୟ ସାପେକ୍ଷ। ଯେକୌଣସି ଲୋକ ଦାବି କଲେ ମଧ୍ୟ ସହଜରେ ସ୍ଥିତିବାନ ଜମି ଦଖଲକୁ ନେବା ସହଜ ନୁହେଁ ବୋଲି ଦାସ କହିଛନ୍ତି।

## ଆଠଗଡ଼ ଉପଖଣ୍ଡରେ ୮୫ କେନ୍ଦ୍ରରେ ହେବ ଧାନ କ୍ରୟ




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

### ଧାନ କ୍ରୟ, କ୍ଷେତ ସର୍ବେକ୍ଷଣ ପାଇଁ ପ୍ରଶିକ୍ଷଣ ଶିବିର

ଆଠଗଡ, ୮।୧୧(ସତ୍ୟ ପ୍ରସାଦ ରଥ)

କମ୍ପ୍ୟୁଟରୀକରଣ ମାଧ୍ୟମରେ ଧାନକ୍ରୟ ଓ ଧାନ କ୍ଷେତ ସର୍ବେକ୍ଷଣ ନିମନ୍ତେ କର୍ମଚାରୀମାନଙ୍କ ପ୍ରଶିକ୍ଷଣ ଶିବିର ଆଠଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଯେ, ଆଠଗଡ଼ ଉପଖଣ୍ଡର ଆଠଗଡ଼, ତିଗିରିଆ, ବଡ଼ମ୍ବା, ନରସିଂହପୁର ବ୍ଲକ ସମେତ ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ ୭୮ଟି ପ୍ରାଥମିକ ସେବା ସମବାୟ ସମିତି ଓ ୭ ଉପକେନ୍ଦ୍ର ସମେତ ମୋଟ ୮୫ଟି କେନ୍ଦ୍ରରେ ଧାନ କ୍ରୟ କରାଯିବ। ଏନେଇ କମ୍ପ୍ୟୁଟରୀକରଣ ମାଧ୍ୟମରେ କିପରି ଚାଷୀମାନେ ସେମାନଙ୍କ ବଳକା ଧାନକୁ ବିକ୍ରୟ କରିବେ, ସନ୍ଦେହଜନକ ଚାଷଜମିର ଠିକ୍ ଯାଞ୍ଚ କରାଯିବ ସେନେଇ ସମିତିର ସମସ୍ତ ସମ୍ପାଦକ ଓ ଡିଇଓମାନଙ୍କ ନିମନ୍ତେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଫ୍‌ଏକ୍ୟୁ ସାଧାରଣ ଧାନର ମାନ କୁଇଣ୍ଟାଲ ପିଛା ସହାୟକ ମୂଲ୍ୟ ୨୩୦୦ ଟଙ୍କା ଓ ଇନ୍‌ପୁଟ ସବ୍‌ସିଡି ୮ ଶହ ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ପ୍ରଦାନ କରାଯିବ। ଚଳିତବର୍ଷ ଡିସେମ୍ବର ତୃତୀୟ ସପ୍ତାହରେ ଆଠଗଡ଼ ଉପଖଣ୍ଡରେ ମଣ୍ଡି ଆରମ୍ଭ ହେବ। ଏ ବର୍ଷ ଖରିଫ ଋତୁରେ ସରକାର ଧାନ କ୍ରୟକୁ ପ୍ରାଧାନ୍ୟ ଦେଇ ଚାଷୀମାନେ କିପରି ସେମାନଙ୍କ ବଳକା ଧାନ ସଫାସୁତରା କରି ମଣ୍ଡିକୁ ଆଣିବେ ଏଥିନିମନ୍ତେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ପଞ୍ଚାୟତଓ୍ୱାରି ସଚେତନ କରାଯିବା ପାଇଁ ସ୍ଥିର ହୋଇଛି। ଧାନମଣ୍ଡିରେ ନୋଡାଲ ଅଫିସର ଓ ସୁପରଭାଇଜର ନିଯୁକ୍ତ କରାଯାଇ ଧାନକ୍ରୟରେ କିପରି ସ୍ୱଚ୍ଛତା ଅବଲମ୍ବନ କରାଯିବ, ସେଥିପାଇଁ ସରକାର ପଦକ୍ଷେପ ଗ୍ରହଣ କରିଥିବା ନେଇ ଶିବିରରେ ଆଲୋଚନା ହୋଇଥିଲା। ଏହି ଶିବିରରେ ଆଠଗଡ଼ର ବରିଷ୍ଠ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ବିଜେନ୍ଦ୍ର କୁମାର ମହାନ୍ତି, ଅତିରିକ୍ତ ଯୋଗାଣ ଅଧିକାରୀ ଜଗମୋହନ ଦାସ, କଟକ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଉପେନ୍ଦ୍ର କୁମାର ଭୋଇ, ଜିଲା ଯୋଗାଣ ବିଭାଗର କମ୍ପ୍ୟୁଟର ସହାୟକ ସ୍ମୃତିରଞ୍ଜନ ନାୟକ, ଜିଲା ଯୋଗାଣ ବିଭାଗ କମ୍ପ୍ୟୁଟର ସହାୟକ ତଥା ପ୍ରଶିକ୍ଷକ ଯାମିନୀକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରାମନାରାୟଣ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କନିଷ୍ଠ ପ୍ରାଥମିକ ଶିକ୍ଷକ ସଂଘ: ସୌମ୍ୟ ସଭାପତି, ମମିନା ସମ୍ପାଦକ

ତିଗିରିଆ,୮।୧୧ (ଜାଫର ଖାଁ)

ତିଗିରିଆ ବ୍ଲକରେ ନବନିଯୁକ୍ତ କନିଷ୍ଠ ଶିକ୍ଷକ ସଂଘ ସ୍ଥାନୀୟ କୁମ୍ଭିପୁଟଠାରେ ଗଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ତିଗିରିଆ ବ୍ଲକ ସଭାପତି ଚନ୍ଦ୍ରକାନ୍ତ ମିଶ୍ରଙ୍କ ପୌରୋହିତ୍ୟ ଓ ବରିଷ୍ଠ ଶିକ୍ଷକ ନେତା ସଚ୍ଚିଦାନନ୍ଦ ରାଉଳଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ସମସ୍ତ କନିଷ୍ଠଶିକ୍ଷକମାନଙ୍କର ସହମତିକୁ ନେଇ ମନୋନୟନ ପ୍ରକ୍ରିୟାରେ ସଂଘ ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ସୌମ୍ୟ ରଞ୍ଜନ ମହାରଣା ସଭାପତି ଏବଂ ମମିନା ସାହୁ ସମ୍ପାଦକ ଭାବେ ମନୋନୟନ ହୋଇଥିଲେ।

## ବିଦ୍ୟାଳୟସ୍ତରୀୟ ଗଣିତ, ବିଜ୍ଞାନ, ପରିବେଶ ପ୍ରଦର୍ଶନୀ ମେଳା

ମାହାଙ୍ଗା,୮।୧୧(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାସୁଦେବପୁର ପଞ୍ଚାୟତସ୍ଥିତ ବାସୁଦେବପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଗଣିତ, ବିଜ୍ଞାନ ଓ ପରିବେଶ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୭୫ ଜଣ ଛାତ୍ରୀଛାତ୍ର ଭାଗ ନେଇ ବିଭିନ୍ନ ପ୍ରକାର ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ବିଜ୍ଞାନ ଶିକ୍ଷକ ସୁବାଷ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ସିଆର୍‌ସିସି ଅଦ୍ୱୈତ୍ୟ ବଲ୍ଲଭ ରାଉତ, ମଧୁପୁର ହାଇସ୍କୁଲର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବିଜ୍ଞାନର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ମେଳା ହେବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହେବା ସହି କୁନି ବୈଜ୍ଞାନିକ ସୃଷ୍ଟି ହୋଇପାରିବେ ବୋଲି କହିଥିଲେ। ଶିକ୍ଷକ ବିକାଶ କୁମାର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅତିଥିମାନେ ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଇଥିବା ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ । କାର୍ଯ୍ୟକ୍ରମରେ ସର୍ବଶ୍ରୀ ବିଜୟଲକ୍ଷ୍ମୀ ମହାନ୍ତି, ରଜନୀପ୍ରଭା ସାହୁ, ରାଜଶ୍ରୀ ପ୍ରଧାନ, ତପସ୍ୱିନୀ ସ୍ୱାଇଁ, ଦ୍ୱାରିକାନାଥ ପ୍ରଧାନ, ଅନିଲ ଶବର, ରୁପାଲିନ ରାଉତ, ନୀଳମାଧବ ନାୟକ, ସୁକାନ୍ତ କୁମାର ପାଢୀ ପ୍ରମୁଖ ସହଯୋଗ କରିଥିଲେ।

## ଗଣକବିଙ୍କ ସାହିତ୍ୟ, ଗୀତିନାଟ୍ୟରେ ରହିଛି ନିଛକ ଗାଉଁଲି କାହାଣୀ




ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

### ବୈଷ୍ଣବ ପାଣିଙ୍କ ୧୪୨ତମ ଜୟନ୍ତୀର ଅଷ୍ଟମ ସନ୍ଧ୍ୟା

ମାହାଙ୍ଗା,୮।୧୧(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ପଞ୍ଚାୟତ ମାଳିହତା ମା’କ୍ଷେତ୍ରପାଳିନୀ ମନ୍ଦିର ପରିସରରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୨ତମ ଜୟନ୍ତୀର ଅଷ୍ଟମ ସନ୍ଧ୍ୟା ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ଉମେଶ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଗଣକବି ବୈଷ୍ଣବ ପାଣିଙ୍କ ସାହିତ୍ୟ ଓ ଗୀତିନାଟ୍ୟରେ ନିଛକ ଗାଉଁଲି କାହାଣୀ ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ସାହିତ୍ୟିକ ଡ. ହରିହର କାନୁନ୍‌ଗୋ ଯୋଗଦେଇ ଗଣକବିଙ୍କ ସାହିତ୍ୟ ଓ ଗୀତିନାଟ୍ୟ ଉପରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ସମ୍ମାନିତ ବକ୍ତାଭାବେ ପ୍ରଫେସର ଡ. ଯୁଧିଷ୍ଠିର ଖଟୁଆ, ଅତିଥିଭାବେ ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, କୃଷ୍ଣଚନ୍ଦ୍ର ମଲିକ, ଗଗନ ଓଝା ପ୍ରମୁଖ ଯୋଗଦେଇ ଗଣକବି ଏକାଧାରରେ ଜଣେ ସୁସାହିତ୍ୟିକ,ଲେଖକ ଓ ଗୀତିନାଟ୍ୟ ଜଗତର ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପ୍ରଗତି ଯୁବ ପରିଷଦ ତୁଳସୀପୁର ପକ୍ଷରୁ ‘କର୍ଣ୍ଣ ବଧ’ ଓ ଗାଦି ବ୍ରହ୍ମ ସାଂସ୍କୃତିକ ସଂସଦ ଗୌଡଗୋପ ପକ୍ଷରୁ ‘ବବ୍ରୁ ବାହନ’ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା । ଅଧ୍ୟାପକ ଡ. ଅଶୋକ କୁମାର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଡ. ଗିରିଜା ଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ଯୁବ ସଙ୍ଗଠକ ମନୋରଞ୍ଜନ ବିଶ୍ୱାଳ, ଅଜୟ ନାୟକ, ହୃଷୀକେଶ ବେହେରା, ଚିତ୍ତରଞ୍ଜନ ସାହୁ, ନିରଞ୍ଜନ ସାମଲ, କାର୍ତ୍ତିକେଶ୍ୱର ବରାଳ, ଅମରେନ୍ଦ୍ର ପତି, ଅଜିତ ପୃଷ୍ଟି, ବାପିନ ଚନ୍ଦ୍ର ବରାଳ, ବିନୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# TAHASIL OFFICE, KOTPAD
## DIST - KORAPUT

**LAND ACQUISITION OFFICER AND COMPETENT AUTHORITY (NH-63, BY-PASS), KOTPAD, DIST - KORAPUT**

**PUBLIC NOTICE**

भारत का राजपत्र
The Gazette of India

ଅସାଧାରଣ
EXTRAORDINARY

ଭାଗ II–ଖଣ୍ଡ ୩ ଉପ ବିଭାଗ (II)
PART II- SECTION 3-SUB-SECTION(II)

ପ୍ରାଧିକର୍ତାଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

ନୂଆଦିଲ୍ଲୀ, ବୁଧବାର, ସେପ୍ଟେମ୍ବର ୧୮, ୨୦୨୪ / ଭାଦ୍ରବ 27, 1946
NEW DELHI, WEDNESDAY, SEPTEMBER 18, 2024 / BHADRAB 27, 1946

**MINISTRY OF ROAD TRANSPORT AND HIGHWAYS**

**NOTIFICATION**

New Delhi, the 18th September, 2024

S.O. 3973(E).—In exercise of powers conferred by sub-section(1) of section 3A of the National Highways Act,1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening/two lane with paved shoulder/four laning etc.,), maintenance, management and operation ofNH63 in the stretch of land from Km. 6.6 to Km. 21 (Kotpad bye pass) on National Highway No-63 in the district of KORAPUT in the state of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section(1) of section 3C of the said Act.

Every such objection shall be made to the Competent Authority, namely, Tahasildar , Kotpadin writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

Sd/- Land Acquisition Officer and Competent Authority (NH-63), Kotpad, Dist - Koraput

**SCHEDULE**

Brief Description of the land to be acquired with or without structures falling NH63 in the stretch of land from Km. 6.6 to Km. 21 (Kotpad byepass ) in the district of KORAPUT in the state of ODISHA

| State: ODISHA District: KORAPUT | | | | | |
|---|---|---|---|---|---|
| Sl. No. | Survey/Plot Number | Typeof Land | Nature of Land | Area (in Local Unit) | Area (in Hectares) |
| 1 | 2 | 3 | 4 | 5 | 6 |
| Taluk: Kotpad | | | | | |
| Village: Dhamanahandi | | | | | |
| 1 | 1553 | Private | paddy-2 | 0.222(Hectare) | 0.222 |
| 2 | 1554 | Private | paddy-2 | 0.173(Hectare) | 0.173 |
| 3 | 1556 | Private | paddy-2 | 0.227(Hectare) | 0.227 |
| 4 | 1556/1842 | Private | paddy-2 | 0.16(Hectare) | 0.16 |
| 5 | 1557 | Private | Dangar-1 | 0.21(Hectare) | 0.21 |
| 6 | 1559 | Private | paddy-2 | 0.002(Hectare) | 0.002 |
| 7 | 1563 | Private | Paddy-2 | 0.091(Hectare) | 0.091 |
| 8 | 1564 | Private | paddy-2 | 0.11(Hectare) | 0.11 |
| 9 | 1564/1824 | Private | Paddy-2 | 0.079(Hectare) | 0.079 |
| 10 | 1564/1927 | Private | Paddy-2 | 0.168(Hectare) | 0.168 |
| 11 | 1565 | Private | Paddy-2 | 0.483(Hectare) | 0.483 |
| 12 | 1566 | Private | paddy-2 | 0.014(Hectare) | 0.014 |
| Village: Sorigam | | | | | |
| 13 | 225/350 | Private | paddy-1 | 0.056(Hectare) | 0.056 |
| 14 | 225/351 | Private | paddy-1 | 0.388(Hectare) | 0.388 |
| Village: Hardoli | | | | | |
| 15 | 355 | Private | paddy-1 | 0.241(Hectare) | 0.241 |
| 16 | 359 | Private | Paddy-1 | 0.104(Hectare) | 0.104 |
| | | | Total | | 2.728 |

[F.No.RO/BBSR/11017/By-passes/100/2018/3A]
ABHAYJAIN, Director

# ୧୦ରେ ଶ୍ରୀରାଧା ପାଦ ଦର୍ଶନ

ସାକ୍ଷୀଗୋପାଳ,୮।୧୧(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ପୁରୀ ଜିଲାର ସାକ୍ଷୀଗୋପାଳ ମନ୍ଦିରରେ ଅଁଳା ନବମୀ ତିଥିରେ ରବିବାର ଶ୍ରୀରାଧା ପାଦ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଶ୍ରୀରାଧା ଓଡ଼ିଆଣୀ ବେଶରେ ସଜ୍ଜିତ ହେବେ। ବର୍ଷକୁ ଥରେ ପାଦଦର୍ଶନ ପୁଣ୍ୟ ଅର୍ଜନ କରିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଚଳିତବର୍ଷ ପ୍ରଥମ ଅଁଳା ନବମୀ ଯାତ୍ରା ଜାକଜମକରେ ପାଳନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ୨ଥର ସମନ୍ୱୟ ବୈଠକର ନିଷ୍ପତ୍ତି ଅନୁସାରେ ଚୂଡ଼ାନ୍ତ ପ୍ରସ୍ତୁତି ନେଇ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଶୁକ୍ରବାର ମନ୍ଦିର ଅଞ୍ଚଳ, ବ୍ୟାରିକେଡ୍, ପାଦ ପ୍ରକ୍ଷାଳନ, ଆଲୋକସଜ୍ଜା, ସାଧାରଣ ଭକ୍ତଙ୍କ ନିମନ୍ତେ ଅତ୍ୟାବଶ୍ୟକ ସୁବିଧା, ସ୍ୱଚ୍ଛ ପରିମଳ, ମେଳାପଡ଼ିଆ, ପାର୍କିଂ ସ୍ଥଳ ବୁଲି ଦେଖିଥିଲେ। ଏହି ପରିପ୍ରେକ୍ଷୀରେ ବିଧାୟକ ଏକ ଖବରଦାତା ସମ୍ମିଳନୀରେ ସେବାୟତ, ବିଭିନ୍ନ ବିଭାଗ, ପୋଲିସ ପ୍ରଶାସନ, ସ୍ୱେଚ୍ଛାସେବୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଏବର୍ଷ ଅଁଳା ନବମୀ ଯାତ୍ରା ଅତ୍ୟନ୍ତ ସରସ ସୁନ୍ଦର ଓ ଶୃଙ୍ଖଳିତ କରିବାକୁ ଆହ୍ୱାନ ଦେଇଥିଲେ।

ମେଳା ପଡ଼ିଆ ଓ ଅସ୍ଥାୟୀ ବଜାରରେ ଛୋଟଛୋଟ ଉଠା ଦୋକାନୀଙ୍କଠାରୁ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଦୋକାନ ପିଛା ଆଦାୟ କରିଥିବା ୧୨୦୦ ଟଙ୍କା ହ୍ରାସ କରି ୫୦୦ ଟଙ୍କା କରିଥିଲେ। ଯେଉଁମାନେ ୧୨୦୦ ଟଙ୍କା ଦେଇଛନ୍ତି, ସେମାନଙ୍କୁ ୭ଶହ ଟଙ୍କା ଫେରାଇବାକୁ ବିଧାୟକ ମିଶ୍ର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସତ୍ୟବାଦୀ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ମନ୍ଦିର ବାଇପାସ ରାସ୍ତାର ଉପର ଓ ମୁଖ୍ୟ ରାସ୍ତାର ରେଳଫାଟକଠାରୁ ବାଇକ ଓ ଚାରିଚକିଆ ଯାନ ଚଳାଚଳ ବନ୍ଦ ରଖାଯିବ। ଏହି ସମୟରେ ବିଧାୟକଙ୍କ ସହିତ ସତ୍ୟବାଦୀ ଥାନା ଆଇଆଇସି ଉମେଶ କୁମାର ସାହୁ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ, ଜୟପୁର ସମିତିସଭ୍ୟ ଦୀପକ ଶତପଥୀ, ପେଣ୍ଠପଡ଼ା ସରପଞ୍ଚ ତନ୍ମୟ ରାଉତ, ଭାଜପା ମଣ୍ଡଳ ସଭାପତି ଉମେଶ ପ୍ରଧାନ, ସେବାୟତ ସଂଘ ସମ୍ପାଦକ ପ୍ରତାପ ମହାପାତ୍ର, ତ୍ରିଲୋଚନ ରଥ, ପ୍ରଦ୍ୟୁମ୍ନ ଶତପଥୀ, ଶଙ୍କର ପ୍ରଧାନ, ଅଶୋକ ରାଉତରାୟ, ସୁରେନ୍ଦ୍ର ପ୍ରଧାନ ଓ ସତୀଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ଓମ୍‌ପ୍ରକାଶ ମିଶ୍ର ରାଧାପାଦ ଦର୍ଶନର ଚୂଡ଼ାନ୍ତ ପ୍ରସ୍ତୁତି ଅନୁଧ୍ୟାନ କରୁଛନ୍ତି ।

# ବ୍ଲକସ୍ତରୀୟ ମହିଳା ମହାସଂଘ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ



ଏମ୍‌ପିଙ୍କ ନୂଆ ପ୍ରତିନିଧିଙ୍କ ଗହଣରେ ମହିଳା ମହାସଂଘର କର୍ମକର୍ତ୍ତା।

ନିମାପଡ଼ା, ୮।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ସୁରକ୍ଷା ପ୍ରକଳ୍ପସ୍ତରୀୟ ମହିଳା ମହାସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା ସମାରୋହ ମହାସଂଘ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଜଗତ୍‌ସିଂହପୁର ଏମ୍‌ପିଙ୍କ ନିମାପଡ଼ା ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତିଙ୍କୁ ମହିଳା ମହାସଂଘ ଓ ସୁପରଭାଇଜରଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏମ୍‌ପିଙ୍କ ନୂଆ ପ୍ରତିନିଧି ମୀନଲତା ଭାଜପାର ଜଣେ ଦକ୍ଷ, ଟାଣୁଆ, ଅଭିଜ୍ଞତାସମ୍ପନ୍ନ ନାରୀନେତ୍ରୀ ଭାବେ ବେଶ୍ ଜଣାଶୁଣା। ସେ ଏବେ ଭାଜପା ପୁରୀ ଜିଲା ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ଭାବେ କାର୍ଯ୍ୟ କରୁଛନ୍ତି। ନିମାପଡ଼ା ଏନ୍‌ଏସିର ସାମଗ୍ରିକ ବିକାଶ, ମହିଳାଙ୍କ ପ୍ରଗତି ପାଇଁ ସେ ନିଷ୍ଠାର ସହ ନୀରବଚ୍ଛିନ୍ନ ଭାବେ କାର୍ଯ୍ୟ କରିବା ସହ ପୌରବାସୀଙ୍କ ସେବା କରିବାକୁ ସଙ୍କଳ୍ପବଦ୍ଧ ବୋଲି ମୀନଲତା କହିଛନ୍ତି। ସମାରୋହରେ ମହାସଂଘର ସଭାପତି ସୌଦାମିନୀ ବେହେରା, ସମ୍ପାଦିକା ମମତାରାଣୀ ପାଇକରାୟ, ସଂଘମିତ୍ରା ବାରିକ, ସୁପରଭାଇଜର ଦେବକୀ ସାହୁ, ବିଜୟଲକ୍ଷ୍ମୀ ମହାନ୍ତି, ମଞ୍ଜୁଲତା ମୁଦୁଲି ଓ ଭବାନୀ ମଞ୍ଜରୀ ନାୟକଙ୍କ ସମେତ ବହୁ ସୁପରଭାଇଜର, ମହାସଂଘର କର୍ମକର୍ତ୍ତା, ସଦସ୍ୟମାନେ ଯୋଗଦେଇ ଏମ୍‌ପିଙ୍କ ପ୍ରତିନିଧିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମୀନଲତା ଓ ମହାସଂଘର କର୍ମକର୍ତ୍ତାମାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଏମ୍‌ପି ବିଭୁପ୍ରସାଦ ତରାଇଙ୍କୁ କୃତଜ୍ଞତା ଓ ସାଧୁବାଦ ଜଣାଇଥିଲେ।

# ଚଳିତବର୍ଷ ହେବନି ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ

ପୁରୀ,୮।୧୧(ଅଜିତ୍ କୁମାର ମହାନ୍ତି)

**ପଞ୍ଚକ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା**

ପବିତ୍ର ପଞ୍ଚକରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ହେବ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ପଞ୍ଚକ ପାଞ୍ଚଦିନ ମହାପ୍ରଭୁଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହୋଇଥାଏ। ତେବେ ଚଳିତ ବର୍ଷ ତିଥି କ୍ଷୟ ଯୋଗୁ ପଞ୍ଚକ ୫ ଦିନ ବଦଳରେ ୪ଦିନ ହେବ। ଫଳରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ୫ଟି ବେଶ ମଧ୍ୟରୁ ଲକ୍ଷ୍ମୀନୃସିଂହ ବେଶ ହେବନାହିଁ। ପଞ୍ଚକର ପ୍ରଥମ ଦିନ ଯଥା ବଡ଼ ଏକାଦଶୀରେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ, ଦ୍ୱାଦଶୀରେ ବାଙ୍କଚୂଡ଼ ବେଶ, ତ୍ରୟୋଦଶୀରେ ତ୍ରିବିକ୍ରମ ବେଶ, ଚତୁର୍ଦ୍ଦଶୀରେ ଲକ୍ଷ୍ମୀନୃସିଂହ ବେଶ ଏବଂ ପୂର୍ଣ୍ଣିମାରେ ସୁନାବେଶ ଅନୁଷ୍ଠିତ ହୋଇଥାଏ। ତେବେ ଚଳିତ ବର୍ଷ ଚତୁର୍ଦ୍ଦଶୀ ତିଥି କ୍ଷୟ ଯୋଗୁ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ଦର୍ଶନରୁ ଭକ୍ତମାନେ ବଞ୍ଚିତ ହେବେ। ଏନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, କାର୍ତ୍ତିକ ମାସ ଚାଲିଥିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ବାଳଭୋଗ ଚାଲିଛି। ସେହିଭଳି ରାଧାଦାମୋଦର ବେଶ ଅନୁଷ୍ଠିତ ହେଉଛି। ନୀତି ନିର୍ଘଣ୍ଟ ଅନୁଯାୟୀ ସମସ୍ତ ନୀତି କରାଯାଉଛି। ତେବେ ଚଳିତ ବର୍ଷ ପଞ୍ଚକ ୪ଦିନ ହେବ ଓ ଶ୍ରୀବିଗ୍ରହ ଲକ୍ଷ୍ମୀନୃସିଂହ ବେଶ ହେବେ ନାହିଁ । ଅପରପକ୍ଷରେ ୧୨ ତାରିଖରୁ ପଞ୍ଚକ ବ୍ରତ ଆରମ୍ଭ ହେବାକୁ ଯାଉଛି। ଭକ୍ତଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ପ୍ରଶାସନ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏସ୍‌ପି ବିନିତ କୁମାର ଅଗ୍ରୱାଲ କହିଛନ୍ତି, ଆସନ୍ତା ଭକ୍ତଙ୍କ ସୁବିଧା ତଥା ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଉଛି। ଶ୍ରୀମନ୍ଦିରରେ ୫ ଜଣ ଅତିରିକ୍ତ ଏସ୍‌ପି , ୧୫ଜଣ ଡିଏସ୍‌ପି, ୨୬ ଜଣ ପୋଲିସ ଅଧିକାରୀ, ୩୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ସେହିଭଳି ଟ୍ରାଫିକ ବ୍ୟବସ୍ଥା ପରିଚାଳନା ପାଇଁ ବ୍ୟବସ୍ଥା କରାଯାଇଛି। ପଟ୍ରୋଲିଂ କରାଯିବ। ବଡଦାଣ୍ଡ ମରିଚିକୋଟ ଛକରୁ ପ୍ରଶାସନ ପକ୍ଷରୁ ବ୍ୟାରିକେଡର ବ୍ୟବସ୍ଥା ହେବ। ନୀତି ସମ୍ପାଦନ ଶୃଙ୍ଖଳିତ କରିବା ନେଇ ସେବାୟତଙ୍କ ସହ ଆଲୋଚନା କରାଯାଉଛି। ଅନ୍ୟପକ୍ଷରେ ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ ପାଇଁ ବ୍ୟବସ୍ଥା କରାଯାଉ। ମହାପ୍ରସାଦ ନେବାକୁ ଆସୁଥିବା ଭକ୍ତଙ୍କ ଉତ୍ତର ଦ୍ୱାର ପଟେ ପ୍ରବେଶ ଅନୁମତି ପ୍ରଦାନ କରାଯଉ। ଯେଉଁ ବ୍ୟାରିକେଡ କରାଯାଉଛି ତାହା ଉପରେ ଛାମୁଡିଆ କରାଯିବା ସହ ପାଣିର ବ୍ୟବସ୍ଥା କରାଯାଉ। ବୟସ୍କ ଲୋକଙ୍କ ପାଇଁ ବସିବା ବ୍ୟବସ୍ଥା କରାଯାଉ। ଲୋକଙ୍କ ପାଇଁ ପାରି ଛିଞ୍ଚନର ବ୍ୟବସ୍ଥା ହେବା ଆବଶ୍ୟକ ବୋଲି ସେବାୟତମାନେ ମତ ଦେଇଛନ୍ତି।

# କଣାସରେ ମିଳୁନି ବାଦାମ ବିହନ

କଣାସ, ୮।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ରାଜୁଆ ନଦୀ ତଟବର୍ତ୍ତୀ ପଞ୍ଚାୟତ ଗଡ଼ସାନପୁଟ, ଅଁଳାଯୋଡ଼ି, ରାଜୁଆ ଓ ଦୟାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଗଡ଼ସାନପୁଟ, ଗଡ଼ବଡ଼ପୁଟ, ପାଣ୍ଡିଆକେରା, ଦୋକନ୍ଦା, ବଡ଼ାସ, ଗଡ଼ବଳଭଦ୍ରପୁର ପଞ୍ଚାୟତର ଚାଷୀମାନେ ପ୍ରତ୍ୟେକ ବର୍ଷ ବନ୍ୟା, ମରୁଡ଼ି, ବାତ୍ୟା ଯୋଗୁ ଶାରଦ ଧାନଫସଲ ହରାଇ ରବିଚାଷ ସମୟରେ ଚିନାବାଦମ ଚାଷକରି ପରିବାର ପୋଷଣ କରିଥାଆନ୍ତି। କିନ୍ତୁ କଣାସ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ଚାଷୀମାନଙ୍କ ଚାହିଦା ମୁତାବକ ଠିକ୍ ସମୟରେ ଚିନାବାଦମ ଚାଷ ପାଇଁ ବାଦାମ ମଞ୍ଜି ଯୋଗାଇ ଦିଆଯାଉ ନ ଥିବାରୁ ଚାଷୀମାନେ ଅନୁଗୋଳ, ବରଗଡ଼, ରାଜଆଠଗଡ଼ ପ୍ରଭୃତି ଅଞ୍ଚଳକୁ ଯାଇ ଶହ ଶହ ଟଙ୍କା ଖର୍ଚ୍ଚ କରି ବାଦମ ମଞ୍ଜି ସଂଗ୍ରହ କରି ଆଣିଥାଆନ୍ତି। ଚିନାବାଦମ ମଞ୍ଜି ଆଣିବା ସମୟରେ ବାଟରେ ପୋଲିସ୍ ଚାଷୀମାନଙ୍କୁ ହଇରାଣ କରୁଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ବର୍ଷା ଛାଡ଼ିଯାଇଥିବାରୁ ଚିନାବାଦମ ହେଉଥିବା ଜମି ପାଗ ହୋଇଯିବା ହେତୁ ଚାଷୀମାନେ କଣାସ କୃଷି କାର୍ଯ୍ୟାଳୟକୁ ମଞ୍ଜି ପାଇଁ ଆସି ଫେରିବା ସହ ଅନୁଗୋଳ, ବରଗଡ଼ ଓ ରାଜଆଠଗଡ଼ ଅଞ୍ଚଳରେ ମଞ୍ଜି ପାଇଁ ବୁଲୁଥିବା ଜଣାପଡ଼ିଛି। ଏହି କାର୍ଯ୍ୟାଳୟରେ କୃଷି ଅଧିକାରୀ, କୃଷି ଓଭରସିଅର ଓ ୧୦ଜଣ କୃଷି ଗ୍ରାମସେବକ ପଦବୀ ଖାଲିପଡ଼ିଥିବାରୁ କାର୍ଯ୍ୟାଳୟରେ କେହି ରହୁନାହାନ୍ତି। ଅଫିସ୍‌ରେ କେହି ନ ଥିବା ନେଇ ଜଣେ କର୍ମଚାରୀଙ୍କୁ ପଚାରିବାରେ ସେ କହିଛନ୍ତି, ଅଧିକାରୀମାନେ ଫିଲ୍ଡ ଭିଜିଟ୍‌ରେ ଯାଇଛନ୍ତି।

# ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

ସାକ୍ଷୀଗୋପାଳ,୮।୧୧ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

**ଅଷ୍ଟମ ଶ୍ରେଣୀରେ ଶିକ୍ଷାଦାନ ବାଧାପ୍ରାପ୍ତ**

ଏଲିମେଣ୍ଟାରୀ ଓ ସେକେଣ୍ଡାରୀ ଶିକ୍ଷକଙ୍କ ମଧ୍ୟରେ ବିବାଦ ଲାଗିରହିବା ଫଳରେ ଶୁକଳ ପଞ୍ଚାୟତର ତୃତୀୟାଦେବ ନୋଡାଲ ବିଦ୍ୟାନିକେତନରେ ଅଷ୍ଟମ ଶ୍ରେଣୀରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଏନେଇ ଅଭିଭାବକ ଓ ସ୍ଥାନୀୟ ଲୋକେ ଏକାଠି ହୋଇ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ୫ଟି ଶ୍ରେଣୀରେ ୬୩୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କେବଳ ଅଷ୍ଟମ ଶ୍ରେଣୀରେ ୧୩୭ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ତେଣୁ ଶେଷରେ ବସୁଥିବା ଛାତ୍ରୀଛାତ୍ରମାନେ ଶିକ୍ଷାଦାନ ବିଷୟରେ ଜାଣି ପାରୁନାହାନ୍ତି।

ଏଲିମେଣ୍ଟାରୀ ଓ ସେକେଣ୍ଡାରୀ ଦୁଇଟି ବର୍ଗର ମୋଟ ୧୭ ଶିକ୍ଷୟିତ୍ରୀଶିକ୍ଷକ ରହିଛନ୍ତି। ପୂର୍ବରୁ ଅଷ୍ଟମ ଶ୍ରେଣୀ ସେକେଣ୍ଡାରୀ ବିଭାଗରେ ରହିଥିଲା ବେଳେ ବର୍ତ୍ତମାନ ଏଲିମେଣ୍ଟାରୀ ବିଭାଗରେ ରହିଛି। ଫଳରେ ଅଷ୍ଟମ ଶ୍ରେଣୀରେ କେଉଁ ବିଭାଗର ଶିକ୍ଷୟିତ୍ରୀଶିକ୍ଷକ ପଢ଼ାଇବେ ସ୍ଥିର ହୋଇପାରୁ ନ ଥିବାରୁ ଅଷ୍ଟମ ଶ୍ରେଣୀରେ ପାଠପଢ଼ା ବନ୍ଦ ରହୁଛି। ଶୁକଳ ସମିତି ସଭ୍ୟ ବସନ୍ତ କୁମାର ବିଶ୍ୱାଳ ଓ ଅଭିଭାବକମାନେ ଏହି ସମସ୍ୟା ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ଶୁକଳ ସମିତି ସଭ୍ୟ ବସନ୍ତ କୁମାର ବିଶ୍ୱାଳ, ଗୋବିନ୍ଦ ନାଥ, ପ୍ରଶାନ୍ତ କୁମାର ନାଥ, ଅନିରୁଦ୍ଧ ସେନାପତି, ଅଶୋକ ପଟ୍ଟନାୟକ, ପ୍ରକାଶ ବିଶ୍ୱାଳ, ଭାସ୍କର ନାୟକ ଓ ଅକ୍ଷୟ ବିଶ୍ୱାଳଙ୍କ ସମେତ ଅଭିଭାବକମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଖବରପାଇ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଆନ୍ଦୋଳନକାରୀମାନେ ଜିଲା ଶିକ୍ଷାଧିକାରୀଙ୍କ ସହିତ ଆଲୋଚନା କରିବାକୁ ଦାବି କରିଥିଲେ। ଫଳରେ କୌଣସି ସୁଫଳ ମିଳିଲା ନାହିଁ। ଦାବିପୂରଣ ଓ ଜିଲା ଶିକ୍ଷାଧିକାରୀଙ୍କ ସହିତ ଆଲୋଚନା ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଥିଲେ।

ସତ୍ୟବାଦୀ ବ୍ଲକ ଶିକ୍ଷାଧିକାରୀ ଭବମ ପ୍ରଧାନ କହିଛନ୍ତି, ଏହି ସମସ୍ୟା ସମ୍ପର୍କରେ ବିଦ୍ୟାଳୟ ଶିକ୍ଷା କମିଟି କିମ୍ବା ଅଭିଭାବକମାନେ କୌଣସି ଅଭିଯୋଗ କରିନାହାନ୍ତି।



ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ବାଲୁକାକଳା ମାଧ୍ୟମରେ ଭାଜପାର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି ।

## ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

ପିପିଲି, ୮।୧୧(ଦୁର୍ଗାମାଧବ ମିଶ୍ର)

ପିପିଲି ଏନ୍‌ଏସି ଅନ୍ତର୍ଗତ ଦର୍ଜିସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡେଲ ଭିଲେଜ ଟ୍ରଷ୍ଟ, ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିଶୁମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଏହି ଟ୍ରଷ୍ଟର ମୁଖ୍ୟ ଲକ୍ଷ୍ୟ ବୋଲି ସଦସ୍ୟ ଅନିଶ ଖାନ୍ ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ର ଅଧ୍ୟକ୍ଷତା କରିବା ସହ ସିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ବେହେରା ଆଭିମୁଖ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସେକ୍ କଲିମ୍, ସଭ୍ୟ ଭରତ ଚନ୍ଦ୍ର ବେହେରା, କୃଷ୍ଣ ମହାପାତ୍ର, ଜିନାତୁନ ବିବି, ବଳରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଶିକ୍ଷକ ହରିଶ୍ଚନ୍ଦ୍ର ପତି ଧନ୍ୟବାଦ ଦେଇଥିଲେ।

# TAHASIL OFFICE, KOTPAD
## DIST - KORAPUT
### LAND ACQUISITION OFFICER AND COMPETENT AUTHORITY (NH-63, BY-PASS), KOTPAD, DIST - KORAPUT

**PUBLIC NOTICE**

रजिस्ट्री सं. डी.एल.- 33004/99 REGD. No. D. L.-33004/99
भारत का राजपत्र
The Gazette of India
ଅସାଧାରଣ
EXTRAORDINARY
ଭାଗ II–ଖଣ୍ଡ ୩ ଉପ ବିଭାଗ (II)
PART II- SECTION 3-SUB-SECTION(II)
ପ୍ରାଧିକର୍ତାଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

ନୂଆଦିଲ୍ଲୀ, ବୁଧବାର, ସେପ୍ଟେମ୍ବର ୧୮, ୨୦୨୪ / ଭାଦ୍ରବ 27, 1946
NEW DELHI, WEDNESDAY, SEPTEMBER 18, 2024 / BHADRAB 27, 1946

## MINISTRY OF ROAD TRANSPORT AND HIGHWAYS

**NOTIFICATION**

New Delhi, the 18th September, 2024

S.O. 3973(E).—In exercise of powers conferred by sub-section(1) of section 3A of the National Highways Act,1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening/two lane with paved shoulder/four laning etc.,), maintenance, management and operation ofNH63 in the stretch of land from Km. 6.6 to Km. 21 (Kotpad bye pass) on National Highway No-63 in the district of KORAPUT in the state of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section(1) of section 3C of the said Act.

Every such objection shall be made to the Competent Authority, namely, Tahasildar , Kotpadin writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

Sd/- Land Acquisition Officer and Competent Authority (NH-63), Kotpad, Dist - Koraput

### SCHEDULE

**Brief Description of the land to be acquired with or without structures falling NH63 in the stretch of land from Km. 6.6 to Km. 21 (Kotpad byepass ) in the district of KORAPUT in the state of ODISHA**

| State: ODISHA | District: KORAPUT | | | | |
|---|---|---|---|---|---|
| Sl. No. | Survey/Plot Number | Typeof Land | Nature of Land | Area (in Local Unit) | Area (in Hectares) |
| 1 | 2 | 3 | 4 | 5 | 6 |
| Taluk: Kotpad | | | | | |
| Village: Dhamanahandi | | | | | |
| 1 | 1553 | Private | paddy-2 | 0.222(Hectare) | 0.222 |
| 2 | 1554 | Private | paddy-2 | 0.173(Hectare) | 0.173 |
| 3 | 1556 | Private | paddy-2 | 0.227(Hectare) | 0.227 |
| 4 | 1556/1842 | Private | paddy-2 | 0.16(Hectare) | 0.16 |
| 5 | 1557 | Private | Dangar-1 | 0.21(Hectare) | 0.21 |
| 6 | 1559 | Private | paddy-2 | 0.002(Hectare) | 0.002 |
| 7 | 1563 | Private | Paddy-2 | 0.091(Hectare) | 0.091 |
| 8 | 1564 | Private | paddy-2 | 0.11(Hectare) | 0.11 |
| 9 | 1564/1824 | Private | Paddy-2 | 0.079(Hectare) | 0.079 |
| 10 | 1564/1927 | Private | Paddy-2 | 0.168(Hectare) | 0.168 |
| 11 | 1565 | Private | Paddy-2 | 0.483(Hectare) | 0.483 |
| 12 | 1566 | Private | paddy-2 | 0.014(Hectare) | 0.014 |
| Village: Sorigam | | | | | |
| 13 | 225/350 | Private | paddy-1 | 0.056(Hectare) | 0.056 |
| 14 | 225/351 | Private | paddy-1 | 0.388(Hectare) | 0.388 |
| Village: Hardoli | | | | | |
| 15 | 355 | Private | paddy-1 | 0.241(Hectare) | 0.241 |
| 16 | 359 | Private | Paddy-1 | 0.104(Hectare) | 0.104 |
| | | | Total | | 2.728 |

[F.No.RO/BBSR/11017/By-passes/100/2018/3A]
ABHAYJAIN, Director

## ସଂକ୍ଷେପରେ

### ଗିରିଗୋବର୍ଦ୍ଧନ ଜଙ୍ଗଲରୁ ବନ୍ୟଜନ୍ତୁ ଲୋପପାଇବା ଆଶଙ୍କା

ଟାଙ୍ଗୀ,୮।୧୧(ରଘୁନାଥ ସାହୁ)

ଟାଙ୍ଗୀ ଗିରିଗୋବର୍ଦ୍ଧନ ଜଙ୍ଗଲରେ ଶିକାରୀମାନେ ଅବାଧରେ ବନ୍ୟଜନ୍ତୁ ଶିକାର କରୁଛନ୍ତି। ଫଳରେ ଏହି ଜଙ୍ଗଲରୁ ବନ୍ୟଜନ୍ତୁ ଲୋପ ପାଇଯିବେ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଟାଙ୍ଗୀ ରେଞ୍ଜରଙ୍କ କାର୍ଯ୍ୟାଳୟ ପଛପଟେ ଏହି ଜଙ୍ଗଲ ଥିଲେ ମଧ୍ୟ ଶିକାର ରୋକାଯାଇପାରୁ ନାହିଁ। ପ୍ରକାଶ ଯେ, ଦୀର୍ଘ ବର୍ଷ ପରେ ଜଙ୍ଗଲରେ ବାର୍‌ହା, ମୟୂର, ଠେକୁଆଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇଛି। ବାର୍‌ହା ଓ ମୟୂର ଖାଦ୍ୟ ଅନ୍ୱେଷଣରେ ଜନବସତିକୁ ଚାଲିଆସୁଥିବା ନଜର ରହିଛି। ଏହାର ସୁଯୋଗ ନେଇ ଶିକାରୀମାନେ ବାର୍‌ହା ଶିକାର କରୁଥିବା ଦେଖାଯାଉଛି। ବାର୍‌ହା ଯାତାୟାତ କରୁଥିବା ବାଟରେ ଶିକାରୀମାନେ ଖାଦ୍ୟରେ ବିସ୍ଫୋରକ ଦ୍ରବ୍ୟ ରଖୁଛନ୍ତି। ଏହାକୁ ବାର୍‌ହା ପାଟିରେ ଭର୍ତ୍ତି କରିବା ବେଳେ ବିସ୍ଫୋରଣ ହୋଇ ମୃତ୍ୟୁ ଘଟିଥାଏ। ଏହାର ମାଂସ କେଜି ୩୦୦ ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ବନ୍ୟଜନ୍ତୁ ଶିକାର ରୋକା ନ ଗଲେ ବୃଦ୍ଧି ପାଇଥିବା ବାର୍‌ହା ବଂଶ ଲୋପ ପାଇଯିବ। ବିଶେଷକରି ବିଭାଗୀୟ କର୍ମଚାରୀମାନେ ସନ୍ଧ୍ୟାରୁ ପାଟ୍ରୋଲିଂ କଡ଼ାକଡ଼ି କଲେ ବନ୍ୟଜନ୍ତୁ ଶିକାର ରୋକାଯାଇପାରିବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

### ସହାୟକ ମତ୍ସ୍ୟ ଅଧିକାରୀ ପର୍ଶୁରାମଙ୍କ ବିଦାୟ ସମ୍ବର୍ଦ୍ଧନା



ବାଣପୁର,୮।୧୧(ଦିଲୀପ କୁମାର ସ୍ୱାଇଁ)

ବାଣପୁର ବ୍ଲକର ସହାୟକ ମତ୍ସ୍ୟ ଅଧିକାରୀ ପର୍ଶୁରାମ ଶବରଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଟିଂକିରାଇ ମନ୍ଦିର ପ୍ରାଙ୍ଗଣରେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଶୀତଲ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଟି. ପଦ୍ମନାଭ ଦୋରା ଅତିଥିଭାବେ ଯୋଗଦେଇଥିଲେ। ଅଧିକାରୀ ଶବରଙ୍କ କାର୍ଯ୍ୟ ଦକ୍ଷତା, ସମୟାନୁବର୍ତ୍ତିତାକୁ ପ୍ରଶଂସା କରିବା ସହ ତାଙ୍କର ଅବସରକାଳୀନ ସମୟ ଭଲରେ ଅତିବାହିତ ହେଉ ବୋଲି ଅତିଥିମାନେ କାମନା କରିଥିଲେ। ଏହି ଅବସରରେ ମତ୍ସ୍ୟ ଚାଷୀ ନୀଳାଲୋହିତ ହରିଚନ୍ଦନ, ପ୍ରିୟଦର୍ଶୀ ସାମନ୍ତରାୟ, ଶିଶିର ମିଶ୍ର, ଉମେଶ ଚନ୍ଦ୍ର ପ୍ରଧାନ, ମାଧବ ଚନ୍ଦ୍ର ପ୍ରଧାନ, ଜି ଶ୍ରୀନିବାସଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ଚନ୍ଦ୍ର ସାହୁ, ସତ୍ୟବାନ ସାହୁ, ମନୋଜ କୁମାର ଜେନା, ଉମାକାନ୍ତ ମଲିକ, ବିଷ୍ଣୁ ପ୍ରସାଦ ମିଶ୍ର, କାହ୍ନୁ ଚରଣ ସୁବୁଦ୍ଧି, ସୁକାନ୍ତ କୁମାର ଗିରି ପରିଚାଳନା କରିଥିଲେ। ସଭାରେ ଶତାଧିକ ମତ୍ସ୍ୟ ଚାଷୀ ଉପସ୍ଥିତ ଥିଲେ।

# ମଧ୍ୟାହ୍ନଭୋଜନରେ ଖାଦ୍ୟ ନିରାପତ୍ତା, ସ୍ୱଚ୍ଛତାକୁ ଗୁରୁତ୍ୱ



ଅତିଥିଙ୍କ ଗହଣରେ ଜିଲା ଅଧିକାରୀ ଏବଂ ଅନ୍ୟମାନେ।

ଭୁବନେଶ୍ୱର,୮।୧୧(ଅନୁରାଧା ମହାରଣା)

**ପ୍ରଶିକ୍ଷଣ ନେଲେ ୧୬୦ ଜିଲା ଅଧିକାରୀ**

ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନଭୋଜନରେ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ପାଇଁ ପ୍ରଶିକ୍ଷଣ ନେଲେ ୧୬୦ ଜିଲା ଅଧିକାରୀ। ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ, ବିଶ୍ୱ ଖାଦ୍ୟ ସଂଗଠନ ଏବଂ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୃଷି ଭବନ ସମ୍ମିଳନୀ କକ୍ଷରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଜ୍ୟ ସଂଯୋଜକ ଅଧିକାରୀ ରଘୁରାମ ଆର୍ ଆୟାର ସ୍ୱାଗତ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଜିଲା ଅଧିକାରୀଙ୍କ କାର୍ଯ୍ୟକାରିତା ଶୈଳୀ ବୃଦ୍ଧି ଓ ବିଭିନ୍ନ ସଚେତନତା ବିଷୟରେ ଆଲୋକପାତ କରିଥିଲେ। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ରାଜ୍ୟ ମୁଖ୍ୟ ହିମାଂଶୁ ବଳ ମଧ୍ୟାହ୍ନଭୋଜନର ପ୍ରସ୍ତୁତି ସମୟରେ ସ୍ୱଚ୍ଛତା, ପ୍ରଣାଳୀ, ଆବର୍ଜନା ପରିଚାଳନା ଏବଂ ପୋଷଣ ଉଦ୍ୟାନ ଉନ୍ନତୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ସଂଗ୍ରାମ କେଶରୀ ମହାପାତ୍ର ଏହି କାର୍ଯ୍ୟକ୍ରମ ଦ୍ୱାରା ସରକାରଙ୍କ ପୁଷ୍ଟିହୀନତାର ମୁକାବିଲା ଏବଂ ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମସ୍ତ ଜିଲାର ବିଇଓ, ଏବିଇଓ, ସିଆର୍‌ସିସି ଏବଂ ପ୍ରଧାନ ଶିକ୍ଷକମାନେ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ରୋଷେଇ ପ୍ରଣାଳୀ, ନିରାପଦ ଭୋଜନ ପ୍ରସ୍ତୁତି, ଗୁଣବତ୍ତା, ଉନ୍ନତମାନର ସାମଗ୍ରୀ, ଆବର୍ଜନା ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପୁଷ୍ଟି ଉଦ୍ୟାନ ଉପଯୋଗିତା, ପରିମଳ, ଆହାର ବିବିଧତା, ରକ୍ତହୀନତା ହ୍ରାସ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଶିକ୍ଷଣ ନେଇଥିବା ଏହି ଅଧିକାରୀମାନେ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ଅଧୀନରେ ପାଚିକା ତଥା ସହାୟିକାଙ୍କୁ ବ୍ଲକସ୍ତରରେ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଦେବେ। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ବିଦ୍ୟାଳୟ ପରିଦର୍ଶନ ସମୟର ନିଜର ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିବା ସହ ଉପଶାସନ ସଚିବ ରଞ୍ଜିତା ମେରି ନାୟକ ଧନ୍ୟବାଦ ଦେଇଥିଲେ।

## ରାମଚରିତ ମାନସ ପାରାୟଣ ଜ୍ଞାନଯଜ୍ଞ ଉଦ୍‌ଯାପିତ



ବୋଲଗଡ଼,୮।୧୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ରାସୋଲ ଗ୍ରାମର ମହାବୀରଙ୍କ ପୀଠରେ ରାମଚରିତ ମାନସ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ବୁଧବାର ପୂର୍ଣ୍ଣାହୁତି ପ୍ରଦାନ ସହ ଉଦ୍‌ଯାପିତ ହୋଇଯାଇଛି। ମହାବୀର ମାନସ ପାରାୟଣ ପରିଚାଳନା କମିଟି ଏବଂ ରାସୋଲ ଗ୍ରାମବାସୀଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଆୟୋଜିତ ଯଜ୍ଞ କର୍ମକାଣ୍ଡରେ ବ୍ୟାସଭାବେ ଲକ୍ଷ୍ମୀକାନ୍ତ ମହାପାତ୍ର ମହାରାଜ ଓ ଆଚାର୍ଯ୍ୟ ଭାବେ ଅନିରୁଦ୍ଧ ପଣ୍ଡା, କିଶୋର କୁମାର ପାଣି, ପ୍ରତାପ ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ରାମଚରିତ ମାନସର କର୍ତ୍ତାକର୍ତ୍ତୀ ଭାବେ ଅଜୟ କୁମାର ପାଲଟାସିଂହ ଓ କୁସୁମଦେଇ ପୂଜାର ଦାୟିତ୍ୱ ବହନ କରିଥିଲେ। କଥାବାଚକ ଭାବେ ପ୍ରବଚକ ସନ୍ଥ ଚାରଣ ହରିହର ଜେନା, ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ପ୍ରବଚନ ମାଧ୍ୟମରେ ସାଂସାରିକ ଦାୟିତ୍ୱ ସମ୍ପାଦନ ସହ ଆଧ୍ୟାତ୍ମିକ ବିଚାରମଗ୍ନ ହେବା ପାଇଁ ପରାମର୍ଶ ଦେଇଥିଲେ। ସାମାଜିକକର୍ମୀ ସଙ୍ଗଠକ ବ୍ରଜବନ୍ଧୁ ସୁବୁଦ୍ଧି, ବିଡିଓ ଶରତ ଚନ୍ଦ୍ର ମଲ୍ଲିକ, ଦେବବ୍ରତ ହୋତା, ରବୀନ୍ଦ୍ର ଦୋରା, ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତିସଭ୍ୟ ଦିଲୀପ ମହାପାତ୍ର, ସୁଶାନ୍ତ ମହାପାତ୍ର ପ୍ରମୁଖ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ମହାବୀର କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜେସିବି, ଟ୍ରାକ୍ଟର ଜବତ: ୪ ଗିରଫ





ଟାଙ୍ଗୀ, ୮।୧୧(ରଘୁନାଥ ସାହୁ)

**ପଥର ଖଣିରେ ବନ ବିଭାଗର ଚଢ଼ାଉ**

ଟାଙ୍ଗୀ ରେଞ୍ଜ୍ ଅନ୍ତର୍ଗତ ଭୂଷଣ୍ଡପୁର ଜଙ୍ଗଲରେ ବେଆଇନ ଭାବେ ଚାଲିଥିବା ମାଙ୍କଡ଼ା ପଥର ଖଣିରେ ଟାଙ୍ଗୀ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ହରିପୁର ଗ୍ରାମର ତୋଫାନ ଜେନା, ଶିବ ମାଝୀ, ଅଖିଳ ଜେନା ଏବଂ ସୁକାନ୍ତ ସୁନ୍ଦରାୟ। ଘଟଣାସ୍ଥଳରୁ ଗୋଟିଏ ଜେସିବି, ଟ୍ରାକ୍ଟର ଏବଂ ବାଇକ୍ ଜବତ ହୋଇଛି। ଦୀର୍ଘଦିନ ଧରି ଏହି ଜଙ୍ଗଲ ଜମିରେ ବେଆଇନଭାବେ ମାଙ୍କଡ଼ା ପଥର ଖନନ କରି ମାଫିଆମାନେ ଚାଲାଣ କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଏଠାରେ ଅତର୍କିତଭାବେ ଚଢ଼ାଉ କରିଥିଲେ। ତେବେ ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ବିଭାଗୀୟ ଅଧିକାରୀଙ୍କ ଅଗୋଚରରେ ଚାଲିଛି ଉନ୍ନୟନ କାର୍ଯ୍ୟ

ଜଟଣୀ, ୮।୧୧(ରବୀନ୍ଦ୍ରନାଥ ମହାକୁଡ଼)



ଜନସାଧାରଣଙ୍କ ସୁବିଧା ଏବଂ ବିକାଶ ପାଇଁ ସରକାର ବହୁ ଜନହିତକର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତେବେ ଅନେକ ସମୟରେ ସରକାରୀ ଯୋଜନାର ସଫଳ ରୂପାୟନ ବିଭିନ୍ନ କାରଣରୁ ହୋଇପାରୁ ନ ଥିବା ନଜିର ରହିଛି। ଏହି ପରିପ୍ରେକ୍ଷୀରେ ଜଟଣୀ ପୌରାଞ୍ଚଳରେ ବିଭିନ୍ନ ସରକାରୀ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ସୀତାରାମ ଛକଠାରୁ କୁଦିଆରୀ ବଜାର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଅଧୀନ ଓଭରବ୍ରିଜ୍ ତଳେ ବ୍ୟବସାୟୀଙ୍କ ଅନୁପ୍ରବେଶ ରୋକିବା ପାଇଁ ବ୍ରିଜ୍‌ର ଚାରିପଟେ ବାରିକେଡ୍ କରାଯାଉଛି। ତେବେ ଏହି କାର୍ଯ୍ୟ କେଉଁ ବିଭାଗ ଦ୍ୱାରା କରାଯାଉଛି ସେନେଇ ବ୍ୟବସାୟୀଙ୍କଠାରୁ ଆରମ୍ଭକରି ବୁଦ୍ଧିଜୀବୀଙ୍କ ମହଲରେ ଆଲୋଚନା ଜୋର୍ ଧରିଛି। ଜଟଣୀର ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ରାଉତରାୟ ଉକ୍ତ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ସରକାରୀ ଅର୍ଥ ହଡ଼ପ ହେଉଥିବା ନେଇ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ଏହି କାର୍ଯ୍ୟ ସମ୍ପର୍କରେ କିଛି ଜାଣିନାହାନ୍ତି ବୋଲି ଆର୍‌ଆଣ୍ଡବି ଏସ୍‌ଡିଓ ଅବିନାଶ ଲେଙ୍କା ଏବଂ ଜଟଣୀ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ କହିଛନ୍ତି।

# ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ୧୧୭ ପ୍ରକଳ୍ପ




ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବୋଲଗଡ଼, ୮।୧୧(ଦେବବ୍ରତ ହୋତା)

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ଶୁକ୍ରବାର ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ମାଣିକାଗୋଡା ସ୍ଥିତ ଗଦାଧର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଏବଂ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳଚନ୍ଦ୍ର ବଳବନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ତହସିଲଦାର ନିବେଦିତା ପରିଡ଼ା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ବିଦ୍ୟାର୍ଥୀଙ୍କ ମନରେ ବୈଜ୍ଞାନିକ ଚିନ୍ତାଧାରା ଉଦ୍ରେକ କରିବାରେ ବିଜ୍ଞାନମେଳା ସହାୟକ ହୋଇଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ବୋଲଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହୁ, ସମ୍ମାନିତ ଅତିଥିଭାବେ ବିଆରସିସି କୈଳାସନାଥ ସ୍ୱାଇଁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅମିତା ମିଶ୍ର, ବିଜ୍ଞାନ ମେଳା କମିଟି ସମ୍ପାଦକ ପୀତବାସ ଲେଙ୍କା, ପୂର୍ବତନ ପ୍ରଧାନ ଶିକ୍ଷକ ଯୋଗୀ ନାୟକ, ପୁରନ୍ଦର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ବିଜ୍ଞାନ ମେଳାରେ ୧୧୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତିନିଜଣ ବିଚାରକ ମଣ୍ଡଳୀ ସମସ୍ତ ପ୍ରକଳ୍ପକୁ ଅନୁଧ୍ୟାନ କରି ନିର୍ଦ୍ଧାରିତ ୭ଟି ବିଭାଗରେ କୃତୀ ବାଲ ବୈଜ୍ଞାନିକ ଚୟନ କରିଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରତିକାନ୍ତ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସ୍ଥାନୀୟ ସରପଞ୍ଚ ସତ୍ୟଭାମା ଦେଇ ଏବଂ ସମିତିସଭ୍ୟା ମନସ୍ୱିତା ଦଳେଇ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅଞ୍ଜନ କୁମାର ଜୟସିଂହ, ବିଭୁ ପ୍ରସାଦ ରଥ, ଧିରେନ ପାତ୍ର, ରବୀନ୍ଦ୍ର ବେହେରା, ବିଶ୍ୱରଞ୍ଜନ ସେଠୀଙ୍କ ସମେତ ସମସ୍ତ ସିଆରସିସି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଗଦାଧର ବାଞ୍ଛାନିଧି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ତେବେ ଅନୁମୋଦିତ ୭ଟି ବିଭାଗ ଯଥା ବର୍ଜ୍ୟବସ୍ତୁ ପରିଚାଳନାରେ ବିଷ୍ଣୁଚରଣ ପଣ୍ଡା, ଗାଣିତିକ ପ୍ରସ୍ତୁତିରେ ଲିଜା ମହାପାତ୍ର, ଉନ୍ନତମାନର ଖାଦ୍ୟ ଓ ସ୍ୱାସ୍ଥ୍ୟରେ ପ୍ରଲିପ୍ତା ପଟ୍ଟନାୟକ, ପରିବହନ ଓ ଯାତାୟାତରେ ସ୍ୱରୂପ ନାୟକ, ପ୍ରାକୃତିକ କୃଷିରେ ସ୍ୱାତିଲେଖା ସାହୁ, ଗବେଷଣା ପରିଚାଳନାରେ ଏସ୍. ଭିନୀଲ କ୍ରିଷ୍ଣା ଓ ପ୍ରାକୃତିକ ବିପର୍ଯ୍ୟୟରେ ସ୍ୱାଧୀନ ସୌରଭ ସ୍ୱାଇଁ ପ୍ରମୁଖ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ବିଜ୍ଞାନ କମିଟିର କୋଷାଧ୍ୟକ୍ଷ ପ୍ରଫୁଲ୍ଲ ସିଂହ ଧନ୍ୟବାଦ ଦେଇଥିଲେ।


# TAHASIL OFFICE, KOTPAD
## DIST - KORAPUT
### LAND ACQUISITION OFFICER AND COMPETENT AUTHORITY (NH-63, BY-PASS), KOTPAD, DIST - KORAPUT

**PUBLIC NOTICE**

भारत का राजपत्र
The Gazette of India

ଅସାଧାରଣ
EXTRAORDINARY
ଭାଗ II-ଖଣ୍ଡ ୩ ଉପ ବିଭାଗ (II)
PART II- SECTION 3-SUB-SECTION(II)
ପ୍ରାଧିକର୍ତାଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

ନୂଆଦିଲ୍ଲୀ, ବୁଧବାର, ସେପ୍ଟେମ୍ବର ୧୮, ୨୦୨୪ / ଭାଦ୍ରବ 27, 1946
NEW DELHI, WEDNESDAY, SEPTEMBER 18, 2024 / BHADRAB 27, 1946

## MINISTRY OF ROAD TRANSPORT AND HIGHWAYS
**NOTIFICATION**

New Delhi, the 18th September, 2024

S.O. 3973(E).—In exercise of powers conferred by sub-section(1) of section 3A of the National Highways Act,1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening/two lane with paved shoulder/four laning etc.,), maintenance, management and operation ofNH63 in the stretch of land from Km. 6.6 to Km. 21 (Kotpad bye pass) on National Highway No-63 in the district of KORAPUT in the state of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section(1) of section 3C of the said Act.

Every such objection shall be made to the Competent Authority, namely, Tahasildar , Kotpadin writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

Sd/- Land Acquisition Officer and Competent Authority (NH-63), Kotpad, Dist - Koraput

**SCHEDULE**

Brief Description of the land to be acquired with or without structures falling NH63 in the stretch of land from Km. 6.6 to Km. 21 (Kotpad byepass ) in the district of KORAPUT in the state of ODISHA

State: ODISHA District: KORAPUT

| Sl. No. | Survey/Plot Number | Typeof Land | Nature of Land | Area (in Local Unit) | Area (in Hectares) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Taluk: Kotpad | | | | | |
| Village: Dhamanahandi | | | | | |
| 1 | 1553 | Private | paddy-2 | 0.222(Hectare) | 0.222 |
| 2 | 1554 | Private | paddy-2 | 0.173(Hectare) | 0.173 |
| 3 | 1556 | Private | paddy-2 | 0.227(Hectare) | 0.227 |
| 4 | 1556/1842 | Private | paddy-2 | 0.16(Hectare) | 0.16 |
| 5 | 1557 | Private | Dangar-1 | 0.21(Hectare) | 0.21 |
| 6 | 1559 | Private | paddy-2 | 0.002(Hectare) | 0.002 |
| 7 | 1563 | Private | Paddy-2 | 0.091(Hectare) | 0.091 |
| 8 | 1564 | Private | paddy-2 | 0.11(Hectare) | 0.11 |
| 9 | 1564/1824 | Private | Paddy-2 | 0.079(Hectare) | 0.079 |
| 10 | 1564/1927 | Private | Paddy-2 | 0.168(Hectare) | 0.168 |
| 11 | 1565 | Private | Paddy-2 | 0.483(Hectare) | 0.483 |
| 12 | 1566 | Private | paddy-2 | 0.014(Hectare) | 0.014 |
| Village: Sorigam | | | | | |
| 13 | 225/350 | Private | paddy-1 | 0.056(Hectare) | 0.056 |
| 14 | 225/351 | Private | paddy-1 | 0.388(Hectare) | 0.388 |
| Village: Hardoli | | | | | |
| 15 | 355 | Private | paddy-1 | 0.241(Hectare) | 0.241 |
| 16 | 359 | Private | Paddy-1 | 0.104(Hectare) | 0.104 |
| | | | Total | | 2.728 |

[F.No.RO/BBSR/11017/By-passes/100/2018/3A]
ABHAYJAIN, Director

# ୯ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

କଟକ,୮।୧୧(କାର୍ତ୍ତିକ ସାହୁ)

**ବାଙ୍କୀ ଥାନା ଗୋବିନ୍ଦ ବେହେରା ହତ୍ୟା ମାମଲାର ରାୟ ପ୍ରକାଶ**

କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଘୋଳପୁର ଗ୍ରାମର ଗୋବିନ୍ଦ ବେହେରା ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। କଟକ ଅତିରିକ୍ତ ଜିଲା ଦୌରାଜଜ ତଥା ପ୍ରଥମ ଏଡିଜେଙ୍କ ଅଦାଲତ ଏହି ମାମଲାରେ ୯ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି। ମାମଲାର ମୁଖ୍ୟ ଅଭିଯୁକ୍ତ ଘୋଳପୁରର ଗତିକୃଷ୍ଣ ସ୍ୱାଇଁଙ୍କ ସମେତ ଅନ୍ୟ ଅଭିଯୁକ୍ତ ହେଲେ ପ୍ରଶାନ୍ତ ଅଖୁଆ, ସନ୍ତୋଷ ଅଖୁଆ, ସୁଶାନ୍ତ ଅଖୁଆ, ଶୁଭ ବେହେରା, ପ୍ରଦୀପ ସ୍ୱାଇଁ, ମୁନେଇ ଓରଫ ଆଲୋକ ବେହେରା, ଶ୍ରୀକାନ୍ତ ଅଖୁଆ, ଦୀନବନ୍ଧୁ ଖଟୁଆ। ପ୍ରତ୍ୟେକଙ୍କ ଉପରେ ୫୦ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଜରିମାନା ଅନାଦାୟେ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି।

ସୂଚନାନୁସାରେ, ପଞ୍ଚାୟତ ନିର୍ବାଚନରେ ରାଜନୈତିକ ଶତ୍ରୁତାରୁ ଗତିକୃଷ୍ଣ ଓ ତାଙ୍କ ସହଯୋଗୀମାନେ ଘୋଳପୁର ବଜାରରେ ଥିବା ଗୋବିନ୍ଦଙ୍କ ବାସନକୁସନ ଦୋକାନ ଭଙ୍ଗାରୁଜା କରିଥିଲେ। ଏ ନେଇ ସେ ବାଙ୍କୀ ଥାନାରେ ଏତଲା ଦେଇଥିଲେ। ଥାନାରୁ ଏତଲା ଉଠାଇବା ପାଇଁ ଗତିକୃଷ୍ଣ ଗୋବିନ୍ଦଙ୍କ ପରିବାର ଲୋକଙ୍କୁ ବାରମ୍ବାର କହିଥିଲେ। ମାତ୍ର ଏଥିରେ ଗୋବିନ୍ଦ ରାଜି ନ ହେବାରୁ ଆକ୍ରମଣ ପାଇଁ ଯୋଜନା ହୋଇଥିଲା। ୨୦୨୦ ଅକ୍ଟୋବର ୨୦ ତାରିଖ ସନ୍ଧ୍ୟାରେ ଗୋବିନ୍ଦ ଘରୁ ଗାଡ଼ିରେ ଦୋକାନକୁ ଯାଉଥିବାବେଳେ ଘୋଳପୁର ବଜାରରେ ଅଭିଯୁକ୍ତମାନେ ବାଡ଼ି, ରଡ୍ ଓ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗାଡ଼ିରୁ ତଳେ ପଡ଼ିଯିବାରୁ ଅଭିଯୁକ୍ତମାନେ ମାଙ୍କଡ଼ା ପଥରରେ ତାଙ୍କ ମୁହଁ ଓ ମୁଣ୍ଡକୁ ଛେଚିଥିଲେ। ଶେଷରେ ବୋମା ଫୁଟାଇ ସେଠାରୁ ପଳାଇ ଯାଇଥିଲେ। ଆକ୍ରମଣର ଶିକାର ହୋଇଥିବା ଗୋବିନ୍ଦଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଗୋବିନ୍ଦଙ୍କ ସ୍ତ୍ରୀ ସୁନିତା ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରିଥିଲା। ଗୋବିନ୍ଦଙ୍କୁ ସ୍ଥାନୀୟ ଅଞ୍ଚଳର ୧୨ରୁ ଅଧିକ ଲୋକ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ପରେ ଘଟଣାର ମୁଖ୍ୟ ଅଭିଯୁକ୍ତ ଗତିକୃଷ୍ଣଙ୍କ ସମେତ ୯ଜଣଙ୍କୁ ପୋଲିସ ଗିରଫ କରିଥିଲା। କଟକ ଅତିରିକ୍ତ ଜିଲା ଦୌରାଜଜ ତଥା ପ୍ରଥମ ଏଡିଜେ ସୁଶୀଲ କୁମାର ରାଉତ ମାମଲାର ବିଚାର କରି ରାୟ ଶୁଣାଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଗୋପାଳ ସାହୁ, ପ୍ରକାଶ ଅଖୁଆ ଏବଂ ଦୀପକ ବୁଡ଼ ଫେରାର ରହିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ରାମପ୍ରସାଦ ଦାଶ ମାମଲା ପରିଚାଳନା କରୁଥିଲେ।

**କଲେଜ ଛାତ୍ରୀ ଗଣବଳାତ୍କାର ମାମଲା**

# ୬ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ

- ଜବତ ମୋବାଇଲର ଫୋରେନ୍‌ସିକ ଯାଞ୍ଚ ହେବ
- ଖୁବ୍‌ଶୀଘ୍ର ଚାର୍ଜଶିଟ୍ ଦାଖଲ ହେବ
- ବ୍ଲାକ୍‌ମେଲ୍ ଶିକାର ହେଲେ ତୁରନ୍ତ ଥାନାରେ ଜଣାଅ: ଡିସିପି

କଟକ,୮।୧୧ (କାର୍ତ୍ତିକ ସାହୁ)

କଲେଜ ଛାତ୍ରୀ ଗଣବଳାତ୍କାର ମାମଲାରେ ଖୁବ୍‌ଶୀଘ୍ର ତଦନ୍ତ ଶେଷ କରି କମିଶନରେଟ୍ ପୋଲିସ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବ। ଏଥିପାଇଁ ଅଭିଯୁକ୍ତମାନଙ୍କଠାରୁ ଜବତ ହୋଇଥିବା ମୋବାଇଲଗୁଡ଼ିକୁ ତୁରନ୍ତ ରାଜ୍ୟ ଫୋରେନ୍‌ସିକ ଲାବରେଟୋରିକୁ ପଠାଯିବ। ଏହି ମୋବାଇଲରେ ଥିବା ପୀଡ଼ିତାଙ୍କ ଅଶ୍ଳୀଳ ଭିଡିଓକୁ ଯାଞ୍ଚ କରାଯିବ। ସେହିପରି ଏହି ମାମଲାରେ ପୋଲିସ ଗିରଫ କରିଥିବା ୬ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ରହିଥିବା କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା କହିଛନ୍ତି।

ଡିସିପି ମୀନାଙ୍କ ସୂଚନା ଅନୁସାରେ, ଗଣବଳାତ୍କାରର ଶିକାର ହୋଇଥିବା ପୀଡ଼ିତାଙ୍କ ଅଭିଯୋଗକ୍ରମେ ବାଦାମବାଡ଼ି ଥାନାରେ ୪ ତାରିଖରେ ଏକ ମାମଲା ରୁଜୁ ହୋଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୭୦(୧), ୩୫୧(୨), ୩(୫), ୪୯, ଏସ୍‌ସି/ଏସ୍‌ଟି ୩୨ (ବିଏ) ଏବଂ ଆଇଟି ୬୭(ଏ) ଧାରା ଲାଗୁ କରାଯାଇଛି। ପୋଲିସ ମାମଲାର ତଦନ୍ତ କରି ୫ ତାରିଖରେ ୩ ଜଣ ଓ ୬ ତାରିଖରେ ଆଉ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ସେମାନଙ୍କ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଜୋନ୍-୬ ଏସିପି ସ୍ୱସ୍ତିକ ପଣ୍ଡା ମାମଲାର ତଦନ୍ତ କରୁଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ବାଦାମବାଡ଼ି ଓ ପୁରୀଘାଟ ଥାନା ଆଇଆଇସିଙ୍କୁ ନେଇ ୨ଟି ଟିମ୍ ଗଠନ କରାଯାଇଥିଲା। ତଦନ୍ତରେ ବାଧା ଉପୁଜିବା ପାଇଁ ଘଟଣାକୁ ଗୋପନୀୟ ରଖାଯାଇଥିଲା। ପୁରୀଘାଟ ଥାନା ଅଞ୍ଚଳରେ ଘଟିଥିବା ଘଟଣାରେ କାଫେ ମାଲିକ ଗିରଫ ହୋଇଥିବାବେଳେ ସେ କିଭଳି ପୀଡ଼ିତାଙ୍କ ଅଶ୍ଳୀଳ ଭିଡିଓ ରେକର୍ଡିଂ କଲେ ସେନେଇ ପୋଲିସ ତଦନ୍ତ କରୁଛି। ପୁଣି ବାରଙ୍ଗକୁ ନେଇ କାହା ଘରେ ପୀଡ଼ିତାଙ୍କୁ ଗଣବଳାତ୍କାର କରାଗଲା ତାହାକୁ ମଧ୍ୟ ଗମ୍ଭୀରତାର ସହ ପୋଲିସ ଅନୁଧ୍ୟାନ କରୁଛି। ପୀଡ଼ିତାଙ୍କ ଅଶ୍ଳୀଳ ଭିଡିଓ ଅଭିଯୁକ୍ତମାନେ ପାଇଯାଇଥିଲେ। ତାହାକୁ ଦେଖାଇ ସେମାନେ ପୀଡ଼ିତାଙ୍କୁ ବ୍ଲାକ୍‌ମେଲ୍ କରୁଥିଲେ। ଏଥିସହ ସେମାନେ ପୀଡ଼ିତାଙ୍କୁ ୨ଟି ସ୍ଥାନରେ ଗଣବଳାତ୍କାର କରିଥିଲେ। ତଦନ୍ତକାରୀ ଅଧିକାରୀ ଏସିପି ପଣ୍ଡା ଜବତ ମୋବାଇଲଗୁଡ଼ିକୁ ତୁରନ୍ତ ଫୋରେନ୍‌ସିକ ଲାବରେଟୋରିକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଗିରଫ ଅଭିଯୁକ୍ତମାନଙ୍କର ପୂର୍ବରୁ ଏଭଳି ଆପରାଧିକ କାର୍ଯ୍ୟକଳାପ ରହିଛି କି ନାହିଁ ସେ ଦିଗକୁ ମଧ୍ୟ ପୋଲିସ ତଦନ୍ତରେ ଅନ୍ତର୍ଭୁକ୍ତ କରିଛି। ଏହି ଅବସରରେ ଡିସିପି ମୀନା ମହିଳାମାନଙ୍କୁ ଅପିଲ୍ କରି କହିଛନ୍ତି, ସବୁ ଥାନାରେ ମହିଳା ଓ ଶିଶୁ ଡେସ୍କ ରହିଛି। ଏଭଳି ବ୍ଲାକ୍‌ମେଲ୍ ପରିସ୍ଥିତିରେ କେହି ମହିଳା ସମ୍ମୁଖୀନ ହେଲେ ଡରନ୍ତୁ ନାହିଁ। ବିନା ଦ୍ୱିଧାରେ ଥାନାରେ ରିପୋର୍ଟ କରନ୍ତୁ। ପୋଲିସ ସକାରାତ୍ମକ ଭାବେ ଉକ୍ତ ସମସ୍ୟାକୁ ଆଇନ ଅନୁସାରେ ସମାଧାନ କରିବା ପାଇଁ ପୂରା ଚେଷ୍ଟା କରିବ। ଅପରପକ୍ଷରେ ତଦନ୍ତରେ ବାଧା ସୃଷ୍ଟି ହେବା କାରଣରୁ ଉପରୋକ୍ତ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ଦେବା ପାଇଁ ଡିସିପି ମନା କରିଛନ୍ତି।

ସୂଚନାଯୋଗ୍ୟ, ଗତ ଦଶହରା ସମୟରେ କଟକ ପୁରୀଘାଟ ଥାନା ଅଞ୍ଚଳର ଏକ କାଫେରେ ଛାତ୍ରୀ ଜଣଙ୍କ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଜନ୍ମଦିନ ପାଳନ କରିଥିଲେ। ସେଠାରେ ଛାତ୍ରୀଙ୍କ ଅଜାଣତରେ ତାଙ୍କର ଅଶ୍ଳୀଳ ଭିଡିଓ ଉତ୍ତୋଳନ କରିଥିଲେ ପୁରୁଷ ବନ୍ଧୁ। ଏଥିରେ ସହଯୋଗ କରିଥିଲେ କାଫେ ମାଲିକ। କାଫେ ମାଲିକ ଓ ପୁରୁଷ ବନ୍ଧୁଙ୍କ ସାଙ୍ଗମାନେ ପୀଡିତାଙ୍କୁ ବାରଙ୍ଗ ଅଞ୍ଚଳର ଏକ ଘରକୁ ଡାକି ନେଇ ଉକ୍ତ ଭିଡିଓ ଦେଖାଇଥିଲେ। ଏହାପରେ ସେମାନେ ତାଙ୍କୁ ଗଣବଳାତ୍କାର କରିଥିଲେ। ଏହି ଘଟଣା ପୁରୀଘାଟ ଓ ବାରଙ୍ଗ ଥାନା ଅଞ୍ଚଳରେ ଘଟିଥିବାବେଳେ ପୀଡ଼ିତା ଛାତ୍ରୀ ଜଣକ ବାଦାମବାଡି ଥାନା ଅଞ୍ଚଳର ଏକ କଲେଜରେ ପଢୁଥିବାରୁ ସେ ଏଠାରେ ଏତଲା ଦେଇଥିଲେ।

# ଖୁଡ଼ୀଙ୍କ ତଣ୍ଟିକାଟି ହତ୍ୟାକଲେ ପୁତୁରା

ଧରାକୋଟ,୮।୧୧
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)


ସସ୍ମିତା ସାହୁ

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ବରଡାବିଲି ଗ୍ରାମରେ ଶୁକ୍ରବାର ଜଣେ ବ୍ୟକ୍ତି ତାଙ୍କ ଖୁଡ଼ୀଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି। ଏପରି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି। ମୃତକ ହେଲେ ସସ୍ମିତା ସାହୁ (୩୨)। ହତ୍ୟାକାରୀ ଗ୍ରାମର ସିକନ୍ଦର ସାହୁଙ୍କ ପୁଅ ବଳରାମ ବୋଲି ଜଣାପଡ଼ିଛି। ଘଟଣା ପରେ ଅଭିଯୁକ୍ତ ଧାରୁଆ ଛୁରି ସହ ଥାନାରେ ଆତ୍ମସମର୍ପଣ କରିଛନ୍ତି।

ମିଳିଥିବା ଖବରରୁ ଜଣାପଡ଼ିଛି, ବରଡ଼ାବିଲି ଗ୍ରାମର ଶିବରାମ ସାହୁଙ୍କ କ୍ୟାନ୍‌ସରରେ ମୃତ୍ୟୁ ଘଟିବା ପରେ ତାଙ୍କ ସ୍ତ୍ରୀ ସସ୍ମିତା ନିଜର ଏକମାତ୍ର ଝିଅ(୧୦)ଙ୍କୁ ଧରି ରହୁଥିଲେ। ଲୁଗାପଟା ସିଲେଇ କରି ସେ ଚଳୁଥିଲେ। ସବୁଦିନ ପରି ଶୁକ୍ରବାର ଜ୍ୟୋତି ବିଦ୍ୟାଳୟକୁ ଯାଇଥିଲେ। ଦ୍ୱିପ୍ରହରରେ ପୁତୁରା ବଳରାମ ସସ୍ମିତାଙ୍କ ଘରକୁ ଆସିଥିଲେ। କଥାବାର୍ତ୍ତା ଭିତରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବଳରାମ ସାଙ୍ଗରେ ଆଣିଥିବା ଧାରୁଆ ଛୁରିରେ ସସ୍ମିତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ତଣ୍ଟିକାଟି ହତ୍ୟା କରିଥିଲେ। ଏ ସମ୍ପର୍କରେ ସସ୍ମିତାଙ୍କ ଶାଶୁ ତମାଳ ସାହୁ ଧରାକୋଟ ଥାନାରେ ଏତଲା ଦେବା ପରେ ନଂ.୩୬୬/୨୪ରେ ମାମଲା ରୁଜୁ ହୋଇଛି। ତଦନ୍ତକାରୀ ଅଧିକାରୀ ସସ୍ମିତା ମଗର ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳ ଅନୁଧ୍ୟାନ କରି ନମୁନା ସଂଗ୍ରହ କରିଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆସିକା ଡାକ୍ତରଖାନା ପଠାଯାଇଛି।

ଏ ସମ୍ପର୍କରେ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି, ଅଭିଯୁକ୍ତ ବଳରାମଙ୍କର ଖୁଡ଼ୀ ସସ୍ମିତାଙ୍କ ସହ ଏକ ବର୍ଷ ଧରି ଅନୈତିକ ସମ୍ପର୍କ ଥିଲା। ଏହାକୁ ନେଇ ସସ୍ମିତା ଅଧିକ ଅର୍ଥ ଦାବି କରି ବଳରାମଙ୍କୁ ହଇରାଣ କରି ଆସୁଥିଲେ। ଗତ ତିନି ମାସ ତଳେ ଉଭୟଙ୍କ ମଧ୍ୟରେ ଥିବା ସମ୍ପର୍କରେ ତିକ୍ତତା ଆସିଥିଲା। ଏହା ଶୁକ୍ରବାର ଉଗ୍ରରୂପ ଧାରଣ କରିଥିଲା। ବଳରାମ ସସ୍ମିତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ଦେବାକୁ ନିଷ୍ପତ୍ତି ନେଇ ଦ୍ୱିପ୍ରହରରେ ଏକ ଧାରୁଆ ଛୁରି ଧରି ସସ୍ମିତାଙ୍କ ଘରେ ପହଞ୍ଚିଥିଲେ। ଭିତର ପଟୁ ଗ୍ରୀଲ ବନ୍ଦକରି ସସ୍ମିତାଙ୍କ ଛାତି ଓ ପେଟକୁ ବାରମ୍ବାର ଛୁରି ଭୁସି ପରେ ଗଳାକାଟି ହତ୍ୟା କରିଥିଲେ। ପଚରାଉଚରା ବେଳେ ବଳରାମ ସବୁ ସ୍ୱୀକାର କରିଛନ୍ତି ବୋଲି ଥାନା ଅଧିକାରୀ ସ୍ୱାଇଁ କହିଛନ୍ତି।

# ୧୦ କୋଟିର ଧଳା କ୍ୱାର୍ଜ ପଥର ଜବତ, ୬ ଗିରଫ

ମାଲକାନଗିରି/କାଲିମେଳା/ଏମ୍‌ଭି-୭୯,୮।୧୧
(ଦୁର୍ଯ୍ୟୋଧନ ପାତ୍ର/ଜୀବନ କୃଷ୍ଣ ଦାସ/ଭିକି ବାରିକ)



ଜବତ ହୋଇଥିବା ଧଳା କ୍ୱାର୍ଜ ପଥର ବୋଝେଇ ଗାଡ଼ି।

ମାଲକାନଗିରି ଜିଲା ସୀମାନ୍ତ ମୋଟୁ ବନାଞ୍ଚଳ ଅଧୀନ ରେଡିପାଲ ଗ୍ରାମ ନିକଟରେ ଶୁକ୍ରବାର ଭୋର ୪ ଟାରେ ବନ ବିଭାଗ କର୍ମଚାରୀ ଏବଂ ଗ୍ରାମବାସୀ ଉଦ୍ୟମରେ ବହୁ ମୂଲ୍ୟବାନ୍ ଧଳା କ୍ୱାର୍ଜ ପଥର ସହ ବହୁ ଗାଡ଼ି ଜବତ କରାଯାଇଛି। ଧଳା କ୍ୱାର୍ଜ ପଥର ଚାଲାଣ କରୁଥିବା ଅଭିଯୋଗରେ ମୋଟୁ ବନ ବିଭାଗ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣ ଆନ୍ଧ୍ରପ୍ରଦେଶର ହୋଇଥିବାବେଳେ ଅନ୍ୟ ଜଣେ ବିହାରର ବୋଲି ଜଣାପଡ଼ିଛି। ଏଥିସହ ଧଳା କ୍ୱାର୍ଜ ପଥର ଚାଲାଣ କାରବାରରେ ନିୟୋଜିତ ୨ଟି ହାଇୱା, ଗୋଟିଏ ଜେସିବି ମେଶିନ ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ସେମାନଙ୍କ ନିକଟରୁ ୮ଟି ମୋବାଇଲ ଜବତ ହୋଇଛି। ଜବତ ଧଳା କ୍ୱାର୍ଜ ପଥର ପ୍ରାୟ ୪୦ ଟନ୍ ଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଇଛି। ମୋଟୁ ବନାଞ୍ଚଳ କେସ୍ ନଂ. ୪୫/୨୪ ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ମାଲକାନଗିରି ଜିଲା ସହକାରୀ ବନ ସଂରକ୍ଷକ ମନ୍‌ସୁନ୍ ଖେମୁଣ୍ଡୁ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ହେଲେ ତେଲଙ୍ଗାନା ଭଦ୍ରାଦ୍ରି କତାଗୁଡେମ ଜିଲା ଗାରିବଡ୍ଡୁ ଗ୍ରାମର କେ. ନରସିଂହ ରାଓ, ପଶ୍ଚିମ ଗୋଦାବରୀ ଜିଲା ଜାଙ୍ଗାରେଡ଼ିଗୁଡେମ ଗ୍ରାମର ବୋରା କନକନାଗ ସତ୍ୟନାରାୟଣ, ଆଲୁରି ସୀତାରାମରାଜୁ ଜିଲା ମଡୁଗୁଡେମ ଗ୍ରାମର ଏମ୍. ସନ୍ଦିପ, ଚିନ୍ତୁରୁ ଗ୍ରାମର ବାଇ ପବନ କୁମାର, ଏନ୍‌ଟିଆର୍ ଜିଲା ବେଲିଗାଲେରୁ ଗ୍ରାମର କେ. ଶ୍ରୀନିବାସ ରାଓ ଓ ବିହାର ଦନବାର ଗ୍ରାମର ସତ୍ୟନ୍ଦ୍ରେ କୁମାର । ଆନ୍ଧ୍ରପ୍ରଦେଶର କେତେଜଣ ବ୍ୟକ୍ତି କାଲିମେଳା ବ୍ଲକ୍ ଆନ୍ଧ୍ର ସୀମାନ୍ତ ମୋଟୁ ଥାନା ଅଞ୍ଚଳରୁ ଆଜକୁ ପ୍ରାୟ ୧ମାସ ହେବ ବଡ଼ ବଡ଼ ଗାଡ଼ି ସାହାଯ୍ୟରେ ଧଳାପଥର ଚୋରା ଚାଲାଣ କରୁଥିଲେ। ତେବେ ରେଡିପାଲ ଗ୍ରାମବାସୀ ଏହି ଜଙ୍ଗଲ ଅଞ୍ଚଳରୁ ମୂଲ୍ୟବାନ୍ ପଥର ଚୋରାଚାଲାଣ ହେଉଥିବା ଜାଣି ବହୁବାର ଉକ୍ତ ଗାଡ଼ିକୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଗାଡ଼ିଗୁଡିକ ନ ଅଟକି ଚାଲିଯାଉଥିଲେ। ତେବେ ଏହି ଗାଡ଼ିଗୁଡିକ ଯିବା ପାଇଁ ଏକମାତ୍ର ରାସ୍ତା ମୋଟୁ ଚେକ୍ ପୋଷ୍ଟ ଥିବା ବେଳେ ପୋଲିସ ସେଠାରେ ଦିବାରାତ୍ରି ପାଟ୍ରୋଲିଂ କରୁଥିବା ସତ୍ତ୍ୱେ କିପରି ଏହି ଚୋରାଚାଲାଣ ସମ୍ବନ୍ଧରେ ଜାଣିପାରିଲେ ନାହିଁ ତାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଟ୍ୟୁଶନ ଶିକ୍ଷକଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ,୮।୧୧(ମାନସ ବିଶ୍ୱାଳ)

**ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ମାମଲା**

ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ମାମଲାର ଶୁଣାଣି କରି ଅନୁଗୋଳ ଜିଲା ଅତିରିକ୍ତ ଜିଲା ତଥା ସ୍ୱତନ୍ତ୍ର ଜଜ୍ ପୋକ୍‌ସୋ ଶୁକ୍ରବାର ଅଭିଯୁକ୍ତ ଟ୍ୟୁଶନ ଶିକ୍ଷକ ବାସୁଦେବ ରଥ (୨୭)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାରୁ ପ୍ରକାଶ, ଅନୁଗୋଳ ଜିଲା ହଣ୍ଡପା ଥାନା ଅଞ୍ଚଳର ଟ୍ୟୁଶନ ଶିକ୍ଷକ ବାସୁଦେବଙ୍କ ପାଖକୁ ସମ୍ପୃକ୍ତା ନାବାଳିକା ଛାତ୍ରୀ ଟ୍ୟୁଶନ ଯାଉଥିଲେ। ୨୦୨୨ ଜୁନ ୧୩ ତାରିଖ ସକାଳ ୮ଟାରେ ଛାତ୍ରୀ ଜଣକ ଟ୍ୟୁଶନ ଆସିଥିବା ସମୟରେ ଶିକ୍ଷକ ବାସୁଦେବ ଖାତା ଦେଖିବା ଆଳରେ ଘର ଭିତରକୁ ଡାକିନେଇ ଛାତ୍ରୀଙ୍କୁ ବଳାତ୍କାର କରିଥିଲେ। ଛାତ୍ରୀ ଜଣକ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ନଂ. ୧୪୯/୨୦୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ଟ୍ୟୁଶନ ଶିକ୍ଷକ ବାସୁଦେବଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ଶୁଣାଣି କରୁଥିବା ଅତିରିକ୍ତ ଜିଲା ତଥା ସ୍ୱତନ୍ତ୍ର ଜଜ୍ ପୋକ୍‌ସୋ ସୌମ୍ୟ ଶୁଭଦର୍ଶିନୀ ୨୪ ଜଣ ସାକ୍ଷୀ ଓ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ଶିକ୍ଷକଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସରୋଜ କୁମାର ପଟ୍ଟନାୟକ ଉକ୍ତ ମାମଲାର ପରିଚାଳନା କରିଥିଲେ।

# ଭିଜିଲାନ୍ସ ଜାଲରେ ସ୍ୱାସ୍ଥ୍ୟ ଅଧିକାରୀ, ଫାର୍ମାସିଷ୍ଟ

**କ୍ଲିଅରାନ୍ସ ସାର୍ଟିଫିକେଟ୍ ବାବଦକୁ ନେଉଥିଲେ ୪୦ ହଜାର ଲାଞ୍ଚ**


ବିଶ୍ୱଜିତ୍ ଭୂୟାଁ


ଉତ୍ତମ ମହାଙ୍କୁଡ

ବୈପାରିଗୁଡ଼ା, ୮।୧୧(କଳ୍ପତରୁ ମହାନ୍ତି)

ଜଣେ ଠିକା କର୍ମଚାରୀଙ୍କ ନିୟମିତ ହେବା ପାଇଁ ଆବଶ୍ୟକ କ୍ଲିଅରାନ୍ସ ସାର୍ଟିଫିକେଟ୍ ଦେବା ବାବଦକୁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବିଶ୍ୱଜିତ୍ ଭୂୟାଁ ଓ ଏମ୍‌ଏଚ୍‌ୟୁରେ କାର୍ଯ୍ୟରତ ଫାର୍ମାସିଷ୍ଟ ଉତ୍ତମ ମହାଙ୍କୁଡ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ପ୍ରକାଶ ଯେ, ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଜଣେ ମହିଳା ଠିକା କର୍ମଚାରୀଙ୍କୁ ନିୟମିତ କରିବାକୁ ନିର୍ଦ୍ଦେଶ ଥିଲା। ଏଥିପାଇଁ ସ୍ୱାସ୍ଥ୍ୟ ଅଧିକାରୀଙ୍କ କ୍ଲିଅରାନ୍ସ ରିପୋର୍ଟ ଆବଶ୍ୟକ ପଡୁଥିବା ବେଳେ ଏ ବାବଦକୁ ୪୦ ହଜାର ଟଙ୍କା ସେ ଦାବି କରିଥିଲେ। ଏଥିରେ ଫାର୍ମାସିଷ୍ଟ ମହାଙ୍କୁଡ ମଧ୍ୟସ୍ଥତା କରିଥିଲେ। ଏ ନେଇ କର୍ମଚାରୀ ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଭିଜିଲାନ୍ସ ଟିମ୍ ଶୁକ୍ରବାର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଏମ୍‌ଏଚ୍‌ୟୁ ଫାର୍ମାସିଷ୍ଟ ମହାଙ୍କୁଡ ଅଭିଯୋଗକାରୀଙ୍କଠାରୁ ଟଙ୍କା ନେଉଥିବା ବେଳେ ଚଢ଼ାଉକରି ଜବତ କରିଥିଲା। ଫାର୍ମାସିଷ୍ଟଙ୍କ ବୟାନକୁ ଆଧାରକରି ଡାକ୍ତର ବିଶ୍ୱଜିତ ଭୂୟାଁଙ୍କୁ ମଧ୍ୟ ଧରି ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଥିଲା। ଚଢ଼ାଉରେ ଭିଜିଲାନ୍ସ ବିଭାଗର ଡିଏସ୍‌ପି ସଦାନନ୍ଦ ପାଣି,ଅଭୟ ପ୍ରଧାନ, ଜୟଶ୍ରୀ ପ୍ରଧାନ, ଇନ୍ସପେକ୍ଟର ସଞ୍ଜୟ ପ୍ରଧାନ, ସାବିତ୍ରୀ ପ୍ରଧାନ ଓ ଅନୁଭବ ଦାସ ପ୍ରମୁଖ ସାମିଲଥିଲେ।

# ଟାଙ୍ଗିଆ ଦେଖାଇ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍

ମୁରିବାହାଲ, ୮।୧୧
(ଶ୍ରୀବତ୍ସ ବେହେରା)


ଲୁଟ୍ ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼।

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅଧୀନ ହଳଦୀ ଗ୍ରାମପଞ୍ଚାୟତର ପାତଳପଡ଼ା ଓ ଖଲିଆକାନି ଗ୍ରାମର ଛକ ନିକଟରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଦୁର୍ବୃତ୍ତମାନେ ଟାଙ୍ଗିଆ ଦେଖାଇ ଜଣେ ବ୍ୟକ୍ତିଙ୍କ ଠାରୁ ୭ ଲକ୍ଷ ୩୦ ହଜାର ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ପଟ୍ଟାମରା ଗ୍ରାମର ଲଳିତ ଗହୀର(୩୨) ନିଜ ଭଉଣୀ ହିମାନି ଗହୀର (୨୮)ଙ୍କ ସହ ଏକ ବାଇକ୍ (ଓଆର୍୦୩ ଏଚ ୯୧୧୪) ଯୋଗେ ହଳଦୀ ଗାଁରେ ଥିବା କିଓସ୍କ ବ୍ୟାଙ୍କକୁ ଯାଉଥିଲେ। ତେବେ ବ୍ୟାଙ୍କରେ ପହଞ୍ଚିବା ପୂର୍ବରୁ ରାସ୍ତାରେ ୩ ଜଣ ଦୁର୍ବୃତ୍ତ ଏକ ସ୍କୁଟିରେ ଆସି ଲଳିତଙ୍କ ବେକରେ ଟାଙ୍ଗିଆ ରଖି ଭୟଭୀତ କରିବା ସହ ତାଙ୍କ ଭଉଣୀଙ୍କୁ ଆକ୍ରମଣକରି ଟଙ୍କା ବ୍ୟାଗ୍ ଛଡ଼ାଇନେଇ ଫେରାର ହୋଇଯାଇଥିଲେ। ଖବର ପାଇ ମୁରିବାହାଲ ପୋଲିସ କଣ୍ଟାବାଞ୍ଜି ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ, ମୁରିବାହାଲ ଥାନା ଅଧିକାରୀ ସୁପ୍ରିୟା ସୁରିଆ ଲୁଗୁନ ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ ଜାରି ରଖିଛନ୍ତି। ଉକ୍ତ ବ୍ୟାଗ୍‌ରେ ଅନେକ ବ୍ୟାଙ୍କ ପାସ୍ ବହି ,ଏଟିଏମ୍ କାର୍ଡ ସହ ନଗଦ ୭ ଲକ୍ଷ ୩୦ ହଜାର ଟଙ୍କା ଥିଲା ବୋଲି ଲଳିତ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ମୁରିବାହାଲ ଥାନାରେ ନଂ. ୩୪୧ରେ ଏକ ମାମଲା ରୁଜୁ କରାଯାଇଛି। ସ୍ପଷ୍ଟ ଦିବାଲୋକରେ ଲୁଟ୍ ହୋଇଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଞ୍ଚାରେ ଲତପତ ପାଚିଗଲେ ଟାଣ,
ଯିଏ ଯେ କହି ନ ପାରେ,
ତା' ବାପ ଭାଇ ରାଣ।**

ଏହା ଏକ ନାଁ ଦିଆ ପ୍ରହେଳୀ। ମାଟି ହାଣ୍ଡି ଗଢା ଯିବାବେଳେ କଞ୍ଚାମାଟି ହେତୁ ହାତକୁ ନରମ ଲାଗିଥାଏ। ପରନ୍ତୁ ଭାଟିରେ ପୋଡ଼ାଯିବା ପରେ ତାହା ଟାଣ ହୋଇଯାଉଥିବା ଅର୍ଥରେ ଏଭଳି ପ୍ରହେଳିକା ଉଲ୍ଲେଖ କରାଯାଇଛି।

**କଅଁଳ ଲୁହାକୁ ବିରାଡ଼ି କାମୁଡ଼େ।**

ସାଦାସିଧା ଓ ସରଳ ଲୋକକୁ ବହୁଲୋକ ହଇରାଣ କରନ୍ତି। ସୁବିଧା ମାରିନେଇ ସରଳିଆ ଲୋକକୁ ଖାଲକୁ ପେଲି ଦିଅନ୍ତି। ସରଳତାର ସୁଯୋଗ ନେଇ ବେଖାତିର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରେମିକଙ୍କୁ ଆଜୀବନ ଜେଲ୍, ସ୍ତ୍ରୀଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ

ବ୍ରହ୍ମପୁର,୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

**ଅନୈତିକ ସମ୍ପର୍କରୁ ସ୍ୱାମୀଙ୍କୁ ହତ୍ୟା ମାମଲା**

ଅନୈତିକ ସମ୍ପର୍କରୁ ସ୍ତ୍ରୀ ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିଥିବା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ବ୍ରହ୍ମପୁର ଅତିରିକ୍ତ ଜିଲାଜଜ୍ -୧ ଡ. ଇନ୍ଦୁ ଶର୍ମା ଶୁକ୍ରବାର ହତ୍ୟାକାରୀ କଳାହାଣ୍ଡି ଜିଲା ଭବାନୀପାଟଣା ଶମ୍ଭୁନଗର ପୁରୁଣାପଡ଼ାର ସରୋଜ ମହାରଣା ଓରଫ ରାକେଶ(୩୮)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ହତ୍ୟାର ଶିକାର ହୋଇଥିବା ପ୍ରଫୁଲ୍ଲ କୁମାର ସାହୁଙ୍କ ଦୁଇ ପିଲା ବାପଛେଉଣ୍ଡ ହୋଇଯାଇଥିବାରୁ ସେମାନଙ୍କ ଭରଣପୋଷଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତା ତଥା ପ୍ରଫୁଲ୍ଲଙ୍କ ସ୍ତ୍ରୀ ମିତା ସାହୁ (୩୫) ଜାମିନରେ ରହି ବିଚାର ବେଳେ କୋର୍ଟରେ ହାଜର ହୋଇ ନ ଥିବାରୁ ତାଙ୍କ ନାଁରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ପ୍ରଫୁଲ୍ଲ ଓ ସରୋଜ ଦୁଇ ଜଣ ଟ୍ରକ ଡ୍ରାଇଭର। ଉଭୟେ ସଦର ଥାନା ଅନ୍ତର୍ଗତ ସୁକୁଣ୍ଡା ଗ୍ରାମରେ ରହୁଥିଲେ। ପ୍ରଫୁଲ୍ଲଙ୍କ ସହ ତାଙ୍କ ସ୍ତ୍ରୀ ମିତା ଓ ୨ ପୁଅ ମଧ୍ୟ ରହୁଥିଲେ। ସରୋଜ ଅଧିକାଂଶ ସମୟରେ ପ୍ରଫୁଲ୍ଲଙ୍କ ଘରକୁ ଯା'ଆସ କରିବା ମଧ୍ୟରେ ମିତାଙ୍କ ସହ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ପ୍ରଫୁଲ୍ଲଙ୍କ ଅନୁପସ୍ଥିତିରେ ସରୋଜ ତାଙ୍କ ଘରେ ରହୁଥିଲେ। ଏ କଥା ଜାଣିବା ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଦିନକୁ ଦିନ ଝଗଡା ବଢ଼ିବାରେ ଲାଗିଥିଲା। ମିତା ସରୋଜ ସହ ମିଶି ସ୍ୱାମୀଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ଦେବାକୁ ଯୋଜନା କରିଥିଲେ। ୨୦୨୦ ଜାନୁଆରୀ ୨୧ ରାତିରେ ପ୍ରଫୁଲ୍ଲ ଘରକୁ ଆସିବା ବେଳେ ଭିତରେ ସରୋଜ ଥିବା ଦେଖି ତାଙ୍କୁ ବିରୋଧ କରିଥିଲେ। ପରେ ମିତା ଓ ସରୋଜ ମିଶି ତାଙ୍କୁ ଆକ୍ରମଣ କରିବା ସହ ତଣ୍ଟି ଚିପି ହତ୍ୟା କରିଥିଲେ। ପ୍ରଫୁଲ୍ଲଙ୍କ ଦାଦା ପୁଅ ଭାଇ ମହେନ୍ଦ୍ର ଏ ନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୯/୨୦ରେ ମାମଲା ରୁଜୁ କରି ମିତା ଓ ସରୋଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ୧୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମାମଲାର ପ୍ରତ୍ୟକ୍ଷଦର୍ଶୀ ଥିବା ପ୍ରଫୁଲ୍ଲଙ୍କ ୨ ପୁଅ, ଭଣଜାଙ୍କ ବୟାନ, ପୋଲିସ ପକ୍ଷରୁ ଦାଖଲ ଚାର୍ଜଶିଟ୍‌କୁ ଆଧାର କରି ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସୌଭାଗ୍ୟ କୁମାର ମିଶ୍ର ମକଦ୍ଦମା ପରିଚାଳନା କରୁଥିଲେ।

# ସ୍ୱାମୀ, ଶ୍ୱଶୁର, ଶାଶୁଙ୍କୁ ୭ ବର୍ଷ କାରାଦଣ୍ଡ

ଆଠଗଡ,୮।୧୧
(ସତ୍ୟ ପ୍ରସାଦ ରଥ)

**୨୦୧୫ ବଧୂହତ୍ୟା ଘଟଣା**

କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ଶଶାଙ୍କ ଗ୍ରାମରେ ୨୦୧୫ରେ ଘଟିଥିବା ବଧୂହତ୍ୟା ଘଟଣାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଏହି ଘଟଣାରେ ଆଠଗଡ ବ୍ଲକ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରମ୍ଭେଇ ଗ୍ରାମର ସୁରେଶ ଆଟୋଇଙ୍କ ଝିଅ ସଂଯୁକ୍ତାଙ୍କ ମୃତ୍ୟୁ ଘଟିଥିଲା। ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ ରାଜ କୁମାର ଦାସ ଏହି ମାମଲାର ବିଚାର କରି ସ୍ୱାମୀ ରାମଚନ୍ଦ୍ର ପାଣି, ଶ୍ୱଶୁର ଇନ୍ଦ୍ରମଣି ପାଣି ଓ ଶାଶୁ ଶିଶୁଳା ପାଣିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନଙ୍କୁ ୭ବର୍ଷ କାରାଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି।

ପ୍ରକାଶ ଯେ, ସଂଯୁକ୍ତାଙ୍କ ସହ ରାମଚନ୍ଦ୍ରଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ବର ଘରର ଦାବି ମୁତାବକ ଜାନି ଯୌତୁକ ଦିଆଯାଇଥିଲା। ମାତ୍ର ବିବାହ ପରେ ବରଘର ପକ୍ଷରୁ ଅଧିକ ଯୌତୁକ ଦାବି କରି ସଂଯୁକ୍ତାଙ୍କୁ ନିର୍ଯାତନା ଦିଆଯାଇଥିଲା। ସଂଯୁକ୍ତା ଏହି କଷ୍ଟ ସହ୍ୟ କରି ପାରି ନ ଥିଲେ। ୨୦୧୫ରେ ୯ ମାସର ଅନ୍ତଃସତ୍ତ୍ୱା ଥିବା ସମୟରେ ତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସଂଯୁକ୍ତାଙ୍କ ବାପା ସୁରେଶ ବଡମ୍ବା ଥାନାରେ ୨୦୧୫ ନଭେମ୍ବର ୧୧ରେ ହତ୍ୟା ଅଭିଯୋଗ କରିଥିଲେ। ଏହାପରେ ପୋଲିସ ମାମଲା (ନଂ. ୧୩୨/୨୦୧୫) ରୁଜୁ କରି ୨୦୧୬ ଜାନୁଆରୀ ୩ରେ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲେ। ପୋଲିସ ତଦନ୍ତ, ପାରିପାର୍ଶ୍ୱିକ ଅବସ୍ଥା, ସାକ୍ଷୀ ପ୍ରମାଣକୁ ଆଧାରକରି ଅଦାଲତ ଏହି ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଶରତ ଚନ୍ଦ୍ର ଦାଶ ମାମଲା ପରିଚାଳନା କରିଥିଲେ।

## ମା' ହେବେ ଆଥିୟା



ମୁମ୍ବାଇ: ବଲିଉଡ ଅଭିନେତ୍ରୀ ଆଥିୟା ସେଟ୍ଟୀ ଏବଂ କ୍ରିକେଟର କେ.ଏଲ୍. ରାହୁଲଙ୍କ ଘରକୁ ଆସିବାକୁ ଯାଉଛି ଖୁସି ଖବର। ଏକ ଇନଷ୍ଟାଗ୍ରାମ ପୋଷ୍ଟରେ ଅଭିନେତ୍ରୀ ତାଙ୍କର ପ୍ରେଗ୍ନେନ୍ସି ଘୋଷଣା କରିଛନ୍ତି। ଦୁହେଁ ଏକ ଫଟୋ ଶେୟାର କରି ଲେଖିଛନ୍ତି, ୨୦୨୫ରେ ଆମର ଅତିସୁନ୍ଦର ଆଶୀର୍ବାଦ ଆସୁଛି। ଏଥିସହିତ ଏକ କୁନି ପିଲାର ପାଦ ଫଟୋ ମଧ୍ୟ ସେଠାରେ ଦେଖିବାକୁ ମିଳୁଛି। ରାହୁଲ ଏବଂ ଆଥିୟାଙ୍କ ଖୁସି ଖବର ଶୁଣି ତାଙ୍କର ପରିବାର ଓ ପ୍ରଶଂସକମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଥିୟାଙ୍କ ଭାଇ ଆହାନ ପୋଷ୍ଟରେ କମେଣ୍ଟ କରି ଶୁଭେଚ୍ଛା ଜଣାଇଛନ୍ତି। ୨୩ ଜାନୁଆରୀ ୨୦୨୩ରେ ସେମାନଙ୍କ ବିବାହ ହୋଇଥିଲା।

# ଅଭିଭାବକ ଜାଣିବେନି ପିଲାଙ୍କ ପରୀକ୍ଷାଫଳ

### ଛାତ୍ରୀଛାତ୍ରଙ୍କ ଉପରୁ ଚାପ କମାଇବାକୁ ଡଚ୍ ସ୍କୁଲର ନିଷ୍ପତ୍ତି

ଆମଷ୍ଟରଡାମ



ଛାତ୍ରୀଛାତ୍ରଙ୍କ ଉପରୁ ଚାପ ହ୍ରାସ କରିବା ପାଇଁ ନେଦରଲାଣ୍ଡସ୍ ରାଜଧାନୀ ଆମଷ୍ଟରଡାମର ଜର୍ଡାନ-ମଣ୍ଟେସୋରି ଲିସେତମ ଉଟେକଟ୍ ମାଧ୍ୟମିକ ସ୍କୁଲ ଅଜବ ନିଷ୍ପତ୍ତି ନେଇଛି। ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ସେମାନଙ୍କ ଅଭିଭାବକଙ୍କୁ ନ ଜଣାଇବାକୁ ଏହି ସ୍କୁଲ ଘୋଷଣା କରିଛି।

ନୂଆ ନିୟମ ଅନୁଯାୟୀ, ମାସେ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ସେମାନଙ୍କ ଅଭିଭାବକଙ୍କୁ ଜଣାଯିବ ନାହିଁ। ଏହି ନିୟମକୁ ୯୫% ଅଭିଭାବକ ସମର୍ଥନ କରିଛନ୍ତି। ଅବଧିକୁ ୧୦ ସପ୍ତାହ ପର୍ଯ୍ୟନ୍ତ ଲାଗୁ କରିବା ପାଇଁ ପୂର୍ବରୁ ଦାବି ହୋଇଥିଲା। ଛାତ୍ରୀଛାତ୍ରଙ୍କ ମାନସିକ ସନ୍ତୁଳନକୁ ରକ୍ଷା କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ତେବେ ଅଭିଭାବକଙ୍କ ହସ୍ତକ୍ଷେପ ଛାତ୍ରୀଛାତ୍ରଙ୍କ ସ୍ୱାଧୀନତାକୁ କେତେ ମାତ୍ରାରେ ପ୍ରଭାବିତ କରୁଛି, ସେନେଇ ଏହି ନିଷ୍ପତ୍ତି ଏକ ନୂତନ ବିତର୍କ ସୃଷ୍ଟି କରିଛି। ଅଭିଭାବକମାନେ କ୍ରମାଗତ ପିଲାଙ୍କ ପଢ଼ା ଓ ପରୀକ୍ଷାରେ ସେମାନଙ୍କ ପ୍ରଦର୍ଶନ ଉପରେ ନଜର ରଖିଲେ ଏହା ଛାତ୍ରୀଛାତ୍ରଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।

# ଦୁର୍ବଳ ବର୍ଗଙ୍କୁ ମାଗଣା ଆଇନଗତ ସହାୟତା ପ୍ରଦାନ ଲକ୍ଷ୍ୟ

### ଆଜି ଜାତୀୟ ଆଇନ ସେବା ଦିବସ

ପ୍ରତ୍ୟେକ ବର୍ଷ ନଭେମ୍ବର ୯ ତାରିଖରେ ଜାତୀୟ ଆଇନ ସେବା ଦିବସ ପାଳନ କରାଯାଏ। ଏହି ଦିବସ ପାଳନ କରିବାର ଉଦେଶ୍ୟ ହେଉଛି ଆଇନଗତ ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ ସମସ୍ତ ନାଗରିକଙ୍କ ପାଇଁ ନ୍ୟାୟ ପାଇବାକୁ ସୁନିଶ୍ଚିତ କରିବା। ବିଭିନ୍ନ ପଦକ୍ଷେପ ଏବଂ କାର୍ଯ୍ୟକ୍ରମ ମାଧ୍ୟମରେ, ଏହି ଦିନ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ଆଇନଗତ ଅଧିକାର ବିଷୟରେ ଜ୍ଞାନ ପ୍ରଦାନ କରିବା ଏବଂ ଏକ ସମାନ ସମାଜ ଗଠନ ପାଇଁ ଦ୍ୱନ୍ଦ୍ୱ ସମାଧାନ ପାଇଁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରେ।

୧୯୯୫ ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଆରମ୍ଭ ହୋଇଥିବା ଜାତୀୟ ଆଇନ ସେବା ଦିବସ, ସମାଜର ଦୁର୍ବଳ ବର୍ଗଙ୍କୁ ମାଗଣା ଆଇନଗତ ସହାୟତା ପ୍ରଦାନ କରିବାକୁ ଲକ୍ଷ୍ୟ ରହିଛି।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**Requirement**
for Marketing Executive, Manager, Receptionist, Malli and Gym Trainer, Jumba Trainer, Office Boy at various offices in Bhubaneswar.
**Mob : 9439913527**

See Career Appointment on every **Wednesday & Saturday**


## ZILLA SWASTHYA SAMITI, ANGUL
### RECRUITMENT
### WALK-IN-INTERVIEW

**Walk-In-Interview for Engagement & Empanelment of Medical Officer (Full Time) & Part-Time Specialists & Yoga Instructor**

**Advt.No. 2227** **Date 08.11.2024**

**No.E-485:** Expression of Interest (EOI) is invited for Engagement of Medical Officer (Contractual) for UPHC & UHWC Talcher and empanelment of Part Time Specialists (O&G, Paediatrics, Medicine, Skin & VD, ENT, Eye, Psychiatric Specialist, Dental and Nutritionist, Physiotherapist) for Ama Clinic under NUHM (UPHC Talcher) and Yoga Instructor for UPHC Angul & Talcher. The above positions are purely temporary and also co-terminus with the scheme. The actual number of vacancy may differ (increase or decrease) during the time of engagement. Canvassing in any form will render the candidate disqualified for the position and no undertaking will be entertained. Details of Qualification, remuneration & job description of the post along with application form can be downloaded from the district website: https://angul.odisha.gov.in. The interested candidates may attend the Walk-in-Interview from 10.00 AM to 11.00 AM on the scheduled date for registration. The candidates are requested to visit the district website on regular interval till completion of empanelment process. The undersigned reserves the right to cancel any or all the application without assigning any reason or communication thereof.

**Sd./-CDM & PHO cum District Mission Director, Angul**
OIPR-10142/11/0005/2425

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, SAMBALPUR

Phone No. (0663)-2412791, E-mail : eemisbp@yahoo.co.in

No.A-526

### 'e' Procurement Notice

Bid Reference No. SE MID SBP 04/2024-25
eemisbp@yahoo.co.in
No. 3358//MID//date. 05.11.2024

| | | | |
|---|---|---|---|
| 1 | Name of the works | : | Civil construction works |
| 2 | No. of Works | : | 4 (Four) Nos. |
| 3 | Estimated cost | : | Varies approximately from Rs. 57.75 lakh to Rs. 78.10 lakh |
| 4 | Tender paper cost | : | Referred to DTCN |
| 5 | Period of completion | : | Referred to DTCN |
| 6 | Date and Time of availability of bid documents in the portal | : | From dt. 12.11.2024 at 11.00 A.M. to dt. 26.11.2024 up to 5.30 P.M. |
| 7 | Last date / time of receipt of bids in the portal | : | Dt. 26.11.2024 up to 5.30 P.M. |
| 8 | Date of opening of Technical Bid (Cover-I) | : | Dt. 27.11.2024 at 11.00 A.M. onwards |
| 9 | Name and address of the OIT | : | Superintending Engineer, Minor Irrigation Division, Sambalpur |
| 10 | **Further details can be seen from the e-Procurement market place http://tendersodisha.gov.in | | |

**Sd./- Superintending Engineer**
**M.I.Division, Sambalpur**
OIPR-32036/11/0005/2425

## OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR

No.A-538: GOVERNMENT OF ODISHA

### "e" PROCUREMENT NOTICE
### BID IDENTIFICATION No:04 MID (JSP/2024-25)

1. Name of the Inviting Officer: Superintending Engineer, Minor Irrigation Division, Jashipur.
2. Name of the Work: Improvement to MIPs in different Blocks of Mayurbhanj District.
3. No. of Works: 9 (Nine) Nos.
4. Tender Amount Varies From: 10.72 lakhs to 47.68 lakhs
5. Date and Time of availability of BID document in the Portal for online Bidding from: 10.00 hrs. Dt.13.11.2024 to 17.00 hrs. Dt.25.11.2024
6. Last Date and Time of receipt of Bids in the Portal: 17.00 hrs. Dt.25.11.2024.
7. Last date and time for clarification upto:- 17.00 hrs. Dt.25.11.2024
8. Date of Opening of Bid: 11.00 hrs. onwards Dt.26.11.2024.

The detail tender call notice can also be seen in the DOWR website: http://dowrorissa.gov.in.

Name & Address of the OIT : Superintending Engineer, M.I.Division, Jashipur, At/Po-Khairi/Dist: Mayurbhanj, PIN-757091, E-mail:eemijashipur@yahoo.com

Further details can be seen from the e-Procurement market place: **http://tenderorissa.gov.in.**

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

**Sd./- Superintending Engineer**
**M.I.Division, Jashipur**
OIPR-32282/11/0004/2425

FORM No. 13

## BEFORE THE DEBTS RECOVERY TRIBUNAL, CUTTACK, ORISSA

C-71, SECTOR-7, CDA, CUTTACK, ODISHA
O.A. NO. 229 of 2024

Utkal Grameen Bank .....Applicant
Versus
Prabha Agrawala @ Goyal & Others .....Defendant(s)

To,
1. **Trahikar Patel,** S/o- Late Nahar Patel, At: Bhikampali, PO: Kapilapur, Dist.: Jharsuguda-768226 **(Defendant No. 3)**
2. **Bhagabati Patel @ Naik,** D/o- Late Nahar Patel, W/o- Rudraskhya Naik, At/PO: Lahandabud, Dist.: Jharsuguda-768202 **(Defendant No. 4)**
3. **Kuntala Patel,** D/o- Late Nahar Patel, W/o- Badal Patel, At: Raigarh, Chhattisgarh-496001 **(Defendant No. 5)**
4. **Prabhati Patel,** D/o- Late Nahar Patel, W/o- Pabitra Patel, At: Talab, Sambalpur-768200 **(Defendant No. 8)**

### SUMMONS BY PAPER PUBLICATION
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 229 of 2024** in the Court of the Debts of Recovery Tribunal, Cuttack for recovery of **Rs.45,59,837/-** (rupees forty-five lakhs fifty-nine thousand eight hundred thirty-seven only) together with current and future interest, cost and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the publication or on **11.12.2024** at **10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **16th day of October, 2024.**

**Sd/- (Nikhila Ranjan Pati), REGISTRAR**

## THE ASKA CO-OPERATIVE SUGAR INDUSTRIES LTD.

P.O. : Nuagam (Aska) - 761111, Dist - Ganjam, State - Odisha
Email id. : askasugar@yahoo.co.in
GSTIN : 21AAAAT5989L1ZO

Notice No. : 1578/2024 DATED : 08.11.2024

### PRE-BID MEETING NOTICE

The Managing Director, Aska Co-operative Sugar Industries ltd., Nuagam, Aska Invites the interested Registered contractors of state PWD or equivalent class of CPWD / Railway / MES / Central Govt. / State Govt. Undertaking for the following works of the Aska Co-Operative Sugar Industries LTD., Nuagam, Aska.

| Sl. No. | Name of The Work |
|---|---|
| 1 | Erection of Truss & Purlins, Roof Gutters and colour GSI sheets Roofing work of the Sugar Plant & others |
| 2 | Erection of Purlins and colour GSI sheets Roofing work of the Sugar Mill |

3. The interested contractors are requested to attend on the Pre-Bid Meeting for discussion on the detail Specification of the above said work on date : 19.11.2024 at 10:30 A.M. at the Conference Hall of the Aska Co-Operative Sugar Industries Ltd., Aska.
4. Basing on the finalised specification, a fresh Tender Call Notice be published on Dated : 20.11.2024 onwards and the last date for receiving of the Tender Bid will be Date : 11.12.2024 (in between Office Hours). The said tender will be opened on Date : 12.12.2024 at 10:30 A.M. in presence of the tenderers or their authorised representative.
5. All related documents will be published in the office website. Any other future corrections and Modifications are to be published in the office website only. No representations will be received regarding the said Modification.
6. The authority reserves the right to the reject any or all tender without assigning any reason thereof.

**Sd./- Managing Director,**
**A C S I Ltd, Aska**

# TAHASIL OFFICE, DARINGBADI
## DIST - KANDHAMAL
### SPECIAL LAND ACQUISITION OFFICER AND COMPETENT AUTHORITY (NH-59), DARINGBADI, DIST - KANDHAMAL

## PUBLIC NOTICE

रजिस्ट्री सं. डी.एल.- 33004/99 REGD. No. D. L.-33004/99

भारत का राजपत्र
The Gazette of India

ଅସାଧାରଣ
EXTRAORDINARY
ଭାଗ II–ଖଣ୍ଡ ୩ ଉପ ବିଭାଗ (II)
PART II- SECTION 3-SUB-SECTION(II)
ପ୍ରାଧିକର୍ତାଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

ନୂଆଦିଲ୍ଲୀ, ମଙ୍ଗଳବାର, ଅକ୍ଟୋବର ୨୨, ୨୦୨୪ / ଆଶ୍ୱିନ 30, 1946
NEW DELHI, TUESDAY, OCTOBER 22, 2024 / ASINA 30, 1946

## MINISTRY OF ROAD TRANSPORT AND HIGHWAYS
### NOTIFICATION

New Delhi, the 22nd October, 2024

**S.O. 4609(E).**—In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for "Widening and strenthening of Daringibadi Ghat portion from km 229.500 to km 256.468 of NH-59" in the district of KANDHAMAL in the state of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub- section(1) of section 3C of the said Act.

Every such objection shall be made to the Competent Authority, namely, Tahasildar, Daringbadi in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

**Sd/- Land Acquisition Officer and Competent Authority (NH-59), Daringbadi, Dist - KANDHAMAL**

### SCHEDULE

**Brief Description of the land to be acquired with or without structures falling NH59 in the stretch of land from Km. 229.500 to Km. 256.468 of NH-59 in the district of KANDHAMAL in the state of ODISHA**

State: ODISHA District: KANDHAMAL

| Sl. No. | Survey/Plot Number | Type of Land | Nature of Land | Area (in Local Unit) | Area (in Hectares) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Taluk: Daringbadi | | | | | |
| Village: Subaranga | | | | | |
| 1 | 200 | Private | padara dui | 0.202 (Acre ) | 0.0817483 |
| 2 | 201 | Government (PARBAT) | abada ajagya anabadi | 0.4599989 (Acre ) | 0.1861594 |
| 3 | 201/234 | Government (abada jagya anabadi) | patita | 0.088 (Acre ) | 0.0356131 |
| 4 | 202 | Government (Rakhita) | Nayanajori | 0.155673 (Acre ) | 0.063 |
| 5 | 203 | Government | Rasta | 0.3039997 (Acre ) | 0.1230271 |
| 6 | 204 | Government | Nayanjori | 0.219 (Acre ) | 0.0886281 |
| 7 | 205 | Government | Rasta | 0.3039997 (Acre ) | 0.1230271 |
| 8 | 206 | Government (Rakhita) | Nayanjori | 0.143318 (Acre ) | 0.058 |
| 9 | 207 | Government (Parbat) | abada ajagya anabadi | 0.475 (Acre ) | 0.1922299 |
| 10 | 222/229 | Government | Rasta | 0.2909998 (Acre ) | 0.1177661 |
| Village: Malebadi | | | | | |
| 11 | 385 | Government (Rakhita) | Nayan Jori | 0.1209999 (Acre ) | 0.048968 |
| 12 | 386 | Government (rakhita) | rasta | 0.211 (Acre ) | 0.0853905 |
| 13 | 387 | Government (rakhita) | nayanjori | 0.111 (Acre ) | 0.0449211 |
| 14 | 388 | Government (abada jagyo anabadi) | forest | 0.288 (Acre ) | 0.116552 |
| Village: Penapusi | | | | | |
| 15 | 1 | Government (AABADA JOGYA ANABADI) | JANGAL | 0.4190001 (Acre ) | 0.169567 |
| 16 | 13/426 | Government | JANGAL | 2.137 (Acre ) | 0.8648321 |
| 17 | 2 | Government (AABADA JOGYA ANABADI) | jangal | 0.622 (Acre ) | 0.25172 |
| 18 | 27 | Private | BILA DUI | 0.027 (Acre ) | 0.0109268 |
| 19 | 273 | Private | PADAR EK | 0.1909999 (Acre ) | 0.0772966 |
| 20 | 28 | Government | PATIT | 0.018 (Acre ) | 0.0072845 |
| 21 | 29 | Private | Bila ak | 0.02 (Acre ) | 0.0080939 |
| 22 | 30 | Private | Bila AK | 0.037 (Acre ) | 0.0149737 |
| 23 | 31 | Government | NAYANJORI | 1.461001 (Acre ) | 0.5912586 |
| 24 | 32 | Government | Rasta | 2.338 (Acre ) | 0.9461756 |
| 25 | 33 | Government | NAYAN JORI | 0.4520003 (Acre ) | 0.1829219 |
| 26 | 331/417 | Private | PADAR DUI | 0.12 (Acre ) | 0.0485633 |
| 27 | 34 | Private | Billa Dui | 0.190267 (Acre ) | 0.077 |
| 28 | 35 | Private | Billa Dui | 0.037065 (Acre ) | 0.015 |
| 29 | 36 | Private | BILA AK | 0.015 (Acre ) | 0.0060704 |
| 30 | 38 | Government | Jangal | 0.427 (Acre ) | 0.1728045 |
| 31 | 39 | Private | Bila Tini | 0.082 (Acre ) | 0.033185 |
| 32 | 391 | Government | RASTA | 0.039 (Acre ) | 0.0157831 |
| 33 | 392 | Government | JANGAL | 0.007 (Acre ) | 0.0028329 |
| 34 | 392/423 | Government | Jangal | 0.403 (Acre ) | 0.1630919 |
| 35 | 40 | Private | Bila dui | 0.216 (Acre ) | 0.087414 |
| 36 | 419 | Government | Nyanjori | 0.178 (Acre ) | 0.0720356 |
| 37 | 420 | Government | Rasta | 0.292 (Acre ) | 0.1181708 |
| 38 | 421 | Government | Nayanjori | 0.18 (Acre ) | 0.072845 |
| 39 | 47 | Private | BILA AK | 0.0070001 (Acre ) | 0.0028329 |
| 40 | 48 | Private | Billa Dui | 0.02471 (Acre ) | 0.01 |
| 41 | 60 | Government | Jangal | 0.202 (Acre ) | 0.0817483 |
| 42 | 62 | Private | BILA DUI | 0.006 (Acre ) | 0.0024282 |
| 43 | 75 | Government | GOCHAR | 0.443 (Acre ) | 0.1792796 |
| | | | | **Total** | **5.6511669** |

**[F. No. RO/BBSR/11017/LA/97/2016/3A]**
**ABHAY JAIN, Director**

**କୋରମ ଅଭାବରୁ ବାତିଲ ହେଲା ଅନାସ୍ଥା**

ସୁନାବେଡ଼ା/ସେମିଲିଗୁଡ଼ା, (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼): ସୁନାବେଡ଼ା ପୌର ପରିଷଦ ସଭାଗୃହରେ ପରିଷଦର ଉପାଧକ୍ଷା ରିତୁ କଣ୍ଡାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଲାଗି ଅନୁଷ୍ଠିତ ବୈଠକରେ ପୌର ପରିଷଦଙ୍କ ସମେତ ୧୫ କାଉନ୍ସିଲର ଉପସ୍ଥିତ ଥିଲେ। କିନ୍ତୁ ଜଣେ କାଉନ୍ସିଲର ଅନୁପସ୍ଥିତ ଥିବାରୁ ବିରୋଧୀଙ୍କ ଆଶା ମଉଳିଯାଇଥିଲା ଏବଂ କୋରମ ପୂରଣ ହୋଇପାରି ନ ଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭୁଲ୍ ପରିଚାଳନା ପାଇଁ ବିଜେଡି ହାରିଗଲା: ସୁଶାନ୍ତ

ଭୁବନେଶ୍ୱର,୮।୧୧(ଅନିଲ ଦାସ)

ସାଧାରଣ ନିର୍ବାଚନ ଶେଷ ହେବାର ୫ ମାସ ପରେ ମଧ୍ୟ ବିଜେଡି ନେତାମାନେ ପରାଜୟକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଜଣକ ପରେ ଜଣେ ପୂର୍ବତନ ମନ୍ତ୍ରୀ, ବିଧାୟକ ଗଣମାଧ୍ୟମରେ ବିବୃତି ଦେଇ ଚର୍ଚ୍ଚାକୁ ଆସୁଛନ୍ତି।

ବିଜେଡି ନେତା ତଥା ଛେଣ୍ଡିପଦାର ପୂର୍ବତନ ବିଧାୟକ ସୁଶାନ୍ତ ବେହେରା କହିଛନ୍ତି, ଦଳ ଟିକେ ଭୁଲ୍ ବାଟରେ ପରିଚାଳିତ ହେଉଥିଲା। ଦଳକୁ ସଭାପତି ଟିକେ ବୋଧେ ଅଣଦେଖା କଲେ; ଯାହା ଫଳରେ ପରାଜୟ ଭୋଗିବାକୁ ପଡ଼ିଲା । ଦଳର ସଭାପତି ନିଜେ ସମସ୍ତ ସଭାସମିତିରେ ଯୋଗଦେବା ବଦଳରେ ତାଙ୍କ ପ୍ରତିନିଧି ଯୋଗଦେବା ଯୋଗୁ ଦଳର କିଛି କର୍ମୀ ଓ ନେତା ଅସନ୍ତୁଷ୍ଟ ହୋଇଥିଲେ। ଏହା ମଧ୍ୟ ଦଳର ପରାଜୟ ପାଇଁ ଆଉ ଏକ କାରଣ। ପରିଚାଳନାଗତ ତ୍ରୁଟି ଯୋଗୁ ଦଳ ହାରିଛି। ଏବେ ଦଳ ଆଉ ସେହି ଭୁଲ୍ ପନ୍ଥା ଆପଣାଇ ନାହିଁ। ଏବେ ଦଳ ଠିକ୍ ରାସ୍ତାକୁ ଆସି ସାରିଲାଣି। ବରିଷ୍ଠ ନେତାମାନଙ୍କୁ ଟିକେ ଉପେକ୍ଷା କରାଯାଇଥିଲା ବୋଲି ଆମେ ବିଶ୍ୱାସ କରୁଥିଲୁ। କିନ୍ତୁ ବାସ୍ତବରେ ସେମିତି କିଛି ହୋଇନାହିଁ। ଦଳ ଯେହେତୁ ଲଗାତର ୨୫ ବର୍ଷ ଶାସନରେ ରହିସାରିଥିଲା, ତେଣୁ ଲୋକେ ମନ ପରିବର୍ତ୍ତନ କରିଥିଲେ। ସେମାନେ ନୂତନତ୍ୱ ଚାହୁଁଥିଲେ। ସେଥିପାଇଁ ବିଜେଡିର କିଛି କ୍ଷତି ହୋଇଛି। ବରିଷ୍ଠ ନେତା ଦଳରେ ଅଛନ୍ତି। ଦଳର ପରାଜୟ ପରେ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। କିନ୍ତୁ ସେକଥା ବେଶିଦିନ ରହିବ ନାହିଁ। ବରିଷ୍ଠ ନେତାମାନଙ୍କୁ ସ୍ୱତନ୍ତ୍ର ଭାବେ ଗୋଟିଏ କମିଟିରେ ରଖାଯାଇଛି ଓ ସେମାନେ ଦଳ କେମିତି ଆଗକୁ ଯିବ, ସେନେଇ ଯୋଜନା ପ୍ରସ୍ତୁତ କରୁଛନ୍ତି।

ବିଜେଡିରେ ଅନ୍ତଃକନ୍ଦଳ ନାହିଁ। ବିଜେଡି ସଂଗଠିତ ହୋଇ ରହିଛି ଓ ଆଗକୁ ମଧ୍ୟ ରହିବ। ଦଳ ଆଗାମୀ ନିର୍ବାଚନରେ ୧୨୦ରୁ ଅଧିକ ସିଟ୍ ଜିତି ପୁଣି ସରକାର କରିବ। ଜନସାଧାରଣ ମଧ୍ୟ ଜାଣି ସାରିଲେଣି ଯେ ଭାଜପା ସରକାର ମିଥ୍ୟାବାଦୀ ସରକାର। ଭାଜପା ସରକାର ଆଦୌ ସତ୍ୟ କଥା କୁହନ୍ତି ନାହିଁ। ଭାଜପା ଯାହା କହେ, ତାକୁ କାର୍ଯ୍ୟରେ ପରିଣତ କରେ ନାହିଁ ବୋଲି କହିଛନ୍ତି ଛେଣ୍ଡିପଦାର ପୂର୍ବତନ ବିଧାୟକ ସୁଶାନ୍ତ।


ଛେଣ୍ଡିପଦାର ପୂର୍ବତନ ବିଧାୟକ ସୁଶାନ୍ତ ବେହେରା।

## ପ୍ରଭାରୀଙ୍କ ପ୍ରଚାରରେ କଂଗ୍ରେସର ମାଳମାଳ ନେତା

**ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ଝାଡ଼ଖଣ୍ଡ ଗସ୍ତ**

ଭୁବନେଶ୍ୱର,୮।୧୧(ସୁନିତ୍ ମିଶ୍ର)

କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଜାମଶେଦପୁର ଇଷ୍ଟ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ତେଣୁ ତାଙ୍କ ପାଇଁ ପ୍ରଚାର ଲାଗି ରାଜ୍ୟ କଂଗ୍ରେସର ମାଳ ମାଳ ନେତା ଏବେ ଜାମଶେଦପୁରଠାରେ ପହଞ୍ଚିଛନ୍ତି। ସେହିପରି ଭାଜପାର ଅନେକ ନେତା ମଧ୍ୟ ଭାଜପା ପ୍ରାର୍ଥୀଙ୍କ ଲାଗି ପ୍ରଚାର କରିବାକୁ ଝାଡ଼ଖଣ୍ଡ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ଥରେ ଝାଡ଼ଖଣ୍ଡ ଯାଇ ପ୍ରଚାର କରି ଆସିଥିବା ବେଳେ ଆସନ୍ତା ସପ୍ତାହରେ ପୁଣି ଥରେ ଗସ୍ତ କରିବେ ବୋଲି ଜଣାପଡ଼ିଛି।

# ପ୍ରଚାର ବେଳେ ଅଶାଳୀନ ମନ୍ତବ୍ୟକୁ ସିଇସିଙ୍କ ନିନ୍ଦା

**ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୮।୧୧

ମହାରାଷ୍ଟ୍ର ନିର୍ବାଚନ ପ୍ରଚାର ବେଳେ ଜଣେ ମହିଳା ନେତ୍ରୀଙ୍କୁ ଇଙ୍ଗିତ କରି ଅଶାଳୀନ ଶବ୍ଦ ପ୍ରୟୋଗକୁ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ନିନ୍ଦା କରିଛନ୍ତି। ଏଭଳି ମନ୍ତବ୍ୟ ଦେଉଥିବା ପ୍ରାର୍ଥୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଇସି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହିଳାଙ୍କ ସମ୍ମାନ ଓ ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଥିବା ଭାଷା ପ୍ରୟୋଗକୁ ନେଇ ସିଇସି ଅସନ୍ତୋଷ ବ୍ୟକ୍ତ କରିବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନିର୍ବାଚନ ଆଚରଣ ବିଧି ଅନୁଯାୟୀ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନଙ୍କୁ ଏଭଳି କାର୍ଯ୍ୟରୁ ଦୂରେଇ ରହିବାକୁ ହେବ, ନଚେତ୍ ଏହାକୁ ଗମ୍ଭୀରତାର ସହ ନିଆଯିବ। ସର୍ବସାଧାରଣ ଭୂମିକା ସହ ଜଡ଼ିତ ନ ଥିବା ବ୍ୟକ୍ତିଗତ ସମାଲୋଚନା ଓ ଆକ୍ରମଣରୁ ପ୍ରାର୍ଥୀମାନେ ଦୂରେଇ ରହିବା ଉପରେ କୁମାର ଜୋର୍ ଦେଇଛନ୍ତି। ସେମାନେ ସର୍ବସାଧାରଣରେ ଏବଂ ଭାଷଣରେ ସମ୍ମାନଜନକ ଆଚରଣ ଓ ଭାଷା ବ୍ୟବହାର କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ମହିଳାଙ୍କ ପ୍ରତି ଅପମାନଜନକ ମନ୍ତବ୍ୟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାବିକାଶ ଅଘାଡ଼ି (ଏମ୍‌ଭିଏ) ନେତାମାନଙ୍କୁ ସମାଲୋଚନା କରିଛନ୍ତି।

# ଖାଦ୍ୟ ବଣ୍ଟନ ବ୍ୟବସ୍ଥାରେ ଓଡ଼ିଶା ଆଣିଥିବା ସୁନାମରେ ଏବେ କଳଙ୍କ ଲାଗିଛି: ବିଜେଡି

ଭୁବନେଶ୍ୱର,୮।୧୧(ଅନିଲ ଦାସ)

ମିଳିତ ଜାତିସଂଘ ତରଫରୁ ଆୟୋଜିତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ଓଡ଼ିଶାର ଖାଦ୍ୟ ବଣ୍ଟନ ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରାଯାଇଥିଲା। ଏକ ଖାଦ୍ୟ ଅଭାବୀ ରାଜ୍ୟରୁ କିପରି ଭାବେ ଓଡ଼ିଶା ଏକ ଖାଦ୍ୟ ବଳକା ରାଜ୍ୟରେ ପରିଣତ ହୋଇଥିଲା, ଓଡ଼ିଶାର ଏହି ସଫଳତା ବିଶ୍ୱ ସ୍ତରରେ ପ୍ରଶଂସିତ ହୋଇଥିଲା। ଏହିପରିପ୍ରେକ୍ଷୀରେ, ଓଡ଼ିଶା ଆଣିଥିବା ସୁନାମରେ ଏବେ କଳଙ୍କ ଲାଗିଛି ବୋଲି ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ଗୁରୁବାର ବିରୋଧୀ ଦଳ ନେତାଙ୍କ ମନ୍ତବ୍ୟ ଉପରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ପ୍ରତିକ୍ରିୟା ଉପରେ ମତ ରଖି ପୂର୍ବତନ ଯୋଗାଣ ମନ୍ତ୍ରୀ କହିଛନ୍ତି, ଘଟଣାଗୁଡ଼ିକ ଯାହା ଘଟୁଛି ତାହା ରାଜ୍ୟବାସୀ ଜାଣୁଛନ୍ତି । କିନ୍ତୁ ତାକୁ ନେଇ ଶସ୍ତା ଓ ଅରୁଚିକର ମନ୍ତବ୍ୟ ବିଭାଗୀୟ ମନ୍ତ୍ରୀ ଦେଉଛନ୍ତି, ତାହା ଆହୁରି ଦୁର୍ଭାଗ୍ୟଜନକ ବୋଲି ଅତନୁ କହିଛନ୍ତି।

# ଛାତ୍ର କଂଗ୍ରେସର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ ଉଦ୍ୟମ



କଂଗ୍ରେସ ଭବନଠାରୁ ବାହାରିଥିବା ରାଲି।

ଭୁବନେଶ୍ୱର,୮।୧୧(ସୁନିତ୍ ମିଶ୍ର)

ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମଲେଖା ଜାଲିଆତି ପ୍ରସଙ୍ଗ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ଶୁକ୍ରବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବାସଭବନ ଘେରାଉ କରାଯାଇଛି। ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ନେତୃତ୍ୱରେ କଂଗ୍ରେସ ଭବନଠାରୁ ଏକ ରାଲି ବାହାରି ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସରକାରୀ ବାସଭବନ ପର୍ଯ୍ୟନ୍ତ ଯାଇଥିଲା। ଏହି ସମୟରେ ପୋଲିସ ଛାତ୍ର କଂଗ୍ରେସ ନେତା ଓ କର୍ମୀଙ୍କୁ ବାଟରେ ଅଟକାଇଥିଲା। କିଛି ସମୟ ପର୍ଯ୍ୟନ୍ତ ପୋଲିସ ସହ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଏ ପ୍ରସଙ୍ଗରେ ଉଦିତ କହିଛନ୍ତି, ଉଚ୍ଚ ଶିକ୍ଷାମନ୍ତ୍ରୀ ସାମ୍‌ସ ର୍ୟାଙ୍କିଙ୍ଗ୍ ବ୍ୟବସ୍ଥା, ଯାହାକି ନାମଲେଖା ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିଥାଏ, ତାକୁ ସମ୍ପୂର୍ଣ୍ଣ ପ୍ରଭାବିତ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ଲାଇବ୍ରେରି ଆଣ୍ଡ ଇନ୍‌ଫର୍ମେଶନ ସାଇନ୍ସ ବିଭାଗରେ ନାମଲେଖା ପାଇଁ ଆବେଦନକାରୀ ଛାତ୍ର ବିଜୟ ସାହୁ ସାମ୍‌ସ ର୍ୟାଙ୍କିଙ୍ଗ୍‌ରେ ୧୩ ନମ୍ବର ସ୍ଥାନ ରଖିଥିଲେ। ମାତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସାମ୍‌ସ ର୍ୟାଙ୍କିଙ୍ଗ୍‌ରେ ୧୫ ନମ୍ବର ସ୍ଥାନ ରଖିଥିବା ଛାତ୍ରଙ୍କୁ ନାମଲେଖା ପାଇଁ ସୁଯୋଗ ଦେଲେ। ଏହି ପ୍ରସଙ୍ଗରେ ଛାତ୍ର କଂଗ୍ରେସ ରାଜ୍ୟପାଳ ଯିଏକି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳାଧିପତି, ଉଚ୍ଚଶିକ୍ଷା ବିଭାଗର ସଚିବଙ୍କ ଦୃଷ୍ଟିକୁ ଆଣିଥିଲା। ମାତ୍ର କୌଣସି ସୁଫଳ ମିଳିଲା ନାହିଁ। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସହ ଆବେଦନକାରୀ ଛାତ୍ରଙ୍କୁ ତୁରନ୍ତ ନାମଲେଖା ପାଇଁ ସୁଯୋଗଦେବାକୁ ଛାତ୍ର କଂଗ୍ରେସ ଦାବି କରିଛି।

# ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଉନ୍ନତିକୁ ବେଶି ଗୁରୁତ୍ୱ ଦେଇଛନ୍ତି: ଧର୍ମେନ୍ଦ୍ର


ଝାଡ଼ଖଣ୍ଡରେ ନିର୍ବାଚନ ପ୍ରଚାର କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଭୁବନେଶ୍ୱର,୮।୧୧(ସୁନିତ୍ ମିଶ୍ର)

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ରାଜ୍ୟର ବିକାଶ ପରିବର୍ତ୍ତେ ବ୍ୟକ୍ତିଗତ ଉନ୍ନତିକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି। ଝାଡ଼ଖଣ୍ଡରେ ବର୍ତ୍ତମାନ ରୁଟି, ବେଟି ଓ ମାଟି ଉପରେ ଘୋର ସଙ୍କଟ ଦେଖାଦେଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶୁକ୍ରବାର ଝାଡ଼ଖଣ୍ଡର ନିର୍ବାଚନ ପ୍ରଚାର କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଚକ୍ରଧରପୁର ଓ ଚାଇଁବାସା ସମେତ ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ପ୍ରଚାର କରିବା ସହ ଆୟୋଜିତ ରାଜନୈତିକ ସଭାକୁ ସମ୍ବୋଧନକରି କହିଛନ୍ତି, ଝାଡ଼ଖଣ୍ଡ ହେଉଛି ସମୃଦ୍ଧ ସଂସ୍କୃତି, ତ୍ୟାଗ, ଓ ବଳିଦାନର ମାଟି। ଏହି ରାଜ୍ୟର କୋଣ ଅନୁକୋଣରେ ସାହସିକତା, ବୀରତ୍ୱ, ତ୍ୟାଗର ଅନେକ କାହାଣୀ ରହିଛି। ଚକ୍ରଧରପୁରର ୧୮୫୭ର ସିପାହି ବିଦ୍ରୋହର ଅନ୍ୟତମ ନାୟକ ଶହୀଦ ଜଗୁ ଦିୱାନଙ୍କ ସମେତ ଅନେକ ମହାପୁରୁଷ ଏଠାରେ ଜନ୍ମ ଗ୍ରହଣ କରିଛନ୍ତି। ସେମାନଙ୍କ ତ୍ୟାଗ ଓ ବଳିଦାନ ପାଇଁ ଆମ ଦେଶ ସ୍ୱତନ୍ତ୍ରତା ପାଇଛି। ପଦ୍ମଫୁଲରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନକରି ସେ କହିଛନ୍ତି, ଭାଜପା ହେଉଛି ଗରିବ, ଦଳିତ, ପଛୁଆ ଓ ଆଦିବାସୀଙ୍କ ଦଳ। ଆଜି ଝାଡ଼ଖଣ୍ଡରେ ଯେତେବେଳେ ରୁଟି, ବେଟି ଓ ମାଟି ଉପରେ ଘୋର ସଙ୍କଟ ଦେଖାଦେଇଛି, ସେହି ସମୟରେ ରାଜ୍ୟ ସଂସ୍କୃତିର ସୁରକ୍ଷା ଏବଂ ନିରନ୍ତର ବିକାଶ ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ। ଜନଜାତି, ମହିଳା, ଯୁବକଙ୍କ ଅଧିକାର ଓ ସ୍ୱାର୍ଥ ଏବଂ 'ରୁଟି ବେଟି ଓ ମାଟି'ର ସୁରକ୍ଷା ପାଇଁ ଭାଜପା ଏକମାତ୍ର ବିକଳ୍ପ। ଚଳିତ ନିର୍ବାଚନରେ ନାଗରିକମାନେ ପଦ୍ମ ଫୁଲରେ ଭୋଟ୍ ଦେଇ ହେମନ୍ତ ସରକାରଙ୍କ ଲୁଟ ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ତାଲା ପକାଇ ଦେବାକୁ ମନ ବଳାଇ ସାରିଛନ୍ତି। ଝାଡଖଣ୍ଡ ନିର୍ବାଚନ ପ୍ରଚାର କରିବା ସମୟରେ ଧର୍ମେନ୍ଦ୍ର ଚକ୍ରଧରପୁର କେରା ସ୍ଥିତ ଓଡ଼ିଆ ମଧ୍ୟ ବିଦ୍ୟାଳୟ ପରିସରରେ ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ଯାଇ କାର୍ଯ୍ୟକର୍ତ୍ତାଙ୍କ ସହ ଦର୍ଶନ କରିଛନ୍ତି।

# ଶିଳାନ୍ୟାସ ନ କରି ବାଟରୁ ଫେରିଗଲେ ବିଧାୟକ


ନଡ଼ିଆ ବାଡ଼େଇ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଶିଳାନ୍ୟାସ କରାଯାଉଛି।

ମଙ୍ଗୁଳି-ଜଗତପୁର,୮।୧୧(ମାନସ ସାମଲ)

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟ ପଞ୍ଚାୟତ ଅଧୀନ ଯାଜଭୈରବ ନୂଆଗାଁରେ ଯାଜଭୈରବ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଶିଳାନ୍ୟାସ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହେଲେ ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ ଏହାର ଶିଳାନ୍ୟାସ ନ କରି ବାଟରୁ ଫେରିଯାଇଥିବାବେଳେ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ଶିଳାନ୍ୟାସ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ମନ୍ଦିରର ଶିଳାନ୍ୟାସ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ବିଶ୍ୱାଳ ଯୋଗଦେଇ ଶିଳାନ୍ୟାସ କରିଥାନ୍ତେ। ହେଲେ ଏହା ପୂର୍ବରୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ କେତେଜଣ ସମର୍ଥକ ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଆମ ସରକାର ଚାଲିଛି। କିନ୍ତୁ କାହିଁକି ଏମ୍‌ପିଙ୍କୁ ଡକାଯାଇନି। ବିନା ଏମ୍‌ପିରେ ବିଧାୟକଙ୍କ କାମ କ'ଣ ବୋଲି ନାରାବାଜି ଦେବା ସହ ସେଠାରେ ଉପସ୍ଥିତ ଥିବା ମହିଳାମାନଙ୍କୁ ଯଥାଶୀଘ୍ର ଚାଲିଯିବାକୁ କହିଥିଲେ। ଖବରପାଇ ଚୌଦ୍ୱାର ଥାନା ପକ୍ଷରୁ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ସେଠାରେ ପହଞ୍ଚିଥିଲା। କାହିଁକି ପାଟିତୁଣ୍ଡ କରୁଛ ବୋଲି ଏମ୍‌ପିଙ୍କ ସମର୍ଥକଙ୍କୁ ପୋଲିସ ପଚାରିଥିଲା। ବିନା ଏମ୍‌ପିରେ ବିଧାୟକ ଆସିଲେ ତାଙ୍କୁ ବାଡେଇବା ପାଇଁ ଏମ୍‌ପି ଆମକୁ କହିଥିବା ସମର୍ଥକମାନେ ପୋଲିସ ଆଗରେ ପ୍ରକାଶ କରିଥିଲେ। ପୋଲିସ କେବଳ ଦେଖଣାହାରି ସାଜିଥିବାବେଳେ ମହିଳାମାନେ ଅସହାୟ ମନେକରି ସେଠାରୁ ପଳାଇଥିଲେ। ପ୍ରାୟ ୨ ଘଣ୍ଟା ପରେ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ନଡ଼ିଆ ବାଡ଼େଇ ଶିଳାନ୍ୟାସ କରି ଚାଲିଯାଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ସଙ୍ଗଠକ ସାରଦା ରଞ୍ଜନ ପରିଡ଼ା, ୱାର୍ଡମେମ୍ବର ପ୍ରମୋଦ ସାମଲ, ବିବେକ ସାମଲଙ୍କ ସମେତ ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ। ଅପରପକ୍ଷରେ ଏହି ପ୍ରକଳ୍ପ ୪ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଥିବାବେଳେ ୪୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। କିନ୍ତୁ କୌଣସି ସୂଚନାଫଳକ ନ ଲଗାଯାଇ କାହିଁକି ଏତେ ବଡ଼ ପ୍ରକଳ୍ପ କରାଯାଉଛି ବୋଲି ସାଧାରଣ ଚର୍ଚ୍ଚା ହେଉଛି। ଏ ନେଇ ଏମ୍‌ପି ଓ ବିଧାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


# Classified Everyday

**0674-2580101, 2549949**


**REAL ESTATE**
**SALE**

ଭୁବନେଶ୍ୱର ନଖରା ତ୍ରିନାଥବଜାର ପାଖରେ ଘରବାରୀ ପ୍ଲଟ୍ ଏବଂ Duplex ମିଳୁଛି। 7855922165. D-76208

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990.** D-1880

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048.** D-1881

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିତୁରାସ୍ତାକୁ ଲାଗି ବିକ୍ରିହେବ। Ph.- 9437754190. D-1867

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

**(A) Commercial plot, facing to NH Road Nakhara to Niali NH 10000sqft., 3sides road, (B) Residential plot near Petal English Medium School 1250/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75796


**CONSTRUCTION**

**Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469.** D-76203




Newly open Jyoti SPA positively health benefits (Expert therapist). 8458067955. D-76166

Newly open health benefits spa special offer @799 Bapujinagar. 8018429809 D-76167

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-1852

Newly open health benefits spa by expert therapist. Contact- 6371861658. D-76165

**AFFIDAVIT**

By virtue of an affidavit sworn before the Notary, Rourkela, I, Naren Kumar Pradhan, aged about 61 years, S/o- Late Kamala Kant Pradhan, residing at Qr. No.- E/225, Sector- E, P.S.-Bondamunda, Dist.- Sundargarh, Odisha- 770032 declare that I have purchased a land by a registered sale deed vide document number 117314008 of 2014, dt.11/08/2014, Khata No-77/597, Plot No.- 6/1429, Kisam- Gharabari, total area Ac.0.050res, of Mouza- Gudgudjor, Tahasil- Bisra. That I want to mortgage the said Plot in State Bank of India, Bondamunda branch code No.11577. The facts stated above are true and correct to the best of my knowledge and belief. D-1885

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Klavati Majhi, W/o- Late Abhimanya Majhi, R/o- Village- Bandhpada, P.O.- Tundla, P.S.- Kesinga, Dist.- Kalahandi declare by this affidavit No.-103, dt 07.11.24 sworn before the Notary, Karlamunda, I have changed my name from Kalabati Majhi and Elabati Majhi to Klavati Majhi for all future purposes. D-1884

By virtue of an affidavit sworn before Executive Magistrate Kendrapara, dated 08. 11. 2024 I, Sudarsan Rana (42), Address Vill- Jokia, P.O.- Akhua Dakhini, P.S.- Patakura, Dist.- Kendrapara, Odisha, 754228 declare that I have changed my son's name from Tapan Rout to Rajkumar Rana. Henceforth He shall be known as Rajkumar Rana for all purposes. D-1886

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ମନେ ପଡ଼ନ୍ତି

**ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି**

ସ୍ୱାମୀ- ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା । ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ତୋର ଆଦର୍ଶ, ଆଶୀର୍ବାଦ, ଆମ ଜୀବନର ପାଥେୟ ହେଉ ।
ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁପରିଜନ ।
ଧ-୧୮୮୩

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଉମାକାନ୍ତ ଜଗଦେବ**

ଜରିପଡ଼ା, ଟାଙ୍ଗି, ଖୋର୍ଦ୍ଧା
ଆବିର୍ଭାବ: ତା୦୮।୦୨।୫୩
ତିରୋଧାନ: ତା୨୯।୧୦।୨୪
ତୁମର ସ୍ନେହ, ଶ୍ରଦ୍ଧା, କର୍ମକୁଶଳତା ଆମପାଇଁ ଶିକ୍ଷଣୀୟ ହୋଇ ରହିବା ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, ପୁତ୍ରବଧୂ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୮୪୮



ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡରେ କନ୍‌ସଲ୍ ଜେନେରାଲ ଭାବେ ଅବସ୍ଥାପିତ ହେବାକୁ ଥିବା ମଦନ ମୋହନ ସେଠୀ ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରୁଛନ୍ତି। ନିକଟରେ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# କୃଷିମନ୍ତ୍ରୀ, ଶିଳ୍ପମନ୍ତ୍ରୀଙ୍କୁ ସାକ୍ଷାତ୍ କଲେ ଅକ୍‌ଲାଣ୍ଡ କନ୍‌ସଲ୍ ଜେନେରାଲ

**ଭୁବନେଶ୍ୱର, ୮।୧୧ (ଅନିଲ ଦାସ)**

ନ୍ୟୁଜିଲାଣ୍ଡସ୍ଥିତ ଅକ୍‌ଲାଣ୍ଡରେ କନ୍‌ସଲ୍ ଜେନେରାଲ ଭାବେ ଅବସ୍ଥାପିତ ହେବାକୁ ଥିବା ମଦନ ମୋହନ ସେଠୀ ଶୁକ୍ରବାର ପୂର୍ବାହ୍ନରେ ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ସାକ୍ଷାତ କରିଥିଲେ। ବିଦେଶରେ ଆମ ଓଡ଼ିଆ ଲୋକମାନେ ଉଚ୍ଚପଦପଦବୀରେ କାର୍ଯ୍ୟ କରୁଥିବା ଦେଖି ଖୁବ୍ ଖୁସି ଲାଗୁଛି ବୋଲି ମନ୍ତ୍ରୀ କେ.ଭି. କହିଥିଲେ। ସାକ୍ଷାତ ସମୟରେ ନ୍ୟୁଜିଲାଣ୍ଡରେ ଓଡ଼ିଆ ଲୋକଙ୍କ ସଂଖ୍ୟା ଏବଂ ଅନ୍ୟାନ୍ୟ ଜ୍ଞାନକୌଶଳ ଭିତ୍ତିକ ଏକ ଆଲୋଚନା ହୋଇଥିଲା। ମଦନମୋହନ ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କୁ ନ୍ୟୁଜିଲାଣ୍ଡ ଆସିବାକୁ ନିମନ୍ତ୍ରଣ କରିଥିଲେ। ଓଡ଼ିଶା ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ କୃଷି କ୍ଷେତ୍ରରେ ସହଭାଗିତାର ସହ କାର୍ଯ୍ୟ କରିବାକୁ ଆଗ୍ରହୀ ବୋଲି ପ୍ରକାଶ କରିଥିଲେ। ସେହିପରି କନ୍‌ସଲ୍ ଜେନେରାଲ ମଦନମୋହନ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଲୋକସେବା ଭବନ ସ୍ଥିତ ତାଙ୍କ ପ୍ରକୋଷ୍ଠରେ ସୌଜନ୍ୟମୂଳକ ସାକ୍ଷାତ ଓ ଆଲୋଚନା କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଏକ ଉତ୍ତରୀୟ ଏବଂ ବୋଇତର ସ୍ମାରକୀ ଦେଇ ସ୍ୱାଗତ କରିଥିଲେ। ସଂପ୍ରତି ଓଡ଼ିଶାର ଉତ୍ପାଦନକୁ ବିଶ୍ୱବଜାରରେ ପ୍ରଚାରପ୍ରସାର କରାଇବା ସହିତ ଓଡ଼ିଶାକୁ ଇଣ୍ଡଷ୍ଟ୍ରିଆଲ୍ ହବ୍ ଏବଂ ସ୍କିଲ୍ ହବ୍‌ରେ ପରିଣତ କରିବା ପାଇଁ ମନ୍ତ୍ରୀ ଆଲୋଚନା କରିଥିଲେ। ଆସନ୍ତା ଜାନୁଆରୀ ୨୦୨୫ରେ ଓଡ଼ିଶାରେ ହେବାକୁ ଥିବା 'ଉତ୍କର୍ଷ ଓଡ଼ିଶା–୨୦୨୫' ପାଇଁ ନ୍ୟୁଜିଲାଣ୍ଡର ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରିବା ନେଇ ମନ୍ତ୍ରୀ କନ୍‌ସଲ୍ ଜେନେରାଲଙ୍କ ସହିତ ଆଲୋଚନା କରିଥିଲେ।

# ମହିଳା ଆର୍‌ଆଇଙ୍କୁ ତହସିଲଦାରଙ୍କ ଦୁର୍ବ୍ୟବହାର

**ଆନନ୍ଦପୁର/ରାମଚନ୍ଦ୍ରପୁର, ୮।୧୧ (ସୁଶାନ୍ତ କୁମାର ସାହୁ/ଗଣେଶ୍ୱର ସା)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ କେଶଦୁରାପାଳର ମହିଳା ରାଜସ୍ୱ ନିରୀକ୍ଷକ ସବିତା ପଣ୍ଡିତଙ୍କୁ ଘସିପୁରା ତହସିଲଦାର ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏପରିକି ଗାଳିଗୁଲଜ ମଧ୍ୟ କରିଥିବା ମହିଳା ଆର୍‌ଆଇ କହିଛନ୍ତି। ମାନସିକ ଚାପରେ ମହିଳା ଆର୍‌ଆଇ ସଂଜ୍ଞାହୀନ ହୋଇ ଗୁରୁବାର ରାତିରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ମହିଳା ଆର୍‌ଆଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜାଣି ଶୁକ୍ରବାର ଆନନ୍ଦପୁର ଉପଜିଲାପାଳ ଫାଲ୍‌ଗୁନୀ ମାଝୀ ଉପଖଣ୍ଡ ଚିକିତ୍ସାଳୟକୁ ଆସି ତାଙ୍କ ସ୍ୱାସ୍ଥ୍ୟ ବସ୍ଥା ପଚାରି ବୁଝିଥିଲେ। ଆର୍‌ଆଇଙ୍କ ବାପା ଚୈତନ୍ୟ ପଣ୍ଡିତଙ୍କ କହିବା ଅନୁଯାୟୀ, ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା ପ୍ରାୟ ସମୟରେ ସନ୍ଧ୍ୟା ୭ରୁ ୮ଟାରେ ରିପୋର୍ଟ ଧରି ଅଫିସ ଆସିବାକୁ କହିଥାନ୍ତି। ନ ଆସିଲେ ଗାଳିଗୁଲଜ କରିଥାନ୍ତି। ଗୁରୁବାର ସମାନ ଘଟଣା ଘଟିବାରୁ ଏଭଳି ଅବସ୍ଥା ହୋଇଥିବା ସେ କହିଛନ୍ତି। ଆର୍‌ଆଇଙ୍କ ଅଭିଯୋଗ ଅନୁଯାୟୀ, ଡ୍ୟୁଟି ଶେଷ କରି ୬ଟା ୩୦ରେ ଘରେ ପହଞ୍ଚିବା ପରେ ତହସିଲଦାର ଏକ ରିପୋର୍ଟ ଆଣି ଦେବାକୁ ଫୋନରେ କହିଥିଲେ। ସେ ରିପୋର୍ଟ ଅଫିସରେ ଥିବା କହିବା ସହ ଏବେ ଘରକୁ ଆସିଲେ ପୁଣି ଅଫିସକୁ ଯିବା ସମ୍ଭବ ନୁହେଁ ବୋଲି କହିଥିଲେ। ତହସିଲଦାର ଫୋନ ଯୋଗେ ନାନା ଭାଷା ପ୍ରୟୋଗ କରିବା ସହ ତୁମ ନାମରେ ମୁଁ ରିପୋର୍ଟ କରିବି, ଇଚ୍ଛା ନାହିଁ ଯଦି ଚାକିରି ଛାଡିଦିଅ ବୋଲି କହିଥିଲେ। ଏଭଳି ଚାପ ପ୍ରଭାବରେ ସେ ସଂଜ୍ଞାହୀନ ହୋଇପଡ଼ିଥିବା ପ୍ରକାଶ କରିଛନ୍ତି।

# ୩୩୫୩୩.୧୫ କୋଟି ଟଙ୍କାର ୧୫ ପ୍ରମୁଖ ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର, ୮।୧୧ (ସୁନିତ୍ ମିଶ୍ର)**

ଓଡ଼ିଶା ସରକାର ୩୩୫୩୩.୧୫ କୋଟି ଟଙ୍କାର ମିଳିତ ନିବେଶରେ ୧୫ଟି ପ୍ରମୁଖ ପ୍ରକଳ୍ପକୁ ଅନୁମୋଦନ କରି ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ରାଜ୍ୟରେ ନିଯୁକ୍ତି ବୃଦ୍ଧି ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ୧୩୨ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସଡବ୍ଲ୍ୟୁସିଏ) ବୈଠକରେ ଏହି ଅନୁମୋଦନ ମିଳିଛି। ଫଳରେ ୪୬୩୭ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯିବା ସହ ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି।

ରାସାୟନିକ ତଥା ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ରିଲାଏନ୍ସ ବାୟୋ ଏନର୍ଜି ଲିମିଟେଡ୍ ପୁରୀରେ କମ୍ପ୍ରେସ୍ଡ ବାୟୋ ଗ୍ୟାସ୍ ଓ ଫର୍ମେଣ୍ଟେଡ୍ ଜୈବିକ ସାର କାରଖାନା ସ୍ଥାପନ କରିବ। ୧୨୧.୨୧ କୋଟି ଟଙ୍କା ପୁଞ୍ଜିନିବେଶ ବିଶିଷ୍ଟ ଏହି କ୍ଷେତ୍ରରେ ୬୯ ନିଯୁକ୍ତି ସୃଷ୍ଟି ହେବ। ଇସ୍ପାତ କ୍ଷେତ୍ରରେ କଟକରେ 'ବିକେ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍'ଏହାର ପ୍ରକଳ୍ପକୁ ଅଧିକ ସମ୍ପ୍ରସାରଣ କରିବ, ଯେଉଁଥିରେ ସ୍ପଞ୍ଜ ଆଇରନ୍, ବିଲେଟ୍, ଫେରୋ ଆଲଏଜ୍, ସିଣ୍ଟର ପ୍ଲାଣ୍ଟସ ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ସମେତ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ୭୫୦ କୋଟି ଟଙ୍କା ବିନିଯୋଗ କରିବ। କେବଳ ଏହି ପ୍ରକଳ୍ପ ୮୦୦ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ ବୋଲି ଆକଳନ କରାଯାଇଛି। ଏଚ୍ ଏମ୍ ପାୱାର ଆଣ୍ଡ କେବଲସ୍ ପ୍ରାଇଭେଟ୍ ଲିମିଟେଡ୍ ଝାରସୁଗୁଡ଼ାରେ ଏକ ଆଲୁମିନିୟମ କଣ୍ଡକ୍ଟର, ପାୱାର କେବୁଲ୍ ଏବଂ ତାର ଉତ୍ପାଦନ କାରଖାନା ପ୍ରତିଷ୍ଠା କରୁଥିବାରୁ ଡାଉନଷ୍ଟ୍ରିମ୍ ଆଲୁମିନିୟମକ୍ଷେତ୍ରକୁ ମଧ୍ୟ ପ୍ରୋତ୍ସାହନ ମିଳିଛି। ୫୫.୭୨ କୋଟି ଟଙ୍କାର ଏହି ପ୍ରକଳ୍ପରେ ୨୦୫ ଜଣ ନିଯୁକ୍ତି ପାଇବେ। ଖୋର୍ଦ୍ଧାରେ ନେକ୍ସଟ୍ ଥର୍ମାଲ ଏସିଆ ପ୍ରାଇଭେଟ୍ ଲିମିଟେଟ୍ ୫୫.୮୧ କୋଟି ଟଙ୍କା ବିନିଯୋଗରେ ୧୩୨ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଏକ ହିଟିଂ ଏଲିମେଣ୍ଟସ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଭୁବନେଶ୍ୱରୀ ଫୁଡସ୍ ଆଣ୍ଡ ବେଭରେଜ୍ ପ୍ରାଇଭେଟ୍ ଲିମିଟେଡ୍, 'ଅବନ' ବେଭରେଜ୍ ପ୍ରାଇଭେଟ୍ ଲିମିଟେଡ୍, ଜିଓଫାଷ୍ଟ କଞ୍ଜ୍ୟୁମର ପ୍ରଡକ୍ଟସ୍ ପ୍ରାଇଭେଟ୍

### ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ

ଲିମିଟେଡ୍ ଏବଂ ଆଭିରା ଡିଷ୍ଟିଲେରୀ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରକଳ୍ପ ସହ ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ପୁଞ୍ଜିନିବେଶ ଆକୃଷ୍ଟ ହେବାରେ ଲାଗିଛି। ଖୋର୍ଦ୍ଧା, ବରଗଡ଼ ଓ କଟକରେ ଥିବା ଏହି ପ୍ରକଳ୍ପଗୁଡ଼ିକରେ ପ୍ରାୟ ୧୫୪୨.୦୪ କୋଟି ଟଙ୍କା ପୁଞ୍ଜିନିବେଶରେ ୧୩୫୮ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

'ଓଡ଼ିଶା ଟେକ୍ସଟାଇଲ୍ ମ୍ୟାନୁଫାକ୍ଚରିଂ ପ୍ରାଇଭେଟ୍ ଲିମିଟେଡ୍'ପକ୍ଷରୁ ଖୋର୍ଦ୍ଧାରେ ଟେକ୍ସଟାଇଲ ବର୍ଜ୍ୟବସ୍ତୁରୁ ପୁନଃ ବ୍ୟବହାରକ୍ଷମ ସୂତା ଉତ୍ପାଦନ ପାଇଁ ଏକ କାରଖାନା ସ୍ଥାପନ କରାଯାଉଛି। ୫୧.୮୦ କୋଟି ଟଙ୍କାର ଏହି କାରଖାନା ଦ୍ୱାରା ୫୩୫ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ପର୍ଯ୍ୟଟନ କ୍ଷେତ୍ରରେ ଆଇଟିସି ଲିମିଟେଡ୍ ୧୧୯.୧୪ କୋଟି ଟଙ୍କା ବିନିଯୋଗରେ ଭୁବନେଶ୍ୱରରେ ନିଜର ପଞ୍ଚତାରକା ହୋଟେଲ୍ 'ୱେଲ୍ କମ୍ ହୋଟେଲ୍'ର ସମ୍ପ୍ରସାରଣ କରିବା ସହ ଅତିରିକ୍ତ ୨୪୦ ନିଯୁକ୍ତି ପ୍ରଦାନ କରିବ। ଏସଜେ ଜେଆରଜି ଭେଞ୍ଚର୍ସ ଏଲଏଲପି ଏବଂ କ୍ରାକର୍ସ ଇଣ୍ଡିଆ ଇନଫ୍ରାଷ୍ଟ୍ରକଚର୍ସ ଲିମିଟେଡ୍(ଏଲୱାଇଏଫଇ ଗ୍ରୁପ୍ ଅଫ୍ ହୋଟେଲ) ଦ୍ୱାରା ପର୍ଯ୍ୟଟନ ସମ୍ବନ୍ଧୀୟ ଅତିରିକ୍ତ ପ୍ରକଳ୍ପ, ପୁରୀ ଏବଂ କୋରାପୁଟରେ ନୂତନ ଆତିଥେୟତା ସୁବିଧା ଆଣିବ ଏବଂ ଏଥିପାଇଁ ମୋଟ ୧୫୪ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୩୮୦ ନିଯୁକ୍ତି ସୃଷ୍ଟି କରିବ। ଫାର୍ମାସ୍ୟୁଟିକାଲସ୍‌ରେ ଇନଫ୍ୟୁନେକ୍ସ ହେଲଥକେୟାର ପ୍ରାଇଭେଟ ଲିମିଟେଡ ୫୯.୪୩ କୋଟି ଟଙ୍କା ନିବେଶରେ କଟକରେ ଇଣ୍ଟ୍ରାଭେନସ ଫ୍ଲୁଇଡ୍ ଉତ୍ପାଦନ ପାଇଁ ୨ୟ ୟୁନିଟ୍ ସ୍ଥାପନ କରିବ, ଏହାଦ୍ୱାରା ୧୮୨ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବ। ଅଲ୍ଟ୍ରା ଟେକ୍ ସିମେଣ୍ଟ ଲିମିଟେଡ୍‌ର ପ୍ରକଳ୍ପକୁ ଅନୁମୋଦନ ମିଳିବା ପରେ ଓଡ଼ିଶାର ସିମେଣ୍ଟ ଉତ୍ପାଦନ କ୍ଷମତା ବୃଦ୍ଧି ପାଇ କଟକରେ ଏହାର ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ କ୍ଷମତା ୩ ଏମଟିପିଏରୁ ୬ ଏମ୍‌ଟିପିଏକୁ ବୃଦ୍ଧି ପାଇବ। ୩୭୨ କୋଟି ଟଙ୍କାର ଏହି ସମ୍ପ୍ରସାରଣ ପ୍ରକଳ୍ପ ୫୮୧ ନିଯୁକ୍ତି ସୃଷ୍ଟି କରିବ। ଏହି ପ୍ରକଳ୍ପଗୁଡ଼ିକ ସମଗ୍ର ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକାରୀ କରାଯିବା ପାଇଁ ପ୍ରତିବଦ୍ଧ, ଯାହାର ସାମୂହିକ ପୁଞ୍ଜିନିବେଶ ମୂଲ୍ୟ ୩,୩୫୩୩.୧୫ କୋଟି ଟଙ୍କା ଏବଂ ଏଥିରେ ୪୬୩୭ ନିଯୁକ୍ତି ସୃଷ୍ଟି ପାଇଁ ପ୍ରତିଶ୍ରୁତି ଦିଆଯାଇଛି।

# ୨୦୨୯–୩୦ ସୁଦ୍ଧା ବିଦ୍ୟୁତ୍ ଚାହିଦା ପ୍ରାୟ ୧୦ ହଜାର ମେଗାୱାଟ୍‌ରେ ପହଞ୍ଚିବ

**ଭୁବନେଶ୍ୱର, ୮।୧୧ (ଅନିଲ ଦାସ)**

### ମୁଖ୍ୟମନ୍ତ୍ରୀଙ୍କ ବିଦ୍ୟୁତ୍ ସମୀକ୍ଷା

### ରୋଡ୍‌ମ୍ୟାପ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଆସନ୍ତା ୫ ବର୍ଷ ଅର୍ଥାତ୍ ୨୦୨୯–୩୦ ବେଳକୁ ରାଜ୍ୟରେ ପିକ୍ ଡିମାଣ୍ଡ ବିଦ୍ୟୁତ୍ ଚାହିଦା ପ୍ରାୟ ୧୦ ହଜାର ମେଗାୱାଟ୍ ରହିବ। ଏହାକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ଉତ୍ପାଦନ, ସରବରାହ ଏବଂ ବିତରଣ ବ୍ୟବସ୍ଥାର ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶୁକ୍ରବାର ଲୋକସେବା ଭବନଠାରେ ରାଜ୍ୟରେ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷାରେ ଶକ୍ତି ବିଭାଗ ଉପରେ ନ୍ୟସ୍ତ ଥିବା ଶକ୍ତି ଉତ୍ପାଦନ, ବିଦ୍ୟୁତ୍ ସରବରାହ ଓ ବଣ୍ଟନ ବ୍ୟବସ୍ଥା ଉପରେ ବିଶଦ୍ ଆଲୋଚନା ହୋଇଛି। ରାଜ୍ୟରେ ପ୍ରାୟ ୧ କୋଟି ବିଦ୍ୟୁତ୍ ଉପଭୋକ୍ତା ଅଛନ୍ତି। ସେମାନଙ୍କ ପାଇଁ ନିରବଚ୍ଛିନ୍ନ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍‌ଯୋଗାଣ ବ୍ୟବସ୍ଥା ଅପରିହାର୍ଯ୍ୟ। ଏଥିପାଇଁ ନୂଆ ପ୍ରାଇମେରୀ ସବ୍‌ଷ୍ଟେସନ, ନୂଆ ୩୩ କେଭି ଏବଂ ୧୧ କେଭି ଲାଇନ୍ ଆଦି ଭିତ୍ତିଭୂମିର ବିକାଶ ଆବଶ୍ୟକ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦ୍ରୁତ ଶିଳ୍ପାୟନ, ଆର୍ଥିକ ଅଭିବୃଦ୍ଧି ଯୋଗୁ ରାଜ୍ୟରେ ବିଦ୍ୟୁତ୍ ଚାହିଦା ଦ୍ରୁତ ଗତିରେ ବଢୁଛି। ଏଥି ସହିତ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ୩୩/୧୧ କେଭି ଫିଡରଗୁଡ଼ିକୁ ସୁଦୃଢ଼ କରିବା ଏବଂ ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ବସାଇବା ଉପରେ ବୈଠକରେ ଆଲୋଚନା ହୋଇଛି। ବଜେଟରେ ବିଦ୍ୟୁତ୍ କ୍ଷେତ୍ରପାଇଁ ଆବଶ୍ୟକ ବ୍ୟୟବରାଦ କରି ରାଜ୍ୟକୁ ସଦାସର୍ବଦା ଶକ୍ତି କ୍ଷେତ୍ରରେ ବଳକା ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ୍ ବିତରଣ ସମ୍ପର୍କିତ ସମସ୍ତ ଅଭିଯୋଗର ନିର୍ଦ୍ଧାରୀତ ସମୟରେ ସମାଧାନ, ଅକ୍ଷୟ ଶକ୍ତିର ବିକାଶ ଏବଂ ବ୍ୟବହାର ବୃଦ୍ଧି, ପ୍ରାକୃତିକ ବିପର୍ଯ୍ୟୟ ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ, ବିଦ୍ୟୁତ୍ କ୍ଷେତ୍ର ପାଇଁ ଦକ୍ଷ ଏବଂ ଆବଶ୍ୟକ ମାନବ ସମ୍ବଳ ନିଯୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହିତ ବାତ୍ୟା 'ଦାନା' ପରବର୍ତ୍ତୀ ସମୟରେ ତୁରନ୍ତ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିଥିବାରୁ ଶକ୍ତି ବିଭାଗ ତଥା ସମସ୍ତ ବିତରକ କମ୍ପାନୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଓପିଟିସିଏଲ ଏବଂ ଓଏଚ୍‌ପିସିର ନିର୍ଦ୍ଦେଶକ ବୃନ୍ଦ, ସମସ୍ତ ବିତରଣ କମ୍ପାନୀର ସିଇଓ ଯୋଗଦେଇଥିଲେ।

# ଗଞ୍ଜେଇ ଚୋରା କାରବାର ରୋକିବାକୁ କଠୋର ପଦକ୍ଷେପ ନିଆଯିବ

**କୋରାପୁଟ, ୮।୧୧ (ଅମିତାଭ ବେହେରା)**

### କୋରାପୁଟ ଗସ୍ତରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ



ସାମ୍ବାଦିକ ସମ୍ମିଳନୀରେ ପୋଲିସ ମହାନିର୍ଦ୍ଦେଶକ ଓ ଅନ୍ୟମାନେ।

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶୁକ୍ରବାର କୋରାପୁଟ ଗସ୍ତ କରିଛନ୍ତି। ମାଲକାନଗିରିରୁ ହେଲିକପ୍ଟର ଯୋଗେ ଆସି କୋରାପୁଟ ବିଏସ୍‌ଏଫ ମୁଖ୍ୟାଳୟ ପହଞ୍ଚି ସେଠାରେ ଜିଲାର ସୁରକ୍ଷା ବ୍ୟବସ୍ଥା ନେଇ ବିଏସଏଫର ବରିଷ୍ଠ ଅଧିକାରୀଙ୍କ ସହ ଡିଜି ଆଲୋଚନା କରିଥିଲେ। ପରେ ସେଠାରୁ କୋରାପୁଟ ଏସ୍‌ଓଜି କାର୍ଯ୍ୟାଳୟ ପରିଦର୍ଶନ କରି ଯବାନଙ୍କ ସୁବିଧା ଓ ଅସୁବିଧା ନେଇ ଆଲୋଚନା କରିଥିଲେ। ଅପରାହ୍ନରେ କୋରାପୁଟ ପୋଲିସ ମୁଖ୍ୟାଳୟରେ ପହଞ୍ଚିବା ପରେ ଡିଜିଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ପରେ ଜିଲା ପୋଲିସର ସମସ୍ତ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏଥିରେ ମାଓବାଦୀ ଦମନ, ଗଞ୍ଜେଇ ଚାଷ ଓ ଚାଲାଣ ଉପରେ ଅଙ୍କୁଶ, ଜିଲାରେ ସୁରକ୍ଷା ବ୍ୟବସ୍ଥା, ଜନସାଧାରଣଙ୍କ ସୁରକ୍ଷା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। କୋରାପୁଟ ଓ ମାଲକାନଗିରି ଜିଲାରେ ଗଞ୍ଜେଇ ଚୋରା କାରବାର ରୋକିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରାଯିବ। ଅପରାଧୀଙ୍କୁ ଧରିବା ଓ ଅପରାଧକୁ ନିୟନ୍ତ୍ରଣ କରିବା ସହ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ଥାନାଠାରୁ ଜିଲା ପର୍ଯ୍ୟନ୍ତ ପୋଲିସର ମାନବ ସମ୍ବଳ ଓ ଭିତ୍ତିଭୂମିର ଉନ୍ନତି ଅଣାଯିବ ସେ ମହାନିର୍ଦ୍ଦେଶକ କହିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମଥର କୋରାପୁଟ ଗସ୍ତରେ ଆସି ଜିଲା ମୁଖ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ଆଗାମୀ ଦିନରେ କୋରାପୁଟ ଓ ମାଲକାନଗିରି ୨ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି, ଗଞ୍ଜେଇ ଚୋରା କାରବାର, ମାଫିଆ ଓ ଚାଲାଣ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିବା ଡିଜି ସୂଚନା ଦେଇଛନ୍ତି। ୨୦୨୬ ମସିହା ମାର୍ଚ୍ଚ ସୁଦ୍ଧା ଉପରୋକ୍ତ ଦୁଇ ଜିଲାକୁ ମାଓବାଦୀ ମୁକ୍ତ ଅଞ୍ଚଳ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅବସରରେ ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ କେ.ବିଶାଳ ସିଂ, ଡିଆଇଜି ଅପେରଶନ ଅଖିଳେଶ୍ୱର ସିଂ, କୋରାପୁଟ ଏସ୍‌ପି ରୋହିତ ବର୍ମା, ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ସମେତ ଜିଲାର ସମସ୍ତ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଖଟିଆରେ ବୁହାହେଲେ ଗର୍ଭବତୀ

**ଆନନ୍ଦପୁର, ୮।୧୧ (ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ କଣ୍ଟିପାଳ ପଞ୍ଚାୟତ ପଇତାପାଣି ସୁକୁରା ସାହିରେ ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି। ଗ୍ରାମକୁ ରାସ୍ତା ନ ଥିବାରୁ ଜଣେ ଗର୍ଭବତୀଙ୍କୁ ଖଟିଆରେ ବିଲ ହୁଡ଼ା ମଧ୍ୟ ଦେଇ ୧ କି.ମି ବୋହି ପରିବାର ଲୋକେ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ଗ୍ରାମକୁ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ପ୍ରକାଶ ଯେ, ସାହିର ଶିବ ହୋଙ୍କ ସ୍ତ୍ରୀ ଗାଙ୍ଗୀ ହୋ (୨୭) ଗର୍ଭବତୀ ରହିଥିଲେ। ଶୁକ୍ରବାର ସକାଳୁ ଗାଙ୍ଗୀ କଷ୍ଟ ଅନୁଭବ କରିବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଡକାଇଥିଲେ। ଗାଁଠାରୁ ଏକ କି.ମି. ଦୂର ପଇତାପାଣି ମାଣିକ ସାହି ପାଖରୁ ରାସ୍ତାଟି ଶେଷ ହୋଇଯାଇଛି। ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ସେଠାରେ ଅଟକିଥିଲା। ଗର୍ଭବତୀ ଯନ୍ତ୍ରଣା ପାଉଥିବାରୁ ପରିବାର ଲୋକେ ଖଟିଆରେ କାନ୍ଧେଇ ବିଲ ହୁଡ଼ା ମଧ୍ୟରେ ବୋହି ଆଣି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ତାଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କର ଚିକିତ୍ସା ଜାରି ରହିଥିବା ବେଳେ ସେ ସୁସ୍ଥ ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି। ଗ୍ରାମକୁ ରାସ୍ତା ନ ଥିବାରୁ ଅନେକ ସମୟରେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମକୁ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଶିବଙ୍କ ସମେତ ଗ୍ରାମବାସୀ ପ୍ରଶାସନକୁ ନିବେଦନ କରିଛନ୍ତି।


**Government of Odisha**
**Higher Education Department**

No.N-125:

**Timeline for SPOT Admission into U.G., P.G. & 2 years B.Ed./ M.Ed. Courses in the Higher Education Institutions participating under SAMS for the Academic Session: 2024-25**

- This is to inform all concerned that admission to the remaining vacant seats in U.G., P.G. and 2 years B.Ed. /M.Ed. courses at the Higher Education Institutions participating under SAMS will be conducted through a SPOT admission process.
- The eligibility for the aforementioned courses are mentioned in the Common Prospectus available on the SAMS portal. Accordingly, the applicants are hereby instructed to fill-up the Common Application Form by visiting the SAMS portal as per the timeline mentioned below.
- In this SPOT admission process for admission into P.G. & B.Ed./M.Ed. Courses, applicants must have appeared in the CPET-2024 & B.Ed./M.Ed. Entrance Examination respectively and must have obtained a rank.
- In the SPOT admission process, both admitted and non-admitted students are eligible to participate in U.G., P.G. & 2 years B.Ed. /M.Ed. Courses.
- If an applicant has taken admission in any of the HEIs in earlier Phase(s) and got selected in this SPOT admission round, s/he has to obtain the CLC physically from the last admitted HEI within maximum 7 days( on or before 28th Nov, 2024) from the date of selection.
- The selection of the applicants will be done purely on merit basis. There will be no reservation and weightage for this SPOT admission round.
- In the SPOT round, applicants can apply for minimum one (1) and maximum three (3) options (HEI + Subject), where seats are available for admission into U.G., P.G & 2 years B.Ed. /M.Ed, courses.
- Before applying, applicants can view the number of seats available in their desired subjects and HEIs by visiting the "Individual College Profile" option on the SAMS portal for each course.
- As per the timeline, the rank-wise merit list of the applicants will be made available in the HEI's e-Space.
- Applicants who apply for this SPOT admission round must report to their chosen HEI physically with the required documents and remain present until 03.45 PM of the reporting date to participate in the SPOT admission process. Applicants who do not report within this timeframe will not be permitted to participate.
- Further, the HEIs will prepare the merit list among the reported applicants and publish the same on their Notice Board. The selected applicants will be informed by the HEIs to validate their documents and pay the full admission fees directly at the respective HEI and complete their admission process.
- The HEIs are requested to fill up the remaining vacant seats by calling the reported applicants rank wise till the last date of admission updation.
- The timeline for all the aforementioned courses are as mentioned below.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 11-Nov-2024 (04.00 PM) |
| 2 | Last date of applying the online CAF through SAMS portal | 15-Nov-2024 (11:45 PM) |
| 3 | Publication of Rank wise list of applicants in HEI's e-Space as well as in the Student's Login | 19-Nov-2024 (04.00 PM) |
| 4 | Reporting of the applicants physically at the HEIs along with the relevant documents for participating in the SPOT admission round | 21-Nov-2024 (10.00 AM to 03:45 PM) |
| 5 | HEIs will prepare and publish the merit list among those reported applicants on their notice board and communicate to the selected applicants for validation of documents and payment of total admission fees directly at the concerned HEIs. | 21-Nov-2024 (04:30 PM) |
| 6 | Admission updation of the selected applicant's data in the e-space by the respective HEIs. | 21-Nov-2024 (04:30 PM) to 28-Nov-2024 (11:45 PM) (Except Holiday) |

**For more details please contact: e-Admission Helpline (Toll Free) Number 155335/ 1800-345-6770**

N.B.: Applicants who have already applied in the earlier Phase (s) should login to the SAMS Portal using their existing username and password and fill up a new Common Application Form (CAF) with the required information to get the CAF Fees exemption. **However, the new applicants will be required to pay the CAF fees as mentioned in the Common Prospectus.**

**Sd./- Deputy Director,**
**PTC Section**

OIPR-11001/11/0033/2425



**ODISHA PUBLIC SERVICE COMMISSION, CUTTACK**

**NOTICE**

**No.6340/ P.S.C., Dt.08.11.2024**

**No.D-173:** It is for information of all 47 (02-w) provisionally qualified candidates for recruitment to the posts of Lecturers in Mechanical Engineering, pursuant to Advt. No.01 of 2023-24 that, **Document Verification & Interview (Personality Test)** for the said post will be held on 19.11.2024 & 20.11.2024 respectively, in the Office of the Commission, at 19, Dr. P.K. Parija Road, Cuttack- 753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & Interview (Personality Test) | Team | Time of reporting by the candidates | Time of Document verification | Time of Interview (Personality Test) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | 100952, 100964, 100994, 101013, 201038,201071, 201113, 201163, 305327 = 9 Candidates | 19.11.2024 | Team I | 08.00 A.M. | 8.30 A.M. | 10.30 A.M. |
| | 305355, 305407, 305442, 305447, 305551, 305558, 305560 = 07 Candidates | | | 12.00 P.M. | 12.30 P.M. | 2.30 P.M. |
| 2. | 305592, 305595, 305626, 305709, 305712, 305788, 305893, 305928, 305934 = 09 Candidates | 19.11.2024 | Team II | 08.00 A.M. | 8.30 A.M. | 10.30 A.M. |
| | 305987, 306073, 306136, 306282, 306286,306288, 306464 =07 Candidates | | | 12.00 P.M. | 12.30 P.M. | 2.30 P.M. |
| 3. | 306623, 306704, 306705, 306720, 401683, 401784, 401785, 401881 = 08 candidates | 20.11.2024 | Team I | 08.00 A.M. | 8.30 A.M. | 10.30 A.M. |
| 4. | 401900, 501420, 501439, 501467, 501548, 501565, 501571 = 07 candidates | 20.11.2024 | Team II | 08.00 A.M. | 8.30 A.M. | 10.30 A.M. |

The candidates are required to produce following **original documents along with self-attested photocopies of all certificates/documents at the time of document verification failing which their candidature will be rejected.**

1. **Hard copy** of online application form duly signed in.
2. **Attestation Form** and **Bio-data Form**. (To be downloaded from the website of the Commission)
3. **H.S.C. Or equivalent certificate** in support of declaration of age.
4. **Intermediate/+ 2 / Diploma examination Certificate** issued by the concerned Board/ Council.
5. **B.E./B.Tech.** Degree Certificate in **Mechanical Engineering** from a recognized University.
6. **M.E/M.Tech**. Degree Certificate from a recognized University, wherever applicable.
7. **Marksheets** of the above examinations passed (HSC to B.E./B.Tech. Degree or M.E./M. Tech. Degree).
8. Conversion Certificate wherever applicable.
9. **Odia Test Pass Certificate** (M.E. School Standard).
10. **SC/ST Caste Certificate** in support of claim as SC/ST issued by the Competent Authority within the closing date of submission of online application, wherever applicable.
11. **SEBC** Certificate issued by the Competent Authority within the last three years by the closing date of submission of application, wherever applicable.
12. **Discharge Certificate** in case of Ex-Servicemen issued by the Commanding Officer of the Unit last served. Also, Ex-Servicemen candidates must furnish an Affidavit regarding not being appointed against any Civil Post (Format of Affidavit is enclosed as Annexure-I to this Notice).
13. **Permanent Disability Certificate** (indicating percentage of permanent disability i.e 40% or more) issued by the concerned Medical Board, wherever applicable.
14. Sports Identity Card/Certificate issued by the Director of Sports, Odisha, wherever applicable.
15. If a candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated, must be furnished along with the hard copy of the online Application.
16. **Four recent passport size photographs (unsigned and unattested),** which has been uploaded with online application form.
17. **No objection Certificate** (in case of in-service candidates), wherever applicable.
18. **Document in support of Identity.** (Aadhaar/ DL/ Pan Card/ Voter ID card).
19. Any other document as mentioned in Para-10 of Advt. No. 01 of 2023-24.

**NOTE :-** THE CANDIDATES ARE INFORMED THAT, TEACHING ABILITY IS A PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

OIPR-12002/11/0090/2425

**Sd./- Secretary**

**ଖସିଲା ଶେୟାର ବଜାର**

ମୁମ୍ବାଇ: କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୫୫ (୫୫.୪୭) ପଏଣ୍ଟ କମି ୭୯,୪୮୬ (୭୯,୪୮୬.୩୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୫୧ (୫୧.୧୫) ପଏଣ୍ଟ ହ୍ରାସ ଘଟି ୨୪,୧୪୮(୨୪,୧୪୮.୨୦) ଅଙ୍କରେ କାରବାର ଶେଷ କରିଥିଲା।

# ଖୁଚୁରା ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି

**ଭୁବନେଶ୍ୱର,୮।୧୧ (ଅଭୟ ଦାଶ)**

ଚଳିତ ବର୍ଷର ପାର୍ବଣ ପାଇଁ ଘରୋଇ ଅଟୋ ବଜାରରେ ରେକର୍ଡ ପରିମାଣର କାରବାର ହୋଇଛି। ଏପରିକି ଖୁଚୁରା ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି ସାଙ୍ଗକୁ ସବୁ କ୍ଷେତ୍ରର ଯାନ ବିକ୍ରିରେ ଚାହିଦା ବୃଦ୍ଧି ଦେଖିବାକୁ ମିଳିଛି। ବିଶେଷକରି ପାର୍ବଣ ଉପହାର ଓ ଆକର୍ଷଣୀୟ ରିହାତି ସୁବିଧା ଖୁଚୁରା ଯାନ ବିକ୍ରିର ପରିମାଣକୁ ପୂର୍ବ ବର୍ଷ ଅପେକ୍ଷା ବଢ଼ାଇ ଦେଇଛି ବୋଲି ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ ( ଏଫ୍ଏଡିଏ ବା ଫାଡା)ର ଓଡ଼ିଶା ଶାଖା ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବରରେ ଓଡ଼ିଶା ଅଟୋ ବଜାରର ଯାନ ବିକ୍ରି ୧,୦୮,୧୦୪ ୟୁନିଟ୍ ଥିଲାବେଳେ ୨୦୨୩ ଏହି ଅବଧି ମଧ୍ୟରେ ଗାଡି ବିକ୍ରି ୮୭,୨୭୪ ୟୁନିଟ୍ ଥିଲା। ଏପରିକି ଗତ ବର୍ଷ ତୁଳନାରେ ଚଳିତ ବର୍ଷର ଗାଡ଼ି ବିକ୍ରି ପ୍ରାୟ ୨୪% (୨୩.୮୭%) ବୃଦ୍ଧି ଘଟିଛି ବୋଲି ଫାଡା ଓଡ଼ିଶା ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ବଜାରରେ ଦୁଇଚକିଆ ଯାନ ବିକ୍ରିର ଚାହିଦା ଅଧିକ ରହିଛି। ଏପରିକି ୨୦୨୪ ଅକ୍ଟୋବରରେ ୨ ଚକିଆ ଯାନ ୮୯,୧୫୯ ୟୁନିଟ୍ ବିକ୍ରି କରାଯାଇଥିଲାବେଳେ ୨୦୨୩ର ଏହି ଅବଧି ମଧ୍ୟରେ ମୋଟ ୭୧,୫୯୪ ୟୁନିଟ୍ ବିକ୍ରି ହୋଇଥିଲା। ଗତ ବର୍ଷର ଅକ୍ଟୋବର ଅବଧି ବିକ୍ରି ତୁଳନାରେ ଚଳିତ ବର୍ଷର ଏହି ସମୟ ମଧ୍ୟରେ ବିକ୍ରି ପରିମାଣ ୨୪.୫୩% ବୃଦ୍ଧି ହୋଇଛି। ସେହିପରି ଯାତ୍ରୀବାହୀ (ପାସେଞ୍ଜର ଭେଇକିଲ ବା ପିଭି) ଯାନ ବିକ୍ରିରେ ଉତ୍ସାହଜନକ କାରବାର ଦେଖିବାକୁ ମିଳିଥିଲା। ଏପରିକି ୨୦୨୪ ଅକ୍ଟୋବରରେ ପିଭି ୧୧,୧୬୭ ୟୁନିଟ୍ ବିକ୍ରି କରାଯାଇଥିଲାବେଳେ ୨୦୨୩ର ଏହି ଅବଧି ମଧ୍ୟରେ ମୋଟ ୮,୭୭୫ ୟୁନିଟ୍ ବିକ୍ରି ହୋଇଥିଲା। ଗତ ବର୍ଷର ଅକ୍ଟୋବର ଅବଧି ବିକ୍ରି ତୁଳନାରେ ଚଳିତ ବର୍ଷର ଏହି ସମୟ ମଧ୍ୟରେ ବିକ୍ରି ପରିମାଣ ୨୭.୩୭% ବୃଦ୍ଧି ହୋଇଛି। ଅପରପକ୍ଷରେ ବାଣିଜ୍ୟକ ଯାନ (କମର୍ସିଆଲ ଭେଇକିଲ ବା ସିଭି ) କ୍ରୟରେ ବୃଦ୍ଧି ଘଟିଛି। ଏପରିକି ୨୦୨୪ ଅକ୍ଟୋବରରେ ସିଭି ୩,୯୧୭ ୟୁନିଟ୍ ବିକ୍ରି କରାଯାଇଥିଲାବେଳେ ୨୦୨୩ର ଏହି ଅବଧି ମଧ୍ୟରେ ମୋଟ ୩,୩୮୫ୟୁନିଟ୍ ବିକ୍ରି ହୋଇଥିଲା। ଗତ ବର୍ଷର ଅକ୍ଟୋବର ଅବଧି ବିକ୍ରି ତୁଳନାରେ ଚଳିତ ବର୍ଷର ଏହି ସମୟ ମଧ୍ୟରେ ବିକ୍ରି ପରିମାଣ ୧୫.୭୨% ବୃଦ୍ଧି ହୋଇଛି। ୨୦୨୪ ଅକ୍ଟୋବର ଶେଷ ସୁଦ୍ଧା ଓଡ଼ିଶା ବଜାରରେ ୧୬% ରୁ ଅଧିକ ୩ ଚକିଆ ମଡେଲ ବିକ୍ରି ହୋଇଛି। ଏପରିକି ଚଳିତ ବର୍ଷ ଅକ୍ଟୋବରରେ ୩ ଚକିଆ ମଡେଲ ୨,୬୬୪ ୟୁନିଟ୍ ବିକ୍ରି କରାଯାଇଥିଲାବେଳେ ୨୦୨୩ର ଏହି ଅବଧି ମଧ୍ୟରେ ମୋଟ ୨,୨୯୨ ୟୁନିଟ ବିକ୍ରି ହୋଇଥିଲା। ଗତ ବର୍ଷର ଅକ୍ଟୋବର ଅବଧି ବିକ୍ରି ତୁଳନାରେ ଚଳିତ ବର୍ଷର ଏହି ସମୟ ମଧ୍ୟରେ ବିକ୍ରି ପରିମାଣ ୧୬.୨୩% ବୃଦ୍ଧି ହୋଇଛି। ୨୦୨୪ ଅକ୍ଟୋବରରେ ମଧ୍ୟ ଟ୍ରାକ୍ଟର ୧୧୮୭ ୟୁନିଟ୍‌ବିକ୍ରିହୋଇଥିଲାବେଳେ ୨୦୨୩ ଅକ୍ଟୋବରରେ ଏହାର ପରିମାଣ ୧୨୨୮ ୟୁନିଟ୍ ଥିଲା।

ଏ ସମ୍ପର୍କରେ ଫାଡା ଓଡ଼ିଶାର ରାଜ୍ୟ ଅଧ୍ୟକ୍ଷ ଅଖିଳ ପୋଦ୍ଦାର କହିଥିଲେ, ଆମେ ଆମର ଖୁଚୁରା ଗାଡ଼ି ବିକ୍ରିର ଫଳାଫଳ ଘୋଷଣାକରି ବେଶ ଉତ୍ସାହିତ ଅଛୁ। ଏପରିକି ଚଳିତ ବର୍ଷ ପାର୍ବଣରେ ଓଡ଼ିଶା ଅଟୋ ବଜାର ନୂଆ ମାଇଲଖୁଣ୍ଟି ସହ ୧ ଲକ୍ଷ ଗାଡ଼ି ବିକ୍ରିର ଐତିହାସିକ ସଫଳତା ହାସଲ କରିଛି। ଏହି ଧାରା ଆଗକୁ ମଧ୍ୟ ଜାରି ରହିବା ଆଶା କରାଯାଉଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।



ଅଖିଳ ପୋଦ୍ଦାର

# ଏଲ୍ଆଇସିର ତ୍ରୈମାସିକ ଫଳାଫଳ

**ମୁମ୍ବାଇ,୮।୧୧**

ଭାରତୀୟ ଜୀବନ ବୀମା ନିଗମ (ଲାଇଫ୍ ଇନ୍ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ବା ଏଲ୍ଆଇସି ଇଣ୍ଡିଆ) ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏହି ବୈଠକରେ ନିଗମର ଆଗାମୀ କାର୍ଯ୍ୟକଳାପ ସାଙ୍ଗକୁ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି।

ଉଲ୍ଲେଖଯୋଗ୍ୟ,୨୦୨୪ ସେପ୍ଟେମ୍ବର ୩୦ ଶେଷ ସୁଦ୍ଧା ଏବଂ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସ ବା ଅର୍ଦ୍ଧବାର୍ଷିକ ମଧ୍ୟରେ ନିଗମର ଟିକସ ପରବର୍ତ୍ତୀ ଲାଭ (ପିଏଟି) ୧୮,୦୮୨ କୋଟି ରହିଛି। ଏପରିକି ଗତ ବର୍ଷର ଏହି ଅବଧି ତୁଳନାରେ ଚଳିତ ବର୍ଷର କାରବାର ୩.୫୧% ବୃଦ୍ଧି ଘଟିଥିଲାବେଳେ ୨୦୨୩ର ଏହି ସମୟରେ ନିଗମର ପିଏଟି ୧୭,୪୬୯ କୋଟି ଥିଲାବେଳେ ୨୦୨୪ର ଏହି ସମୟରେ ପିଏଟି ୧୮,୦୮୨ କୋଟିରେ ପହଞ୍ଚିଛି। ସେହିଭଳି ନିଗମର ମୋଟ କାରବାର ଏବଂ ବଜାର ଅଂଶ ଚଳିତ ଆର୍ଥିକ ବର୍ଷର ଅର୍ଦ୍ଧବାର୍ଷିକ ଶେଷ ସୁଦ୍ଧା ୬୧.୦୭% ରହିଥିଲାବେଳେ ଗତ ଆର୍ଥିକ ବର୍ଷର ଏହି ଅବଧି ମଧ୍ୟରେ ନିଗମର ମୋଟ କାରବାର ଏବଂ ବଜାର ଅଂଶ ୫୮.୫୦% ରହିଥିଲା। ସେହିପରି ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଶେଷ ସୁଦ୍ଧା ନିଗମର ବଜାର ଅଂଶ ପ୍ରତ୍ୟକ୍ଷ କାରବାର କ୍ଷେତ୍ରରେ ୩୯.୭୯% ଏବଂ ସମୂହ କାରବାର କ୍ଷେତ୍ରରେ ୭୪.୭୭% ବୃଦ୍ଧି ହାସଲ କରିଛି।

ଏ ସମ୍ପର୍କରେ ଏଲ୍ଆଇସିର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କହିଥିଲେ, ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ ଆର୍ଥିକ ଫଳାଫଳ ଘୋଷଣା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ମୋଟ କାରବାର ଏବଂ ବଜାର ଅଂଶ ଚଳିତ ଆର୍ଥିକ ବର୍ଷର ଅର୍ଦ୍ଧବାର୍ଷିକ ଶେଷ ସୁଦ୍ଧା ୬୧.୦୭% ରହିଥିଲାବେଳେ ଗତ ଆର୍ଥିକ ବର୍ଷ ର ଏହି ଅବଧି ମଧ୍ୟରେ ନିଗମର ମୋଟ କାରବାର ଏବଂ ବଜାର ଅଂଶ ୫୮.୫୦% ରହିଥିଲା। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ ନିଗମ ମୋଟ ୫୮.୮୭% କାରବାର କରିଥିଲା।



ସିଦ୍ଧାର୍ଥ ମହାନ୍ତି

# 'ଗୁଣବତ୍ତା ମାସ'ର ଶୁଭାରମ୍ଭ

**ଭୁବନେଶ୍ୱର, ୮।୧୧**

ଟି ପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଗୁଣବତ୍ତା ମାସ' ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ଭୁବନେଶ୍ୱରଠାରେ କରାଯାଇଥିଲା। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ତଥା ଟୋଟାଲ କ୍ୱାଲିଟି ମ୍ୟାନେଜମେଣ୍ଟ (ଟିକ୍ୟୁଏମ୍) କୋର୍ କମିଟିର ଅଧ୍ୟକ୍ଷ ଅରଭିନ୍ଦ୍ ସିଂହଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଏବଂ ଟିକ୍ୟୁଏମ୍ କୋର୍ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ 'ଗୁଣବତ୍ତା: ଅନୁପାଳନରୁ ପ୍ରଦର୍ଶନ ପର୍ଯ୍ୟନ୍ତ'ଶୀର୍ଷକ ବିଷୟବସ୍ତୁ ଉପରେ ଏକ ବିଶେଷ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା ବେଳେ ଗ୍ରାହକଙ୍କ ଆଶା ଅନୁରୂପ ଉଚ୍ଚ କାର୍ଯ୍ୟଦକ୍ଷତା ମାନଦଣ୍ଡ ହାସଲ କରିବା ପାଇଁ ଏହା ସଂସ୍ଥାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଥିଲେ, ପ୍ରଥମ ଥର ଅଧିକାର ଏବଂ ଖରାପ ଗୁଣବତ୍ତାର ପ୍ରଭାବ ଆଦି ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ ମଧ୍ୟ ଉଚ୍ଚ ସେବା ମାନ ବଜାୟ ରଖିବା ପାଇଁ ସିଂହ ଏହାକୁ ଅତ୍ୟାବଶ୍ୟକ ସ୍ତମ୍ଭ ଭାବେ ଦର୍ଶାଇଥିଲେ। ସେହିଭଳି 'ଗୁଣବତ୍ତା ଏକ କାର୍ଯ୍ୟ ନୁହେଁ ବରଂ ଏହା ଏକ ଅଭ୍ୟାସ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଏବଂ କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟର ସମସ୍ତ ଦିଗରେ ଗୁଣବତ୍ତାର ସଂସ୍କୃତି ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ସେହିପରି ଟିକ୍ୟୁଏମ୍ ଫ୍ରେମ୍‌ୱାର୍କ ମାଧ୍ୟମରେ ଉନ୍ନତି ପାଇଁ ସୁଯୋଗ ଚିହ୍ନଟ କରିବା ସହିତ ନିୟାମକ ଏବଂ ପରିଚାଳନା ମାନଦଣ୍ଡ ପାଳନର ଗୁରୁତ୍ୱ ଉପରେ ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏପରିକି କମ୍ପାନୀର ବରିଷ୍ଠ ଅଧିକାରୀମାନେ ପ୍ରତ୍ୟେକ ସ୍ତରରେ କ୍ୱାଲିଟି ସର୍କଲର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ସମଗ୍ର ସଙ୍ଗଠନରେ ଟିକ୍ୟୁଏମ୍ ନୀତି ପ୍ରତି ସାମୂହିକ ପ୍ରତିବଦ୍ଧତା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ନିୟମିତ ପରିଚାଳନା ନାମକ ଟିକ୍ୟୁଏମ୍ ୱାର୍କବୁକ୍‌ର ପ୍ରଥମ ସଂସ୍କରଣ ଉନ୍ମୋଚନ କରାଯାଇଥିଲା।

# ବଜାରରେ ବଜାଜ୍‌ର ଫ୍ରିଡମ୍ ସିଏନ୍‌ଜି ବାଇକ୍



**ଭୁବନେଶ୍ୱର,୮।୧୧**

ବଜାଜ ଅଟୋ ଲିମିଟେଡ୍(ବଜାଜ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କମ୍ପ୍ରେସ୍ଡ ନ୍ୟାଚୁରାଲ ଗ୍ୟାସ୍ (ସିଏନ୍‌ଜି) ବାଇକ୍ 'ଫ୍ରିଡମ'ର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି ଭାରତ (ଭାରତୀୟ ବଜାର) ରେ ବିଶ୍ୱର ପ୍ରଥମ ସିଏନ୍‌ଜି ବାଇକ୍ 'ଫ୍ରିଡମ'ର ଅଫିସିଆଲ ଲଞ୍ଚିଂ ମଧ୍ୟ (ଶୁଭାରମ୍ଭ) ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଭାରତ ବଜାଜ୍ ପଳାଶୁଣୀ ରସୁଲଗଡ଼ ଭୁବନେଶ୍ୱର ଶୋ'ରୁମ୍‌ଠାରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଗେଲ୍ ଇଣ୍ଡିଆର ଇଡି ଏଚ୍.କେ. ଗର୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ ସହ ସିଏନ୍‌ଜି ବାଇକ୍‌ର ବଜାର ପ୍ରବେଶ କରାଇଥିଲେ। ଗେଲ୍ ଇଣ୍ଡିଆର ଜିଏମ୍ କୌଶିକ ଦାସ, ବଜାଜ୍ ଅଟୋର ଆର୍‌ଏମ୍ ଓଡ଼ିଶା ଶିୱାନୁ ମିଶ୍ର, ଏଏସ୍‌ଏମ୍ ସ୍ୱାଧୀନ ମିଶ୍ର, ଏଏସ୍‌ଏମ୍ ଦେବାଶିଷ ଭଟ୍ଟାଚାର୍ଯ୍ୟ, ଏଏସ୍‌ଏମ୍ ସମ୍ପଦ କୁମାରଙ୍କ ସମେତ ଭାରତ ବଜାଜର ଏମ୍‌ଡି ସୁଶାନ୍ତ ମହାରଣା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କେଏଫ୍‌ସିର ନୂତନ ଅଭିଯାନ

**ନୂଆଦିଲ୍ଲୀ,୮।୧୧**

ଦେଶର ପ୍ରମୁଖ ଫୁଡ୍ ପ୍ଲାଟ୍‌ଫର୍ମ କେଏଫ୍‌ସି'ର ନୂତନ ଅଭିଯାନ 'ଟେଷ୍ଟ ଦ ଏପିକ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପ୍ରାୟ ୩୩ ଦଶନ୍ଧି ଧରି କେଏଫ୍‌ସି ତା'ର ଫିଙ୍ଗର ଲିକିଙ୍ଗ୍ ଗୁଡ୍ କ୍ରିସ୍ପି ଚିକେନ ସହିତ ଦେଶବ୍ୟାପୀ ପ୍ରଶଂସକମାନଙ୍କୁ ଖୁସି ପ୍ରଦାନ କରିଆସୁଛି। ଏପରିକି ଚଳିତ ନଭେମ୍ବର ମାସରେ କେଏଫ୍‌ସି ଆଇକୋନିକ୍ ହଟ୍ ଆଣ୍ଡ କ୍ରିସ୍ପି ଚିକେନ୍‌ଠାରୁ ଆରମ୍ଭକରି ହଟ୍ ୱିଙ୍ଗ୍‌ସ, ବୋନ୍‌ଲେସ୍ ଚିକେନ ପପ୍‌କର୍ନ, ପେରି-ପେରି ବୋନ୍‌ଲେସ୍ ଚିକେନ୍ ଷ୍ଟ୍ରିପ୍‌ସ, ବିଭିନ୍ନ ପ୍ରକାର ଜିଞ୍ଜର ବର୍‌ଗର, ରୋଲ୍ ଆଦିକୁ ବ୍ରାଣ୍ଡର ବେଷ୍ଟ ସେଲିଂ ଫ୍ୟାନ ଫେଭରାଇଟ୍‌ଗୁଡିକର ବିସ୍ତୃତ ରେଞ୍ଜକୁ ସେଲିବ୍ରେଟ୍ କରୁଛି। ସେହିଭଳି ଭାରତବ୍ୟାପୀ ଉପଭୋକ୍ତାମାନେ କେଏଫ୍‌ସି ସିଗ୍ନେଚର ମେନ୍ୟୁ ଆଇଟମ୍‌ର ଅତୁଳନୀୟ ସ୍ୱାଦ ଓ କ୍ରଞ୍ଚ ସହିତ ଐତିହାସିକ ସ୍ୱାଦକୁ ଉପଭୋଗ କରିପାରିବେ। ଏପରିକି ଚିକେନ୍‌ପ୍ରେମୀମାନେ କେଏଫ୍‌ସିର ବେଷ୍ଟ ସେଲିଂ ମେନ୍ୟୁ ଆଇଟମ-ଚିକେନ ଅନ୍ ବୋନ୍, ବୋନ୍‌ଲେସ୍ ଓ ବର୍ଗର୍ସ ଆଣ୍ଡ ମୋର୍ ଭଳି ୩ଟି ବର୍ଗରେ ବିକଳ୍ପଗୁଡିକର ଏକ ରେଞ୍ଜ ସହ ନିଜକୁ ସନ୍ତୁଷ୍ଟ କରିବା ପାଇଁ ପ୍ରସ୍ତୁତ ରହିଛି, ଯାହାକି ସମସ୍ତଙ୍କ ପାଇଁ କିଛି ନା କିଛି ସୁନିଶ୍ଚିତ କରୁଛି। ସେହିପରି 'ଚିକେନ ଅନ୍ ବୋନ୍' ବର୍ଗ ପ୍ରଶଂସକଙ୍କ ପାଇଁ ଆଇକୋନିକ ଫିଙ୍ଗର ଲିକିଙ୍ଗ୍ ଚିକେନର ଉତ୍ତମ ସ୍ୱାଦ ଓ ଅନୁଭୂତି ଆଣୁଛି।

## ଖେଳ ଖବର

# ଇନିଂସ ପରାଜୟ ଦ୍ୱାରରେ ଓଡ଼ିଶା

**ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)**

**ରଣ୍‌ଜୀ ଟ୍ରଫି**

**ସନ୍ଦୀପଙ୍କ ଶତକ ସତ୍ତ୍ୱେ ଓଡ଼ିଶା ଫଲୋଅନ**



ସନ୍ଦୀପ ପଟ୍ଟନାୟକ

ମୁମ୍ବାଇର ଶରଦ ପାୱାର କ୍ରିକେଟ ଏକାଡେମୀ ବିକେସି ଗ୍ରାଉଣ୍ଡରେ ଚାଲିଥିବା ମୁମ୍ବାଇ ବିପକ୍ଷ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ଇନିଂସ ପରାଜୟ ଦ୍ୱାରରେ ପହଞ୍ଚି ଯାଇଛି। ସନ୍ଦୀପ ପଟ୍ଟନାୟକଙ୍କ ଶତକ ସତ୍ତ୍ୱେ ଫଲୋଅନ ହୋଇଥିବା ଓଡ଼ିଶା ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ୧୨୬ ରନରେ ୫ ଉଇକେଟ ହରାଇ ସାରିଛି। ହାତରେ ୫ ଉଇକେଟ ଥିବାବେଳେ ମୁମ୍ବାଇର ପ୍ରଥମ ଇନିଂସ ସ୍କୋରଠାରୁ ଓଡ଼ିଶା ଆହୁରି ୧୯୧ ରନ ପଛରେ ରହିଛି। ଏଠାରେ ମୁମ୍ବାଇ ଏହାର ପ୍ରଥମ ଇନିଂସକୁ ୬୦୨/୪ରେ ଘୋଷଣା କରିଥିବାବେଳେ ଓଡ଼ିଶା ଇନିଂସ ୨୮୫ ରନରେ ସୀମିତ ରହି ଯାଇଥିଲା। ଚଳିତ ସିଜନରେ ଓଡ଼ିଶା ଦ୍ୱିତୀୟ ଥରପାଇଁ ଇନିଂସ ପରାଜୟ ଆଡ଼କୁ ମୁହାଁଇଛି। ପୂର୍ବରୁ ବରୋଦା ନିକଟରୁ ମଧ୍ୟ ଦଳ ଏକ ଇନିଂସ ଓ ୯୮ ରନରେ ହାରିଥିଲା।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୪୬/୫ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ୧୩୯ ରନକରି ଅବଶିଷ୍ଟ ୫ ଉଇକେଟ ହରାଇଥିଲା। ଲଢୁଆ ଇନିଂସ ଖେଳିଥିଲେ ନିର୍ଭରଯୋଗ୍ୟ ସନ୍ଦୀପ ପଟ୍ଟନାୟକ। ଜମ୍ମୁ-କଶ୍ମୀର ବିପକ୍ଷ ମ୍ୟାଚରେ ଓଡ଼ିଶାକୁ ପରାଜୟରୁ ରକ୍ଷା କରିବାରେ ମୁଖ୍ୟ ଭୂମିକା ତୁଲାଇଥିବା ସନ୍ଦୀପ ଏଠାରେ କ୍ୟାରିୟରର ୫ମ ପ୍ରଥମଶ୍ରେଣୀ ଶତକ ହାସଲ କରିଥିଲେ। ସେ ୧୮୭ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୧୧ ଚୌକା ଓ ୪ ଛକା ମାରିଥିଲେ। ତାଙ୍କ ଶତକ ସହ ଲୋୟର ଅର୍ଡରରେ ଦେବବ୍ରତ ପ୍ରଧାନ ୪୫ ଓ ଆଶୀର୍ବାଦ ସ୍ୱାଇଁ ୩୭ ରନ କରିଥିଲେ ହେଁ ତାହା ଓଡ଼ିଶାକୁ ଫଲୋଅନରୁ ରକ୍ଷାକରିପାରି ନ ଥିଲା। ୩୧୭ ରନରେ ଆଗୁଆ ରହିଥିବାରୁ ମୁମ୍ବାଇ ଅଧିନାୟକ ଅଜିଙ୍କ୍ୟ ରାହାନେ ବିନା ଦ୍ୱିଧାରେ ଫଲୋଅନ ଡାକିଥିଲେ। ଓଡ଼ିଶାର ଦ୍ୱିତୀୟ ଇନିଂସ ଆରମ୍ଭ ମଧ୍ୟ ଅତି ଖରାପ ରହିଥିଲା। ଦୁଇ ଓପନର ଅନୁରାଗ ଷଡ଼ଙ୍ଗୀ ଓ ସ୍ୱସ୍ତିକ ସାମଲ ଯଥାକ୍ରମେ ୬ ଓ ୧ ରନକରି ଆଉଟ ହେବାରୁ ଦଳ ଚାପ ମଧ୍ୟକୁ ଚାଲି ଆସିଥିଲା। ଆଶୀର୍ବାଦ ସ୍ୱାଇଁ ବ୍ୟାଟିଂକ୍ରମ ଉପରେ ଆସି ୪୬ ରନରେ ଅପରାଜିତ ରହିଥିବାବେଳେ ସନ୍ଦୀପ ପଟ୍ଟନାୟକ ୩୯, ଅଧିନାୟକ ଗୋବିନ୍ଦ ପୋଦ୍ଦାର ୧ ଓ ବିପ୍ଳବ ସାମନ୍ତରାୟ ୨୬ ରନରେ ଆଉଟ ହୋଇଥିବାରୁ ଓଡ଼ିଶା ପାଇଁ ମ୍ୟାଚ ବଞ୍ଚାଇବା ଅସମ୍ଭବ ହୋଇପଡ଼ିଛି। ଓଡ଼ିଶାର ପ୍ରଥମ ଇନିଂସ ଅବସରରେ ମୁମ୍ବାଇ ପକ୍ଷରୁ ବାମହାତୀ ସ୍ପିନର ଶାମ୍ସ ମୁଲାନୀ ୬ ଉଇକେଟ ନେଇଥିବାବେଳେ ହିମାଂଶୁ ସିଂ ୩ଟି ଓ ଶାର୍ଦ୍ଦୁଳ ଠାକୁର ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶାର ଅସମାପ୍ତ ଦ୍ୱିତୀୟ ଇନିଂସରେ ମୁମ୍ବାଇର ହିମାଂଶୁ ସିଂ ୩ଟି ଏବଂ ଶାମ୍ସ ମୁଲାନୀ ଓ ରଷ୍ଟନ ଡିଆସ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ପ୍ରଥମ ଇନିଂସ: ୬୦୨/୪(ଘୋଷଣା)। ଓଡ଼ିଶା ପ୍ରଥମ ଇନିଂସ: ୨୮୫/ଅଲ୍‌ଆଉଟ (ସନ୍ଦୀପ ପଟ୍ଟନାୟକ-୧୦୨, ଦେବବ୍ରତ ପ୍ରଧାନ-୪୫, ଆଶୀର୍ବାଦ ସ୍ୱାଇଁ-୩୭, ଶାମ୍ସ ମୁଲାନୀ-୬/୧୧୫, ହିମାଂଶୁ ସିଂ-୩/୫୩, ଶାର୍ଦ୍ଦୁଳ ଠାକୁର-୧/୪୭)। ଫଲୋଅନ ପରେ ଓଡ଼ିଶା ଦ୍ୱିତୀୟ ଇନିଂସ: ୧୨୬/୫ (ଆଶୀର୍ବାଦ ସ୍ୱାଇଁ-୪୬*, ସନ୍ଦୀପ ପଟ୍ଟନାୟକ-୨୯, ହିମାଂଶୁ ସିଂ-୩/୪୫, ଶାମ୍ସ ମୁଲାନୀ-୧/୨୬, ରଷ୍ଟନ ଡିଆସ-୧/୧୯)।

# ରାଜ୍ୟ ର୍ୟାଙ୍କିଙ୍ଗ୍ ବିଲିୟାର୍ଡ୍ସ, ସ୍ନୁକର ଆରମ୍ଭ

**ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)**



ଭିଶେଷ ସିଙ୍ଘଲ ଓ ଆଜଲାନ ଅଲୀ।

ପଟିଆସ୍ଥିତ ୬ପକେଟ୍ସ କ୍ଲବ ପରିସରରେ ଶୁକ୍ରବାର ୩୦ତମ ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର ରାଜ୍ୟ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ରାଜ୍ୟ ଆସୋସିଏଶନ ସମ୍ପାଦକ ସମୀର ଅଲୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ୬ପକେଟ୍ସ କ୍ଲବ ପାର୍ଟନର ଜୀତେନ ଷଡ଼ଙ୍ଗୀ ଓ ଚେତନ ଆନନ୍ଦ ଏବଂ ସମସ୍ତ ଶୀର୍ଷସ୍ଥାନୀୟ ଖେଳାଳିଙ୍କ ଉପସ୍ଥିତିରେ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ସବ୍‌ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ଉଭୟ ବିଲିୟାର୍ଡ୍ସ ଓ ସ୍ନୁକର ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପ୍ରଥମ ଦିବସରେ ଅନୁଷ୍ଠିତ ସବ୍‌ଜୁନିୟର ବିଲିୟାର୍ଡ୍ସର ୧ ଘଣ୍ଟା ଟାଇମ୍ ଫର୍ମାଟରେ ଭିଶେଷ ସିଙ୍ଘଲ ୧୬୦-୭୦ରେ ଏବଂ ବେଷ୍ଟ ଅଫ୍ ୩ ଫ୍ରେମ୍ ବିଶିଷ୍ଟ ମୁକାବିଲାରେ ୨-୦ରେ ସୟଦ ଆଜଲାନ ଅଲୀଙ୍କୁ ପରାସ୍ତ କରିଛନ୍ତି। ଫଳରେ ଭିଶେଷ ଉଭୟ ବର୍ଗରେ ସବ୍‌ଜୁନିୟର ଟାଇଟଲ ବଜାୟ ରଖିଛନ୍ତି। ସିନିୟର ବିଲିୟାର୍ଡ୍ସ ବର୍ଗରେ ରୋହିତ ଶର୍ମାଙ୍କୁ ୨-୦ରେ ନିଶାନ୍ତ ବିଶ୍ୱାଳ, ଦେବୀ ପ୍ରସାଦ ସାହୁଙ୍କୁ ୨-୦ରେ ଆକାଶ ମହାପାତ୍ର ହରାଇଛନ୍ତି। କ୍ୱାର୍ଟର ଫାଇନାଲରେ ରାକେଶ ରୋଶନ ପ୍ରଧାନ ୨-୦ରେ ଅବିନାଶ ମହାପାତ୍ର ଓ ସୁବ୍ରତ ଦାସ ୨-୦ରେ ଆକାଶ ମହାପାତ୍ରଙ୍କୁ ପରାସ୍ତ କରିଛନ୍ତି।

# କିଟ୍‌କୁ ସର୍ବଭାରତୀୟ ଯୋଗ୍ୟତା

**ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)**

**ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ**

କିଟ୍ ବିଶ୍ୱବିଦ୍ୟାଳୟ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଭଲିବଲ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛି। ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି କିଟ୍ ସର୍ବଭାରତୀୟ ଯୋଗ୍ୟତା ପାଇଛି। ତୃତୀୟ ଦିବସରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କିଟ୍ ୩-୦ରେ ସିଦ୍ଧାର୍ଥ ବିଶ୍ୱବିଦ୍ୟାଳୟକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ସେହିପରି ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ୩-୧ରେ ଉତ୍କଳ, ଆଡାମ୍ସ ବିଶ୍ୱବିଦ୍ୟାଳୟ ୩-୦ରେ ଏମ.ଜି. କାଶୀ ବିଦ୍ୟାପୀଠ ଏବଂ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ୩-୦ରେ ୟୁନିଭର୍ସିଟି ଅଫ୍ କୋଲକାତାକୁ ପରାସ୍ତ କରିଛି। ଫଳରେ ଏହି ୪ ଦଳ ସର୍ବଭାରତୀୟ ଯୋଗ୍ୟତା ହାସଲ କରିଛନ୍ତି। ମଧ୍ୟପ୍ରଦେଶ ରେୱାସ୍ଥିତ ଅବଧେଶପ୍ରତାପ ସିଂ ବିଶ୍ୱବିଦ୍ୟାଳୟରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ମହିଳା ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ।



ସର୍ବଭାରତୀୟ ଯୋଗ୍ୟତା ଅର୍ଜନ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଦଳ।

# ସେମିରେ ଉର୍ଜା-ଆରାଧ୍ୟା, ସାକ୍ଷୀ-ଶ୍ୱେତା



ଶୁକ୍ରବାର ମ୍ୟାଚ ଅବସରରେ ଦୁଇ ପ୍ରତିଯୋଗୀ।

**ରାଜ୍ୟ ଟେବୁଲ ଟେନିସ**

**ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)**

କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ଚାଲିଥିବା ୩୦ତମ ଆନ୍ତଃ ଜିଲା ଏବଂ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ୧୫ ବର୍ଷରୁ କମ୍ ବାଳିକା ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ଶନିବାର ପ୍ରଥମ ସେମିଫାଇନାଲରେ ଉର୍ଜା ବର୍ମା ଓ ଆରାଧ୍ୟା ସାହୁ ଏବଂ ଦ୍ୱିତୀୟ ସେମିରେ ସାକ୍ଷୀ ଭଗତ ଓ ଶ୍ୱେତା ବର୍ମାଙ୍କ ମଧ୍ୟରେ ମୁକାବିଲା ହେବ। ଶୁକ୍ରବାର କ୍ୱାର୍ଟର ଫାଇନାଲରେ ଉର୍ଜା ୩-୦ରେ ଇତିଶ୍ରୀ ସାହୁ, ଆରାଧ୍ୟା ୩-୦ରେ ଆଶି ସ୍ୱୟଂଶି, ସାକ୍ଷୀ ୩-୧ରେ ଆଶାନା ଅଦିତି ଏବଂ ଶ୍ୱେତା ୩-୧ରେ ଅନୁସ୍କା ମହାନ୍ତିଙ୍କୁ ପରାସ୍ତ କରିଛନ୍ତି। ୧୧ ବର୍ଷରୁ କମ୍ ବାଳକରେ ଆର୍ଯ୍ୟନ ମହାନ୍ତି, ଶାନ୍ତନୁ ରାଉତରାୟ, କୀର୍ତ୍ତିମାନ ଦାସ ଓ ଜନାର୍ଦ୍ଦନ ମାଝି ଏବଂ ବାଳିକାରେ ମିତ ପୂଜାପଣ୍ଡା, ଶ୍ରେୟାଂଶି ଶୁଭଦର୍ଶିନୀ ମିଶ୍ର, ସିଦୀକ୍ଷା ଭଗତ ଓ ପଞ୍ଖୁଡ଼ି ନାୟକ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। କ୍ୱାର୍ଟର ଫାଇନାଲ ମ୍ୟାଚ ଗୁଡ଼ିକ ଶନିବାର ଅନୁଷ୍ଠିତ ହେବ ବୋଲି ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଜଣାଇଛନ୍ତି।

# ଅଷ୍ଟ୍ରେଲିଆକୁ ୯ ଉଇକେଟରେ ହରାଇଲା ପାକିସ୍ତାନ

**ଆଡିଲେଡ୍, ୮।୧୧ (ଏପି):** ଫାଷ୍ଟ ବୋଲର ହାରିସ ରୌଫ୍‌ଙ୍କ ୫ ଉଇକେଟ ସଫଳତା ଓ ସଇମ ଆୟୁବଙ୍କ ଆକର୍ଷଣୀୟ ୮୨ ରନର ସହାୟତାରେ ପାକିସ୍ତାନ ଏଠାରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୯ ଉଇକେଟରେ ପରାସ୍ତ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୩୫ ଓଭରରେ ୧୬୩ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ପାକିସ୍ତାନ ୨୬.୩ ଓଭରରେ ୧ ଉଇକେଟରେ ୧୬୯ ରନ କରି ମ୍ୟାଚ ଜିତି ନେଇଥିଲା। ଟପ୍ ସ୍କୋରର ଆୟୁବ ଓ ଅବଦୁଲ ସାଫିକ (୬୪*) ପାର୍ଟନରଶିପ୍‌ରେ ମ୍ୟାଚ ବିଜୟୀ ୧୩୭ ରନ ଯୋଗ କରିଥିଲେ।

# ଭାରତ ଜିତିଲା ପ୍ରଥମ ଟି୨୦

## ସଞ୍ଜୁ ସାମସନଙ୍କ ଶତକ

ଡର୍ବାନ, ୮।୧୧

ସ୍ଥାନୀୟ କିଙ୍ଗ୍ସ ମିଡ୍ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ଟି୨୦ କ୍ରିକେଟ ମ୍ୟାଚରେ ଭାରତ ୬୧ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ସଞ୍ଜୁ ସାମସନଙ୍କ ଶତକ ସହାୟତାରେ ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୨ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୭.୫ ଓଭରରେ ୧୪୧ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ହେନରିଚ୍ କ୍ଲାସେନ ସର୍ବାଧିକ ୨୫ ଓ ଗେରାଲ୍ଡ କୋଜି ୨୩ ରନ କରିଥିବାବେଳେ ଭାରତୀୟ ବୋଲରଙ୍କ ମଧ୍ୟରେ ବରୁଣ ଚକ୍ରବର୍ତ୍ତୀ ଓ ରବି ବିଷ୍ଣୋଇ ୩ଟି ଲେଖାଏ ଏବଂ ଆଭେସ ଖାଁ ୨ଟି ଉଇକେଟ ନେଇଥିଲେ। ଏହି ମ୍ୟାଚ ବିଜୟ ସହ ଭାରତ ୪ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ମାତ୍ର ୨୪ ରନରେ ଓପନର ଅଭିଷେକ ଶର୍ମା (୭)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ସାମସନ ବିସ୍ଫୋରକ ବ୍ୟାଟିଂ କରି ଇନିଂସ ସମ୍ଭାଳି ନେଇଥିଲେ। ସେ ଦ୍ୱିତୀୟ ଉଇକେଟରେ ସୂର୍ଯ୍ୟକୁମାର ଯାଦବଙ୍କ ସହ ୩୭ ବଲ୍‌ରୁ ୬୬ ଓ ତୃତୀୟ ଉଇକେଟରେ ତିଲକ ବର୍ମାଙ୍କ ସହ ୩୪ ବଲ୍‌ରୁ ୭୭ ରନର ମୂଲ୍ୟବାନ ଭାଗୀଦାରି ଗଢ଼ିଥିଲେ। ୪୭ ବଲ୍‌ରୁ ଶତକ ପୂରଣ କରିଥିବା ସାମସନ ୫୦ ବଲ୍‌ରୁ ୭ ଚୌକା ଓ ୧୦ ଛକା ସହାୟତାରେ ୧୦୭ ରନକରି ଆଉଟ ହୋଇଥିଲେ। ଏହାଥିଲା ତାଙ୍କ କ୍ୟାରିୟରର କ୍ରମାଗତ ଦ୍ୱିତୀୟ ଟି୨୦ ଅନ୍ତର୍ଜାତୀୟ ଶତକ। ପ୍ରଥମ ଭାରତୀୟ ଭାବେ ସେ ଏହି କୃତିତ୍ୱର ଅଧିକାରୀ ହୋଇଥିଲେ। ତାଙ୍କ ଆଉଟ ପରେ ଅପ୍ରତ୍ୟାଶିତଭାବେ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଭାରତ ସ୍କୋର ୨୦୨ରେ ସୀମିତ ରହି ଯାଇଥିଲା। ଶେଷ ୫ ଓଭରରେ ୫ ଉଇକେଟ ହରାଇ ଭାରତ ମାତ୍ର ୩୫ ରନ କରିବାକୁ ସକ୍ଷମ ହୋଇଥିଲା। ମିଡିଲ ଅର୍ଡରରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୨୧ ଓ ତିଲକ ବର୍ମା ୩୩ ରନର ଯୋଗଦାନ ଦେଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଗେରାଲ୍ଡ କୋଜି ୩ଟି ଏବଂ କେଶବ ମହାରାଜ, ଏନ୍‌କାବେମୋଜି ପିଟର, ପ୍ୟାଟ୍ରିକ କ୍ରୁଗର ଓ ମାର୍କୋ ଜାନସେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୦୨/୮ (ସଞ୍ଜୁ ସାମସନ-୧୦୭, ତିଲକ ବର୍ମା-୩୩, ସୂର୍ଯ୍ୟକୁମାର ଯାଦବ-୨୧, ଗେରାଲ୍ଡ କୋଜି-୩/୩୭, କେଶବ ମହାରାଜ-୧/୩୪, ଏନ୍‌କାବେମୋଜି ପିଟର-୧/୩୫, ପ୍ୟାଟ୍ରିକ କ୍ରୁଗର-୧/୩୫, ମାର୍କୋ ଜାନସେନ-୧/୨୪)। ଦକ୍ଷିଣ ଆଫ୍ରିକା ୧୭.୫ ଓଭରରେ ୧୪୧/ଅଲଆଉଟ (ହେନରିଚ୍ କ୍ଲାସେନ-୨୫, ଗେରାଲ୍ଡ କୋଜି-୨୩, ବରୁଣ ଚକ୍ରବର୍ତ୍ତୀ-୩/୨୫, ରବି ବିଷ୍ଣୋଇ-୩/୨୮, ଆଭେସ ଖାଁ-୨/୨୮, ଅର୍ଶଦୀପ ସିଂ-୧/୨୫)।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ସଞ୍ଜୁ ସାମ୍‌ସନ।

# କବିର-ରିଷଭ ଫାଇନାଲରେ

## ଆଇଟିଏଫ୍ ୱାର୍ଲ୍ଡ ଟେନିସ

ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)

ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଏମ୍‌୨୫ ଭୁବନେଶ୍ୱର ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍-୨୦୨୪ର ଡବଲ୍ସରେ ଓଡ଼ିଶାର କବିର ହଂସଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। କବିର ଓ ରିଷଭ ଅଗ୍ରୱାଲଙ୍କ ଯୋଡ଼ି ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ତୃତୀୟ ସିଡ୍ ସିଦ୍ଧାନ୍ତ ବନ୍ଥିଆ ଓ ବିଷ୍ଣୁ ବର୍ଦ୍ଧନ ଯୋଡ଼ିଙ୍କୁ ୬-୨, ୭-୬ (୪) ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସେଟ୍‌ରେ କଡ଼ା ଚ୍ୟାଲେଞ୍ଜ ପାଇଥିଲେ ହେଁ ଏହି ଯୋଡ଼ି ଟାଇବ୍ରେକରରେ ବିଜୟୀ ହୋଇଥିଲେ। ଅନ୍ୟଏକ ତୀବ୍ର ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଟପ୍ ସିଡ୍ ଇଗର ଆଗାଫୋନୋଭ ଓ ବୋଗଡାନ ବୋବରୋଭ ଯୋଡ଼ି ୩-୬, ୭-୬(୬), ୧୦-୮ରେ ଇଶାକ ଇକବାଲ ଓ ଫେଜଲ କମରଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଡବଲ୍ସ ଫାଇନାଲ ଶନିବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବ।

ମୁଖ୍ୟ ଡ୍ର'ର ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଚେକ୍ ରିପବ୍ଲିକର ଡାଲିବର ଭର୍ସିନା ୬-୪, ୬-୧, ଆର୍ଯ୍ୟନ ଶାହା ୫-୭, ୬-୪, ୬-୨ରେ ରେଥିନ ପ୍ରଣବ ସେନ୍ଥିଲ କୁମାର, ବୋଗଡାନ ବୋବରୋଭ ୬-୩, ୬-୦ରେ କରନ ସିଂଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚରେ ଆମେରିକାର ନିକ୍ ଚାପେଲ ୫-୭, ୭-୫, ୧-୦ରେ ଅଗ୍ରଣୀ ଥିବାବେଳେ ବିପକ୍ଷ ଖେଳାଳି ଏସ୍.ଡି. ପ୍ରଜ୍ୱଳ ରିଟାୟର୍ଡ ହୋଇ ଯାଇଥିଲେ। ସିଙ୍ଗଲ୍ସ ସେମିଫାଇନାଲ ଶନିବାର ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ। ପ୍ରଥମ ସେମିଫାଇନାଲରେ ବୋବରୋଭ-ଚାପେଲ ଏବଂ ୧୧ଟାରେ ଆରମ୍ଭ ହେବାକୁଥିବା ଦ୍ୱିତୀୟ ସେମିରେ ଡାଲିବର-ଆର୍ଯ୍ୟନଙ୍କ ମଧ୍ୟରେ ମୁକାବିଲା ହେବ।



ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଶଟ୍ ଖେଳିବା ଅବସରରେ ନିକ୍ ଚାପେଲ।

# ଡବଲ ବିଜୟ ସହ ଓଡ଼ିଶାର ଅଭିଯାନ ଆରମ୍ଭ

## ଜାତୀୟ ଦୃଷ୍ଟିବାଧିତ ଚେସ୍

ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)

ଅଲ୍ ଇଣ୍ଡିଆ ଫେଡେରେଶନ୍ ଫର ଦି ବ୍ଲାଇଣ୍ଡ (ଏଆଇସିଏଫ୍‌ବି) ଆନୁକୂଲ୍ୟରେ ଗୁଜରାଟର ଅହମଦାବାଦରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଜାତୀୟ ଚେସ୍ ଚାମ୍ପିୟନଶିପ୍। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ଡବଲ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ନିଜର ପ୍ରଥମ ମ୍ୟାଚରେ ଓଡ଼ିଶା ଦଳ ୪-୦ରେ ମଧ୍ୟପ୍ରଦେଶ 'ଏ'କୁ ଏବଂ ଦ୍ୱିତୀୟ ମ୍ୟାଚରେ ଗୁଜରାଟ ଗ୍ରୀନ୍‌କୁ ୩-୧ରେ ହରାଇ ଦେଇଛି। ମଧ୍ୟପ୍ରଦେଶ ବିପକ୍ଷରେ ବୋର୍ଡ-୧ରେ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ପ୍ରତିପକ୍ଷ ସୌର୍ଯ୍ୟ ପ୍ରତାପ ସିଂଙ୍କୁ ହରାଇଥିବାବେଳେ ଶୁଭେନ୍ଦୁ କୁମାର ପାତ୍ର ବୋର୍ଡ-୨ରେ ରୂପେଶ କୁମାର ଯାଦବ, ସୌନ୍ଦର୍ଯ୍ୟଙ୍କ ଭାଇ ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ବୋର୍ଡ-୩ରେ ପ୍ରକାଶ ପଟେଲ ଏବଂ ପ୍ରାଚୀ ପ୍ରଜ୍ଞା ସାହୁ ବୋର୍ଡ-୪ରେ ଦୀପିକା ପଟେଲଙ୍କୁ ପରାସ୍ତ କରିଛନ୍ତି। ସେହିପରି ଗୁଜରାଟ ଗ୍ରୀନ୍ ବିପକ୍ଷ ମ୍ୟାଚରେ ସୌନ୍ଦର୍ଯ୍ୟ ବୋର୍ଡ-୧ରେ ରାହୁଲ ସାହାଣୀ, ଶୁଭେନ୍ଦୁ ଦ୍ୱିତୀୟ ବୋର୍ଡରେ ରାହୁଲ ବାଘେଲା, ପ୍ରାଚୁର୍ଯ୍ୟ ତୃତୀୟ ବୋର୍ଡରେ ପଟନି ଅନିକେତ ଚନ୍ଦ୍ରକାନ୍ତଭାଇଙ୍କୁ ହରାଇଥିବାବେଳେ ପ୍ରାଚୀପ୍ରଜ୍ଞା ଚତୁର୍ଥ ବୋର୍ଡରେ ଖୋରାସିୟା ଖୁଶାଲିଙ୍କଠାରୁ ହାରି ଯାଇଛନ୍ତି। ଓଡ଼ିଶା ଦଳର ଅନ୍ୟତମ ଅର୍ଥାତ୍ ପଞ୍ଚମ ସଦସ୍ୟ ହେଲେ ସୁଧୀର କୁମାର ନାୟକ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ଗୁଜରାଟ-ବ୍ଲୁ ବିପକ୍ଷରେ ଖେଳିବ।



ମଧ୍ୟପ୍ରଦେଶ ବିପକ୍ଷ ଚେସ୍ ମ୍ୟାଚ ଅବସରରେ ଓଡ଼ିଶାର ୪ ଦୃଷ୍ଟିବାଧିତ ଖେଳାଳି (ଡାହାଣ)।

# ଭାରତୀୟ ହକି ଦଳ ସମ୍ମାନିତ

ମସ୍କଟ, ୮।୧୧ (ପି.ଟି.)

ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)ର ସମ୍ମିଳନୀ ଅବସରରେ ଏଫ୍‌ଆଇଏଚ୍ ସଭାପତି ତୟାବ ଇକ୍ରାମ ଓ ଫ୍ରେଞ୍ଚ ହକି ମହାସଂଘ ସଭାପତି ଇସାବେଲି ଜୋଇନ୍ ଭାରତୀୟ ପୁରୁଷ ହକି ଦଳକୁ ସମ୍ମାନିତ କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ପାଇଁ ଭାରତୀୟ ଦଳକୁ ସମ୍ମାନିତ କରାଯାଇଛି। ଏହି ସମ୍ମାନଜନକ ପୁରସ୍କାର ହକି ଇଣ୍ଡିଆ ସେକ୍ରେଟାରୀ ଜେନେରାଲ ଭୋଲାନାଥ ସିଂ ଗ୍ରହଣ କରିଛନ୍ତି। ହକିଇଣ୍ଡିଆ ତରଫରୁ ପ୍ରକାଶିତ ଏକ ଇସ୍ତାହାରରେ ଏଫ୍‌ଆଇଏଚ୍‌ର ଏହି ସ୍ୱୀକୃତିକୁ ନେଇ କୃତଜ୍ଞତା ଜ୍ଞାପନ କରାଯାଇଛି। ଅନ୍ତର୍ଜାତୀୟ ହକିର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଏହି ସମ୍ମାନ ଭାରତ ପାଇଁ ଅଧିକ ସ୍ୱତନ୍ତ୍ର।

# ଅଲ୍‌ଜାରୀ ଯୋଶେଫ୍ ୨ ମ୍ୟାଚରୁ ସସ୍‌ପେଣ୍ଡ

ବ୍ରିଜଟାଉନ, ୮।୧୧ (ଏପି)

କ୍ରିକେଟ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) ଫାଷ୍ଟ ବୋଲର ଅଲଜାରୀ ଯୋଶେଫ୍‌ଙ୍କୁ ଦୁଇଟି ମ୍ୟାଚରୁ ସସ୍‌ପେଣ୍ଡ କରିଛି। ବୁଧବାର ଇଂଲଣ୍ଡ ବିପକ୍ଷ ଏକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ବେଳେ ଯୋଶେଫ ତାଙ୍କର ଏକ ଓଭର ବୋଲିଂ କରୁଥିବା ବେଳେ ଅଧିନାୟକଙ୍କ ଦ୍ୱାରା ଫିଲ୍ଡିଂ ସଜାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରତିବାଦ କରିଥିଲେ। ୪ର୍ଥ ଓଭର ବୋଲିଂ ପୂର୍ବରୁ ଯୋଶେଫ ଓ ହୋପ୍‌ଙ୍କର ଦୀର୍ଘ ସମୟ ଧରି ଯୁକ୍ତିତର୍କ ହୋଇଥିଲା। ଏପରି କି ଫାଷ୍ଟ ବୋଲର ଜଣକ ଓଭର ଶେଷ ହେବା ପରେ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। କିଛି ସମୟ ପରେ ସେ ପୁଣି ପଡ଼ିଆକୁ ଫେରିଥିଲେ। କ୍ରିକେଟ ୱେଷ୍ଟଇଣ୍ଡିଜ କହିଛି ଯୋଶେଫ ସିଡବ୍ଲ୍ୟୁଆଇର ପେସାଦାରି ମାନଦଣ୍ଡର ଉଲ୍ଲଂଘନ କରିଛନ୍ତି। ଏ କ୍ଷେତ୍ରରେ ଦଣ୍ଡକୁ ଏଡାଇ ଦେଇହେବ ନାହିଁ ବୋଲି ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡର କ୍ରିକେଟ ନିର୍ଦ୍ଦେଶକ ମାଇଲ୍ସ ବାସ୍କମ୍ବ କହିଛନ୍ତି। ଯୋଶେଫ କିନ୍ତୁ ପରେ ଦୋଷ ସ୍ୱୀକାର କରିବା ସହ ତାଙ୍କର ଏହି ଆଚରଣକୁ ନେଇ କ୍ଷମାପ୍ରାର୍ଥନା କରିଛନ୍ତି। ୱେଷ୍ଟଇଣ୍ଡିଜ ଏହି ମ୍ୟାଚ ୮ଉଇକେଟରେ ଜିତିନେବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ବିଜୟ ହାସଲ କରିଥିଲା।

# ପାଟନା ପାଇରେଟ୍ସ, ଦବଙ୍ଗ ଦିଲ୍ଲୀ ବିଜୟୀ

ହାଇଦ୍ରାବାଦ, ୮।୧୧ (ପି.ଟି.): ଯୁବ ଖେଳାଳି ଆୟାନ ଲୋଚାବ (୧୪) ଓ ଦେବଙ୍କ ଦଲାଲ (୧୧) ପ୍ରଭାବୀ ପ୍ରଦର୍ଶନ କରି ମିଳିତ ଭାବେ ୨୫ ପଏଣ୍ଟ ସ୍କୋର କରିବା ଦ୍ୱାରା ଏଠାରେ ପ୍ରୋ-କବାଡ଼ି ଲିଗ୍‌ର ଏକ ମ୍ୟାଚରେ ପାଟନା ପାଇରେଟ୍ସ ୪୩-୪୧ରେ ଜୟପୁର ପିଙ୍କ୍ ପାନ୍ଥର୍ସକୁ ହରାଇ ଦେଇଛି। ଉଭୟ ରେଡର ସୁପର ୧୦ ହାସଲ କରିଥିଲେ। ବିପକ୍ଷ ଦଳର ଅର୍ଜୁନ ଦେଶୱାଲ ୨୦ ପଏଣ୍ଟ ସ୍କୋର କରିଥିଲେ ମଧ୍ୟ ତାଙ୍କ ଦଳକୁ ଜିତାଇ ପାରି ନ ଥିଲେ। ଶୁକ୍ରବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଦବଙ୍ଗ ଦିଲ୍ଲୀ କେ.ସି ୩୯-୨୬ରେ ତାମିଲ ଥଲାଇଭାସକୁ ହରାଇ ଦେଇଛି।

# ଭେନ୍ୟୁକୁ ନେଇ ବିସିସିଆଇ-ପିସିବି ଛକାପଞ୍ଝା

ଲାହୋର/ନୂଆଦିଲ୍ଲୀ, ୮।୧୧ (ପି.ଟି.)

ଚାମ୍ପିୟନ୍ସ ଟ୍ରଫି ଭେନ୍ୟୁକୁ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମଧ୍ୟରେ ଛକାପଞ୍ଝା ଜାରି ରହିଛି। ପିସିବି ଚେୟାରମ୍ୟାନ ମୋହସିନ ନକ୍‌ଭି ଶୁକ୍ରବାର ସ୍ପଷ୍ଟ କରିଛନ୍ତି ଯେ, ଚାମ୍ପିୟନ୍ସ ଟ୍ରଫିରେ ଖେଳିବା ପାଇଁ ଭାରତୀୟ ଦଳ ପାକିସ୍ତାନ ଯାଇପାରିବ ନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ତରଫରୁ ଆନୁଷ୍ଠାନିକ ଭାବେ ଅବଗତ କରାଯାଇ ନାହିଁ। ଭାରତ ଏକ 'ହାଇବ୍ରିଡ୍ ମଡେଲ' ପ୍ରସ୍ତାବ ଦେଇଥିବା ଗୁରୁବାର ପିସିବି ସୂତ୍ରରୁ ଜଣାପଡ଼ିଥିଲା । ଏହାର ସମସ୍ତ ମ୍ୟାଚ ଦୁବାଇରେ ଆୟୋଜନ କରାଯାଉ ବୋଲି ଏଥିରେ ଦର୍ଶାଯାଇଥିଲା। ୨୦୨୩ ଏସିଆ କପ୍ ବେଳେ ହାଇବ୍ରିଡ୍ ମଡେଲକୁ ଅନୁସରଣ କରାଯାଇଥିଲା। ତଦନୁସାରେ ପାକିସ୍ତାନ ଏହାର ମ୍ୟାଚଗୁଡ଼ିକ ହୋମ୍ ଗ୍ରାଉଣ୍ଡରେ ଏବଂ ଭାରତ ଏହାର ମ୍ୟାଚଗୁଡ଼ିକ ଶ୍ରୀଲଙ୍କାରେ ଖେଳିଥିଲା। ଶୁକ୍ରବାର ବିସିସିଆଇ ସୂତ୍ରରୁ ଦାବି କରାଯାଇଛି ଯେ, ଭାରତୀୟ ଦଳ ପାକିସ୍ତାନ ଗସ୍ତରେ ଯାଇପାରିବ ନାହିଁ ବୋଲି ଇତିମଧ୍ୟରେ ପିସିବିକୁ ବିଧିବଦ୍ଧ ଭାବେ ଜଣାଇ ଦିଆଯାଇ ସାରିଛି। ତେବେ ନକ୍‌ଭି ଶୁକ୍ରବାର ସନ୍ଧ୍ୟାରେ ଗଦାଫି ଷ୍ଟାଡିୟମରେ ଏକ ଖବରଦାତା ସମ୍ମିଳନୀ ଡକାଇ କହିଛନ୍ତି, ଏପର୍ଯ୍ୟନ୍ତ କେହି 'ହାଇବ୍ରିଡ୍ ମଡେଲ ସଂକ୍ରାନ୍ତରେ ଆଲୋଚନା କରି ନାହାନ୍ତି। ଆମେ ମଧ୍ୟ ଏବିଷୟରେ




ଆଲୋଚନା କରିବାକୁ ଚାହୁଁନା। ଗତ କିଛି ବର୍ଷ ଆମେ କୌଣସି ପ୍ରସ୍ତାବକୁ ଗ୍ରହଣ କରିନେଇଛୁ, ହେଲେ ସବୁବେଳେ ତାହା ସମ୍ଭବ ନୁହେଁ। ସେ ପୁଣି କହିଛନ୍ତି, ଯଦି ଏଭଳି କୌଣସି ପ୍ରସ୍ତାବ ଆସିଥାନ୍ତା ତେବେ ଆମେ ତାହାକୁ ଆମ ସରକାରଙ୍କ ପାଖକୁ ନେଇକରି ଯାଇଥାନ୍ତୁ। ସରକାରଙ୍କ ନିଷ୍ପତ୍ତିକୁ ଆମେ ଅନୁପାଳନ କରିଥାନ୍ତୁ।

ଅନ୍ୟପକ୍ଷରେ ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା କହିଛନ୍ତି, ଆମ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହେବାର ନାହିଁ। ଭାରତ ସରକାର ମଧ୍ୟ ତାଙ୍କ ନୀତିରେ ଅଟଳ ରହିଛନ୍ତି। ଭାରତୀୟ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି ଯେ, ସୁରକ୍ଷା ଜନିତ କାରଣରୁ ଭାରତ ପାକିସ୍ତାନକୁ ଏହାର ଦଳ ପଠାଇବାକୁ ଚାହୁଁନାହିଁ। ଏବିଷୟରେ ପିସିବିକୁ ଅବଗତ କରାଯାଇସାରିଛି ବୋଲି ବିସିସିଆଇର ଜଣେ ଅଫିସିଆଲ କହିଛନ୍ତି। ନକ୍‌ଭୀଙ୍କୁ ଏ ବିଷୟରେ ପଚରାଯିବାରେ ସେ ଏବିଷୟରେ କିଛି ଜାଣନ୍ତି ନାହିଁ ବୋଲି କହିଛନ୍ତି। ସେ ପୁଣି ଦୋହରାଇ କହିଥିଲେ, ଟୁର୍ନାମେଣ୍ଟ ଯେହେତୁ ପାକିସ୍ତାନରେ ଆୟୋଜନ ହେବାକୁ ଯାଉଛି ସବୁଦଳ ଖେଳିବାକୁ ଆସିବେ। ଭାରତକୁ ଛାଡ଼ିଦେଲେ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ଅନ୍ୟ ସମସ୍ତ ଦଳ ଆସିବାକୁ ରାଜି ଅଛନ୍ତି। ଭାରତ ପାକିସ୍ତାନ ଆସିବ ନାହିଁ ବୋଲି ଯଦି ଲିଖିତ ଭାବେ କୌଣସି ଚିଠି ଆସେ ତେବେ ସେ ଏହାକୁ ସରକାର ଓ ଗଣମାଧ୍ୟମରେ ଶେୟାର କରିବେ। ପିସିବି ବିସିସିଆଇକୁ ଏକ ପ୍ରସ୍ତାବ ଦେଇଥିଲା। ତଦନୁସାରେ ଭାରତୀୟ ଦଳ ଦିଲ୍ଲୀ କିମ୍ବା ଚଣ୍ଡିଗଡ଼ରେ ଅବସ୍ଥାନ କରି ଲାହୋରରେ ଏହାର ମ୍ୟାଚ ଖେଳି ସେହିଦିନ ଫେରିଯାଇପାରିବ। କିନ୍ତୁ ଏହା ବିସିସିଆଇ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିଲା। ଭାରତ ଶେଷ ଥର ପାଇଁ ଏସିଆ କପ୍ ଖେଳିବା ପାଇଁ ୨୦୦୮ରେ ପାକିସ୍ତାନ ଆସିଥିଲା। କିନ୍ତୁ ସେହିବର୍ଷ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାପରଠାରୁ ଭାରତ ଆଉ ପାକିସ୍ତାନ ଟୁର୍‌ରେ ଯାଇ ନାହିଁ। ସୂଚନାଯୋଗ୍ୟ, ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) କୌଣସି ବୋର୍ଡକୁ ସରକାରଙ୍କ ନୀତି ବିରୋଧରେ ଯିବା ଲାଗି ବାଧ୍ୟ କରିପାରିବ ନାହିଁ ବୋଲି ଇତିମଧ୍ୟରେ ସ୍ପଷ୍ଟ କରିଛି। ବିସିସିଆଇର ବିଦାୟୀ ସମ୍ପାଦକ ଜୟ ଶାହା ଡିସେମ୍ବର ୧ରୁ ଆଇସିସିର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି।






1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ